# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୪/୨୦୨୦ (୨୦ ପୃଷ୍ଠା) | Balasore, Tuesday, January 14/2020 | ★★★★

୪୬ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ତାମିଲ ଫିଲ୍ମରେ ତାପସୀଙ୍କ ଜଲୱା**

ବଲିଉଡ୍ ବିୟୁଟି ତାପସୀ ପନ୍ନୁଙ୍କୁ ତାମିଲ ସିନେମାର ଆନନ୍ଦ ଭିକତାନ ଆୱାର୍ଡ ମିଳିଛି। ମୁଭି 'ଗେମ୍ ଓଭର' ପାଇଁ ତାପସୀଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି।

୦୯

୧୮

**ସ୍ୱସ୍ତିଙ୍କୁ ରୌପ୍ୟ ପଦକ**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍ ସାଇକ୍ଲିଂରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ।



■ କଂଗ୍ରେସର ସିଏଏ ବିରୋଧୀ ମେଳି

# ବିରୋଧୀ ଏକତାକୁ ଝଟକା

ନୂଆଦିଲ୍ଲୀ,୧୩।୧

- ■ ଯୋଗଦେଲେନି ଏସ୍‌ପି, ବିଏସ୍‌ପି, ଟିଏମ୍‌ସି, ଶିବସେନା, ଡିଏମ୍‌କେ ଓ ଏଏପି
- ■ ମୋଦି, ଶାହା ଲୋକଙ୍କୁ ବୋକା ବନାଉଛନ୍ତି: ସୋନିଆ
- ■ ପ୍ରମୁଖ ପ୍ରସଙ୍ଗରୁ ସରକାର ଦୂରେଇ ଯାଉଛନ୍ତି: ରାହୁଲ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ପାର୍ଲାମେଣ୍ଟ ହାଉସ୍‌ରେ ସୋମବାର କଂଗ୍ରେସ ଡାକିଥିବା ବୈଠକକୁ ଝଟକା ଲାଗିଛି। ବୈଠକରେ ୧୫ଟି ଦଳର ନେତାମାନେ ଯୋଗଦେଇଥିବାବେଳେ ପ୍ରମୁଖ ବିରୋଧୀ ଦଳ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି, ଶିବସେନା, ଡିଏମ୍‌କେ ଓ ଏଏପିର କୌଣସି ନେତା ଏଥିରେ ଯୋଗଦେଇ ନ ଥିଲେ। ସିଏଏ ବିରୋଧୀ ମେଳିକୁ ତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ପ୍ରକାଶ କରିଥିବାବେଳେ ଭାରତ ବନ୍ଦବେଳେ କଂଗ୍ରେସ ଓ ବାମପନ୍ଥୀ ସମର୍ଥକମାନେ ଟିଏମ୍‌ସି କର୍ମୀଙ୍କୁ ଆକ୍ରମଣ କରିବା ଘଟଣାକୁ ନେଇ ମମତା ବୈଠକରୁ ଦୂରେଇ ରହିଥିବା ଜଣାପଡ଼ିଛି। ସେହିଭଳି ରାଜସ୍ଥାନରେ ବିଏସ୍‌ପିର ୬ ବିଧାୟକଙ୍କୁ କଂଗ୍ରେସ ହାତେଇନେବା ଘଟଣାରେ ବିଏସ୍‌ପି ନେତ୍ରୀ ମାୟାବତୀ ସୋନିଆ ଡାକିଥିବା ବୈଠକକୁ ବର୍ଜନ କରିଛନ୍ତି। ତାମିଲନାଡୁରେ ସ୍ଥାନୀୟ କଂଗ୍ରେସ ନେତାଙ୍କ ଉପରେ ରାଗି ଡିଏମ୍‌କେ ବୈଠକରୁ ଦୂରେଇ ରହିବା ଜଣାପଡ଼ିଛି। ମହାରାଷ୍ଟ୍ରରେ କଂଗ୍ରେସ ସହଯୋଗୀ ଶିବସେନାର ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ବିରୋଧୀ ମେଳିରେ ଯୋଗଦେଇ ନ ଥିଲେ।

ଅନୁଷ୍ଠିତ ବୈଠକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସିଏଏ, ଏନ୍‌ଆର୍‌ସିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ବର୍ଷିଥିଲେ। ୧୫ ବିରୋଧୀ ଦଳ ନେତାଙ୍କ ମେଳିରେ ☞ପୃଷ୍ଠା-୪

# କାର୍ଯ୍ୟକାରୀ ନେଇ ବଢ଼ିପାରେ ଅଡୁଆ

ଭୁବନେଶ୍ୱର,୧୩।୧(ବ୍ୟୁରୋ)



**ପ୍ରସ୍ତୁତ ହେଲା ପେସା ରୁଲ୍ସ**

- ■ ନିଜ ନିଷ୍ପତ୍ତି ନିଜେ ନେବେ ଆଦିବାସୀ
- ■ ୨୦୬୮ ପଞ୍ଚାୟତ ହାତରୁ କ୍ଷମତା ଯିବା ଭୟ
- ■ ସବୁ ଆଦିବାସୀ ଗ୍ରାମରେ ଗଠନ ହେବ ପରିଷଦ

ଆଦିବାସୀ ଗ୍ରାମକୁ ମିଳିବ କ୍ଷମତା। ସେମାନଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ର ଅକ୍ଷୁଣ୍ଣ ରହିବ। ସବୁକିଛି ନିଷ୍ପତ୍ତି ନେବ ଗ୍ରାମ ପରିଷଦ(କାଉନ୍‌ସିଲ)। ସେମାନଙ୍କ ଜୀବନଜୀବିକା, ପରମ୍ପରା ଓ କୌଳିକ ବୃତ୍ତିରେ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବେ ନାହିଁ। ରାଜ୍ୟରେ ଥିବା ୧୪ଟି ଅନୁସୂଚିତ ଜନଜାତିବହୁଳ ଜିଲାରେ କାର୍ଯ୍ୟକାରୀ ହେବ 'ପଞ୍ଚାୟତ ଏକ୍ସଟେନ୍‌ସନ ସିଡ୍ୟୁଲ୍‌ଡ ଏରିଆ'(ପେସା) ନିୟମ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପେସା ରୁଲ୍ସ-୨୦୧୯ ପ୍ରସ୍ତୁତ କରାଯାଇଛି। ହେଲେ ଅବକାରୀ ଅଧିକାରକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କାରଣ ମହୁଲି ଭାଟି ଓ ତତ୍‌ସମ୍ପର୍କିତ ବିଷୟ ଅବକାରୀ ବିଭାଗ ଅଧୀନରେ ରହିଛି। ଏହି ଅଧିକାର ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ହାତରେ ରହିବ ନା କାଉନ୍‌ସିଲ ଉପରେ ନ୍ୟସ୍ତ କରାଯିବ ସେନେଇ ସମ୍ପୃକ୍ତ ବିଭାଗର ମତାମତ ଲୋଡ଼ାଯାଇଥିଲା। ଏହି ସମସ୍ୟା ଦୂର ହେବାପରେ ଏକ ଚିଠା ବିଲ୍ ଆଇନ ବିଭାଗର ଅନୁମୋଦନ ଲାଭ କରିଛି। ଏହି ରୁଲ୍ସର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀ କହିଛନ୍ତି।

କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦି ୭ ଜିଲାରେ ସମ୍ପୂର୍ଣ୍ଣ ପେସା ରୁଲ୍ସ ଲାଗୁହେବାକୁ ଥିବା ବେଳେ ସମ୍ବଲପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, ଦେବଗଡ଼, ବାଲେଶ୍ୱର, କେନ୍ଦୁଝର ଆଦି ଜିଲାରେ ଆଂଶିକ ଭାବେ କାର୍ଯ୍ୟକାରୀ ହେବ। ମୋଟ୍ ୧୨୨ ବ୍ଲକର ୨୦୬୮ଟି ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେବ। ଏହିସବୁ ପଞ୍ଚାୟତରେ ପ୍ରାୟ ୧୩ ହଜାର କାଉନ୍‌ସିଲ ଗଠନ କରାଯିବ। ପ୍ରତ୍ୟେକ ଅନୁସୂଚିତ ଜନଜାତି ଗ୍ରାମରେ ଗୋଟିଏ ଲେଖାଏ କାଉନ୍‌ସିଲ ରହିବ। ଗ୍ରାମସଭା ଦ୍ୱାରା ନିର୍ବାଚିତ ପ୍ରତ୍ୟେକ କାଉନ୍‌ସିଲ୍‌ରେ ଜଣେ ଅଧ୍ୟକ୍ଷ ଓ ୬ଜଣ ସଦସ୍ୟ ରହିବେ। ଏହି ପରିଷଦ ହାତରେ ଗ୍ରାମର ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବ। ଲଘୁ ବନଜାତ ଦ୍ରବ୍ୟ, ଖାଦ୍ୟଶସ୍ୟର ମୂଲ୍ୟ ନିର୍ଦ୍ଧାରଣ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ, ହିତାଧିକାରୀ ଚୟନ, ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି ଆଦି ଅନୁଷ୍ଠାନର ପରିଚାଳନା ଏବଂ ଅନ୍ୟ ସ୍ଥାନୀୟ ବିଷୟରେ ଗ୍ରାମସଭା ପ୍ରସ୍ତାବ ଆଧାରରେ କାଉନ୍‌ସିଲ ନିଷ୍ପତ୍ତି ନେବ। ଏହାଦ୍ୱାରା ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ଜୀବିକା ସୁରକ୍ଷିତ ରହିବା ସହ ଜଳ, ଜମି, ଜଙ୍ଗଲଗୁଡ଼ିକର ମଧ୍ୟ ସୁରକ୍ଷା ହୋଇପାରିବ। ଜଙ୍ଗଲ ଅଧିକାର ବିଷୟରେ ମଧ୍ୟ ଗ୍ରାମ ପରିଷଦ ନିଷ୍ପତ୍ତି ନେବ।

ପେସା ଆଇନ କାର୍ଯ୍ୟକାରୀ ହେବାକୁ ଥିବା ପଞ୍ଚାୟତଗୁଡ଼ିକର କୌଣସି କ୍ଷମତା ରହିବ ନାହିଁ। କେନ୍ଦ୍ର ସରକାର ୧୯୯୬ରେ ପେସା ଆଇନ କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ଯୋଗୁ ଆଦିବାସୀମାନଙ୍କୁ ସେମାନଙ୍କ ମୂଳ ବସତିରୁ ବିସ୍ଥାପିତ ହେବାକୁ ପଡୁଛି। ଅଚାନକ ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି। ଫଳରେ ଯେତେ ଯୋଜନା କଲେ ମଧ୍ୟ ଆଦିବାସୀମାନଙ୍କର ବିକାଶ ହୋଇପାରୁନାହିଁ। ସେମାନଙ୍କ ଜରିଆରେ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ କରିବା ପେସା ଆଇନର ମୂଳ ଲକ୍ଷ୍ୟ। ୧୧ଟି ଆଦିବାସୀବହୁଳ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ☞ପୃଷ୍ଠା-୪

**ନିର୍ଭୟା ମାମଲା**

# କ୍ୟୁରେଟିଭ୍ ପିଟିଶନ ଶୁଣାଣି ଆଜି

ନୂଆଦିଲ୍ଲୀ,୧୩।୧

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ୟୁରେଟିଭ୍ ପିଟିଶନର ଶୁଣାଣି କରିବେ। ଜଷ୍ଟିସ୍ ଏନ୍.ଭି ରମାନା, ଅରୁଣ ମିଶ୍ର, ଆର୍.ଏଫ୍. ନରିମାନ, ଆର୍ ବାନୁମଥୀ ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ ବୋଲି ଜଣାପଡିଛି। ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ବିନୟ ଶର୍ମା ଏବଂ ମୁକେଶ କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ। ଫାଶୀଦଣ୍ଡରୁ ମୁକ୍ତି ପାଇବା ପାଇଁ ଏହା ଅପରାଧୀମାନଙ୍କର ଶେଷ ଅସ୍ତ୍ର ଥିଲା। ଜାନୁୟାରୀ ୨୨ ତାରିଖ ସକାଳ ୭ଟାରେ ୪ ଅପରାଧୀଙ୍କୁ ଫାଶୀ ଦେବା ପାଇଁ ପଟିଆଲା ହାଉସ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ। ଏଥିପାଇଁ ଅପରାଧୀମାନେ ରହିଥିବା ତିହାର ଜେଲ୍‌ରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଜେଲ୍‌ରେ ଫାଶୀର ଡମି କରାଯାଇଥିଲା। ଫାଶୀ ଦଉଡିର ମୋଟେଇ ନିର୍ଦ୍ଧାରଣ ପାଇଁ ଅପରାଧୀମାନଙ୍କ ବେକର ମୋଟେଇ ମାପ ନିଆଯିବା ବେଳେ ସେମାନେ କାନ୍ଦିଥିଲେ। ସୋମବାର ଫାଶୀର ରିହରସାଲ ମଧ୍ୟ କରାଯାଇଛି। ଏହା ସପ୍ତାହେ ଧରି ଚାଲିବ। ଅଭିଯୁକ୍ତମାନଙ୍କ ଓଜନ ଏବଂ ଉଚ୍ଚତା ଅନୁଯାୟୀ ବାଲି ବୋଝେଇ ବସ୍ତା ରଖି ଫାଶୀର ନକଲ କରାଯାଇଛି। ଫାଶୀ ଦେବା ପାଇଁ ଉତ୍ତରପ୍ରଦେଶ ଜେଲ କର୍ତ୍ତୃପକ୍ଷ ମିରଟରୁ ପୱନ ଜଲ୍ଲାଦଙ୍କୁ ପଠାଇବେ ବୋଲି ସ୍ପଷ୍ଟ କରିଛନ୍ତି। ଆଉ ଜଣେ ଘାତକଙ୍କୁ ଖୋଜାଚାଲିଛି। ଯଦି ଦ୍ୱିତୀୟ ଘାତକ ନ ମିଳନ୍ତି ତେବେ ପୱନ ସମସ୍ତ ୪ ଅପରାଧୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇବେ ବୋଲି ତିହାର ଜେଲ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇ ମୁମୂର୍ଷୁ ଅବସ୍ଥାରେ ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖିବୁଜିଥିଲେ।


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦ ଓ ୧୧


**ମକର ସଂକ୍ରାନ୍ତି ପାଇଁ ସରକାରୀ ଛୁଟି**

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ଆସନ୍ତା ୧୫ ତାରିଖ ମକର ସଂକ୍ରାନ୍ତି ସରକାରୀ ଛୁଟି। ଉକ୍ତଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ**

କୋଚିରୁ ଶିକ୍ଷା

**ଆଜିର ମନ୍ତବ୍ୟ**

"ଦେଶବ୍ୟାପୀ ଏନ୍‌ଆର୍‌ସି ଲାଗୁ କରିବା ଅନାବଶ୍ୟକ ଓ ଏହାର କୌଣସି ଯଥାର୍ଥତା ନାହିଁ।

-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

# କଡ଼ାକଡ଼ି ହେବ ପ୍ରଥମ ବର୍ଷ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର,୧୩।୧(ବ୍ୟୁରୋ)

- ■ ସବୁ କଲେଜରେ ଏକାସଙ୍ଗେ ପରୀକ୍ଷା
- ■ ଫେଲ୍ ହେଲେ ପୁଣି ଦେବେ

ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ରାଜ୍ୟ ସରକାର ବ୍ୟାପକ ମାତ୍ରାରେ ପ୍ରୟାସ ଚଳାଇଛନ୍ତି। ବିଗତ ଦିନଗୁଡ଼ିକ ଅପେକ୍ଷା ଯଦି ବର୍ତ୍ତମାନ ସମୟକୁ ତୁଳନା କରାଯାଏ, ତେବେ ଉଭୟ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପିଲାଙ୍କ ପାଠପଢ଼ାରେ ଉନ୍ନତି ଆଣିବାକୁ ଅନେକ ଯୋଜନା କରିଛନ୍ତି। ସେହି କ୍ରମରେ ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଉ ଏକ ନୂଆ ପଦକ୍ଷେପ ନେଇଛି। ଏଣିକି ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପୂର୍ବଭଳି କରା ନ ଯାଇ ଆଗକୁ କଡ଼ାକଡ଼ି କରାଯିବ। ପୂର୍ବରୁ ଯେପରି ପ୍ରଥମ ବର୍ଷର ଯୁକ୍ତ୨ ପିଲାମାନେ ନାଁକୁ ମାତ୍ର ପରୀକ୍ଷା ଦେଉଥିଲେ ଆଉ ସେମିତି ହେବନାହିଁ। ଅନ୍ୟପଟେ କଲେଜଗୁଡ଼ିକ ମଧ୍ୟ ନିଜ ସୁବିଧା ଅନୁଯାୟୀ ପରୀକ୍ଷା କରିପାରିବେ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାକୁ ମଧ୍ୟ ଏକ ବ୍ୟବସ୍ଥିତ ଢଙ୍ଗରେ କରାଯିବାକୁ ସ୍ଥିର କରାଯାଇଛି। ଯଦି ପ୍ରଥମ ବର୍ଷ ପରୀକ୍ଷାରେ କୌଣସି ପିଲା ଫେଲ୍ ହୁଅନ୍ତି ତେବେ ସେମାନଙ୍କ ପାଇଁ ଆଉ ଥରେ ପରୀକ୍ଷା କରାଯିବ ବୋଲି ଜଣାପଡିଛି।

ଆଗାମୀ ଦିନରେ ଯୁକ୍ତ୨ର ପ୍ରଥମ ବର୍ଷ ପରୀକ୍ଷା ପ୍ରତ୍ୟେକ କଲେଜରେ ନିର୍ଦ୍ଦିଷ୍ଟ ଗୋଟିଏ ସମୟରେ କରାଯିବ। ମନଇଚ୍ଛା କଲେଜଗୁଡିକ ନିଜ ସୁବିଧା ଅନୁଯାୟୀ ଆଉ ପରୀକ୍ଷା କରିପାରିବେ ନାହିଁ। ସେହିପରି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷାର ଫଳ ଯାହା ହେଲେ ମଧ୍ୟ ଯେପରି ଅଲ୍ ପାସ୍ ବ୍ୟବସ୍ଥା ରହିଥିଲା ସେଥିରେ ପରିବର୍ତ୍ତନ ହେବାକୁ ଯାଉଛି। ଯଦି ଯୁକ୍ତ ୨ ପ୍ରଥମ ବର୍ଷର କୌଣସି ପିଲା ପରୀକ୍ଷାରେ ଫେଲ୍ ହୁଏ ତେବେ ସେମାନଙ୍କୁ ଆଉ ଥରେ ପରୀକ୍ଷା ଦେବାକୁ ପଡ଼ିବ। ଫେଲ୍ ଛାତ୍ରୀଛାତ୍ରଙ୍କୁ କିଛିଦିନ ମଧ୍ୟରେ ଆଉ ଥରେ ପରୀକ୍ଷା ଦେବାକୁ ପଡିବ ବୋଲି ଜଣାପଡିଛି। ଏଥିପାଇଁ ସମସ୍ତ କଲେଜକୁ ଆଉ ଥରେ ଏକ ସପ୍ତାହ ସମୟ ମିଳିବ। ତା' ମଧ୍ୟରେ କଲେଜଗୁଡିକୁ ପୁଣିଥରେ ପରୀକ୍ଷା ଶେଷ କରିବାକୁ ପଡ଼ିବ। ଯଦି ଦ୍ୱିତୀୟ ଥର ସେହି ପିଲାମାନେ ଫେଲ୍ ହୁଅନ୍ତି ତେବେ ସେ କ୍ଷେତ୍ରରେ କ'ଣ କରାଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏହି ପ୍ରସ୍ତାବକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ୱୀକୃତି ଦେଇସାରିଥିବା ମଧ୍ୟ ଜଣାପଡ଼ିଛି।

ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଯୁକ୍ତ ୨ ଛାତ୍ରୀଛାତ୍ର ପ୍ରଥମ ବର୍ଷ ପାଠପଢ଼ା ଠିକ୍‌ରେ ନ ପଢ଼ି ଦ୍ୱିତୀୟ ବର୍ଷକୁ ସେମିତି ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି; ଯେଉଁଥିପାଇଁ ସେମାନଙ୍କ ପଢ଼ା ଠିକ୍‌ରେ ହୋଇପାରୁନାହିଁ। ଗୋଟିଏ ବର୍ଷ ଅଯଥାରେ ଚାଲିଯାଉଛି। ତେଣୁ ସେମାନଙ୍କ ଦାୟିତ୍ୱବୋଧ ଏବଂ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।





Vencobb FRESH CHICKEN

13.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 79 | 131 | 141 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 80 | 132 | 142 |
| BHM | 78 | 129 | 139 |

*Conditions Apply

Issued in the Interest of Consumers





ଦେଶର ଅର୍ଥନୈତିକ ସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାର ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ନାହିଁ।

- ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ସଂକ୍ଷେପରେ

### ମୁଶରଫଙ୍କ ମୃତ୍ୟୁଦଣ୍ଡାଦେଶ ରଦ୍ଦ



**ଇସ୍‌ଲାମାବାଦ,୧୩।୧**-ପାକିସ୍ତାନର ପୂର୍ବତନ ସାମରିକ ଶାସକ ପର୍‌ଭେଜ ମୁଶରଫଙ୍କୁ ରାଜଦ୍ରୋହ ମାମଲରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଏହାକୁ ଲାହୋର ହାଇକୋର୍ଟ ସୋମବାର ରଦ୍ଦ କରିଛନ୍ତି। ଫଳରେ ମୁଶରଫ୍ ଆଶ୍ୱସ୍ତ ହୋଇଛନ୍ତି। ରାୟରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅସାମ୍ବିଧାନିକ ବୋଲି ହାଇକୋର୍ଟ କହିଛନ୍ତି। ମୁଶରଫଙ୍କ ବିରୋଧରେ ରାଜଦ୍ରୋହ ମାମଲା ଆଇନତଃ ଠିକ୍ ଭାବେ ପ୍ରସ୍ତୁତ କରାଯାଇନାହିଁ ବୋଲି ହାଇକୋର୍ଟଙ୍କ ୩ଜଣିଆ ଖଣ୍ଡପୀଠ ରାୟରେ ଦର୍ଶାଇଛନ୍ତି। ବିଚାରପତି ସୟେଦ ମଜାହର ଅଲି ଆକ୍‌ବର ନକ୍‌ଭି, ବିଚାରପତି ମହମ୍ମଦ ଆମୀର ଭାଟ୍ଟି ଓ ବିଚାରପତି ଚୌଧୁରୀ ମାସୁଦ୍ ଜହାଙ୍ଗୀର ସ୍ୱତନ୍ତ୍ର ଟ୍ରିବ୍ୟୁନାଲର ରାୟକୁ ଖାରଜ କରିଦେଇଛନ୍ତି। ପ୍ରକାଶଥାଉ କି, ୨୦୧୯ ଡିସେମ୍ବର ୧୭ରେ ଇସ୍‌ଲାମାବାଦର ସ୍ୱତନ୍ତ୍ର କୋର୍ଟ ରାଜଦ୍ରୋହ ମାମଲାରେ ମୁଶରଫଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ।

### ଏଏପିରେ ମିଶିଲେ ୨ କଂଗ୍ରେସ ନେତା

**ନୂଆଦିଲ୍ଲୀ,୧୩।୧(ପି.ଟି.)**- ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଏଏପି ନିଜ ଶକ୍ତି ବୃଦ୍ଧି କରିବାରେ ଲାଗିଛି। ସୋମବାର ୨ କଂଗ୍ରେସ ନେତା ରାମ୍ ସିଂ ନେତାଜୀ ଓ ବିନୟ ମିଶ୍ର ଦଳରେ ସାମିଲ ହୋଇଛନ୍ତି। ବିନୟ ପୂର୍ବତନ କଂଗ୍ରେସ ଏମ୍‌ପି ମହାବଳ ମିଶ୍ରଙ୍କ ପୁଅ। ରାମ୍ ସିଂ ନେତାଜୀ ଜଣେ ପୂର୍ବତନ କଂଗ୍ରେସ ବିଧାୟକ। ସେମାନେ ଏଏପି ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆଙ୍କ ସମ୍ମୁଖରେ ଦଳରେ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜୟ୍ ଭଗବାନ ଉପକାର ଓ ନବୀନ ଦୀପୁ ଚୌଧୁରୀ ମଧ ଏଏପିରେ ଯୋଗ ଦେଇଛନ୍ତି।

### ଇତିହାସର ଆଇନାରେ

**ଜାନୁୟାରୀ ୧୪ର ପ୍ରମୁଖ ଘଟଣା**

୧୯୦୭ ଜାନୁୟାରୀ ୧୪ରେ ଜାମାଇକାର କିଙ୍ଗଷ୍ଟୋନରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ପ୍ରାୟ ଏକ ହଜାର ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୫ ଥିଲା। ଭୂକମ୍ପ ପରେ ସୁନାମି ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୨୦୧୦ ଜାନୁୟାରୀ ୧୪ରେ ୟେମେନ ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦା ବିରୋଧରେ ଖୋଲା ଯୁଦ୍ଧ ଡାକରା ଦେଇଥିଲା। ୧୯୯୮ରୁ ୟେମେନ୍‌ରେ ଆମେରିକା ସହଯୋଗରେ ଅଲ୍ କାଏଦା ସରକାର ବିରୋଧୀ କାର୍ଯ୍ୟରେ ଲିପ୍ତରହି ବିଭିନ୍ନ ହିଂସାକାଣ୍ଡ ରଚନା କରୁଥିଲା।

## ■ ପାର୍ଲାମେଣ୍ଟ ଭବନ ଆକ୍ରମଣ ପଛରେ ଡିଏସ୍‌ପି ଦାବିନ୍ଦର

# ଅଫଜଲ ଗୁରୁଙ୍କ ସହ ଥିଲା ସମ୍ପର୍କ

**ନୂଆଦିଲ୍ଲୀ,୧୩।୧**



ଅଫଜଲ ଗୁରୁ



ଦାବିନ୍ଦର ସିଂ

ଦୁଇ ଆତଙ୍କବାଦୀଙ୍କ ସହ ଧରାପଡ଼ି ରବିବାର ଗିରଫ ହୋଇଥିବା ଜମ୍ମୁ-କଶ୍ମୀରର ପୋଲିସ ଅଫିସର ଦାବିନ୍ଦର ସିଂଙ୍କ ସମ୍ପର୍କରେ ନୂଆ ତଥ୍ୟ ପଦାକୁ ଆସିଛି। ପାର୍ଲାମେଣ୍ଟ ଆକ୍ରମଣ ମାମଲାରେ ଫାଶୀ ପାଇଥିବା ଅଫଜଲ ଗୁରୁଙ୍କ ସହ ଏହି ଡିଏସ୍‌ପିଙ୍କ ସମ୍ପର୍କ ଥିଲା ବୋଲି ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଶ୍ରୀନଗର ବିମାନବନ୍ଦରରେ ଆଣ୍ଟିହାଇଜାକ୍ ୟୁନିଟରେ ପୋଷ୍ଟିଂ ହୋଇଥିବା ଏହି ଅଫିସରଙ୍କର ଚଳିତ ମାସରେ ଏସ୍‌ପି ଭାବେ ପଦୋନ୍ନତି ହେବାର ଥିଲା। ସଂସଦ ଭବନ ଓ ପୁଲ୍‌ୱାମା ଆକ୍ରମଣ ଷଡ଼ଯନ୍ତ୍ର ପଛରେ ତାଙ୍କର ସମ୍ପୃକ୍ତି ଥିବା କଂଗ୍ରେସ ଅଭିଯୋଗ କରିଛି।

ଅଫଜଲ ଗୁରୁଙ୍କ ବିଚାର ଚାଲିଥିବାବେଳେ ତାଙ୍କ ଓକିଲ ତଳ କୋର୍ଟରେ ଏକ ଚିଠିକୁ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ, ଯାହା ଅରୁନ୍ଧତୀ ରାୟଙ୍କ ପୁସ୍ତକ 'ଦି ହ୍ୟାଙ୍ଗିଙ୍ଗ୍ ଅଫ୍ ଅଫଜଲ ଗୁରୁ ଆଣ୍ଡ ଦି ଷ୍ଟ୍ରେଞ୍ଜ୍ କେସ୍ ଅଫ୍ ଦି ଆଟାକ୍ ଅନ୍ ଇଣ୍ଡିଆନ୍ ପାର୍ଲାମେଣ୍ଟ'ରେ ସ୍ଥାନ ପାଇଛି। ଓକିଲ ସୁଶୀଲ କୁମାରଙ୍କୁ ଅଫଜଲ ଲେଖିଥିବା ଏହି ଚିଠିରେ ସେ ଜମ୍ମୁ-କଶ୍ମୀର ପୋଲିସର ଏସ୍‌ଟିଏଫ୍ ଏବଂ ଏହାର ଅଫିସର ଦାବିନ୍ଦର ସିଂଙ୍କ ତରଫରୁ ଜଣେ ଆତଙ୍କବାଦୀ ମହମ୍ମଦଙ୍କୁ ସହାୟତା କରିଥିବା ଉଲ୍ଲେଖ ଅଛି। ମହମ୍ମଦଙ୍କୁ ସାଙ୍ଗରେ ନେଇ ଦିଲ୍ଲୀ ଯିବା ଓ ତାଙ୍କ ରହିବା ପାଇଁ ବ୍ୟବସ୍ଥା କରିବାକୁ ଦାବିନ୍ଦର ହିଁ ଅଫଜଲଙ୍କୁ କହିଥିଲେ।

୨୦୦୧ ଡିସେମ୍ବର ୧୩ ପାର୍ଲାମେଣ୍ଟ ଭବନ ଆକ୍ରମଣବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ୫ ଆତଙ୍କବାଦୀଙ୍କ ମଧ୍ୟରୁ ମହମ୍ମଦ ଅନ୍ୟତମ। ମହମ୍ମଦଙ୍କ ମୃତଦେହ ନିକଟରୁ ଏକ ଫୋନ ମିଳିଥିଲା ଯାହାକୁ ସେ ନଭେମ୍ବର ୨୮ରୁ ବ୍ୟବହାର କରୁଥିଲେ। ଏହି ଫୋନ୍ ତାଙ୍କୁ କଶ୍ମୀର ଏସ୍‌ଟିଏଫ୍ ଦେଇଥିଲା ବୋଲି ଅଫଜଲ ଜଣାଇଥିଲେ ମଧ କୋର୍ଟ ଏହାକୁ ଗ୍ରହଣ କରି ନ ଥିଲେ।

ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ବିଚ୍ଛିନ୍ନତାବାଦୀ ଭାବେ ଅଫଜଲଙ୍କ ଅଭିଯାନ ବିଫଳ ହେବାରୁ ସେ କଶ୍ମୀର ଫେରିଥିଲେ। ଏହା ପରେ ତାଙ୍କ ଉପରେ ଆରମ୍ଭ ହୋଇଥିଲା ଏସ୍‌ଟିଏଫ୍‌ର ଅତ୍ୟାଚାର। ତେଣୁ ଏସ୍‌ଟିଏଫ୍ କଥା ମାନି ମହମ୍ମଦଙ୍କୁ ସହାୟତା କରିବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ନ ଥିଲା ବୋଲି ଅଫଜଲ ଚିଠିରେ ଉଲ୍ଲେଖ କରିଥିଲେ। ସେଥିପାଇଁ ସେ ଏକ ଆମ୍ବାସାଡର କାର୍ କିଣିଥିଲେ, ଯାହାକୁ ପାର୍ଲାମେଣ୍ଟ ଭବନ ଆକ୍ରମଣରେ ବ୍ୟବହାର କରାଯାଇଥିଲା। କାର କିଣାଯିବା ପରେ ଅଫଜଲଙ୍କୁ କଶ୍ମୀର ଫେରିଯିବା ପାଇଁ ଆତଙ୍କବାଦୀ ମହମ୍ମଦ କହିଥିଲେ। ତେବେ ଅଫଜଲ ଫେରିବା ପୂର୍ବରୁ ଶ୍ରୀନଗର ବସ୍‌ଷ୍ଟାଣ୍ଡରୁ ଗିରଫ ହୋଇଥିଲେ।

### ଘରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିଲେ

ଗିରଫ ଡିଏସ୍‌ପି ଦାବିନ୍ଦରଙ୍କୁ ସୋମବାର ନିଲମ୍ବନ କରାଯାଇଛି। ତାଙ୍କ ସହ ଗିରଫ ଦୁଇ ଆତଙ୍କବାଦୀଙ୍କ ସହ ୩ ଜଣଙ୍କୁ ସେ ଘରେ ଆଶ୍ରୟ ଦେଇଥିଲେ। ବାଦାମି ବାଗ୍ କ୍ୟାଣ୍ଟନମେଣ୍ଟରେ ଥିବା ସେନାର ୧୫ତମ କର୍ପସ୍ ମୁଖ୍ୟାଳୟ ନିକଟରେ ତାଙ୍କ ବାସଭବନ ରହିଛି। ୪ ମାସ ପୂର୍ବରୁ ଦାବିନ୍ଦର ସାହସିକତା ପାଇଁ ରାଷ୍ଟ୍ରପତିଙ୍କଠାରୁ ମେଡାଲ ପାଇଥିଲେ। ଶନିବାର ସେ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ନଭିଦ୍ ବାବା ଏବଂ ଅଲତାଫଙ୍କ ସହ ଏକ କାରରେ ଯାଉଥିବାବେଳେ ଗିରଫ ହୋଇଥିଲେ।

## ■ ଆମେରିକା ସୈନ୍ୟଙ୍କୁ ପୁଣି ଟାର୍ଗେଟ କଲା ଇରାନ

# ଏୟାରବେସ୍ ଉପରେ ୮ ରକେଟ ମାଡ଼

**ବାଗଦାଦ,୧୩।୧**

ଦୁଇ ପାରମ୍ପରିକ ଶତ୍ରୁ ଇରାନ ଓ ଆମେରିକା ମଧ୍ୟରେ ଚରମ ଉତ୍ତେଜନା ଲାଗି ରହିଥିବାବେଳେ ରବିବାର ରାତିରେ ଇରାକରେ ଆମେରିକା ସେନାକୁ ଟାର୍ଗେଟ କରିବାକୁ ଯାଇ ୮ ରକେଟ ମାଡ଼ କରିଛି ତେହେରାନ। ଏଥିରେ ଇରାକ ବାୟୁସେନାର ୪ ସୈନ୍ୟ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇରାନର ରକେଟ ମାଡ଼ ପରେ ଅନେକ ଆମେରିକୀୟ ସୈନ୍ୟ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିବାରୁ ସଦ୍ୟ ଆକ୍ରମଣରୁ ସେମାନେ ବର୍ତ୍ତିଯାଇଥିବା କୁହାଯାଉଛି। ତେବେ ଆକ୍ରମଣ ପାଇଁ ଇରାନ ନିଜକୁ ଦାୟୀ କରିନାହିଁ।

ଇରାକ ରାଜଧାନୀ ବାଗଦାଦଠାରୁ ୮୦ କିଲୋମିଟର ଦୂର ସଲାହୁଦ୍ଦିନ ପ୍ରଦେଶରେ ଥିବା ଅଲ୍ ବଲାଡ ଏୟାରବେସ ଉପରେ ରବିବାର ୮ଟି କତ୍ୟୁଶା ରକେଟ ମାଡ଼ ହୋଇଛି। ଅଲ୍-ବଲାଡ ହେଉଛି ଇରାକର ମୁଖ୍ୟ ଏୟାରବେସ୍। ଏଠାରେ ଆମେରିକାରୁ ଇରାକ କିଣିଥିବା ଏଫ-୧୬ ଯୁଦ୍ଧବିମାନକୁ ରଖାଯାଇଛି। ପୂର୍ବରୁ ଏହି ବାୟୁସେନା ଘାଟିରେ ଆମେରିକୀୟ ଯବାନ ଓ ଠିକାଦାରମାନେ ରହୁଥିଲେ। ଗତ ମାସରେ ଇରାନ ଆକ୍ରମଣରେ ଆମେରିକାର ଜଣେ ଠିକାଦାରଙ୍କ ମୃତ୍ୟୁ ଘଟିଥିଲା। ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ ଆମେରିକା ସେନା ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ଇରାନର ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ସମେତ କେତେଜଣ ସେନା ଅଧିକାରୀ ନିହତ ହୋଇଥିଲେ। ଏହା ପରେ ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ଇରାନର ସୁପ୍ରିମ ଲିଡର ଆୟାତୋଲା ଖୋମିନି ଧମକ ଦେଇଥିଲେ। ୮ ତାରିଖରେ ଇରାକର ଦୁଇଟି ବାୟୁସେନା ଘାଟିକୁ ଟାର୍ଗେଟ କରି ଇରାନ ରକେଟ ମାଡ଼ କରିଥିଲା। ଏହାର କିଛି ଘଣ୍ଟା ପରେ ଇରାନ ଭୁଲ୍‌ବଶତଃ ୟୁକ୍ରେନର ଏକ ଯାତ୍ରୀବାହୀ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୧୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଆକ୍ରମଣରେ କୌଣସି ଜଣେ ହେଲେ ଆମେରିକୀୟ ସୈନ୍ୟ ମୃତାହତ ହୋଇ ନ ଥିବା ଦୃଢ଼ୋକ୍ତି ବାଢ଼ିବା ସହ ଇରାନ ଉପରେ ଅତିରିକ୍ତ କଟକଣା ଲଗାଇଥିଲେ।

### ୪ ଇରାକୀ ସୈନ୍ୟ ଆହତ





ଜଳନ୍ଧରଠାରେ ଲୋହରୀ ଉତ୍ସବ ଅବସରରେ ଯୁବତୀମାନେ ଗିଧା ନୃତ୍ୟ ପରିବେଷଣ କରୁଛନ୍ତି।

# 'ମୋଦିଙ୍କ ବିରୋଧରେ ମୁହଁ ଖୋଲିଲେ ପୋତିଦେବି'

**ଆଲିଗଡ଼,୧୩।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମୁହଁ ଖୋଲିଲେ ମାଟିରେ ଜିଅନ୍ତା ପୋତି ଦିଆଯିବ ବୋଲି ଭାଜପା ନେତା ରଘୁରାଜ୍ ସିଂ ଚେତାବନୀ ଦେଇଛନ୍ତି। ସିଏଏକୁ ନେଇ ଆଲିଗଡ଼ରେ ସେ ଏକ ରାଲିକୁ ଉଦ୍‌ବୋଧନ ଦେଇ ମୋଦି ଓ ଯୋଗୀଙ୍କୁ ମୁର୍ଦ୍ଦାବାଦ ନ କହିବା ଲାଗି ପରାମର୍ଶ ଦେଇଛନ୍ତି। ଦାଉଦଙ୍କଠାରୁ ଟଙ୍କା ନେଇ ଆମ ଅଫିସରଙ୍କ କାମରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ନିସ୍ତୁକ ମାଡ଼ ମରାଯିବ। ସିଏଏକୁ ବିରୋଧ କରି ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ କରୁଥିବା ଲୋକଙ୍କ ଉପରେ ସେ ପ୍ରବଳ ବର୍ଷିଛନ୍ତି। ରଘୁରାଜ୍‌ଙ୍କ ଏଭଳି ବିବାଦୀୟ ମନ୍ତବ୍ୟ ପରେ ଭାଜପା ତାଙ୍କଠାରୁ ଦୂରେଇଯାଇଛି। ଦଳର ମୁଖପାତ୍ର ଚନ୍ଦ୍ରମୋହନ କହିଛନ୍ତି, ରଘୁରାଜ୍ ବିଧାୟକ କି ମନ୍ତ୍ରୀ ନୁହନ୍ତି। ଶ୍ରମ ବିକାଶ ପରିଷଦର ଅଧ୍ୟକ୍ଷ ସୁନୀଲ ଭରାଲା ରଘୁରାଜ୍‌ଙ୍କୁ ଶ୍ରମ ବିଭାଗର ଜଣେ ଉପଦେଷ୍ଟା ବୋଲି ପ୍ରକାଶ କରିଛନ୍ତି।



ରଘୁରାଜ୍ ସିଂ

### ଭାଜପା ନେତାଙ୍କ ଚେତାବନୀ

# ରତନ ଟାଟାଙ୍କ ବିରୋଧରେ ମାମଲା ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୧୩।୧(ପି.ଟି.)**



ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା ଓ ଅନ୍ୟମାନଙ୍କ ବିରୋଧରେ ବମ୍ବେ ଡାଇଙ୍ଗ୍ ଅଧ୍ୟକ୍ଷ ନୁସ୍‌ଲି ୱାଡିଆ ଦାଏର କରିଥିବା ସମସ୍ତ ମାନହାନି ମାମଲା ସୋମବାର ପ୍ରତ୍ୟାହାର କରିନେଇଛନ୍ତି। ୱାଡିଆଙ୍କ ମର୍ଯ୍ୟାଦା ହାନି କରିବାର କୌଣସି ଉଦ୍ଦେଶ୍ୟ ଟାଟା ଓ ଅନ୍ୟମାନଙ୍କର ନ ଥିଲା ବୋଲି ସର୍ବୋଚ୍ଚ ଅଦାଲତ ରେକର୍ଡ କରିବା ପରେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବମ୍ବେ ଡାଇଙ୍ଗ୍ ଅଧ୍ୟକ୍ଷଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଅନୁମତି ଦେଇଥିଲେ। ଟାଟା ଗ୍ରୁପ୍‌ର କେତେକ କମ୍ପାନୀ ବୋର୍ଡରୁ ୱାଡିଆଙ୍କୁ ବାଦ୍ ଦିଆଯିବା ପରେ ୨୦୧୬ରେ ସେ ରତନ ଟାଟା ଓ ଟାଟା ସନ୍ସର କେତେଜଣ ଡାଇରେକ୍ଟରଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ୱାଡିଆଙ୍କ ମାନହାନି କରିବା ଟାଟାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ବମ୍ବେ ହାଇକୋର୍ଟ କହିବା ପରେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏକାଠି ବସି ମତପାର୍ଥକ୍ୟ ଦୂରକରିବା ପାଇଁ ଗତ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ୱାଡିଆ ଓ ଟାଟାଙ୍କୁ ପରାମର୍ଶ ଦେଇଥିଲେ।

## ଏସିଡ୍ ପୀଡ଼ିତାଙ୍କୁ ପେନ୍‌ସନ ଦେବେ ଉତ୍ତରାଖଣ୍ଡ ସରକାର

**ଡେରାଡୁନ୍ ,୧୩।୧(ପି.ଟି.)**

'ଛପାକ୍' ଚଳଚ୍ଚିତ୍ର ଦ୍ୱାରା ପ୍ରଭାବିତ ହୋଇ ଉତ୍ତରାଖଣ୍ଡ ସରକାର ରାଜ୍ୟରେ ଥିବା ଏସିଡ୍ ପୀଡ଼ିତାମାନଙ୍କ ପାଇଁ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ଏହା ସେମାନଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାରେ ସହାୟକ ହୋଇପାରିବ। ଉତ୍ତରାଖଣ୍ଡର ହରିଦ୍ୱାର, ନୈନିତାଲ ଓ ଉଦ୍ଧାମସିଂ ନଗର ଜିଲାରେ ୧୦ ଜଣ ଏସିଡ ପୀଡ଼ିତା ଅଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅଣାଯିବ।

## ■ ଜେଏନ୍‌ୟୁ ହିଂସା ତଥ୍ୟ ସଂରକ୍ଷଣ

# ପୋଲିସ, ହ୍ୱାଟ୍ସଆପ୍, ଗୁଗଲ୍‌କୁ ଜବାବ ମାଗିଲେ ହାଇକୋର୍ଟ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଗତ ୫ ତାରିଖରେ ହୋଇଥିବା ହିଂସାକାଣ୍ଡର ତଥ୍ୟ ସଂରକ୍ଷଣ ପାଇଁ ଏହାର ୩ ଜଣ ପ୍ରଫେସର ଦିଲ୍ଲୀ ହାଇକୋର୍ଟରେ ଦାଏର କରିଥିବା ପିଟିଶନ ଉପରେ ଅଦାଲତ ସୋମବାର ଦିଲ୍ଲୀ ସରକାର, ପୋଲିସ, ହ୍ୱାଟ୍ସଆପ୍ ଏବଂ ଗୁଗଲ୍‌ଠାରୁ ଜବାବ ମାଗିଛନ୍ତି। ହିଂସାବେଳର ସିସିଟିଭି ଫୁଟେଜ୍ ସଂରକ୍ଷଣ ରଖି ହସ୍ତାନ୍ତର କରିବା ଲାଗି ଜେଏନ୍‌ୟୁ ପ୍ରଶାସନକୁ କୁହାଯାଇଥିଲା ବୋଲି ଦିଲ୍ଲୀ ପୋଲିସ ଅଦାଲତଙ୍କୁ ଜଣାଇଛି। ବିଶ୍ୱବିଦ୍ୟାଳୟ ପ୍ରଶାସନଠାରୁ ପୋଲିସକୁ କୌଣସି ଜବାବ ମିଳିନାହିଁ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ଆଇନଜୀବୀ ରାହୁଲ ମେହର ହାଇକୋର୍ଟଙ୍କୁ କହିଥିଲେ। ପୋଲିସ ହ୍ୱାଟ୍ସଆପ୍‌କୁ ମଧ ଦୁଇଟି ଗ୍ରୁପ୍ 'ୟୁନିଟି ଏଗେନେଷ୍ଟ ଲେଫ୍ଟ' ଏବଂ 'ଫ୍ରେଣ୍ଡସ୍ ଅଫ ଆର୍‌ଏସ୍‌ଏସ୍'ର ଡାଟା ସଂରକ୍ଷଣ ପାଇଁ ଲେଖିଥିଲା ବୋଲି ରାହୁଲ ଜଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ହେବ।

ଗତ ୫ରେ କେତେଜଣ ମୁଖାପିନ୍ଧା ବ୍ୟକ୍ତି ଜେଏନ୍‌ୟୁ କ୍ୟାମ୍ପସ୍‌ରେ ପଶି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ଏନେଇ ବସନ୍ତକୁଞ୍ଜ ଥାନାରେ ୩ଟି ଏତଲା ଦାଏର ହୋଇଥିଲା। ପ୍ରଫେସର ଅମିତ ପରମେଶ୍ୱରନ୍, ଅତୁଲ ସୁଦ୍ ଏବଂ ଶୁକ୍ଳା ବିନାୟକ ସାୱନ୍ତ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ଥିବା ସମସ୍ତ ସିସିଟିଭିର ଫୁଟେଜ ସଂରକ୍ଷଣ ରଖିବା ପାଇଁ ଦିଲ୍ଲୀ ସରକାର ଓ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

### ଶ୍ରେଣୀ ବର୍ଜନ କଲେ ଜେଏନ୍‌ୟୁ ଶିକ୍ଷକ, ଛାତ୍ର

**ନୂଆଦିଲ୍ଲୀ,୧୩।୧(ପି.ଟି.)**–ଜେଏନ୍‌ୟୁରେ ସୋମବାରଠାରୁ ପାଠପଢ଼ା ଆରମ୍ଭ ହେବାକୁଥିବାବେଳେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ମିଳିତ ଭାବେ ଏହାକୁ ବର୍ଜନ କରିଛନ୍ତି। ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସମୟ ସାରଣୀ ପ୍ରସ୍ତୁତ ପାଇଁ କୁଳପତି ବିଭିନ୍ନ ବିଭାଗକୁ କହିଥିଲେ ହେଁ ତାହା ପ୍ରସ୍ତୁତ ହୋଇନାହିଁ। ପ୍ରଥମେ ସମସ୍ୟା ସମାଧାନ ହେଉ, ତା'ପରେ ଆମେ ପାଠପଢ଼ାରେ ମନଦେବୁ ବୋଲି ସ୍କୁଲ ଅଫ୍ ସୋସିଆଲ ସାଇନ୍ସର ଜଣେ ଛାତ୍ର କହିଛନ୍ତି। ଦେୟ ବୃଦ୍ଧିକୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ ଥିବାବେଳେ ୫ ତାରିଖ ଆକ୍ରମଣ ଘଟଣା ପରେ ଉତ୍ତେଜନା ଲାଗି ରହିଛି। କୁଳପତି ଏମ୍. ଜଗଦେଶ କୁମାରଙ୍କ ବହିଷ୍କାର ପାଇଁ ଶିକ୍ଷକ ଓ ଛାତ୍ରମାନେ ଦାବି କରିଛନ୍ତି।







■ କେନ୍ଦୁଝର ଫାଶୀଦଣ୍ଡ ମାମଲା

# ଫେବୃୟାରୀ ୩ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୩ା୧:** କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ୨୦୧୭ ଜାନୁୟାରୀ ୧୩ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା । ଉକ୍ତ ମାମଲାରେ ତଳ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଫାଶୀଦଣ୍ଡ ପାଇଥିବା ଆସାମୀ ସୁନୀଲ ନାୟକଙ୍କ ଆବେଦନର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା । ମାତ୍ର ସୁନୀଲଙ୍କ ପକ୍ଷରୁ କୌଣସି ଓକିଲ ନିଯୁକ୍ତ ହୋଇ ନ ଥିବାରୁ ଶୁଣାଣି ହୋଇପାରି ନ ଥିଲା । ଫଳରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଫେବୃୟାରୀ ୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତଦିନ ଯଦି ସୁନୀଲଙ୍କ ପକ୍ଷରୁ କୌଣସି ଓକିଲ ନିଯୁକ୍ତ ନ ହୁଅନ୍ତି ତେବେ ତାଙ୍କ ପାଇଁ ରାଜ୍ୟ ସରକାର ଓକିଲ ଦେବେ ବୋଲି କୋର୍ଟ କହିଛନ୍ତି।

**ପାଠିକା / ପାଠକଙ୍କ ପାଇଁ ସୂଚନା**

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୯୩୭୨୭୪୩୭୬

## ବ୍ୟାପକ ହେଉଛି ଚୋରା ଗଞ୍ଜେଇ ଚାଷ

# କ୍ଷତି ସହୁଛି ରାଜକୋଷ

କଟକ ଅଫିସ, ୧୩ା୧

ରାଜ୍ୟରେ ବଢୁଛି ଗଞ୍ଜେଇ ଚାଷ। ଏହି ଚାଷ ପାଇଁ କ୍ଷତି ସହୁଛି ରାଜ୍ୟ ରାଜକୋଷ। କାରଣ ଗଞ୍ଜେଇ ଚାଷକୁ ରୋକିବା ଓ ନଷ୍ଟ କରିବା ପାଇଁ ସରକାରଙ୍କ ପକ୍ଷରୁ ଅବକାରୀ, ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପଛରେ ବାର୍ଷିକ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଗଞ୍ଜେଇ ଚାଷ ରୋକାଯିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟର ୧୦ ଜିଲାରେ ଏହି ଚୋରା ଗଞ୍ଜେଇ ଚାଷ କାୟା ମେଲିଛି। ସରକାରଙ୍କ ପ୍ରତିକାରମୂଳକ ପଦକ୍ଷେପ ସତ୍ତ୍ୱେ ପ୍ରତିବର୍ଷ ଗଞ୍ଜେଇ ଚାଷର ଆୟତନ ବଢିବା ଘଟଣା ଚିନ୍ତାର କାରଣ ହୋଇଛି। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରମାଣ କରୁଛି ଯେ ସରକାରୀ ଅଧିକାରୀମାନଙ୍କ ସହିତ ଚୋରା ଗଞ୍ଜେଇ ଚାଷୀମାନଙ୍କର ଭିତିରି ସମ୍ପର୍କ ରହୁଛି। କିନ୍ତୁ ସରକାର ଅଯଥାରେ ରାଜକୋଷରୁ ବାର୍ଷିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି।

ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ, ବୌଦ୍ଧ, ଦେବଗଡ଼, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ସମ୍ବଲପୁର ଆଦି ଜିଲାରେ ଚୋରା ଗଞ୍ଜେଇ ଚାଷ କରାଯାଉଛି। ୨୦୧୭-୧୮ରେ ଏହି ୧୦ ଜିଲାର ୪୫୮୪.୨୦ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଛି। ସେହିପରି ୨୦୧୮-୧୯ରେ ୯୪୭୩.୫୫ ଏବଂ ୨୦୧୯-୨୦(ଡିସେମ୍ବର ସୁଦ୍ଧା) ୯୫୬୭.୧୬ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଛି। ଏ ବାବଦରେ କିଛି ମୁଷ୍ଟିମେୟ ଲୋକ ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ରାଜ୍ୟ ସରକାର ବହୁ ଅର୍ଥ ଖର୍ଚ୍ଚ କରି ମଧ୍ୟ ସେମାନଙ୍କୁ ଅଟକାଇ ପାରୁନାହାନ୍ତି। ଅବକାରୀ ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, କେଉଁଠି ଜଙ୍ଗଲ ଜମିରେ ତ କେଉଁଠି ରାଜସ୍ୱ ବିଭାଗ ଜମିରେ ଗଞ୍ଜେଇ ଚାଷ କରାଯାଉଛି। ସରକାରଙ୍କ ଜମିରେ ଏଭଳି ବେଆଇନ ଚାଷ ରୀତିମତ ବଢୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ରହୁନାହିଁ। ତେବେ ବିପୁଳ କ୍ଷତି ଓ ଅନ୍ୟ କେତେକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗଞ୍ଜେଇ ଚାଷକୁ ରାଜ୍ୟରେ ଆଇନସମ୍ମତ ଅନୁମତି ଦେବାପାଇଁ ରାଜ୍ୟ ସରକାର ଗତ ନଭେମ୍ବରରେ ଉଦ୍ୟମ କରିଥିଲେ। ମାତ୍ର ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ସରକାର ଏଭଳି ନିଷ୍ପତ୍ତିରୁ ଓହରି ଯାଇଥିଲେ। କିନ୍ତୁ ଓଡ଼ିଶା ହେଉଛି ଗଞ୍ଜେଇ ଉତ୍ପାଦନରେ ଦେଶର ଏକ ପ୍ରମୁଖ ରାଜ୍ୟ। ଗୋଟିଏ ଏକର ଜମିରେ ୧୫୦୦ ଗଞ୍ଜେଇ ଗଛ ବଢ଼ିବାର କ୍ଷମତା ଓଡ଼ିଶା ମୃତ୍ତିକାରେ ରହିଥିବା ଅବକାରୀ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅବସରପ୍ରାପ୍ତ ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଦେଶର କେବଳ ହିମାଚଳ ପ୍ରଦେଶରେ ଗଞ୍ଜେଇ ଚାଷକୁ ସରକାରୀ ମାନ୍ୟତା ଦିଆଯାଇଛି। ଓଡ଼ିଶାରେ ଗଞ୍ଜେଇ ଉତ୍ପାଦନ ପାଇଁ ଭିତ୍ତିଭୂମି ରହିଛି। ଯଦି ସରକାର ଏହାକୁ ଏକ ସୀମିତ ଅଞ୍ଚଳରେ ସୁରକ୍ଷାବଳୟ ମଧ୍ୟରେ ଔଷଧୀୟ ବ୍ୟବହାର ପାଇଁ ଚାଷ କରନ୍ତେ, ତେବେ ସରକାରଙ୍କ ରାଜସ୍ୱ ବଢିବା ସହିତ ଏହା ମଧ୍ୟ ରୋଗୀ କଲ୍ୟାଣରେ ଲାଗିପାରନ୍ତା।

ଅବକାରୀ ବିଭାଗ କହିବା ଅନୁଯାୟୀ, ଗୋଟିଏ ଗଞ୍ଜେଇ ଗଛ ମୂଲ୍ୟକୁ ୧ହଜାର ଟଙ୍କାରେ ଆକଳନ କରାଯାଇଥାଏ। ଏହି ଅନୁପାତରେ ଦେଖିଲେ ବିଗତ ୩ ବର୍ଷରେ ରାଜ୍ୟରେ ମୋଟ ୩ହଜାର ୬୭ କୋଟି ୧୨ ଲକ୍ଷ ୩୬ହଜାର ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। କହିବାକୁ ଗଲେ, ବର୍ଷକୁ ଯେତିକି ଗଞ୍ଜେଇ ଗଛ ନଷ୍ଟ କରାଯାଉଛି ତାହାର ମୂଲ୍ୟକୁ ଦେଖିଲେ ରାଜ୍ୟ ବଜେଟର ଏକ ପ୍ରମୁଖ ଭାଗ ସହିତ ସମାନ ହେବ।

ଅବକାରୀ କମିଶନର ଅଞ୍ଜନ କୁମାର ମାଣିକଙ୍କ କହିବା ଅନୁଯାୟୀ, ବେଆଇନ ଚାଷ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସୂଚନା ମିଳିବା ମାତ୍ରେ ତାହାକୁ ନଷ୍ଟ କରାଯାଉଛି ଓ ଚୋରା ବ୍ୟବସାୟୀଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର,୧୩ା୧(ବ୍ୟୁରୋ)

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିଧାନ ଭବନରେ ଆସନ୍ତା ୧୮ରେ ସପ୍ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ(ଭାରତ ଅଞ୍ଚଳ) ସମ୍ମିଳନୀ ଆୟୋଜିତ ହେବ। ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେବେ। ଏଥିରେ ଲୋକସେବା ଓ ରାଜ୍ୟ ବିଧାନସଭାକୁ କିପରି ଉପଯୁକ୍ତ ଢଙ୍ଗରେ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ। ଦେଶର ସମ୍ବିଧାନ ଓ ବିଧାନସଭା ପରିଚାଳନା ନିୟମାବଳୀ ଅନୁଯାୟୀ ଗୃହ ପରିଚାଳନା ଠିକ୍ ଭାବେ କରିବା ସକାଶେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବା ସହିତ ସଂସଦୀୟ ନିୟମାବଳୀ ପ୍ରଣୟନ କରାଯିବ। ଏମ୍‌ପି, ବିଧାୟକ ଓ ଗୃହର କର୍ମଚାରୀମାନଙ୍କୁ ଗୃହ ପରିଚାଳନାରେ ସହାୟତା ପ୍ରଦାନ କରିବା, ଉତ୍ତମ ପ୍ରଶାସନ ତଥା ରାଜ୍ୟଗୋଷ୍ଠୀର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ଏଥିସହିତ ବିଧାନସଭା ଓ ଲୋକ ସଭାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ଏବଂ କମ୍ପ୍ୟୁଟରୀକରଣ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଚସ୍ପତି ଏହା ପୂର୍ବରୁ ଲୋକ ସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ଅନ୍ୟ ଏକ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ସମ୍ମିଳନୀକୁ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ, ଉତ୍ତରପ୍ରଦେଶ ଶାଖା ଦ୍ୱାରା ଆୟୋଜନ କରାଯାଉଛି। ୧୯ରେ ପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବାଚସ୍ପତିଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ମଣ୍ଡଳୀରେ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ବିଧାନସଭା ସଚିବ ଦାଶରଥି ଶତପଥୀ ମଧ୍ୟ ସାମିଲ ହୋଇଛନ୍ତି।

# ରାଜା ବାହାଦୁର ନିଷ୍ଠାପର ଜନସେବକ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩ା୧(ବ୍ୟୁରୋ)

ଖଲ୍ଲିକୋଟର ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଜଣେ ସଫଳ ବ୍ୟକ୍ତିତ୍ୱ ଥିଲେ। ଉଭୟ ରାଜତନ୍ତ୍ର ଏବଂ ଗଣତନ୍ତ୍ରରେ ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କ ଶ୍ରଦ୍ଧା ଓ ଆଦର ଲାଭ କରିପାରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା, ଗଞ୍ଜାମ ଓ ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଯଥେଷ୍ଟ ଥିଲା। ଜଣେ ସ୍ୱାଭିମାନୀ ଓଡ଼ିଆ ଓ ନିଷ୍ଠାପର ଜନସେବକ ଭାବେ ସେ ସବୁଦିନ ପାଇଁ ଲୋକଙ୍କ ହୃଦୟରେ ବଞ୍ଚି ରହିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସୂଚନା ଭବନଠାରେ ଆୟୋଜିତ ତାଙ୍କ ୧୨୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରାଜା ବାହାଦୁରଙ୍କ କାର୍ଯ୍ୟଧାରା, ଆଦର୍ଶ, ପ୍ରତିବଦ୍ଧତା ଏବଂ ଓଡ଼ିଶା ମାଟି ପ୍ରତି ତାଙ୍କର ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ଖଲ୍ଲିକୋଟ ରାଜ ପରିବାରର ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜା ବାହାଦୁରଙ୍କୁ ଜଣେ ବିକାଶ ପୁରୁଷ ଭାବେ ସେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ବିକାଶ କ୍ଷେତ୍ରରେ ରାଜା ବାହାଦୁରଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜା ବାହାଦୁରଙ୍କ ଦୂରଦୃଷ୍ଟି ଓ ଦେଶଭକ୍ତି ଉତ୍ତରପିଢ଼ିକୁ ଅନୁପ୍ରାଣିତ କରିବ ବୋଲି ଆଶା ପ୍ରକଟ କରିଥିଲେ। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ରାଜା ବାହାଦୁରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ ସିଂ ସ୍ୱାଗତ ଭାଷଣ ଓ ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଦେଇଥିଲେ। ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।




ଜୟଦେବ ଭବନରେ ଅନୁଷ୍ଠିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ

ପୁରୀ ଅଫିସ, ୧୩ା୧

ମକରସଂକ୍ରାନ୍ତି ପୂର୍ବଦିନକୁ ନବାଙ୍କ କୁହାଯାଏ। ନବାଙ୍କ ପୂର୍ବଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁଗ୍ଧ ମେଲାଣ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ତେଣୁ ସୋମବାର ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଦ୍ୱିପହର ଧୂପ ବଢିବା ପରେ ରାମକୃଷ୍ଣ ଆଜ୍ଞାମାଳପ୍ରାପ୍ତ ହୋଇ ଘଣ୍ଟ, ଛତା ଓ କାହାଳୀ ପଟୁଆରରେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖରେ ବିଜେ ହୋଇଥିଲେ। ତାଙ୍କ ସହିତ ଲେଙ୍କା, ଆସ୍ଥାନ ପଢିଆରୀ, ମହାଭୋଇ, ପୂଜାପଣ୍ଡା ସାମନ୍ତ, ମହାଜନ, ଭିତରଚ୍ଛ ସେବକ ଆସିଥିଲେ। ମହାଭୋଇ ସେବକ ମଠ ସମ୍ମୁଖରେ ବନ୍ଧାଯାଇଥିବା ଗାଈଠାରୁ ରୁପା ପିଙ୍ଗଣରେ ଦୁଗ୍ଧ ଦୁହିଁଥିଲେ। ଏହି କ୍ଷୀରକୁ ଦୁଇ ଭାଗ କରାଯାଇଥିଲା। ଗୋଟିଏ ଭାଗରେ ଲେଙ୍କା କର୍ପୁର ପକାଇ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରି ଭିତରଚ୍ଛଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭିତରଚ୍ଛ ଠାକୁରଙ୍କୁ କ୍ଷୀର ମଣୋହୀ କରିଥିଲେ। ଆଉ ଗୋଟିଏ ଭାଗ କ୍ଷୀରକୁ ମହାଭୋଇ ସେବକ ମାଟି ଗଡୁରେ ଶିକାରେ ବସାଇ ଶ୍ରୀମନ୍ଦିରକୁ ନେଇଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ମଠର ପନ୍ତି ଆସ୍ଥାନରେ ପନ୍ତି ସମ୍ପନ୍ନ କରିଥିଲେ। ଗଡୁରେ ଯାଇଥିବା କ୍ଷୀରରେ ଦହି ପ୍ରସ୍ତୁତ ହୋଇ ମକର ସଂକ୍ରାନ୍ତି ନୀତିରେ ଲାଗି ହେବ।

# ନକଲି ଜର୍ଦ୍ଦା କାରଖାନା ଉପରେ ଚଢ଼ାଉ

ଚଣ୍ଡିଖୋଲ/ଛତିଆ, ୧୩ା୧(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଛତିଆ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି ପୋଲିସ। ଉକ୍ତ ନକଲି କାରଖାନା ଉପରେ ସୋମବାର ଭୋର ସମୟରେ ପୋଲିସ ଚଢାଉ କରି ବିପୁଳ ପରିମାଣର ଜର୍ଦ୍ଦା ଓ ମସଲା ଜବତ କରିଛି। ଏହି ବେଆଇନ କାରବାର ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିଦ୍ୟାଧରପୁର ଗ୍ରାମର ନାରାୟଣ ନାଥ (୪୮), ତାଙ୍କ ପୁଅ ଚନ୍ଦନ ନାଥ (୨୫), ତପନ ବେହେରା (୩୦) ଓ ବୁଲୁ ପାଲ (୪୫)।

ସୂଚନା ଥାଉକି, ଗୋପାଳ ଜର୍ଦ୍ଦା କମ୍ପାନୀର ଜେନେରାଲ ମ୍ୟାନେଜର କୈଳାସ ସିଂହ ଚୌହାନ ଛତିଆ ଅଞ୍ଚଳରେ ବେଆଇନ ନକଲି ଜର୍ଦ୍ଦା ବିକ୍ରି ହେଉଥିବା ନେଇ ଯାଜପୁର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ସୋମବାର ଭୋର ୫ଟାରେ ଡିଏସ୍‌ପି ଚିନ୍ମୟ ନାୟକ ଓ ଡିଏସ୍‌ପି ଦୀପକ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ହଠାତ୍ ବିଦ୍ୟାଧରପୁର ଗ୍ରାମରେ ଚଢାଉ କରିଥିଲେ। ଚଢାଉ ସମୟରେ ୩ବସ୍ତା ନକଲି ଜର୍ଦ୍ଦା ଓ ଏହାକୁ ପ୍ୟାକିଂ କରିବା ପାଇଁ ରହିଥିବା ବିପୁଳ ଡବାଗୁଡ଼ିକୁ ଜବତ କରିଥିଲେ। ଏଥିସହିତ ଜର୍ଦ୍ଦା ତିଆରି ପାଇଁ ବ୍ୟବହୃତ କେମିକାଲ୍ସ ଓ ପାଉଡର ଗୁଣ୍ଡଗୁଡ଼ିକୁ ପୋଲିସ ଜବତ କରିଥିଲା। ଗୋପାଳ ଜର୍ଦ୍ଦା ୬୦ ଓ ତିଲକ୍ସ ଜର୍ଦ୍ଦାକୁ ନକଲ କରି ଏମାନେ ବିକ୍ରି କରୁଥିଲେ। ଏଥିସହିତ ଗୋପାଳ ୬୦ ଜରି ପ୍ୟାକିଂ ପତା, ବ୍ୟବହୃତ ଯନ୍ତ୍ରାଂଶ, କିରୋସିନ ଓ ରଙ୍ଗ ଜବତ କରାଯାଇଛି। ଗୋଟିଏ ଡବା ପ୍ୟାକିଂ ମେଶିନ, ପଲିଥିନ ପ୍ୟାକିଂ ମେଶିନ, ଏହାକୁ ପ୍ରସ୍ତୁତ କରିବାକୁ ରହିଥିବା ପଲିଥିନ ଅଖା ସହ କାଗଜ ପେଟିଗୁଡ଼ିକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ନାରାୟଣ ଓ ଚନ୍ଦନ ବାପପୁଅ। ଚଢାଉ ସମୟରେ ଗୋପାଳ ଜର୍ଦ୍ଦା କମ୍ପାନୀର ଜେନେରାଲ ମ୍ୟାନେଜରଙ୍କ ସହ ଶିବଦାତା କମ୍ପାନୀର ସରଭିଲେନ୍ସ ସୁପରଭାଇଜର ରାଜୀବ ଝା ଉପସ୍ଥିତ ଥିଲେ। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ତେବେ ଏହି ଚଢାଉ ସମୟରେ ନକଲି କାରବାରର ମୁଖ୍ୟଙ୍କ ସହ ଏଥିରେ ସମ୍ପୃକ୍ତ ଆଉ କେତେଜଣ ବ୍ୟକ୍ତି ପୋଲିସକୁ ଚକମା ଦେଇ ଖସି ଯାଇଥିବା ସୂଚନା ମିଳିଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।



ଜବତ ହୋଇଥିବା ନକଲି ଜର୍ଦ୍ଦା ଓ ପ୍ୟାକିଂ ମେଶିନ।

- ବାପା, ପୁଅ ସମେତ ୪ ଗିରଫ
- ବିପୁଳ ପରିମାଣର ଜର୍ଦ୍ଦା, ମସଲା, ବ୍ୟବହୃତ ସାମଗ୍ରୀ, ମେଶିନ ଜବତ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିରିଆ ରାଷ୍ଟ୍ରଦୂତ

# ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ପ୍ରଶଂସନୀୟ: ଆବାସ

ଭୁବନେଶ୍ୱର,୧୩ା୧(ବ୍ୟୁରୋ)

ଭାରତରେ ଥିବା ସିରିଆ ରାଷ୍ଟ୍ରଦୂତ ରିଆଦ ଆବାସ ଏବଂ ତାଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନରେ ଭେଟି ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଏବଂ ସିରିଆର ମିଳିତ ସ୍ୱାର୍ଥ ସମ୍ପର୍କରେ ବିଭିନ୍ନ ବିଷୟ ଆଲୋଚନା କରିଛନ୍ତି। ଏଥିସହିତ ସିରିଆ ରାଷ୍ଟ୍ରଦୂତ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ହେଉଥିବା ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନ। ଓଡ଼ିଶା ଓ ସିରିଆ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମ ଦେଶକୁ ନିମନ୍ତ୍ରଣ କରୁଛୁ। ଶିକ୍ଷାକ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଆବାସ କହିଛନ୍ତି। ଓଡ଼ିଶା ତୃଣମୂଳସ୍ତରରୁ ଅନେକ ପରିବର୍ତ୍ତନ କରିପାରିଛି। ଓଡ଼ିଶା ସରକାରଙ୍କ ଦୁସ୍ଥ ଓ ଅସହାୟଙ୍କୁ ସଶକ୍ତ ଏବଂ ସମର୍ଥନ ଏକ ଦୃଷ୍ଟାନ୍ତ। ଏଥିସହିତ ଆବାସ କିଟ୍ ବିଶ୍ୱବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଭେଟି ଆଲୋଚନା କରିଥିଲେ।

ଇରାନ ଓ ଆମେରିକା ବିବାଦ ଯୋଗୁ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ସମ୍ପର୍କରେ ଆବାସ ଗଣମାଧ୍ୟମକୁ କହିଛନ୍ତି ଯେ, ଏହି ଅଞ୍ଚଳରେ ଆମେରିକାର ନୀତି ଭୁଲ୍ ପ୍ରମାଣିତ ହୋଇଛି। ଆମେରିକାକୁ ତାଙ୍କ ଦେଶ ବିଶ୍ୱାସକୁ ନେଇପାରିବ ନାହିଁ। ଦକ୍ଷିଣ କୋରିଆ, ୟୁକ୍ରେନ୍ ଏବଂ ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଆମେରିକାର ସମସ୍ତ ପ୍ରକଳ୍ପ ଫେଲ୍ ମାରିଛି। ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକା ବନ୍ଦ କରିପାରିବ ନାହିଁ। ସେହି ରାଷ୍ଟ୍ର ମଧ୍ୟପ୍ରାଚ୍ୟ କିମ୍ବା ୟୁକ୍ରେନ୍‌ରେ କୌଣସି ବିକାଶ କରିପାରିନାହିଁ। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ନୀତିକୁ ଆମେରିକା ଅନୁସରଣ କରୁଛି। ଇସ୍ରାଏଲ୍ ସିରିଆର ଜମିକୁ ଅଧିଗ୍ରହଣ କରି ରଖିଛି। ସମସ୍ୟାର ସମାଧାନ ପାଇଁ ଆମେ ଇଚ୍ଛୁକ ଥିଲାବେଳେ ଇସ୍ରାଏଲ୍ ଏ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନେଉନାହିଁ ବୋଲି ଆବାସ କହିଛନ୍ତି।



ସିରିଆ ରାଷ୍ଟ୍ରଦୂତ ରିଆଦ ଆବାସଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା।



# କୋଚିରୁ ଶିକ୍ଷା

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ଏବେ ମାଟିରେ ମିଶାଇ ଦିଆଯାଇଛି। ମାରାଡୁ ମ୍ୟୁନିସିପାଲିଟିରେ ଥିବା ଏହିସବୁ ଉଚ୍ଚ ଅଟ୍ଟାଳିକା କୋଷ୍ଟାଲ ରେଗୁଲେଶନ ଜୋନ୍ ନର୍ମସ ବା ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମକୁ ଉଲ୍ଲଂଘନ କରିଥିବାରୁ ସେଗୁଡ଼ିକୁ ଧୂଳିସାତ୍ କରାଯାଇଛି। କେରଳ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି ଓ ସମ୍ପୃକ୍ତ ଅଧିକାରୀଙ୍କ ତତ୍‌କ୍ଷଣାତ୍ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଜନସାଧାରଣ ଓ ପରିବେଶ ପାଇଁ ଏହା ଉତ୍ତମ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏଠାରେ ମନେପଡ଼େ ୨୦୧୮ରେ କେରଳରେ ଘଟିଥିବା ବନ୍ୟା ବିଭୀଷିକା ଦୃଶ୍ୟ। ପାହାଡ଼ ପାଦଦେଶ, ନଦୀ ତଟବର୍ତ୍ତୀ ଅଞ୍ଚଳ କେନାଲ ଓ ଡ୍ରେନ୍‌ଗୁଡ଼ିକୁ ପୋତାଯାଇ ସେଠାରେ ପର୍ଯ୍ୟଟନର ବିକାଶ କରିବା ଲାଗି ଅଟ୍ଟାଳିକା ନିର୍ମାଣ କରାଯାଇଥିଲା। ଏପରି କି ଘରୋଇ ଆପାର୍ଟମେଣ୍ଟ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଗଢ଼ି ଉଠିଥିଲା। ଫଳରେ ବର୍ଷାଋତୁରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇ ନ ପାରି ଜନବସତିଗୁଡ଼ିକୁ ଜଳମଗ୍ନ କରି ଦେଇଥିଲା। ଏଥିଯୋଗୁ ଶହ ଶହ ଲୋକଙ୍କ ଜୀବନ ଯିବା ସହ ଘରଦ୍ୱାର ଭାଙ୍ଗିରୁଜି ଯାଇଥିଲା। ଅନୁରୂପ ଘଟଣା ୨୦୧୩ରେ ଉତ୍ତରାଖଣ୍ଡରେ ପ୍ରକୃତି ରଚିଥିବା ତାଣ୍ଡବଲୀଳାରୁ ଦେଖିବାକୁ ମିଳିଥିଲା। ଛୋଟଛୋଟ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ଲାଗି ଉପକୂଳ ଅଞ୍ଚଳର ନଦୀ କଡ଼ରେ ଥିବା ଅସଂଖ୍ୟ ଗଛକୁ କାଟି ଦିଆଯାଇଥିଲା। ଏହିଭଳି ଅନେକ ପ୍ରକୃତି ବିରୋଧୀ କାର୍ଯ୍ୟ ଯୋଗୁ ଲୋକେ ଦେଶର ବିଭିନ୍ନ ଭାଗରେ ବିପତ୍ତି ଭୋଗୁଥିଲେ ମଧ୍ୟ ତାହାକୁ ଭଲ ଭାବେ ହୃଦୟଙ୍ଗମ କରିପାରୁନାହାନ୍ତି।

ଓଡ଼ିଶା କଥା ଦେଖିଲେ, ଏଠାରେ ପୁରୀଠାରୁ ଆରମ୍ଭ କରି ଉପକୂଳ ଅଞ୍ଚଳର ବିଭିନ୍ନ ସ୍ଥାନରେ କୋଷ୍ଟାଲ ରେଗୁଲେଶନ ଜୋନ୍ ନର୍ମସକୁ ବାରମ୍ବାର ଉଲ୍ଲଂଘନ କରାଯାଉଛି। ଯେତେ ପ୍ରକାର କଟକଣା କରାଗଲେ ମଧ୍ୟ ସେଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପୁରୀ ବେଳାଭୂମି ଅଞ୍ଚଳକୁ ଦେଖିଲେ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ସମୁଦ୍ର ଆଡ଼କୁ ମାଡ଼ି ଚାଲିଛନ୍ତି। ପୁରୀ ସହରର ନିର୍ମାଣ କ୍ଷେତ୍ରର ଢାଞ୍ଚା ଦିନକୁ ଦିନ ବଦଳିବାରେ ଲାଗିଛି। ପରିବେଶ ନିୟମକୁ ଉଲ୍ଲଂଘନ କରାଯାଉଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ଗୋଟିଏ ପରେ ଗୋଟିଏ ଓଡ଼ିଶାକୁ ମାଡ଼ି ଆସୁଛି। ଗତବର୍ଷ ବାତ୍ୟା ଫନୀ ଉପକୂଳ ବିଶେଷକରି ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ରଚିଥିବା ବିଭୀଷିକାକୁ ଲୋକେ ମର୍ମେ ମର୍ମେ ଅନୁଭବ କରିଛନ୍ତି। କେବଳ ପୁରୀ ନୁହେଁ, ଗଞ୍ଜାମର ଗୋପାଳପୁରଠାରୁ ବାଲେଶ୍ୱର ଯାଏ ଉପକୂଳ ଅଞ୍ଚଳରେ ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମକୁ ଖୋଲାଖୋଲି ବେଖାତିର କରାଯାଉଛି। ସେହିପରି କଟକ ଓ ଭୁବନେଶ୍ୱରରେ ଯିଏ ଯେଉଁଠି ପାରୁଛନ୍ତି ନିର୍ମାଣର ପସରା ମେଲାଇ ଦେଉଛନ୍ତି। ଏପରିକି ଛୋଟ ଛୋଟ କେନାଲକୁ ପୋତି ଦିଆଯାଉଛି। ଡ୍ରେନ୍‌କୁ ସଙ୍କୁଚିତ କରାଯାଇ ତା' କଡ଼ରେ ଘର ନିର୍ମାଣ କରାଯାଉଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ତାହା ସହର ଭିତରକୁ ପ୍ରବେଶ କରୁଛି। କଟକର ଭୌଗୋଳିକ ସ୍ଥିତି ଦେଖିଲେ ସେଠାରେ ସାମାନ୍ୟ ବର୍ଷାରେ ନାଳନର୍ଦ୍ଦମା ପୂରିଉଠିଥାଏ। ହେଲେ କିଛିବର୍ଷ ହେବ ରାଜଧାନୀ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ବାରମ୍ବାର ଜଳମଗ୍ନ ହୋଇଯାଉଛି। ଚାରିଚକିଆ ଛୋଟିଆ ଗାଡ଼ିଗୁଡ଼ିକ ଭାସି ଯାଉଥିବାର ଦୃଶ୍ୟ ଗଣମାଧ୍ୟମରୁ ଦେଖିବାକୁ ମିଳିଛି। ଏପରି କି ସହର ଭିତରେ ନର୍ଦ୍ଦମା ସହିତ ସଂଯୋଗ କରୁଥିବା ଗାତରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟିଛି। ଉଦାହରଣ ଖୋଜିଲେ ଅନେକ ମିଳିବ।

ଆଜି ଓଡ଼ିଶାର ସହରଗୁଡ଼ିକର ଏପରି ଅବସ୍ଥା ହେବା ପଛରେ ରହିଛି ବେଆଇନ ଅଟ୍ଟାଳିକା ନିର୍ମାଣ। ଭୁବନେଶ୍ୱର ଏକ ଯୋଜନାବଦ୍ଧ ସହର ବୋଲି କୁହାଯାଏ। କେବଳ ସେତିକି ନୁହେଁ, ଏହା ସ୍ମାର୍ଟସିଟିର ମଧ୍ୟ ମାନ୍ୟତା ପାଇଛି। ଅନେକ ବିଲ୍‌ଡର ବା ନିର୍ମାଣକାରୀ ସଂସ୍ଥା ନିୟମ ଉଲ୍ଲଂଘନ କରିବା ଅସ୍ୱାଭାବିକ ପରିସ୍ଥିତି ଉପୁଜାଉଛି। ଅବଶ୍ୟ ଏଥିଲାଗି ପ୍ରଥମତଃ ଦାୟୀ ବିଡିଏ, ବିଏମ୍‌ସି, ସିଡିଏ ଭଳି ନଗର ଉନ୍ନୟନ କର୍ତ୍ତୃପକ୍ଷ। ଏମାନଙ୍କ ଅନୁମତିବିନା ନିର୍ମାଣ କାର୍ଯ୍ୟ ଆଗେଇବା ଅସମ୍ଭବ। ସବୁ ବେନିୟମ କାମ ଏହି କର୍ତ୍ତୃପକ୍ଷଙ୍କ ଜାଣତରେ ହୁଏ ବୋଲି ସମସ୍ତେ ଜାଣନ୍ତି। ଭୁଲ୍ ପାଇଁ ସର୍ବକ୍ଷମା ଯୋଜନା ରହୁଛି। ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସରକାରୀ ନିୟମ ସୁହାଇଲା ଭଳି ମନେହେଉଛି। କୋଚିର ମାରାଡୁ ଅଞ୍ଚଳରେ ବେଆଇନ ଆପାର୍ଟମେଣ୍ଟଗୁଡ଼ିକୁ ବିସ୍ଫୋରଣ କରାଯାଇ ଧ୍ୱଂସ କରାଯିବା ଦେଶର ପ୍ରଥମ ଘଟଣା ହୋଇଥିବାରୁ ତାହାକୁ ଦୃଷ୍ଟାନ୍ତ ଭାବେ ନିଆଯିବା ଉଚିତ। ଓଡ଼ିଶାରେ ସରକାରୀ ଅଧିକାରୀଙ୍କ ଉପରେ ନିର୍ମାଣ ଶିଳ୍ପର ବଡ଼ବଡ଼ିଆଙ୍କ ଚାପ ହେଉ ବା ଲାଞ୍ଚ ଯୋଗୁ ବେନିୟମ କାର୍ଯ୍ୟ ଆଇନରେ ପରିଣତ ହୋଇଯାଉଥିବା ବାରମ୍ବାର ଅଭିଯୋଗ ହୋଇଥାଏ।

ଆଜିର ପରିସ୍ଥିତିକୁ ଦେଖିଲେ ଯେଭଳି ଭାବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି, ସେଭଳି ସ୍ଥଳେ ମଣିଷ ବେଆଇନ କାର୍ଯ୍ୟ କରି ପ୍ରକୃତି ବିରୋଧୀ ହୋଇଗଲେ ଏହାର କୁଫଳ ମାନବ ସମାଜକୁ ଭୋଗିବାକୁ ପଡ଼ିବ। ତେଣୁ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ। କିଛି ଲୋକଙ୍କ ବେପରୁଆ ବ୍ୟବହାର ଯୋଗୁ ସମସ୍ତଙ୍କୁ ପ୍ରକୃତିର କ୍ରୋଧ ସହିବାକୁ ପଡୁଛି।

# ଅପରାଧ ଯଦି ପ୍ରତିନିଧିର ଯୋଗ୍ୟତା ହୁଏ



ସହଦେବ ସାହୁ

ବଳାତ୍କାର ଭଳି ଅପରାଧ କାହିଁକି ବଢୁଛି ବୋଲି ପ୍ରଶ୍ନ କଲେ ଆମେ ନିଜେ ଦାୟୀ ହୋଇଯିବା। କାରଣ ଏବଂ ଉଦାହରଣ ଖୋଜିବା ଲାଗି ଓଡ଼ିଶା କଥା କହିଲେ କାହାର ନା କାହାର ଶତ୍ରୁ ହୋଇଯିବା। ତେଣୁ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ଉଦାହରଣ ନେବା। ବିଚାରାଧୀନ ଅପରାଧୀମାନେ ଯଦି ଆମର ପ୍ରତିନିଧି ହେବେ ଏବଂ ସେମାନଙ୍କୁ ରାଜନୈତିକ ଦଳର ସୁପ୍ରିମୋ ବା ହାଇକମାଣ୍ଡ ଦଳ ତରଫରୁ ପ୍ରାର୍ଥୀ କରାଇବେ ଏବଂ ଆମେ ସେମାନଙ୍କୁ ଭୋଟ୍ ଦେବା ତେବେ ଆମେ ଦାୟୀ ନୋହୁଁ କି?

୭ ବର୍ଷ ତଳେ ୨୦୧୨ରେ ରାଞ୍ଚି (ଝାଡ଼ଖଣ୍ଡ)ର ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ୱାର୍ଡେନ୍ ସୁଚିତ୍ରା ମିଶ୍ରଙ୍କୁ ସ୍କୁଲର ଡାଇରେକ୍ଟର ଶଶିଭୂଷଣ ମେହେଟା ହତ୍ୟା କରିଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ଧୁରୁଆସ୍ଥ ଗାନ୍ଧୀ ଆଶ୍ରମ ନିକଟ ରାସ୍ତାରୁ ସୁଚିତ୍ରାଙ୍କ ମୃତଦେହ ମିଳିଥିଲା। ସୁଚିତ୍ରା ମିଶ୍ର ବିଧବା ଥିଲେ ଏବଂ ମେହେଟା ତାଙ୍କ ସହିତ ସମ୍ପର୍କ ରଖିଥିଲେ। ସେହି ସମ୍ପର୍କରୁ ଦୂରେଇ ଯିବା ପାଇଁ ସେ ସୁପାରି ଦେଇ ବିଧବାଟିକୁ ହତ୍ୟା କରାଇଥିଲେ। ମେହେଟା ଗିରଫ ହେଲେ, କିନ୍ତୁ ବିଚାର ଏବେ ବି ସରିନାହିଁ, ମେହେଟା ୭ ବର୍ଷ ହେଲା ଜାମିନରେ ଅଛନ୍ତି।

ଏକ ଜନସ୍ୱାର୍ଥ ମାମଲାରୁ ଜଣାଯାଏ ଆମ ଦେଶର ବିଧାୟକ ଓ ସାଂସଦମାନଙ୍କ ଉପରେ ପ୍ରାୟ ୪୧୨୨ଟି କେସ୍ ଅଛି, ୧୯୯୧ ମସିହାରୁ ବି ଗୋଟିଏ କେସ୍ ଅଛି ଯାହାର ଚାର୍ଜଶିଟ୍ ଏ ଯାଏ ଦାଖଲ ହୋଇନାହିଁ। ପୁଣି ୨୬୪ ମାମଲାରେ ତ ହାଇକୋର୍ଟ ମୁଲତବୀ ଆଦେଶ ଦେଇଛନ୍ତି। ମୁଲତବୀ ମାନେ ମାମଲା ଚାଲିଥିବା ପର୍ଯ୍ୟନ୍ତ ଅଭିଯୁକ୍ତ ବେଶ୍ ଖୁସିରେ ବୁଲିବ। ଅଭିଯୋଗକାରୀ ଉପରେ ଅଭିଯୁକ୍ତ ଦାଉ ସାଧିବାର ସମୟ ପାଇଯିବ, ଯେପରି ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ଘଟିଥିଲା। ୨୦୧୭ ଜୁନ୍ ୪ରେ ୧୭ ବର୍ଷୀୟା ଝିଅଟି ବଳାତ୍କାର ଅଭିଯୋଗ କରିଥିଲା। ସେତେବେଳେ ଅଭିଯୁକ୍ତ କୁଳଦୀପ ସିଂହ ସେଙ୍ଗାର ଭାଜପା ବିଧାୟକ ଥିଲେ। ସେ ମାମଲାଟିକୁ ଚପାଇଦେବା ଲାଗି ଝିଅଟିର ବାପାଙ୍କ ନାଁରେ ମକଦ୍ଦମା କରାଇଦେଲେ, ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଇଥିଲେ। ବଳାତ୍କାର ମାମଲାରେ ପୋଲିସ କିଛି ନ କରିବାରୁ ଝିଅଟି ୨୦୧୮ ଏପ୍ରିଲ ୮ରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଘର ଆଗରେ ଆତ୍ମାହୁତି ଉଦ୍ୟମ କଲା। ତା' ପରେ ପରେ ବିଚାରାଳୟ ହାଜତରେ ଝିଅଟିର ବାପାଙ୍କ ମୃତ୍ୟୁ ଘଟିଲା। ମକଦ୍ଦମା ଚାଲିଥିଲା ବେଳେ ୨୦୧୯ ଜୁଲାଇ ୨୮ରେ ଅଭିଯୋଗକାରିଣୀ ଯାଉଥିବା ଗାଡ଼ିରେ ଏକ ଟ୍ରକ୍ ଧକ୍କା ଲଗାଇ ପୀଡ଼ିତାକୁ ଗୁରୁତର ଆଘାତ ଦିଆଗଲା, ତା'ର ଦୁଇ ସମ୍ପର୍କୀୟ ମଲେ। ସାରା ଦେଶ ଉତ୍ତେଜିତ ହେବା ପରେ ଜୁଲାଇ ୩୧ରେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ମାମଲାଟିକୁ ନଜରକୁ ନେଲେ ଏବଂ ଡିସେମ୍ବର ୧୬ରେ ସେଙ୍ଗାର ଆଜୀବନ କାରାଦଣ୍ଡ ପାଇଲେ। ସାରା ଦେଶ ମାତି ନ ଥିଲେ ବିଧାୟକ ପଦରୁ ସେଙ୍ଗାର ତଡ଼ା ଖାଇ ନ ଥାନ୍ତେ, ଦଣ୍ଡ ପାଇବା ତ ଦୂରର କଥା! ଲୋକଙ୍କର ପ୍ରତିନିଧି ହିସାବରେ ଛାତି ଫୁଲେଇ ଖୁଲମ୍‌ଖୁଲା ବୁଲୁଥାନ୍ତେ। ଏ ହେଉଛି ଆମ ଲୋକପ୍ରତିନିଧିମାନଙ୍କ ଏବଂ ସେମାନଙ୍କୁ ପ୍ରାର୍ଥୀ କରାଉଥିବା ଦଳନେତାଙ୍କ କଳାକାରନାମା!

ନିର୍ବାଚନ ରଣାଙ୍ଗନରେ ଠିଆ ହେଉଥିବା ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୨୬ ଫୌଜଦାରି କେସ୍‌ରେ ଏବଂ ଶତକଡ଼ା ୧୭ ଗୁରୁତର ଫୌଜଦାରି ମାମଲାରେ ଅଭିଯୁକ୍ତ। ଭାଜପାରୁ ଝାଡ଼ଖଣ୍ଡର ଆଉ ଜଣେ ପ୍ରାର୍ଥୀ ଭାନୁପ୍ରତାପ ସାହିଙ୍କ ନାଁରେ ୧୩୦ କୋଟିର ଔଷଧ କେଲେଙ୍କାରୀ ଅଛି। କେବଳ ଭାଜପା ଭଳି ଗୋଟିଏ ଦଳର ଏ କଥା ନୁହେଁ। ଏଡିଆର୍ (ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ) ରିପୋର୍ଟ ଓ ଝାଡ଼ଖଣ୍ଡ ଇଲେକଶନ୍ ୱାଚ୍ ତରଫରୁ ପ୍ରକାଶିତ ଏକ ହିସାବ ଅନୁଯାୟୀ ଡିସେମ୍ବର ୭ରେ ହୋଇଥିବା ୨ୟ ପର୍ଯ୍ୟାୟ ଝାଡ଼ଖଣ୍ଡ ବିଧାନ ସଭା ନିର୍ବାଚନରେ ଲଢ଼ିଥିବା କଂଗ୍ରେସ ପ୍ରାର୍ଥୀମାନଙ୍କ ଭିତରୁ ଶତକଡ଼ା ୬୭ ଫୌଜଦାରି ମାମଲାରେ ଅଭିଯୁକ୍ତ।

ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରଦତ୍ତ ଶପଥପାଠରୁ ଜଣାଯାଏ, କଂଗ୍ରେସ ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୬୭, ଜେଏମ୍‌ଏମ୍ ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୫୦, ଏଜେଏସ୍‌ୟୁ ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୪୨, ଭାଜପା ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୪୦ ଏବଂ ଜେଭିଏମ୍‌ପି ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୪୦ ଭାଗ ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ। ଏମାନଙ୍କ ଭିତରେ କଂଗ୍ରେସ ଅଗ୍ରଣୀ। ନାରୀ ସମ୍ପୃକ୍ତି ଥିବା ଫୌଜଦାରି ମକଦ୍ଦମାରେ ୪ ପ୍ରାର୍ଥୀ ଅଛନ୍ତି। ତା' ଭିତରୁ ଜଣଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଅଛି। ୮ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ଅଭିଯୋଗ ଅଛି। ଆଉ ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଅଛି। ପୁଣି ୩ ଜଣ ପ୍ରାର୍ଥୀ କହିଛନ୍ତି ଯେ, ସେମାନେ ଆଗରୁ ଦଣ୍ଡ ପାଇସାରିଛନ୍ତି ସେମାନଙ୍କ ଅପରାଧ ପାଇଁ।

ଏ ତ ଗଲା ପ୍ରାର୍ଥୀଙ୍କ କଥା। ନିର୍ବାଚିତ ହୋଇଯାଇଥିବା ବ୍ୟକ୍ତିଙ୍କ କଥା ଶୁଣନ୍ତୁ। ୨୦୧୯ ମେ'ରେ ଏଡିଆର୍ ରିପୋର୍ଟ ଅନୁଯାୟୀ ଉପସ୍ଥିତ ଲୋକ ସଭା ସଦସ୍ୟମାନଙ୍କ ଭିତରୁ ପ୍ରାୟ ଅଧାଅଧି ଫୌଜଦାରି ମକଦ୍ଦମାରେ ଲିପ୍ତ। ଶତକଡ଼ା ୨୯ ଭାଗ ବଳାତ୍କାର, ହତ୍ୟା ଓ ହତ୍ୟା ଉଦ୍ୟମ କିମ୍ବା ନାରୀ–ବିରୋଧୀ ଅପରାଧରେ ଜଡ଼ିତ। ଏଭଳି ଅପରାଧ ୨୦୧୪ ତୁଳନାରେ ଶତକଡ଼ା ୨୬ ବଢ଼ିଛି। ୫୩୯ ବିଜୟୀ ପ୍ରାର୍ଥୀଙ୍କ ଅନୁଶୀଳନରୁ ଜଣାଯାଇଛି ୨୩୩ ସାଂସଦ ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ। ଦଳ ଅନୁଯାୟୀ ଭାଜପା ସାଂସଦଙ୍କ ଭିତରେ ୧୧୬ ଦାଗୀ ଅଛନ୍ତି, ତାହା ଦଳର ବିଜୟୀ ସାଂସଦଙ୍କ ସଂଖ୍ୟାର ଶତକଡ଼ା ୩୯ ଭାଗ। ତା' ତଳକୁ କଂଗ୍ରେସ। ତା'ର ୨୯ ସାଂସଦ ଅଭିଯୁକ୍ତ, ଯାହା ଦଳର ବିଜୟୀ ପ୍ରାର୍ଥୀଙ୍କ ଭିତରୁ ଶତକଡ଼ା ୫୭। ସେହିପରି ଜେଡିୟୁର ୧୩ ସାଂସଦ (୮୧%), ଡିଏମ୍‌କେର ୧୦ ସାଂସଦ (୪୩%) ଏବଂ ତୃଣମୂଳ କଂଗ୍ରେସର ୯ ସାଂସଦ (୪୧%) ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ।

ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡ ନିର୍ବାଚନରେ ମାଓବାଦୀ କମାଣ୍ଡର, ନରହତ୍ୟାକାରୀ, ଯୌନଶୋଷଣକାରୀ ତଥା ଅର୍ଥକେଲେଙ୍କାରୀରେ ଜଡ଼ିତ ଥିବା ବ୍ୟକ୍ତିମାନେ ପ୍ରାର୍ଥୀ ଥିଲେ। ସତେଯେପରି ଅପରାଧୀ ଗୋଷ୍ଠୀ ଓ ରାଜନୈତିକ ଦଳମାନଙ୍କ ଭିତରେ ଏକ ଭିତିରି ବୁଝାମଣା ଅଛି। ଏ କଥା ଆଡଭୋକେଟ୍ ରାଜୀବ କୁମାର କହୁଛନ୍ତି– ଝାଡ଼ଖଣ୍ଡ ହେଉଛି ପ୍ରଥମ ପ୍ରଦେଶ ଯେଉଁଠି ରାଜନୈତିକ ଘୋଡ଼ାବେପାର ଘେନି ଏକ ମକଦ୍ଦମା ଚାଲିଛି। ନେତାମାନଙ୍କ ସଫେଇ ବା ଆଳ ଯେ, ଯେ ପର୍ଯ୍ୟନ୍ତ କୋର୍ଟ ସେମାନଙ୍କୁ ଦଣ୍ଡ ନ ଦେଇଛି ସେମାନଙ୍କୁ ଅପରାଧୀ କହିହେବ ନାହିଁ। ଏହା ଏକ ଲୋକଦେଖାଣିଆ ଯୁକ୍ତି। ସମସ୍ତେ ଜାଣନ୍ତି ସାଂସଦ ବା ବିଧାୟକମାନଙ୍କ ନାଁରେ କେସ୍ ଥିଲେ ବର୍ଷ ବର୍ଷ ଧରି ମାମଲା ଗଡୁଥିବ, ଦଶ ବାର ବର୍ଷ ତ ସାମାନ୍ୟ କଥା, ସାକ୍ଷୀ ମଲା ଯାଏ କେସ୍ ବିଚାର ପରିସରକୁ ଆସୁ ନ ଥିବ। ସାକ୍ଷୀକୁ ସୁରକ୍ଷା ଦିଆଯାଉ ନ ଥିବାରୁ ସେ ମରିବା ନିଶ୍ଚିତ ଏବଂ ମରିଗଲେ ସାକ୍ଷ୍ୟ ଅଭାବରୁ କେସ୍ ଅପ୍ରମାଣିତ ହେବା ନିଶ୍ଚିତ। ନ ହେଲେ ଅଭିଯୋଗକାରୀ ମରିଗଲା ଯାଏ ମାମଲା ଚାଲିଥିବ। ତାକୁ ନ୍ୟାୟ ମିଳିବ ନାହିଁ। ତା' ଛଡା ବିଭିନ୍ନ କାରଣ ଦେଖାଇ ନେତାମାନେ ଖସିଯିବାର ବାଟ ବାହାର କରିନିଅନ୍ତି। ଆଇନରେ ଅଛି ଅଭିଯୁକ୍ତ ଯେ ପର୍ଯ୍ୟନ୍ତ ଦୋଷୀ ବୋଲି ପ୍ରମାଣିତ ନ ହୋଇଛି ସେ ନିରୀହ ଧରାଯିବ ଏବଂ ଯଦି ତା' ପାଖରେ ଟଙ୍କା ଅଛି ତା' ନିରୀହପଣିଆ ସେ ବଞ୍ଚିଥିଲା ଯାଏ ରହିଥିବ। ସେ ବଡ଼ ବଡ଼ ଓକିଲ ଲଗାଇ ଏ କୋର୍ଟରୁ ସେ କୋର୍ଟ ଯାଇ ମକଦ୍ଦମାକୁ ସରିବାକୁ ଦେବ ନାହିଁ କିମ୍ବା ମକଦ୍ଦମା କରିଥିବା ଲୋକ ମଲା ପର୍ଯ୍ୟନ୍ତ ମକଦ୍ଦମା ଚଳାଉଥିବ ଏବଂ ମକଦ୍ଦମାକାରୀ ମଲା ପରେ ମକଦ୍ଦମା ଆପେ ଆପେ ଉଭେଇଯିବ, ଅଭିଯୋଗକାରୀ ନ ଥିବାରୁ ସେ ଖଲାସ ହେବା ସହଜ ହୋଇଯିବ।

ଏକ ଜନସ୍ୱାର୍ଥ ମାମଲାରେ ଏ ସବୁ କଥା ଜାଣିଲା ପରେ ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି– ରାଜନେତାମାନଙ୍କ ଉପରେ ଥିବା ମାମଲାଗୁଡ଼ିକର ଶୀଘ୍ର ଶୀଘ୍ର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟମାନ ବସାଯାଉ। ସେଭଳି କୋର୍ଟ ତ ଆମ ପ୍ରତିନିଧିମାନଙ୍କ ସରକାର ବସାଇବେ, ଯେଉଁମାନଙ୍କୁ ଦଳର ସର୍ବୋଚ୍ଚ ନେତା ଏ ଯାଏ ଛତ୍ରଚ୍ଛାୟା ଯୋଗାଇଛନ୍ତି। ଅପରାଧୀଙ୍କୁ ଆମ ପ୍ରତିନିଧି ବୋଲି ବାଛିବାକୁ ଏ ଦଳପତିମାନେ ତ ଆମକୁ ବାଧ୍ୟ କରୁଛନ୍ତି। ଯଦି ଆମେ ଅପରାଧୀଙ୍କୁ ଆମର ପ୍ରତିନିଧି ବାଛିବା ଆମେ ଅପରାଧରେ ସହଯୋଗୀ ବା ଆବେଟର୍ ହେଉନାହାନ୍ତି କି? ଅପରାଧୀଙ୍କୁ ଯଦି ପ୍ରତିନିଧି କରିବା ଆମେ ନିଜେ ଅପରାଧୀ କାହିଁକି ନ ହେବା? ବଳାତ୍କାର କରୁଥିବା ଲୋକ ଯଦି ସହଜରେ ପ୍ରତିନିଧି ହୋଇପାରେ ସେହି ମଣ୍ଡଳୀର ଭୋଟର ଓ ତା' ପିଲା କାହିଁକି ପଛରେ ପଡ଼ିବ?

ଇ–ମେଲ୍: sahadevas@yahoo.com

# ପୋଖରୀ ତୁଠ



ଡା. ବାସୁଦେବ ପ୍ରଧାନ

ଆମ ପିଲାବେଳେ ଗାଁଲୋକେ ସମସ୍ତେ ପୋଖରୀରେ ଗାଧାନ୍ତି। କାଁ ଭାଁ କୂଅ ଥାଏ ଗାଁରେ। କୂଅପାଣି କେବଳ ରୋଷେଇବାସ ଓ ପିଇବା ପାଇଁ ବ୍ୟବହାର ହୁଏ। ଶୌଚ, ସ୍ନାନ ସବୁ ହୁଏ ପୋଖରୀରେ। ଗହ୍ମାପୂନେଇଁ ଦିନ ଗୋରୁ ବି ପୋଖରୀରେ ଗାଧାନ୍ତି। ଧୋବା ଲୁଗାପଟା ତା' ତୁଠରେ ସଫାକରେ। ଧୋବା ତୁଠ ଗାଧୁଆ ତୁଠଠାରୁ ଅଲଗା ଥାଏ। କଇଁ, ପଦ୍ମ ପତ୍ର ଉପରେ ଭାସୁଥାଏ। ପାଣି ଉପରକୁ ମୁଣ୍ଡ ଟେକନ୍ତି ପଦ୍ମ ଓ ଧଳା, ନାଲି, ନେଳି କଇଁ। ପଦ୍ମପତ୍ରରେ ଢଳ ଢଳ ହୁଏ ପାଣି। ଏ ସଂସାର ଭିତରେ ଆମେ ପଦ୍ମପତ୍ରର ପାଣି ଭଳି (ପଦ୍ମପତ୍ରମିବାମ୍ଭସା) ନିର୍ଲିପ୍ତ ରହିବାକୁ ଶାସ୍ତ୍ରରେ ପରାମର୍ଶ ଦିଆଯାଇଛି। ପଦ୍ମଫୁଲ ପୋଖରୀର ଶୋଭା ବଢାଏ। ପଦ୍ମଫୁଲ ଫୁଟୁଥିବାରୁ ତ ତା' ନାଁ ପୁଷ୍କରିଣୀ, ଯାହାର ତଦ୍‌ଭବ ରୂପ ହେଉଛି ପୋଖରୀ। ପଦ୍ମଫୁଲର ଅନେକ ପ୍ରତିଶବ୍ଦରେ ଇନ୍ (ଅସ୍ତ୍ୟର୍ଥେ) ଓ ଈ (ସ୍ତ୍ରୀପ୍ରତ୍ୟୟ) ଲଗେଇଲେ ତାହାର ଅର୍ଥ ହେବ ପୋଖରୀ। ଯେମିତି ପୁଷ୍କରରୁ ପୁଷ୍କରିଣୀ, ନଳିନରୁ ନଳିନୀ, ସରୋଜରୁ ସରୋଜିନୀ, ପଦ୍ମରୁ ପଦ୍ମିନୀ, କମଳରୁ କମଳିନୀ ଇତ୍ୟାଦି।

ମରଦ ମାଇପି ତୁଠ ଅଲଗା ଥାଏ। ଯଦି ପାଖାପାଖି ଥାଏ ମଝିରେ ବାଡ ପଡିଥାଏ। ପିଲାମାନେ ପୋଖରୀର ଏ ପାଖରୁ ସେପାଖ ପହଁରନ୍ତି। ସନ୍ତରଣ ପ୍ରତିଯୋଗିତା ହୁଏ। କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ଦୀପିଦାଣ୍ଡି ପାଖରେ ବନ୍ଧାହୁଏ। କଦଳୀ ଚୋଚରା ଭାସେ। ସେସବୁ ଶଢିଲା ପରେ ମାଛ, ଗେଣ୍ଡା, ଶାମୁକାଙ୍କର ଖାଦ୍ୟ ପାଲଟେ। ଶୀତଦିନେ ପିଲାମାନଙ୍କର ଘଣ୍ଟା ଘଣ୍ଟା ପୋଖରୀ ତୁଠରେ ବିତେ। ପାଣିକି ଡରି ବସିଥାନ୍ତି। ଠେଲାପେଲା ହୁଅନ୍ତି। ଆଉ ଖରାଦିନେ ପିଲାମାନେ ଗଛଡାଳରୁ ପୋଖରୀକୁ ଡିଅଁନ୍ତି। ଗାଁ ପୋଖରୀ ଅସନା ଲାଗେନି। ସେ ତ ଗଙ୍ଗା ପରି ପବିତ୍ର। କଥାରେ ଅଛି ମନ ସଫା ଥିଲେ ଗାଡ଼ିଆ ଗଙ୍ଗା।

ତେବେ ପୋଖରୀ ତୁଠର ଗୋଟିଏ ବିଶେଷତ୍ୱ ହେଉଛି ଏହା ଥିଲା ମାଇପିମାନଙ୍କର ଦୁଃଖସୁଖ ବାଣ୍ଟିବା ସ୍ଥାନ। କହା ପୁଅ କେଉଁଠି ପାଠ ପଢ଼ିଲା, କାହା ଝିଅ ବାହାଘର ପାଇଁ ବରଖୋଜା ଚାଲିଛି, କାହାଘରେ କ'ଣ ରୋଷେଇ ହୋଇଛି, କାହା ଶାଶୁ ବୋହୂକୁ ଦେଖିପାରୁନି, କାହା ମରଦଟା ଅଣପୁରୁଷା, କିଏ କାହାକୁ ଭଲ ପାଉଛି ଇତ୍ୟାଦି ଗପର ପେଡ଼ି ଏମିତି ଲମ୍ବିଚାଲେ ଯେ, ଘରୁ ଡାକରା ଆସିଲେ ଯାଇ ବନ୍ଦ ହୁଏ। ବନ୍ଦ ତ ହୁଏ ନାହିଁ ବରଂ ସ୍ଥଗିତ ରହେ ପରଦିନ ଗାଧୁଆବେଳ ପର୍ଯ୍ୟନ୍ତ। ବେଳେବେଳେ ଏଇ ପୋଖରୀ ତୁଠରେ ହିଁ ଗାଁ କଳି ମେଣ୍ଟେ। ସନ୍ଧ୍ୟାବେଳେ ଥଣ୍ଡା ହାୱା ଖାଇବାକୁ ପୋଖରୀ ତୁଠ ନିକଟରେ ଥିବା ଚଉରାର ଚାନ୍ଦିନୀ ଉପରେ ଆସି ଲୋକେ ବସନ୍ତି। ସେଇଠି ନିଶାପ ହୁଏ ଓ ପରସ୍ପର ଭିତରେ ଥିବା ବିବାଦର ମୀମାଂସା ହୁଏ।

ତୁଠରୁ ଦୂରରେ ଗୋଟିଏ ମୁଣ୍ଡରେ ନଳିତା ବିଡା ବାନ୍ଧି ପକେଇ ଦିଆଯାଏ। ଶଢିଗଲେ ତାକୁ ଖରାରେ ଶୁଖାଇ ଦିଆଯାଏ। ଶୁଖିଗଲେ ଝୋଟ ଓ କାଉଁରିଆ କାଠି ବାହାର କରାଯାଏ। ଝୋଟରେ ଦଉଡ଼ି ଇତ୍ୟାଦି ତିଆରି ହୁଏ ଏବଂ କାଉଁରିଆ କାଠି ବଡ଼ବଡୁଆ ଡକା ବେଳେ ଦରକାର ହୁଏ। ଜାଳ ଭାବେ ମଧ୍ୟ ବ୍ୟବହାର ହୁଏ। ଗାଧୋଇବା ପରେ ଗାଧୁଆତୁଠ ଚଉରାରେ ପାଣି ଦେଲେ କୋଟି ପୁଣ୍ୟ ମିଳେ। ତୁଳସୀମୂଳ ମାଟି ମୁଣ୍ଡରେ ତିଳକ କଲେ ଦେହ, ମନ ଶୁଦ୍ଧ ହୋଇଯାଏ। ପୋଖରୀ କୂଳରେ ଥିବା ବର, ଅଶ୍ୱତ୍ଥ, ଅଁଳା, ସାହାଡା ଗଛ ମୂଳରେ ଦିଅଁ ଦେବତା ଥାଆନ୍ତି। ପୂର୍ଣ୍ଣମା, ସଂକ୍ରାନ୍ତି ଆଦି ପର୍ବଦିବସରେ ଗଛମୂଳରେ ମା'ମାନଙ୍କର ଭିଡ ଜମେ। ପରିବାରର କଲ୍ୟାଣ ପାଇଁ ଚୁଆଚନ୍ଦନ, କଜ୍ଜ୍ୱଳ, ସିନ୍ଦୂର ଲଗାଇ ଧୂପଦୀପ ଦିଅନ୍ତି। ସେହି ପୋଖରୀ ପାଣି ଗାଧୋଇବା, ରୋଷେଇ କରିବା (ଯେଉଁଠି କୂଅପାଣିର ଅଭାବ ବା କୂଅପାଣି ଲୁଣିଆ ଓ ଖର), ଦିଅଁ ଦେବତା ପୂଜା ପ୍ରତ୍ୟେକ କାମରେ ଲାଗେ। ରାତି ପାହିବା ପୂର୍ବରୁ ରାତି ହେବାଯାଏ ସବୁବେଳେ ଗହଳି। ହେଲେ ରାତି ଅଧରେ ସେଇ ତୁଠ ଦେଇ ଗାଁକୁ ଫେରିଲା ବେଳେ ଡର ଲାଗେ। ଭୂତ ପ୍ରେତ ଡର। ବସା ବାନ୍ଧିଥିବା ପକ୍ଷୀଟି ଡେଣା ଝାଡିଦେଲେ ଛାତି ଧଡ଼ପଡ଼ ହୁଏ। ଖରାଦିନେ କମ୍ ପାଣି। ବର୍ଷାଦିନେ ଅଧିକ। ମା'ମାନେ ପିଲାଙ୍କୁ ଡରେଇ ଥା'ନ୍ତି। ଏକୁଟିଆ ପୋଖରୀକୁ ଯିବୁନି। କୁମ୍ଭୀର ନେଇଯିବ।

ଭେଣ୍ଡିଆ ଟୋକାମାନେ ପୋଖରୀରୁ କଇଁଫୁଲ ତୋଳି ଖୁଦୁରୁକୁଣୀ ଓଷା କରୁଥିବା ଝିଅମାନଙ୍କୁ ଦେଉଥିଲେ। ଗାଁ ପୋଖରୀ ଥିଲା ବିସର୍ଜନର ସ୍ଥଳ। ଏଠାରେ ଗଣେଶ, ସରସ୍ୱତୀ, ମଙ୍ଗଳା ମୂର୍ତ୍ତି ବିସର୍ଜନ କରାଯାଏ। ସେଦିନର ପୋଖରୀ ତୁଠ ଓ ସ୍ନାନଶୌଚର ରଙ୍ଗଢଙ୍ଗ ବଦଳି ଗଲାଣି। ଏବେ ଘରେ ଘରେ ପାଇଖାନା। କୂଅ, ନଳକୂଅ ସଂଖ୍ୟା ବଢିଲାଣି। ପାଇପରେ ଗାଁକୁ ପାଣି ଯୋଗାଇ ଦିଆଗଲାଣି। ସେଦିନର ପୋଖରୀର ଆବଶ୍ୟକତାରେ ପରିବର୍ତ୍ତନ ଆସିଚି। ସେଦିନର ପୋଖରୀ ତୁଠରେ ଗପସପ ଦେଖିବାକୁ ମିଳୁନି। ସରକାରଙ୍କ ଦୟାରୁ ଅନେକ ଗାଁ ପୋଖରୀ ଏବେ ସଫାସୁତୁରା। କିନ୍ତୁ ଅଧିକାଂଶ ଅବ୍ୟବହୃତ ପୋଖରୀରେ ବୋଳଝାଞ୍ଜି ଓ କଳିକତି ଦଳ ଭର୍ତ୍ତି ହୋଇ ମଶାମାନଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି। ଆଗରୁ ଗାଁ ପୋଖରୀରେ ପ୍ରାୟତଃ ମାଛଚାଷ ହେଉ ନ ଥିଲା। ତଥାପି ପୋଖରୀରେ ମାଛ ରହୁଥିଲେ। ଖରାଦିନେ ପାଣି କମିଗଲା ପରେ ମାଛ ଧରି ଗାଁ ଲୋକେ ବାଣ୍ଟି ନେଉଥିଲେ। ବଳକା ହେଲେ ବିକ୍ରି କରି ସେ ପଇସା କୋଠରେ ରଖୁଥିଲେ। ଏବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁ ପୋଖରୀରେ ମାଛଚାଷ କରୁଛନ୍ତି। ଲାଭାଂଶକୁ ବାଣ୍ଟି ନେଉଛନ୍ତି। ଗାଁ ବଦଳିଛି। ବଦଳିଛି ପୋଖରୀ, ପୋଖରୀ ତୁଠ। ସବୁଠି ସଭ୍ୟତାର ନୂଆ ରୂପ। ହେଲେ ଯେଉଁ ପୋଖରୀ ତୁଠ ଦିନେ ଥିଲା ସ୍ନେହ, ଶ୍ରଦ୍ଧା, ଭଲପାଇବାର ପବିତ୍ର ସ୍ଥାନ, ତାହା ଆଜି ବଦଳିଯାଇଛି।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା' ଛକ, ଭୁବନେଶ୍ୱର, ମୋ–୯୪୩୭୩୦୫୦୪୫

## ଏଇ ଭାରତରେ

ଖୁବ୍ କମ୍ ବୟସରେ ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ସଚେତନତା ଧର୍ମୀ କାର୍ଯ୍ୟ କରି ସମାଜକୁ ନୂଆ ବାର୍ତ୍ତା ଦେଇଛନ୍ତି ଚେନ୍ନାଇର ଦୁଇ ଭାଇ ଜୟ ଓ ପ୍ରୀତ୍। ଏମାନଙ୍କୁ ଏବେ ବୟସ ଯଥାକ୍ରମେ ୧୭ ଓ ୧୩ । ଚେନ୍ନାଇକୁ ପଲିଥିନମୁକ୍ତ କରିବା ସହ ଅସହାୟ ମହିଳାଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି ଏମାନେ। ତାମିଲନାଡୁ ସରକାର ଗତବର୍ଷ ଜାନୁୟାରୀରୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବନ୍ଦ କରିବା ପୂର୍ବରୁ ଜୟ ଓ ପ୍ରୀତ୍ ପଲିଥିନ ବ୍ୟାଗ୍ ବିରୋଧରେ ଅଭିଯାନ ଆରମ୍ଭ କରିସାରିଥିଲେ। ଦୁଇଭାଇ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ ଦୋକାନୀମାନଙ୍କୁ କପଡ଼ା ବ୍ୟାଗ୍ ଫ୍ରି ଦେବା ଆରମ୍ଭ କରି ବର୍ଷକ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଗ୍ ବାଣ୍ଟି ସାରିଲେଣି। ଚେନ୍ନାଇର ଏକ ବୃଦ୍ଧାଶ୍ରମରେ ଧନ୍ଦାମୂଳକ ଶିକ୍ଷା ଲାଭ କରିଥିବା ମହିଳାମାନଙ୍କୁ ବ୍ୟାଗ୍ ସିଲାଇ କରିବା ପାଇଁ ନିୟୋଜିତ କରିଛନ୍ତି । ବ୍ୟାଗ୍ ପାଇଁ ଏମାନେ ଚେନ୍ନାଇର ବିଭିନ୍ନ ହୋଟେଲରୁ ପୁରୁଣା ବେଡ୍‌ସିଟ୍ ସଂଗ୍ରହ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ଲାଗି ସୋସିଆଲ ମିଡିଆ ବ୍ୟବହାର ନ କରି ସ୍କୁଲ୍ ସାଙ୍ଗ, ପଡୋଶୀ ଓ ହୋଟେଲଗୁଡିକର ସାହାଯ୍ୟ ଲୋଡୁଛନ୍ତି। ବେଡ୍‌ସିଟକୁ ଭଲ ଭାବେ ସଫା କରି ଆଇରନ୍ ଦେଇ ହୋଟେଲଗୁଡିକ ଏମାନଙ୍କୁ ଦେଉଛନ୍ତି। ବ୍ୟାଗ୍ ତିଆରି ଲାଗି ସାଇଜ୍ ଅନୁସାରେ ୩ରୁ ୫ ଟଙ୍କା ଖର୍ଚ୍ଚ ହେଉଛି । ଏଗୁଡିକୁ ଫ୍ରିରେ ଦିଆଯାଉଥିଲେ ବି ଯେଉଁମାନେ ଏ ବାବଦରେ ଟଙ୍କା ଦେଉଛନ୍ତି ତାହାକୁ ସିଲେଇ କରୁଥିବା ମହିଳାମାନଙ୍କୁ ଦିଆଯାଉଛି ବୋଲି କୁହନ୍ତି ଏମାନଙ୍କ ମା' ବର୍ଷା। ଏମାନଙ୍କୁ ଅନୁଦାନ ବାବଦରେ ମିଳିଥିବା ୩.୫ ଲକ୍ଷ ଟଙ୍କା ଦୃଷ୍ଟିହୀନମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ଦାନ କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜାନୁୟାରୀ ୧୯୯୫

- ଝାଡ଼ଖଣ୍ଡ ଅଞ୍ଚଳ ସ୍ୱୟଂଶାସିତ ପରିଷଦ ଆଇନର କାର୍ଯ୍ୟକାରିତା ଉପରେ ନିର୍ବାଚନ କମିଶନଙ୍କ ରହିତାଦେଶ।
- ଇସ୍ରୋ ଗୁପ୍ତଚର ଘଟଣାର ସାନି ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ।

## ଚିରନ୍ତନୀ

ତୋ ବିହୁନେ ଏ ଜଗତ–ପଥ ଅମାକାର,
ମୁହିଁ ସିନା ସୃଷ୍ଟି, ତୁ ଯେ ସ୍ରଷ୍ଟା ତୁ ଯେ କବି!
ମୁଁ ଦେଖାଏଁ ରୂପ ମାତ୍ର ତୋର ପ୍ରେମେ ଦ୍ରବି
କୋମଳ ବୋଲାଏଁ ମୁହିଁ, ତୋହରି ଆକାର
ସ୍ମରି ନିଶିଦିନ ମୁଁ ଯେ ସୁନ୍ଦରୀ ଜଗତେ!

(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | D | E | 1 | | 8 | 5 | 7 | | | | | |
| | 4 | | | | | | | E | | | B | 3 | | |
| | | A | | | | C | | | | | | 0 | | |
| | | | | | 3 | A | | | | | | | 8 | 9 |
| | E | | 9 | B | | | D | | | | 6 | | | C |
| | | D | | | | | A | 1 | | | | | E | |
| 0 | | | | | | | | 7 | B | D | 5 | 9 | | 1 |
| | 9 | | | 2 | 5 | | B | | | 3 | C | | 7 | 8 |
| 4 | 1 | | | | | | | | 2 | | | | D | |
| | | 7 | E | A | | 3 | | 8 | | | 1 | 5 | 4 | |
| | | | | | | | | 0 | 5 | 9 | | | | B |
| 2 | | | | | | | | B | | 4 | | | | |
| | 3 | | | | B | 8 | | | | 0 | | | C | |
| | | | | 7 | 0 | | 5 | | 6 | | 8 | | | |
| | | 5 | | 6 | A | 2 | 4 | D | | | | E | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 6 | C | E | B | 7 | 3 | 8 | 2 | 5 | 4 | 0 | 9 | 1 |
| C | E | 4 | 9 | 7 | 2 | 1 | B | A | 3 | 8 | 0 | 6 | D | 5 |
| 5 | 0 | 1 | D | 3 | A | 4 | E | 9 | 7 | 6 | C | B | 8 | 2 |
| B | 8 | 3 | 0 | 4 | 5 | D | 2 | 6 | 1 | 9 | A | 7 | E | C |
| 7 | 2 | 9 | 6 | 8 | 1 | 0 | C | 5 | E | B | D | 4 | A | 3 |
| 0 | 1 | 8 | 7 | B | C | E | A | 3 | 6 | D | 5 | 2 | 4 | 9 |
| A | 9 | 2 | 8 | D | E | B | 6 | 1 | 4 | C | 7 | 5 | 3 | 0 |
| 4 | 5 | B | 2 | 6 | 9 | C | 0 | D | 8 | A | 3 | 1 | 7 | E |
| 6 | 3 | 7 | 5 | A | 0 | 8 | 4 | 2 | 9 | E | 1 | D | C | B |
| E | D | C | 3 | 1 | 4 | 9 | 5 | 7 | 0 | 2 | B | 8 | 6 | A |
| 8 | B | 0 | E | 9 | 6 | A | 7 | C | D | 1 | 2 | 3 | 5 | 4 |
| 2 | C | 5 | 4 | 0 | 8 | 3 | 1 | E | A | 7 | 6 | 9 | B | D |
| 3 | 6 | E | 1 | C | D | 2 | 9 | B | 5 | 4 | 8 | A | 0 | 7 |
| 1 | 7 | A | B | 5 | 3 | 6 | D | 4 | C | 0 | 9 | E | 2 | 8 |
| 9 | 4 | D | A | 2 | 7 | 5 | 8 | 0 | B | 3 | E | C | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଦର୍ଶ ବିଦ୍ୟାଳୟ

ମହାଶୟ,

ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ। ଅବ୍ୟବସ୍ଥାର ତାଲିକା ତିଆରି କଲେ, ତାହା ଅନେକ ଜାଗା ମାଡ଼ିବସିବ। ଆମେ ଏତେ ଆଡକୁ ନ ଯାଇ ଶିକ୍ଷା ବିଭାଗର ଗୋଟିଏ କୋଣକୁ ହିଁ ଯିବା, ସରକାର ଉପାନ୍ତ ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସାହେବୀ ଢଙ୍ଗରେ ପାଠ ପଢ଼େଇବାକୁ ମନ ବଳାଇ ଚିତ୍ରକୋଣ୍ଡାରେ ଆଦର୍ଶ ବିଦ୍ୟାଳୟ ତିଆରି କଲେ। ସେଠାରେ ନା ଶିକ୍ଷକ ଅଛନ୍ତି ନା ପାଠପଢା ହେଉଛି। ସେ ସ୍କୁଲର ପରିବେଶ ଦେଖିଲେ ଜଣାଯାଏ ତାହା ଆଦର୍ଶ ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ। ସ୍କୁଲ ଚାରିପଟ ଯାକ ଜଙ୍ଗଲ ହୋଇଗଲାଣି। ଛାତ୍ରାବାସ ବା ଛାତ୍ରୀନିବାସରେ ପିଲାଙ୍କୁ ଅଭିଭାବକମାନେ ରଖିବାକୁ ପସନ୍ଦ କରୁନାହାନ୍ତି। ସାପଙ୍କର ଏହା ଆବାସ ସ୍ଥଳୀ ହୋଇଗଲାଣି। ଆଦର୍ଶ ସ୍କୁଲରୁ ମୁହଁ ଫେରାଇନେଇ ଅଭିଭାବକମାନେ ସେମାନଙ୍କର ପିଲାଙ୍କୁ ଅନ୍ୟ ସ୍କୁଲକୁ ନେଇ ଯାଉଛନ୍ତି। ଯଦି ସ୍କୁଲର ସୁବନ୍ଦୋବସ୍ତ କରାଯାଇ ପାରୁନାହିଁ, ତେବେ ଏଭଳି ସ୍କୁଲ ସରକାର କାହିଁକି ତିଆରି କରି ଲକ୍ଷ ଲକ୍ଷ ଟଙ୍କା ବରବାଦ କରୁଛନ୍ତି?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଅଭିଭାବକଙ୍କ ଅନ୍ଧସ୍ନେହ

ଧରିତ୍ରୀର ସମ୍ପାଦକୀୟ ପୃଷ୍ଠାରେ କିଛିଦିନ ତଳେ ପ୍ରକାଶିତ ଡ. ଚିନ୍ତାମଣି ପଣ୍ଡାଙ୍କ 'ଅଭିଭାବକଙ୍କ ଦାୟିତ୍ୱ' ବେଶ୍ ସମୟୋପଯୋଗୀ। ଅନ୍ଧସ୍ନେହ ପିଲାଙ୍କୁ କ୍ଷତି ପହଞ୍ଚାଇଥାଏ। ପିଲାଙ୍କୁ ବାଇକ୍, ସ୍ମାର୍ଟଫୋନ୍ ଓ ହାତଖର୍ଚ୍ଚ ଦେବା ଯୋଗୁ ସେମାନେ ଖରାପ ହେଉଛନ୍ତି। ଜଳଖିଆ ନ ଖାଇ କୁସଙ୍ଗରେ ପଡ଼ି ନିଶା ଖାଉଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଙ୍ଗ୍ କରୁଛନ୍ତି ବଡ଼ବଡ଼ିଆଙ୍କ ଉଦ୍ଧତ ପିଲାମାନେ। ସୁତରାଂ ପିଲାଙ୍କୁ ଯଥାସମ୍ଭବ ପ୍ରୋତ୍ସାହନ ପ୍ରଦାନ ବଦଳରେ କଟକଣା ମଧ୍ୟରେ ରଖାଯିବା ଉଚିତ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଜପାର ବନ୍ଧୁମିଳନ, ରକ୍ତଦାନ ଶିବିର

**ରେମୁଣା,୧୩।୧(ଡି.ଏନ.ଏ.):** ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ୫୦ତମ ଜନ୍ମ ଦିବସ ଉପଲକ୍ଷେ ରେମୁଣା ଭାଜପା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଏବଂ ରକ୍ତଦାନ ଶିବିର ବାଲିଆସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ ଦାସ ରେମୁଣାସ୍ଥିତ କମ୍ପୁନାରାୟଣ ସଂସ୍କୃତ ବିଦ୍ୟାଳୟର ଛାତ୍ରଙ୍କୁ କମ୍ବଳ ବଣ୍ଟନ କରାଯିବା ସହ ସାରଗାଁସ୍ଥିତ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ପରେ ଆୟୋଜିତ ରକ୍ତଦାନ ଶିବିରକୁ ସଦର ବିଧାୟକ ମଦନମୋହନ ଦତ୍ତ ଏବଂ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, କୃଷକନେତା ବିପିନ ବିହାରୀ ଦାସ, ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ଗିରି, ସତ୍ୟଜିତ ମିଶ୍ର, ସିପ୍ରା ବାଜପେୟୀ, ପର୍ଶୁରାମ ବେହେରାଙ୍କ ସମେତ ଜିଲାପରିଷଦ ସଭ୍ୟ କ୍ୟାପଟେନ ଭାସ୍କର ଚନ୍ଦ୍ର ମଲିକ, ବିପିନ ମାରାଣ୍ଡି, ସୀତାରାମ ପ୍ରଧାନ, ସରିତା ଗିରି, ପର୍ଶୁରାମ ପରିଡ଼ା, ବହୁ ସରପଞ୍ଚ ଏବଂ ଦଳୀୟ କର୍ମୀ ଶୁଭକାମନା ଜଣାଇଦେଇଥିଲେ। ଶିବିରରୁ ୯୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବଘାଯତୀନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହାଙ୍କ ସମେତ ସୁକୁମାର ଦାସ, ତ୍ରିଲୋଚନ ପ୍ରଧାନ, କାହ୍ନୁଚରଣ ବେହେରା, କଲ୍ୟାଣକୁମାର ସାମଲ, ଗୀତାରାଣୀ ସାମଲ, ଗୌତମ ଦାସ, କମଳାକାନ୍ତ ଦାସ, ପିଣ୍ଟୁ ପଣ୍ଡା, ବିଶ୍ୱଜିତ ଘୋଷ, ବିଜୟ କୁମାର ପଲେଇ, ପ୍ରଭାକର ନାୟକ, ସଞ୍ଜୟ ପ୍ରଧାନ, ପ୍ରଦୀପ ଦାସ ଓ ଜୟକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ମା’ ବାମକାଳୀ କ୍ରିକେଟ: ଶାଳପଡ଼ା ଚାମ୍ପିୟନ

**ଖଇରା, ୧୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ କାକୁଡିଆ ପଡିଆରେ ଚାଲିଥିବା ମା’ ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ତୁଡିଗଡିଆ ଓ ଶାଳପଡା ମଧ୍ୟରେ ଆୟୋଜିତ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶାଳପଡା ନିର୍ଦ୍ଧାରିତ ୨୦ଓଭରରେ ୧୫୯ରନ ସଂଗ୍ରହ କରିଥିଲା। ଜବାବରେ ତୁଡିଗଡିଆ ଏକାଦଶ ସମସ୍ତ ଉଇକେଟ ହରାଇ ମାତ୍ର ୧୨୯ରନ କରିବାକୁ ସମର୍ଥ ହୋଇଥିଲା। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ଅନାଦି ଧର, ସମିତିସଭ୍ୟ ଅକ୍ଷୟ ଜେନା ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଜନ୍ମେଜୟ ନାୟକ, ତୃପ୍ତିକାନ୍ତ ନାୟକ, ଶିଶିର ନାୟକ ଖେଳ ପରିଚାଳନା କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**ଖଇରା, ୧୩।୧(ଡି.ଏନ.ଏ.):** ଅଖିଳ ବିଦ୍ୟାର୍ଥୀ ପରିଷଦ ଖଇରା ଶାଖା ଆନୁକୂଲ୍ୟରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସକ୍ରୀୟ କାର୍ଯ୍ୟକର୍ତ୍ତା ସୌଭାଗ୍ୟ ମହାନ୍ତି ବକ୍ତା ଭାବେ ଯୋଗଦେଇ ଛାତ୍ରମାନଙ୍କ ମଧ୍ୟରେ ଶିକ୍ଷା ସହିତ ସମାଜ ପାଇଁ କିଛି କିଛି କାମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆନନ୍ଦ କୁମାର ଯୋଗ ଦେଇଦେଇଥିଲେ। ଜ୍ୟୋତିର୍ମୟ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ‘ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଉ’

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ବାଲେଶ୍ୱର ଅଫିସ,୧୩।୧**



ଭାରତୀୟ କ୍ଷେତମଜଦୁର ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଶ୍ରୀକୋଣା, ହିଡ଼ିଗାଁ ପଞ୍ଚାୟତ ଅଞ୍ଚଳର ଭୂମିହୀନ ଆଦିବାସୀ ଓ ଦଳିତମାନେ ଦୀର୍ଘଦିନ ଧରି ରହିଆସୁଥିବାରୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଜମି ଯୋଗାଇଦେବା ପ୍ରତିବାଦରେ ସୋମବାର ଭାରତୀୟ କ୍ଷେତ ମଜଦୁର ୟୁନିଅନ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସଦର ତହସିଲ ଅଞ୍ଚଳର ବିଶେଷ କରି ଉପକୂଳବର୍ତ୍ତୀ ପଞ୍ଚାୟତ ସମେତ ସହର ଚତୁଃପାର୍ଶ୍ୱ ଗ୍ରାମରେ ଶହ ଶହ ବର୍ଷ ଧରି ରହିଆସୁଥିବା ଭୂମିହୀନ, ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ଗରିବ ଲୋକେ ଘରଡ଼ିହ ଓ ଚାଷ ପାଇଁ ଜମିପଟ୍ଟା ଓ ବାସଗୃହ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୦୯ରୁ ୨୦୧୩ ମଧ୍ୟରେ ସଦର ତହସିଲରେ ଅନ୍ୟୁନ ୫ହଜାର ଭୂମିହୀନ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ। ତତ୍କାଳୀନ ତହସିଲଦାର ଏହି ଆବେଦନପତ୍ର ଗ୍ରହଣ କରି ରସିଦ ସବୁ ଦେଇଥିଲେ। ଏହାପରେ ସରଜମିନ ତଦନ୍ତ ମଧ୍ୟ କରିଥିଲେ। ତାଙ୍କ ବଦଳି ପରେ ଭୂମିହୀନଙ୍କୁ ଚିହ୍ନଟ ଓ ପଟ୍ଟା ପ୍ରଦାନ ଅଟକିଗଲା। ଏବେ ଏହି ଭୂମିହୀନମାନେ ରହୁଥିବା ସରକାରୀ ଅଥବା ଜମିଦାର ଜମିରୁ ଚାନ୍ଦିପୁର, ଶ୍ରୀକୋଣା, ହିଡ଼ିଗାଁ ଆଦି ପଞ୍ଚାୟତରୁ ଚାନ୍ଦିପୁର ଆରଆଇଙ୍କ ସହାୟତାରେ ଉଚ୍ଛେଦ କରିଦିଆଯାଇଛି। ଏପରିକି ଚାନ୍ଦିପୁର ଫକୀରମୋହନ ବିଦ୍ୟାଳୟ ନିକଟରେ ଆଦିବାସୀମାନେ ଗତ ୨୦ବର୍ଷ ଧରି ଯେଉଁଠି ୨୦ରୁ ୨୫ ଟ୍ରକ୍ ବାଲି ପୋତି ପଡ଼ିଆ କରି ସଭା ସମିତି ବୈଠକ ଆଦି କରୁଥିଲେ, ସେ ଜମିକୁ ପଞ୍ଚାୟତର ପ୍ରଭାବଶାଳୀ ଲୋକେ ଡୋଜର ଲଗାଇ ଭାଙ୍ଗି ଗାଡ଼ି ଷ୍ଟାଣ୍ଡ ନାମରେ ଜବରଦଖଲ ଉଦ୍ୟମ କରୁଛନ୍ତି। ଏହି ପରିସ୍ଥିତିରେ ଭୂମିହୀନମାନେ ସିପିଆଇ ନେତା ଜୟନ୍ତ ଦାସ, ଭାରତୀୟ କ୍ଷେତ ମଜଦୁର ୟୁନିଅନ୍‌ର ବାଲେଶ୍ୱର ସଦର ବ୍ଲକ ସଭାପତି ଯତୀନ ପାତ୍ର, ସମ୍ପାଦିକା ସୁହାଗୀ ମାଝି, ଜିଲା ସମ୍ପାଦକ ତପନ କୁମାର ସିଟ, ରାମଚନ୍ଦ୍ର ମାଝି, ଉମାକାନ୍ତ ବାହାଦୁର ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ୫ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତି ହେତୁ ରାଜସ୍ୱ ଅଧିକାରୀଙ୍କଠାରେ ଦାବିପତ୍ର ଦାଖଲ କରିଥିଲେ। ଯଦି ୧୫ଦିନ ମଧ୍ୟରେ ଏ ସମସ୍ୟା ସମାଧାନ ନ ହୁଏ ତା’ହେଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟି !**
**ଘଡ଼ିକ ଧାନକୁ ଓଳିଏ କୁଟିଲା**
**ପାହାରେ ପାହାରେ କୁଟି ।**

ସାଧାରଣତଃ ଶାରୀରିକ ସ୍ତରରେ ଅକ୍ଷମ ବ୍ୟକ୍ତି କୌଣସି ଏକ କାର୍ଯ୍ୟ କଲାବେଳେ ନିଜକୁ ଅସହାୟ ମନେକରିଥାନ୍ତି। ଅକ୍ଷମତା ହେତୁ ତାଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟରେ ବହୁ ବିଳମ୍ବ ଘଟିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଅକ୍ଷମ ବ୍ୟକ୍ତିର ଶକ୍ତି ସାମର୍ଥ୍ୟ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛଣଘର କଲି କଣା;**
**ଛାତି କୁରାଢ଼ି ହଣା,**
**ବୁଦ୍ଧି କରିଦେଲା ବଣା ।**

କିଏ କେତେବେଳେ ଆସୁଛି ଦେଖିବାକୁ ଚାଳରେ ଗୋଟିଏ କଣା କରି ଦେଖୁଛି। ସବୁବେଳେ ଡର ଡର,କାଳେ କିଏ ଘରକୁ ପଶି ଆସିବ କି, ଛାତି ଦକ ଦକ ; ପଡୁଛି ଉଠୁଛି। ସଭିଙ୍କ ତା’ରି ଉପରେ ନଜର, ସେମାନଙ୍କ ଦାଉରୁ କିମିତି ରକ୍ଷାପାଇବ ସେ ନେଇ ବିଚରା ନବ ଯୌବନୀଟି ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ପରିବେଶ ଆବଶ୍ୟକ

**ଖଇରା, ୧୩।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାରର ଅଷ୍ଟାଦଶ ପ୍ରତିଭା ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ରବିବାର ସନ୍ଧ୍ୟାରେ ଖଇରା ଦୁର୍ଗାମଣ୍ଡପଠାରେ ଶେଷ ହୋଇଛି। ସକାଳର ନୃତ୍ୟ ପ୍ରତିଯୋଗିତାକୁ ଡ. ଅଜୟ ନାୟକ ଉଦ୍‌ଘାଟନ କରିଥିଲେ। ଅନନ୍ତ କିଶୋର ଉପାଧ୍ୟାୟ, ଅକ୍ଷୟ କୁମାର ବାରିକ, ଡା. ପ୍ରଭାକର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ଚିନ୍ତାମଣି ସାହାଣି ପୌରୋହିତ୍ୟ କରିଥିଲେ। ଆୟକର ବିଭାଗର ଡେପୁଟି କମିଶନର ଆଶିଷ କୁମାର ପଣ୍ଡା, ଟିସିଏସ୍ କମ୍ପାନୀର ପ୍ରାକ୍ତନ ଯନ୍ତ୍ରୀ ଶୋଭନା ଦେବତା ପଣ୍ଡା, ଆପୋଲୋ ହସ୍‌ପିଟାଲର ଭେଷଜ ବିଶେଷଜ୍ଞ ଡା. ତାପସ କୁମାର ଦାସ, ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥୀ, ଉପଦେଷ୍ଟା ହରେକୃଷ୍ଣ ରାଉତ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଭାର ବିକାଶ ପାଇଁ ଉପଯୁକ୍ତ ପରିବେଶ ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିରଞ୍ଚି ନାରାୟଣ ପଣ୍ଡା ବେଦପାଠ,

**ସରିଲା ପ୍ରତିଭା ମହୋତ୍ସବ**

ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ରଘୁନାଥ ପତ୍ରି ସ୍ୱାଗତ ଭାଷଣ ଓ ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରାହୁଲ ଗୁପ୍ତା, ରାଜେନ୍ଦ୍ର କୁମାର ଜେନା, ଅବିନାଶ ଚୌଧୁରୀ, ହିମାଂଶୁ ବାରିକଙ୍କୁ ଲକ୍ଷ୍ମଣ ପାଣିଗ୍ରାହୀ ସ୍ମୃତି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ନୃତ୍ୟ ପ୍ରତିଯୋଗିତାର ଜୁନିୟର, ସିନିୟର ବର୍ଗରେ କୃତିତ୍ୱ ଅର୍ଜନକାରୀ ପ୍ରତିଭାମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ବହୁ ପ୍ରତିଭାର ଅଧିକାରୀ ବିପିନ ବିହାରୀ ବିଶ୍ୱାଳ, ଲୋପାମୁଦ୍ରା ନାୟକ, ଶାନ୍ତିଲତା ମିଶ୍ର, ରାଧାଶ୍ୟାମ ପଣ୍ଡା, ପୁଷ୍ପଲତା ନାୟକ, ମୌସୁମୀ ବେହେରା, ଶାନ୍ତନୁ କୁମାର ଶିଅଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂସ୍କୃତି ବିଭାଗ ପ୍ରଦତ୍ତ ମୋଗଲ ତାମସା ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରତିଭା ପରିବାର ସଦସ୍ୟା ରୀତାରାଣୀ ଦାସ, ଚିନ୍ମୟୀ ମହାପାତ୍ର, ସୁଜାତା ମିଶ୍ର, ସଭ୍ୟ ଗଣେଶ ବିଶ୍ୱାଳ, ସୌଭାଗ୍ୟ ସାହୁ, ବିମନ କୁମାର ବାରିକ, ସଞ୍ଜୟ ଭଞ୍ଜରାୟ, ବସନ୍ତ କୁମାର ଦାସ, ବିମଳେନ୍ଦୁ ଜେନା, ଶଶିକାନ୍ତ ଦାସ ଓ ସଙ୍କୀର୍ତ୍ତନ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ

**ବାଲିଆପାଳ,୧୩।୧(ଡି.ଏନ.ଏ.)**

ବାଲିଆପାଳ ଲାୟନ୍ସ କ୍ଲବ ତରଫରୁ ବାଲିଆପାଳ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଗରିବ ୫୦ଜଣ ବ୍ୟକ୍ତିଙ୍କୁ ସୋମବାର କମ୍ବଳ ବିତରଣ କରାଯାଇଛି। ଲାୟନ୍ସ କ୍ଲବ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସମ୍ପାଦକ ତରୁଣ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅନନ୍ତ କୁମାର ଜେନା, ପୂର୍ବତନ ସଭାପତି ଝାଡେଶ୍ୱର ପ୍ରଧାନ, ସଞ୍ଜୟ କୁମାର ଜେନା, ଭୁବନ ମୋହନ ପିଲା ତଥା ସଦସ୍ୟ, ଅଜୟ କୁମାର ସାହୁ, ଅନାଦି ଚରଣ ଗିରି, ବିନୋଦ କୁମାର ଭଦ୍ର, ନରେଶ କୁମାର ସାହୁ, ବିନୋଦ କୁମାର ଜେନା,ପୀତବାସ ଗିରି, ପ୍ରଶାନ୍ତ ସାହୁ, ହରେନ୍ଦ୍ର କୁମାର ଗିରି, ବିକ୍ରମାଦିତ୍ୟ ଦାସ, ନବୀନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି କମ୍ବଳ ବିତରଣ କରିଥିଲେ। ସଦସ୍ୟ ନରେଶ କୁମାର ସାହୁ, ବିନୋଦ କୁମାର ଭଦ୍ର ଅନାଦି ଚରଣ ଗିରି କମ୍ବଳ ବଣ୍ଟନରେ ଆର୍ଥିକ ସହାୟତା ଦେଇଥିବା ବେଳେ ସଦସ୍ୟ ବିକ୍ରମାଦିତ୍ୟ ଦାସ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ।


ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

## ଅନ୍ତେବାସୀଙ୍କ ନୃତ୍ୟରେ କମ୍ପିଲା କଲେଜ କ୍ୟାମ୍ପସ

**ଖଇରା, ୧୩।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ମହାବିଦ୍ୟାଳୟ ପରିସରରେ ଥିବା ଭଗିନୀ ନିବେଦିତା ଛାତ୍ରୀନିବାସର ସାମ୍ବତ୍ସରିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅନ୍ତେବାସୀଙ୍କ ନୃତ୍ୟର ଝଙ୍କାରରେ କଲେଜ କ୍ୟାମ୍ପସ ମୁଖରିତ ହୋଇପଡ଼ିଛି। ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥୀ, ବସନ୍ତ କୁମାର ଖିଲାର, ଜିତେନ୍ଦ୍ର ଦାସମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନେ ଶୃଙ୍ଖଳିତ ଓ ସଂସ୍କାରି ହେଲେ ଜୀବନର ଚଲାପଥ କୁସୁମିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଛାତ୍ରୀନିବାସ ଅଧୀକ୍ଷକ ହରପ୍ରିୟା ମହାନ୍ତି, ଅତିରିକ୍ତ ଅଧୀକ୍ଷକ ଉଷାକିନୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ଲୁକ୍କାୟିତ ପ୍ରତିଭା ଦେଖାଇଥିଲେ। ମୁଖ୍ୟ କିରାଣି ବିଭୂତି ଭୂଷଣ ନାୟକ, ବିମନ କୁମାର ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଗୋପପ୍ରାଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

## ‘ଶିକ୍ଷାର ପ୍ରଗତିରେ ସମାଜର ପ୍ରଗତି’

**ସିମୁଳିଆ,୧୩।୧(ଡି.ଏନ.ଏ.):** କ୍ଷୀରକୋଣା ଗୋପପ୍ରାଣ ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ, ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାର ପ୍ରଗତିରେ ସମାଜର ପ୍ରଗତି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଅବସର ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ ପ୍ରତ୍ୟେକଙ୍କ ମଧ୍ୟରେ ଦେଶପ୍ରେମ ରହିଲେ ଦେଶ ସମୃଦ୍ଧି ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ସମିତିସଭ୍ୟ ଅନନ୍ତ ପ୍ରସାଦ ପାଢ଼ୀ, ରଘୁନାଥ ରାଉତ ଥିଲେ। ଏହି ଅବସରରେ କ୍ରୀଡା ଚାମ୍ପିୟନ ରୂପେ ଲକ୍ଷ୍ମୀପ୍ରିୟା ବେହେରା ଓ ନରେଶ କୁମାର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଯୁକ୍ତ ଦୁଇ କଳା ଓ ବିଜ୍ଞାନ ବିଭାଗରେ ସମଗ୍ର ବ୍ଲକରେ ଟପ୍ପର ସ୍ୱୟଂସିପ୍ରା ଭୋଇ ଓ ଅଭିଲିପ୍ସା ରଣାଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଓ ଶିକ୍ଷାରେ ମୋଟ ୮୧ଜଣ କୃତୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ପ୍ରଫୁଲ୍ଲ କୁମାର ନାୟକ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ପଦ୍ମଲୋଚନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମାନସ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ମୁଖ୍ୟବକ୍ତା ପ୍ରାଧ୍ୟାପକ କୀର୍ତ୍ତନ ବିହାରୀ ଦାଶ ବକ୍ତବ୍ୟ ଦେଉଛନ୍ତି।

## ଧାନମଣ୍ଡି ନିକଟରେ ଭାଙ୍ଗି ପଡ଼ିଲା ଗଛ: ଚାଷୀ ଗୁରୁତର

**ଔପଦା, ୧୩।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ସେବା ସମବାୟ ସମିତି ପକ୍ଷରୁ କିଣାଯାଉଥିବା ଧାନମଣ୍ଡି ନିକଟରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏକ ବିରାଟ ଶୁଖିଲା ତେନ୍ତୁଳି ଗଛ ହଠାତ୍ ଭାଙ୍ଗି ପଡ଼ିଥିଲା। ସେଠାରେ ଥିବା ବଡପୋଖରୀ ଗ୍ରାମର ଚାଷୀ ସନ୍ତୋଷ କୁମାର ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ବହୁ ଚାଷୀ ଅଳ୍ପକେ ରକ୍ଷାପାଇଯାଇଛନ୍ତି। ଏହି ବିପଦପୂର୍ଣ୍ଣ ଶୁଖିଲା ତେନ୍ତୁଳି ଗଛକୁ ହଟାଯିବା ପାଇଁ ଗ୍ରାମବାସୀ ଓ ସମିତି ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି।

ଚାଷୀ ସନ୍ତୋଷ କୁମାରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଚିକିତ୍ସା ପାଇଁ ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବଡପୋଖରୀ ପଞ୍ଚାୟତର ସମିତିସଭ୍ୟ ଅରୁଣ କୁମାର ବେହେରା ସମିତି ନିକଟରେ ଥିବା ଏହି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗଛକୁ ହଟାଇବା ପାଇଁ ପ୍ରଶାସନଠାରେ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ସମିତିର ସମ୍ପାଦକ ବଟକୃଷ୍ଣ ଦାସ ଏହି ଗଛକୁ ହଟାଯିବା ପାଇଁ ଗ୍ରାମବାସୀ ଓ ସମିତି ପକ୍ଷରୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସ୍ଥାନୀୟ ତହସିଲଦାର ପିତାମ୍ବର ଭୋଇ ଏହାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ସଚେତନତା ରାଲି

**ଜଳେଶ୍ୱର, ୧୩।୧(ସ୍ୱ.ପ୍ର.)**


ଜଳେଶ୍ୱରରୁ ବାହାରିଥିବା ସ୍ୱଚ୍ଛ ଭାରତ ସଚେତନତା ବାଇକ୍ ରାଲି।

ବିବେକାନନ୍ଦଙ୍କ ଜନ୍ମତିଥି ଅବସରରେ ଜଳେଶ୍ୱର ଭୋଗରାଇର ଅବସରପ୍ରାପ୍ତ ସାମରିକ କର୍ମଚାରୀମାନେ ସ୍ୱଚ୍ଛ ପରିବେଶ ସୃଷ୍ଟି ଲାଗି ଏକ ସଚେତନତା ବାଇକ ରାଲି ଜଳେଶ୍ୱରରୁ ବାହାରି ସମୁଦ୍ରକୂଳ ତାଳସାରୀ ପର୍ଯ୍ୟନ୍ତ ଦୀର୍ଘ ୪୨ କି.ମି. ଯାଇଥିଲା। ଜଳେଶ୍ୱରର ହୋଣ୍ଡା ଶୋ’ ରୁମ୍ ଠାରୁ ଏହି ଯାତ୍ରାରେ ପ୍ରାୟ ୫୦ଜଣ ଜଳେଶ୍ୱରର ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀମାନେ ଭାଗ ନେଇଛନ୍ତି। ସୁଗୋ, ନାମ୍ପୋ, କମର୍ଦ୍ଦା, ଥାନାଛକ, ଚନ୍ଦନେଶ୍ୱର ଓ ତାଳସାରି ସମୁଦ୍ର ବେଳାଭୂମିରେ ପରିବେଶ ସ୍ୱଚ୍ଛ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ଏଥିଲାଗି ସଚେତନତା ସୃଷ୍ଟି କରାଯିବ ବୋଲି ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅଶୋକ କୁମାର ଜେନା, ଦେବବ୍ରତ ପ୍ରଧାନ ସୂଚନା ଦେଇଛନ୍ତି। ଏହି ବାଇକ୍ ଶୋଭାଯାତ୍ରାକୁ ଜଳେଶ୍ୱରରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ପତାକା ହଲାଇ ଉଦ୍‌ଘାଟନ କରିଥିବା ବେଳେ ସାମରିକ କର୍ମଚାରୀମାନେ କେବଳ ସୀମା ଜଗିବା କର୍ତ୍ତବ୍ୟ ନୁହେଁ ବରଂ ସାମାଜିକ କାର୍ଯ୍ୟ ଯଥା ଦେଶ ବିକାଶ, ସ୍ୱଚ୍ଛତା ଅଭିଯାନ, ପରିବେଶ ସନ୍ତୁଳନକୁ ସଜାଡିବା ଆଦି କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି ବୋଲି କହିଥିଲେ।

## ମହାରାଜପୁର ନୋଡାଲ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ବାହାନଗା/ରେମୁଣା, ୧୩।୧(ଡି.ଏନ.ଏ.)**

ରେମୁଣା ବ୍ଲକ ମହାରାଜପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ସ୍ଫୁର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ସହରାଞ୍ଚଳ ବିକାଶ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଶିକ୍ଷାର ବିକାଶ ବିନା ସମାଜର ବିକାଶ ହୋଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୋଭାଯାତ୍ରା କରାଯିବା ସହ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅପରାହ୍ନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ରବୀନ୍ଦ୍ର ନାଥ ମହାପାତ୍ର। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ଶ୍ୟାମସୁନ୍ଦର ଜେନା। ସମ୍ମାନିତ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଭାବେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ପଞ୍ଚାୟତ ସମିତିସଭ୍ୟ ଜଳଧର ଜେନା, ସରପଞ୍ଚ ସୁହାସିନୀ ଲେଙ୍କା, ପୂର୍ବତନ ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ୍ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ରବୀନ୍ଦ୍ର ଜେନା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ବହୁ ଉପାଦେୟ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମୁଖପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ରାତିରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ନାଟକ ‘ବାଉଁଶରାଣୀ’ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପୁରାତନ ୧୧ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


ଅତିଥିମାନେ ସୁବର୍ଣ୍ଣଜୟନ୍ତୀ ମୁଖପତ୍ର ଉନ୍ମୋଚନ କରୁଛନ୍ତି।



ମୁଁ କାହା ହାତ ଧରିବି ତାହା ସମସ୍ତେ ଜାଣନ୍ତି। ଶୀଘ୍ର ବିବାହ ଲାଗି ଘରଲୋକଙ୍କ ଚାପ ପଡୁଥିଲେ ହେଁ ମୋ ନିଷ୍ପତ୍ତି ମୁଁ ନିଜେ ନେବି।
- ଅର୍ଜୁନ କପୁର, ବଲିଉଡ୍ ଅଭିନେତା





# କାଶୀ ବିଶ୍ୱନାଥରେ ସ୍ପର୍ଶ ଦର୍ଶନ ଲାଗି ଡ୍ରେସ୍ କୋଡ୍

**ବାରାଣାସୀ:** ଉତ୍ତର ପ୍ରଦେଶର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ କାଶୀ ବିଶ୍ୱନାଥଙ୍କ ସ୍ପର୍ଶ ଦର୍ଶନ ଲାଗି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଯାଉଛି ମନ୍ଦିର ପ୍ରଶାସନ। ନୂଆ ନିୟମ ଅନୁଯାୟୀ ଧୋତି, କୁର୍ତ୍ତା ଏବଂ ଶାଢି ପିନ୍ଧିଥିବା ଶ୍ରଦ୍ଧାଳୁମାନେ କାଶୀ ବିଶ୍ୱନାଥଙ୍କ ପାଦ ସ୍ପର୍ଶ କରିପାରିବେ। ବିଦ୍ୱତ୍ ପରିଷଦଠାରୁ ପରାମର୍ଶ ନେବା ପରେ ଉତ୍ତର ପ୍ରଦେଶ ସରକାର ଧାର୍ମିକ ବ୍ୟାପାର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ନୀଳକଣ୍ଠ ତିୱାରୀ ମନ୍ଦିର ପ୍ରଶାସନକୁ ସ୍ପର୍ଶ ଦର୍ଶନର ସମୟ ବୃଦ୍ଧି କରିବାକୁ କହିଛନ୍ତି।

ରବିବାର ବିଳମ୍ବିତ ସନ୍ଧ୍ୟାରେ ଉତ୍ତର ପ୍ରଦେଶର ଧାର୍ମିକ ବିଦ୍ୱାନଙ୍କ ସହ ମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ଏ ବାବଦରେ ଏକ ଉଚ୍ଚ ସ୍ତରୀୟ ବୈଠକ ହୋଇଥିଲା। ଏଥିରେ ସ୍ପର୍ଶ ଦର୍ଶନ ଲାଗି ପରାମର୍ଶ ଲୋଡରଯାଇଥିଲା। ବୈଠକରେ ଉପସ୍ଥିତ ବିଦ୍ୱାନମାନେ ଡ୍ରେସ୍ କେଡ୍ ସହ ପାଦ ସ୍ପର୍ଶ ପାଇଁ ଅନୁମତି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କାଶୀ ବିଶ୍ୱନାଥ ମନ୍ଦିରରେ ଶହ ଶହ ବର୍ଷ ଧରି ପାଦ ସ୍ପର୍ଶର ପରମ୍ପରା ରହି ଆସିଥିଲା। କିନ୍ତୁ ଶ୍ରାବଣ ମାସରେ ଶ୍ରଦ୍ଧାଳୁଙ୍କ ଭିଡକୁ ନଜରରେ ରଖି ୨୦୧୯ରେ ଏହି ପରମ୍ପରାକୁ ବନ୍ଦ କରାଯାଇଥିଲା। ଏହାପରେ ମନ୍ଦିର ପ୍ରଶାସନ ପୁଣି ଥରେ ଏହାକୁ ଲାଗୁ କରିବାଠାରୁ ଦୂରରେ ରହିଥିଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଆବେଗକୁ ନଜରରେ ରଖି ମନ୍ଦିର ପ୍ରଶାସନ ଏହାକୁ ପୁନଃ ଆରମ୍ଭ କରିବାରୁ ବାଧ ହୋଇଥିଲା।

ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ସ୍ପର୍ଶ ଦର୍ଶନ କରିବା ସମ୍ଭବପର ନୁହେଁ, ଏହାକୁ ନଜରରେ ରଖି ମନ୍ଦିର ପ୍ରଶାସନ ସମାଧନ ଲାଗି ବାଟ ଖୋଜୁଥିଲା। ଧାର୍ମିକ ବିଦ୍ୱାନଙ୍କଠାରୁ ପରାମର୍ଶ ମିଳିବା ପରେ ବିଭାଗୀୟ ସଚିବଙ୍କୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ତାମିଲ ଫିଲ୍ମରେ ତାପସୀଙ୍କ କମାଲ



**ମୁମ୍ବାଇ:** ବଲିଉଡ୍‌ର ଚୁଲ୍‌ବୁଲି ନାୟିକା ତାପସୀ ପନ୍ନୁ ଏବେ ତାମିଲ ଇଣ୍ଡଷ୍ଟ୍ରିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏବେ ନାରୀ କୈନ୍ଦ୍ରୀକ ଫିଲ୍ମ ଭଲ ବ୍ୟବସାୟ କରୁଥିବା ବେଳେ ନିକଟରେ ଦୀପିକା ପାଦୁକୋନଙ୍କ ଅଭିନୀତ ଏମିତି ଏକ ନାରୀ କୈନ୍ଦ୍ରୀକ ଫିଲ୍ମ 'ଛପାକ'କୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଏହି ସମୟରେ ବଲିଉଡ୍ ବିୟୁଟି ତାପସୀ ତାମିଲ ଇଣ୍ଡଷ୍ଟ୍ରିରେ କାମ କରି ସମ୍ମାନିତ ହେବା ଘଟଣା ତାଙ୍କ ପ୍ରଶଂସକଙ୍କ ମହଲରେ ଖୁସି ଆଣିଦେଇଛି। ଖବର ଅନୁଯାୟୀ ତାପସୀଙ୍କୁ ତାମିଲ ସିନେମାର ଆନନ୍ଦ ଭିକତାନ ଆୱାର୍ଡ ମିଳିଛି। ଗତବର୍ଷ ତାଙ୍କ ଅଭିନୀତ ମୁଭି 'ଗେମ୍ ଓଭର' ପାଇଁ ତାପସୀଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି। ଏହି ସମ୍ମାନ ପାଇବା ପରେ ତାପସୀ ବେଶ୍ ଖୁସିଥିବା କହିଛନ୍ତି। ୨୦୧୯ ତାଙ୍କ ପାଇଁ ଭଲ ବର୍ଷ ଥିଲା। ଏମିତିକି ୨୦୨୦ରେ ମଧ୍ୟ ତାଙ୍କ ହାତରେ ରହିଛି କିଛି ପ୍ରୋଜେକ୍ଟ। ଅନୁଭବ ସିହ୍ନାଙ୍କ ଫିଲ୍ମ 'ଥପ୍ପଡ'ରୁ ସେ ୨୦୨୦ର କାମ ଆରମ୍ଭ କରୁଥିବା ଶୁଣିବାକୁ ମିଳିଛି। ଏହାସହ ଏକ ଆଥ୍‌ଲେଟ୍ କ୍ୟାରେକ୍ଟରରେ ବି ତାପସୀ ନଜର ଆସିବେ ବୋଲି ଜଣାପଡିଛି।



# କିୟାରାଙ୍କ ପ୍ରେମରେ ସିଦ୍ଧାର୍ଥ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ନାମ ପୂର୍ବରୁ କେତେଜଣ ବଲିଉଡ୍ ନାୟିକାଙ୍କ ସହ ଯୋଡି ହୋଇଥିବା ବେଳେ ଏବେ କିନ୍ତୁ କିୟାରା ଓ ସିଦ୍ଧାର୍ଥଙ୍କ ପ୍ରେମ କାହାଣୀ ରହିଛି ଚର୍ଚ୍ଚାରେ। ସିଦ୍ଧାର୍ଥଙ୍କ ନାମ ସହ ପ୍ରଥମେ ଆଲିଆ ଭଟ୍ଟ, ତାରା ସୁତାରିଆଙ୍କ ନାମକୁ ଯୋଡି ଦିଆଯାଇଥିବା ବେଳେ ଏବେ କିନ୍ତୁ ସିଦ୍ଧାର୍ଥ କିୟାରାଙ୍କ ପ୍ରେମରେ ପାଗଳ ହୋଇଥିବା କୁହାଯାଉଛି। ଏବେ କିନ୍ତୁ ଉଭୟ ସିଙ୍ଗଲ୍ ଥିବା କହୁଛନ୍ତି। ସେପଟେ କିନ୍ତୁ ଶୁଣିବାକୁ ମିଳିଛି କି, ସିଦ୍ଧାର୍ଥ ତାଙ୍କ ମନକଥା କିୟାରାଙ୍କୁ କହି ସାରିଛନ୍ତି। ଆଉ ଏକଥା ଉଭୟଙ୍କ ପରିବାର ପର୍ଯ୍ୟନ୍ତ ପହଞ୍ଚି ସାରିଲାଣି।

# ପ୍ଲାଷ୍ଟିକ୍‌ରୁ ତିଆରି ହେଲା ସୁନା

**ଲଣ୍ଡନ:** ପରିବେଶକୁ ଅଧିକ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକରୁ ଏବେ ସୁନା ତିଆରି ସମ୍ଭବ। ସୁଇଜରଲାଣ୍ଡର ବୈଜ୍ଞାନିକ ପ୍ରଥମ ଥର ପାଇଁ ପ୍ଲାଷ୍ଟିକ୍‌ରୁ ସୁନା ତିଆରି କରିବାକୁ ସକ୍ଷମ ହୋଇଛନ୍ତି। ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥିବା ୧୮ କ୍ୟାରେଟ୍ ସୁନା ପ୍ରକୃତ ସୁନାଠାରୁ ୧୦ ଗୁଣା ହାଲକା ବୋଲି ବୈଜ୍ଞାନିକମାନେ ସୂଚିତ କରିଛନ୍ତି। ଏହାର ଘନତ୍ୱ ୧.୭ ରହିଛି। ଏହାର ଚମକ ପ୍ରକୃତ ସୁନା ଭଳି। ସମ୍ପ୍ରତି ପୃଥିବୀର ଜନସଂଖ୍ୟା ୭୬୦ କୋଟିରୁ ଅଧିକ। ପୃଥିବୀ ପୃଷ୍ଠରେ ୯୧୦ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ରହିଛି। ଅର୍ଥାତ୍ ପ୍ରତି ଲୋକ ପିଛା ୧.୨ ଟନ୍ ପ୍ରଦୂଷିତ ପ୍ଲାଷ୍ଟିକ୍‌ର ବୋଝ ରହିଛି। ତେବେ ଏହି ନୂତନ ଉଦ୍‌ଭାବନ ଦ୍ୱାରା ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ମିଳିପାରିବ ବୋଲି ବୈଜ୍ଞାନିକ କହିଛନ୍ତି।



# ୬ମାସ ହେଲା ଯନ୍ତ୍ରଣା ଭୋଗୁଥିଲେ ବାଳକ

**ପାଟ୍‌ନା:** ବିହାର୍‌ର ମୁଜାଫରପୁର୍ ଅଞ୍ଚଳର ଜଣେ ୧୪ ବର୍ଷୀୟ ବାଳକ ଦୀର୍ଘ ୬ ମାସ ଧରି ପେଟରେ ଯନ୍ତ୍ରଣା ଭୋଗୁଥିଲେ। ବିଭିନ୍ନ ହସ୍ପିଟାଲ୍‌କୁ ଯାଇ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପାଟ୍‌ନାସ୍ଥିତ ଆଇଜିଆଇଏମ୍‌ଏସ୍‌ରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରାଇବା ପରେ ପେଟରେ ଏକ ସିଷ୍ଟ ଥିବା ଜଣାପଡ଼ିଥିଲା। ଫଳରେ ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର କରି ସିଷ୍ଟକୁ ବାହାର କରାଯାଇଥିବାବେଳେ ସେଥିରୁ ୨୦ ରୁ ୨୫ ଦାନ୍ତ, ହାଡ଼ ଏବଂ କେଶ ବାହାରିଥିଲା। ଏହା ଜାଣିବା ପରେ ପରିବାର ଲୋକେ ଚକିତ ହୋଇଯାଇଥିଲେ। ତେବେ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍‌ଙ୍କ କହିବା ଅନୁଯାୟୀ, ଏହାକୁ ଟେରାଟୋମା/ଡର୍ମୋୟଡ୍ ସିଷ୍ଟ କୁହାଯାଏ। ଏହା ବିରଳ ବଂଶଗତ ରୋଗ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୨୦ ଜଣଙ୍କଠାରେ ଦେଖିବାକୁ ମିଳିଛି। ତେବେ ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# କିଡ୍‌ନୀ ସିଷ୍ଟରୁ ବାହାରିଲା ଦାନ୍ତ, ହାଡ଼, କେଶ



# ଶୀତଦିନେ ପାଦ ଫାଟୁଥିଲେ...



**ନୂଆଦିଲ୍ଲୀ:** ଶୀତଦିନେ କେତେକଙ୍କ ପାଦ ଫାଟିଥାଏ। ପରିବେଶ ଶୁଷ୍କ ହେବାରୁ ଏହାର ପ୍ରଭାବ ଶରୀର ଉପରେ ପଡ଼ି ଏପରି ହୋଇଥାଏ। ପାଚନ କ୍ରିୟାରେ ଅନିୟମିତତା ଏହାର ମୁଖ୍ୟ କାରଣ। ସବୁଜ ପନିପରିବା, ଶାଗ, କମଳା, ଅମୃତଭଣ୍ଡା, ଟମାଟୋ, କଦଳୀ ଆଦି ଖାଇଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହିତ ପାଦ ଫାଟି ନ ଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। ଏଥିରୁ ମୁକ୍ତି ଲାଗି ଖାଦ୍ୟରେ ଅଧିକ ଭିଟାମିନ୍ ସି'ଯୁକ୍ତ ଖାଦ୍ୟ ସାମିଲ କଲେ ସୁଫଳ ମିଳିଥାଏ। ତେବେ ସକାଳୁ ଖାଲିପାଦରେ ଘାସରେ ଚାଲିଲେ ଏହି ସମସ୍ୟା ଦୂର ହୋଇଥାଏ। ସେହିପରି ସୋରିଷ ତେଲ ଲଗାଇଲେ ମଧ୍ୟ ପାଦଫଟାରୁ ମୁକ୍ତି ମିଳେ। ସେହିପରି ଗ୍ଲିସେରିନ୍ ଏବଂ ଲିଷ୍ଟେରିନ୍ ପାଦରେ ମାଲିସ କଲେ ସୁଫଳ ମିଳିଥାଏ। ଏହା ସହିତ ପେସ୍ତାବାଦାମ ତେଲ, ମହୁ, ନଡ଼ିଆ ତେଲ ପାଦରେ ଲଗାଇଲେ ପାଦ ଫାଟି ନ ଥାଏ।



# କ୍ଷତିକାରକ ଗୁଗଲ୍ ମେଡିସିନ୍

**ନୂଆଦିଲ୍ଲୀ:** ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ସର୍ଚ୍ଚ କରି ଅନେକ ଲୋକ ବିଭିନ୍ନ ସମସ୍ୟାର ସମାଧାନ ଖୋଜିଥାଆନ୍ତି। କେତେଜଣ ଅସୁସ୍ଥତା ପାଇଁ ଅନ୍‌ଲାଇନ୍‌ରେ ସର୍ଚ୍ଚ କରି ମେଡିସିନ୍ ଖାଉଥିବା ମଧ୍ୟ ଦେଖାଯାଏ, ଯାହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ। ବିନା ଡାକ୍ତର ପରାମର୍ଶରେ କୌଣସି ମେଡିସିନ୍ ବା ପେନ୍‌କିଲର୍ ଖାଇବା ଦ୍ୱାରା ଲୋକମାନେ ଲିଭର୍, କିଡ୍‌ନୀ ଆଦି ରୋଗର ଶିକାର ହୋଇଥାଆନ୍ତି। ହେଲେ ଲୋକମାନେ ଏହାକୁ ମାନୁ ନ ଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଲକ୍ଷ୍ନୌର କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି (କେଜିଏମ୍‌ୟୁ)କୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ୧୦% ଏଭଳି ଅଛନ୍ତି, ଯେଉଁମାନେ ଅନ୍‌ଲାଇନ୍ ସର୍ଚ୍ଚ କରି ମେଡିସିନ୍ ଖାଇବା ପରେ ନାନା ରୋଗରେ ପୀଡ଼ିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବପିଢ଼ି ଓ ବୃଦ୍ଧ ରହିଛନ୍ତି। ସେଠାକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀ କହିଛନ୍ତି, ଶରୀରର ଯନ୍ତ୍ରଣା କମାଇବା ପାଇଁ ସେ ଅନ୍‌ଲାଇନ୍‌ରୁ ସର୍ଚ୍ଚ କରି ମେଡିସିନ୍ ଖାଇଥିଲେ। ଏହାପରେ ସେହି ମେଡିସିନ୍‌କୁ ରେଗୁଲାର ଖାଇବାର କିଛିଦିନ ପରେ ହାଇଡୋଜ୍ ଖାଇବା ଆରମ୍ଭ କରିଥିଲେ। କିନ୍ତୁ ପୂର୍ବାପେକ୍ଷା ରୋଗ ଅଧିକ ବଢ଼ିବା ଫଳରେ ସେ କେଜିଏମ୍‌ୟୁ ଆସିଥିବା କହିଛନ୍ତି। ତାଙ୍କ ଚିକିତ୍ସା ଆରମ୍ଭ ହେବା ପରେ ଜଣାପଡ଼ିଛି ଯେ, ଅତ୍ୟଧିକ ପେନ୍‌କିଲର ଖାଇବା ଯୋଗୁ ତାଙ୍କ କିଡ୍‌ନୀ ଉପରେ ପ୍ରଭାବ ପଡ଼ିଛି। ପେନ୍ କ୍ଲିନିକ୍‌ର ଡା. ଅଜୟ ଚୌଧୁରୀଙ୍କ କହିବା ଅନୁସାରେ, ପ୍ରଥମେ ପ୍ରଥମେ ଏଭଳି ଜଣେ ଦୁଇଜଣ ରୋଗୀ ଆସୁଥିଲେ ; ମାତ୍ର ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

# ନାସାର ମହାକାଶ ମିଶନରେ ଇରାନୀ ମହିଳା




**ୱାଶିଂଟନ:** ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ତେବେ ମହାକାଶ ଗବେଷଣା କ୍ଷେତ୍ରରେ ଏକ ଖୁସି ଖବର ମିଳିଛି। ମୂଳ ଇରାନୀ ମହିଳା ମହାକାଶଚାରୀ ଜସ୍ମିନ୍ ମୋଘବେଲୀ ନାସାର ଚନ୍ଦ୍ର କିମ୍ବା ଶୁକ୍ର ମିଶନରେ ସାମିଲ୍ ହେବାର ସମ୍ଭାବନା ରହିଛି। ସେ ଇତିମଧ୍ୟରେ ଆବଶ୍ୟକ ତାଲିମ ପୂରଣ କରି ସାରିଛନ୍ତି। ୩୬ ବର୍ଷ ବୟସ୍କ ଜସ୍ମିନ୍ ହେଲିକପ୍ଟର ଗନ୍‌ଶିପ୍ ପାଇଲଟ୍ ଭାବେ ଆଫଗାନିସ୍ତାନରେ ୧୫୦ ମିଶନ ପୂରଣ କରିଛନ୍ତି। ନାସାର ମହାକାଶ ମିଶନ ପାଇଁ ୧୮ ହଜାର ଆବେଦନ ପତ୍ର ଆସିଥିଲା। ସେଥିମଧ୍ୟରୁ ଜସ୍ମିନ୍ ଏବଂ ଅନ୍ୟ ୧୧ ଜଣଙ୍କୁ ନାସା ପକ୍ଷରୁ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ, ଜସ୍ମିନ୍‌ଙ୍କ ଜନ୍ମ ଜର୍ମାନୀରେ ହୋଇଥିଲା। ୧୯୭୯ରେ ତାଙ୍କ ପରିବାର ସଦସ୍ୟ ଇରାନରୁ ପଳାଇ ଆସିଥିଲେ। ଜସ୍ମିନ୍ ନ୍ୟୁୟର୍କରେ ପାଠପଢ଼ା ଶେଷ କରିଥିଲେ। ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ସେ ଏକ ସ୍ପେସ୍ କ୍ୟାମ୍ପ୍‌ରେ ଯୋଗଦେଇଥିଲେ। ୨୦୦୫ରେ ସେ ସୈନ୍ୟ ବାହିନୀରେ କମିଶନ ପଦ ପ୍ରାପ୍ତ କରିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଦୁର୍ବାସା ଋଷିଙ୍କୁ କେଉଁ ନଦୀ କୂଳରେ ଭେଟି ଏକ ପୁଅ ଓ ଏକ ଝିଅ ପାଇଁ ଗାନ୍ଧାରୀ ପ୍ରାର୍ଥନା କରିଥିଲେ ?
(ଖ) କାହାପଥରେ କଣ୍ଟକ ମୁଣ୍ଡ ଟେକିଛି ବୋଲି କୁହାଯାଇଛି ?
(ଗ) ଅନୁକମ୍ପା କିଏ ?
(ଘ) କାହାକୁ ଆକର୍ଷଣ କରିବା ପାଇଁ ପୋତପାଳ ନୌକାରେ ମଶାଲ ଜାଳିଥିଲେ ?
(ଙ) ଶୁକ ସାରଣ କେଉଁ ରୂପ ଧାରଣ କରି ଅଙ୍ଗଦ ନିକଟକୁ ଯାଇଥିଲେ ?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5
(କ) ରାଜା କୋଳେ ଦିଲା ନେଇ ________ ଶିର।
(ଖ) ଦୂର ଝରନାଦ, ଝିଙ୍କାରି-ଝଙ୍କାର
କରେ ________ ପ୍ରଭାବ-ପ୍ରଚାର।
(ଗ) ତୋହରି ଅନ୍ତର ଆଦେଶେ ଚଳେ ମୁଁ ଘୋଷି ତୋର ________।
(ଘ) ଚୂର୍ଣ୍ଣ କରୁରେ ________ ତବ ପୀଡ଼ନର ପରବତ।
(ଙ) ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା, ________ ମୀନ-ନୟନେ।

**୩। ଗୋଟିଏ ଶବ୍ଦରେ/ବାକ୍ୟରେ ଉତ୍ତର ଲେଖ।** [1×5=5
(କ) କିଭଳି ଲୋକ ଜୀବନ ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?
(ଖ) ଗୃହସ୍ଥର ପଥ କେତେବେଳେ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ ?
(ଗ) ଶିକ୍ଷା ବିଷୟକୁ ନେଇ କେଉଁ କମିଟିମାନ ବସିଥିଲା ?
(ଘ) ନରେନ୍‌ଙ୍କ ମନର ବ୍ୟାକୁଳତା କ'ଣ ଥିଲା ?
(ଙ) 'ଗାଁ – ମଜଲିସ୍'ର ଲେଖକ କିଏ ?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପରିବ୍ରାଜକ | ଭାରତର ବୈଶିଷ୍ଟ୍ୟ |
| ରିଙ୍ଗଲିଡ଼ର | ପ୍ରାସାଦ |
| ଆଧ୍ୟାତ୍ମିକତା | ଗୋପୀନାଥ ମହାନ୍ତି |
| ଅଭ୍ରଂକଷ | ଫକୀରମୋହନ |
| ପରଜା | ସ୍ୱାମୀ ବିବେକାନନ୍ଦ |

**୫। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ତେଡ଼ା ମଣିଷମାନେ ସାଧାରଣତଃ କିପରି ?
(ଖ) ବଣିମାନଙ୍କର ଭାଷା କିପରି ?
(ଗ) କ'ଣ କହି ନଟବରବାବୁ ମନକୁ ସାନ୍ତ୍ୱନା ଦେଇଛନ୍ତି ?
(ଘ) ଅଶୋକ କାହିଁକି ଯୁଦ୍ଧବିରତି ଘୋଷଣା କଲେ ?
(ଙ) ଗଛ ତା'ର ପୁରୁଣା ପତ୍ରଗୁଡ଼ିକୁ ରଖେ ନାହିଁ କାହିଁକି ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଏ ବାରଣ' ବଢ଼େଇରେ ଦାୟ ନା ପୁଅରେ ଦାୟ ? – ଏ କଥାଟି କିଏ କହିଛନ୍ତି ?
(ଖ) କେଉଁଠାରୁ କୁସୁମ ଶର ବୃଷ୍ଟି ହୋଇ ଅସୁରମାନଙ୍କୁ ଅତିଷ୍ଠ କଲା ?
(ଗ) ନରସିଂହଦେବ ସୌନ୍ଦର୍ଯ୍ୟର ପୂଜାରୀ ବୋଲି କିଏ କହିଛନ୍ତି ?
(ଘ) ସୁନ୍ଦ ଉପସୁନ୍ଦର ପତ୍ନୀମାନେ ସହମୃତା ହୋଇ କେଉଁଠାକୁ ଗମନ କଲେ ?
(ଙ) ଭଗବାନ କେଉଁ ଅବତାରରେ ହିରଣ୍ୟକଶିପୁ ଦୈତ୍ୟକୁ ବିଦାରଣ କରିଥିଲେ ?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଖଣ୍ଡବାକ୍ୟ କାହାକୁ କୁହାଯାଏ ?
(ଖ) ମାଆ ରାନ୍ଧୁଛନ୍ତି। – ଭାବ ବାଚ୍ୟରେ ପରିବର୍ତ୍ତନ କର।
(ଗ) ପବନର ବିପରୀତ ଦିଗରେ ସାଇକେଲ୍ ଚଳାଇବା କଷ୍ଟକର। – ସଂକ୍ଷେପରେ ପ୍ରକାଶ କର।
(ଘ) କେଉଁ କେଉଁ ବର୍ଣ୍ଣ ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଥିଲେ 'ନ୍', 'ଣ' ହୁଏ ନାହିଁ ?
(ଙ) ଉତ୍କଳମଣି ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶସେବକ। – ଏହାକୁ ନାସ୍ତିସୂଚକ ବାକ୍ୟରେ ପରିଣତ କର।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5
(କ) ଅନୁସୂୟା, (ଖ) ଦୂରାବସ୍ଥ. (ଗ) ଅଧୀନସ୍ଥ
(ଘ) ନିର୍ଦ୍ଧନୀ, (ଙ) ଆନୁସଙ୍ଗିକ

**୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ।** [1×5=5
(କ) କୁମ୍ଭୀର କାନ୍ଦଣା, (ଖ) ଜପାମାଳୀ, (ଗ) ତିଳକୁ ତାଳ କରିବା,
(ଘ) ଏକା ମାଘକେ ଶୀତ ଯାଏ ନାହିଁ, (ଙ) ଛୋଟ ସାପର ବଡ଼ ବିଷ

**୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5
(କ) ପ୍ରାଚୀନ ପଦ୍ୟ ବା କବିତାକୁ ଛନ୍ଦ କୁହାଯାଏ।
(ଖ) ବଙ୍ଗଳାଶ୍ରୀର ପ୍ରତ୍ୟକ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ।
(ଗ) 'କଳାକଳେବର କହ୍ନାଇ' ରାମକେରୀ ଛନ୍ଦରେ ରଚିତ।
(ଘ) କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ, କେମନ୍ତେ ସରି ତୋର ହେବି ନଳିନ! – ଏହା ଶ୍ଳେଷ ଅଳଙ୍କାରରେ ଲିଖିତ ?
(ଙ) ଭିନ୍ନାର୍ଥ ବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ ଯମକ ଅଳଙ୍କାର କୁହାଯାଏ।

### PART – II (SUBJECTIVE)

**୧୧।(କ) ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ।** [7
ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ସଂପର୍କରେ ଆଲୋଚନା କର ।
**କିମ୍ବା,** ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।
**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ ୫୦ଟି ଶବ୍ଦରେ)** [5
ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।
**କିମ୍ବା,** ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

**୧୨।(କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।** [7
ମାଟି 'ସର୍ବଂସହା' ଏହାର ଯଥାର୍ଥତା ପ୍ରତିପାଦନ କର ।
**କିମ୍ବା,** ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି ଆଲୋଚନା କର ।
**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ। (ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ)** [5
"ଭାଜି ପଡୁ ଆଜି
ଅର୍ଗଳ ରାଜି
ଘେନ ବିଜୟର ମାଳା ।"
**କିମ୍ବା,** "ପାପଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।"

**୧୩ ।ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ।** [10
(କ) ଉତ୍କଳର ପର୍ବପର୍ବାଣି (ଉପକ୍ରମ – ପର୍ବପର୍ବାଣି ପାଳନର ଆଭିମୁଖ୍ୟ – ବିଭିନ୍ନ ପର୍ବପର୍ବାଣି ଓ ଜନଜୀବନରେ ସେଗୁଡ଼ିକର ପ୍ରଭାବ – ଆଧୁନିକ କାଳରେ ଏହାର ରୂପରେଖ – ଉପସଂହାର)
(ଖ) ବନମହୋତ୍ସବ (ଉପକ୍ରମ – ଉଦ୍ଦେଶ୍ୟ – ବନ ଧ୍ୱଂସର କାରଣ – ବନ ମହୋତ୍ସବର ଆବଶ୍ୟକତା ସାମ୍ପ୍ରତିକ ସ୍ଥିତି – ବନୀକରଣ ବ୍ୟବସ୍ଥା– ଉପସଂହାର।)
(ଗ) ଛାତ୍ରଜୀବନରେ ଶୃଙ୍ଖଳା (ଉପକ୍ରମ – ଅଧ୍ୟୟନ ଓ ଶୃଙ୍ଖଳା – ଶ୍ରେଣୀ ଓ ସ୍କୁଲ୍‌ରେ ଶୃଙ୍ଖଳା – ଖେଳପଡ଼ିଆ ଓ ସଭାସମିତିରେ ଶୃଙ୍ଖଳା – ଘରେ ତଥା ଜୀବନର ଶୃଙ୍ଖଳା – ଉପସଂହାର।)

**୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ।** [6
ତୁମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।
**କିମ୍ବା,** ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବା ସମ୍ବନ୍ଧରେ ପରାମର୍ଶ ଦେଇ ଦୂରରେ ଥିବା ସାନଭଉଣୀ ପାଖକୁ ପତ୍ର ଲେଖ।

**୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** [2×5=10

ଜ୍ଞାନୋନ୍ନତିର ଏକମାତ୍ର ଉପାୟ ଶିକ୍ଷା । ଶିକ୍ଷା ଅଭାବରେ ମନୁଷ୍ୟ ଅନ୍ଧ - ମନୁଷ୍ୟ ପଶୁ। କି ପୁରୁଷ, କି ରମଣୀ, କି ଧନୀ, କି ଦରିଦ୍ର ସମସ୍ତଙ୍କ ପକ୍ଷରେ ଶିକ୍ଷା ଅବଶ୍ୟ ଲଭ୍ୟ। ଅବସ୍ଥାଭେଦ ହେତୁରୁ ସମସ୍ତଙ୍କ ପକ୍ଷରେ ସମାନ ଶିକ୍ଷା ସମ୍ଭବପର ହୋଇ ନ ପାରେ। ଯେଉଁମାନଙ୍କର ସଙ୍ଗତି ଓ ସୁଯୋଗ ଅଛି, ସେମାନେ ଉଚ୍ଚଶ୍ରେଣୀର କାବ୍ୟ, ଦର୍ଶନ, ବିଜ୍ଞାନ ଜ୍ୟୋତିଷର ଆଲୋଚନାରେ ଜୀବନ ଉତ୍ସର୍ଗ କରି କୃତାର୍ଥ ହୁଅନ୍ତି ଓ ସମାଜକୁ କୃତାର୍ଥ କରନ୍ତି; କିନ୍ତୁ ସଂସାରରେ ସମସ୍ତଙ୍କ ଭାଗ୍ୟରେ କି ତାହା ଘଟିପାରେ ? ପୃଥିବୀର ବାରଅଣାଲୋକ ଉଦରଜ୍ୱାଳାରେ ଓ ପରିବାର ପ୍ରତିପାଳନ ଚିନ୍ତାରେ ଅସ୍ଥିର, ତେଣୁ ସେମାନେ ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ଜୀବନ ଦେବେ କିପରି ? ତାହାବୋଲି ଶିକ୍ଷାଦ୍ୱାରା ସେମାନଙ୍କ ପକ୍ଷରେ ଏକାବେଳକେ ରୁଦ୍ଧ, ଏକଥା ବୋଲିବା ଅସଙ୍ଗତ। ମନୁଷ୍ୟର ଅବଶ୍ୟ ଜ୍ଞାତବ୍ୟ କେତେଗୁଡ଼ିଏ ସାଧାରଣ ବିଷୟ ଅଛି - ତାହା ଯେପରି ସମସ୍ତ ଲାଭ କରି ପାରନ୍ତି, ସେଥିପ୍ରତି ଦୃଷ୍ଟି ରଖିବା ସର୍ବତୋଭାବେ ବିଧେୟ। ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ ପ୍ରଭୃତିରେ ସାଧାରଣଜ୍ଞାନ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ପ୍ରୟୋଜନୀୟ; ପରନ୍ତୁ ଧର୍ମସମ୍ବନ୍ଧୀୟ ଓ ନୀତିବିଷୟକ ପୁସ୍ତକ ଓ ସୁରୁଚିସମ୍ପନ୍ନ କାବ୍ୟ, ଉପନ୍ୟାସାଦି ପାଠ ନ କଲେ ହୃଦୟ ଉନ୍ନତ ହୁଏ ନାହିଁ, ରୁଚି ମାର୍ଜିତ ହୁଏ ନାହିଁ ଓ ଭାବ ବିକଶିତ ହୁଏ ନାହିଁ। ସୁତରାଂ ଏଗୁଡ଼ିକ ମଧ୍ୟ ଅତ୍ୟାବଶ୍ୟକ। ଜନସାଧାରଣଙ୍କ ପକ୍ଷରେ ଏହା ଯେ ଅସମ୍ଭବ, ଆମ୍ଭେମାନେ ଏହା ବିଶ୍ୱାସ କରି ନ ପାରୁ । ଆଗ୍ରହ, ଯତ୍ନ ଓ ସମୟର ନିୟମିତ ବିଭାଗଦ୍ୱାରା ସମସ୍ତେ ଏ ଶିକ୍ଷାଲାଭ କରି ପାରନ୍ତି ଓ ଆମରଣ ଉନ୍ନତି ପଥରେ ଅଗ୍ରସର ହୋଇପାରନ୍ତି ।

**ପ୍ରଶ୍ନାବଳୀ :**
(କ) କେଉଁମାନେ ନିଜକୁ କୃତାର୍ଥ କରନ୍ତି ?
(ଖ) ଜ୍ଞାନ ଚର୍ଚ୍ଚାରେ ବାଧା ସୃଷ୍ଟି ହୁଏ କାହିଁକି ?
(ଗ) କେଉଁ ବିଷୟରେ ସାଧାରଣ ଜ୍ଞାନ ପ୍ରୟୋଜନୀୟ ?
(ଘ) କାହାଦ୍ୱାରା ଭାବ ବିକଶିତ ହୁଏ ?
(ଙ) ଜନସାଧାରଣ ଉନ୍ନତି ପଥରେ ଅଗ୍ରସର ହେବେ କିପରି ?

### ଉତ୍ତରମାଳା PART – I (OBJECTIVE)

**୧.** କ) ଯମୁନା ଖ) ସନ୍ଧାନୀମାନଙ୍କ ଗ) ତପସ୍ୱିନୀ ଘ) ମୀନ ଙ) ବର୍ତ୍ତକ
**୨.** କ) ପଞ୍ଚବଚ୍ଛ ଖ) ନିଶୀଥିନୀ ଗ) ମହାଯଶ ଘ) ସ୍ୟନ୍ଦନ ଙ) ମୁହୁର୍ମୁହୁ
**୩.** କ) ମାନବର ସମସ୍ତ ନୀତିକୁ ପାଦରେ ଦଳିଦେଇ ଊର୍ଦ୍ଧ୍ୱଶ୍ୱାସରେ ଧାଇଁ ଯେ ଯେତେ ବେଶୀ ଏହି ଦୀର୍ଘ ବ୍ୟବଧାନକୁ କମ୍ କରିପାରେ ସେ ସେତେ ବେଶୀ ଜୀବନଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ। ଖ) ତ୍ୟାଗମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ଭାରତୀୟ ମଣିଷ ବିଷୟର ମାଲିକ ହୁଏ, ସେତେବେଳେ ଭୋଗମାର୍ଗୀ ଜାତିଠାରୁ ତା'ର ପଥ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ। ଗ) ଶିକ୍ଷା ବିଷୟକୁ ନେଇ ତାରାଚନ୍ଦ କମିଟି, ମୁଦାଲିୟର କମିଟି, ରାଧାକୃଷ୍ଣ କମିଟି ଓ ଜାକିର ହୁସେନ୍ କମିଟିମାନ ବସିଥିଲା। ଘ) ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ ନରେନ୍‌ଙ୍କ ମନରେ ବ୍ୟାକୁଳତା ଥିଲା। ଙ) ବିଶିଷ୍ଟ ଜନନାୟକ ତଥା ସାହିତ୍ୟିକ ଡକ୍ଟର ହରେକୃଷ୍ଣ ମହତାବ ହେଉଛନ୍ତି 'ଗାଁ ମଜଲିସ୍'ର ଲେଖକ।

**୪.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପରିବ୍ରାଜକ | ସ୍ୱାମୀ ବିବେକାନନ୍ଦ |
| ରିଙ୍ଗଲିଡ଼ର | ଫକୀରମୋହନ |
| ଆଧ୍ୟାତ୍ମିକତା | ଭାରତର ବୈଶିଷ୍ଟ୍ୟ |
| ଅଭ୍ରଂକଷ | ପ୍ରାସାଦ |
| ପରଜା | ଗୋପୀନାଥ ମହାନ୍ତି |

**୫.** କ) ତେଢ଼ା ମଣିଷମାନେ ସାଧାରଣତଃ ଏକଜିଦିଆ, ଏକ ଶିଙ୍ଗା, ଏକ ଧର୍ମିଆ। ଖ) ବଣିମାନଙ୍କ ଭାଷା ଚାଇନିଜ୍‌ମାନଙ୍କ ଭାଷା ପରି ଭାଷା। ଗ) ପିଲାମାନଙ୍କ ବ୍ୟବହାରରେ ଅତିଷ୍ଠହୋଇ ନଟବରବାବୁ 'ଯୁଗ ତ ସେମିତି ହୋଇଛି' ବୋଲି କହି ମନକୁ ସାନ୍ତ୍ୱନା ଦେଇଛନ୍ତି। ଘ) ଯୁଦ୍ଧର ବିଭୀଷିକା ଦେଖି ଅଶୋକ ମର୍ମାହତ ହେଲେ ଓ ଯୁଦ୍ଧବିରତି ଘୋଷଣା କଲେ। ଙ) ଗଛ ତା'ର ପୁରୁଣା ପତ୍ରଗୁଡ଼ିକୁ ନିଜର ଭାବି ରଖିବାକୁ ଚାହିଁଲେ ଆଉ ନୂତନ ପତ୍ର, ଫୁଲ ଓ ଫଳ ସମ୍ଭବ ହେବ ନାହିଁ, ତେଣୁ ସେ ପୁରୁଣାପତ୍ରଗୁଡ଼ିକ ରଖେ ନାହିଁ। **୬.** କ) ଦ୍ୱିତୀୟ ଶିଳ୍ପୀ ଖ) ଅନ୍ତରୀକ୍ଷ ଗ) ଶିବେଇ ସାନ୍ତରା ଘ) ବ୍ରହ୍ମଲୋକ ଙ) ନୃସିଂହ **୭.** କ) ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଖଣ୍ଡବାକ୍ୟ କୁହାଯାଏ। ଖ) ମାଆଙ୍କର ରନ୍ଧା ଚାଲିଛି। ଗ) ପବନର ପ୍ରତିକୂଳରେ ସାଇକେଲ ଚାଳନା କଷ୍ଟକର। ଘ) ର, ଋ, ଷ ପରେ ଅନ୍ୟ ବର୍ଣ୍ଣରେ ବ୍ୟବଧାନ ଥିଲେ 'ନ୍', 'ଣ' ହୁଏ ନାହିଁ। ଙ) ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ସଚ୍ଚା ଦେଶସେବକ ନାହାନ୍ତି। **୮.** କ) ଅନସୂୟା ଖ) ଦୁରବସ୍ଥା ଗ) ଅଧୀନ ଘ) ନିର୍ଦ୍ଧନ ଙ) ଆନୁଷଙ୍ଗିକ **୯.** କ) ଛଳନା / ଉପର ଠାଉରିଆ ସହାନୁଭୂତି ଖ) ଅତିପ୍ରିୟ ଗ) ଛୋଟ କଥାକୁ ବଡ଼ କରିବା ଘ) ଦୁର୍ଯୋଗ କେବଳ ଥରେ ଆସେ ନାହିଁ ଙ) କ୍ଷୁଦ୍ର ମଧ୍ୟରେ ଭୟଙ୍କରତା **୧୦.** କ) ☒ ଖ) ☑ ଗ) ☑ ଘ) ☒ ଙ) ☑

### ଉତ୍ତରମାଳା PART – II (SUBJECTIVE)

**୧୧. କ)** ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଅଧ୍ୟାପକ ଶରତ କୁମାର ମହାନ୍ତି ଜଣେ ଅନିର୍ବଚନୀୟ ପ୍ରତିଭାସଂପନ୍ନ ମନନଶୀଳ ପ୍ରାବନ୍ଧିକ ରୂପେ ସୁପରିଚିତ। ସେହି ପ୍ରଜ୍ଞାଦୀପ୍ତ ପ୍ରାବନ୍ଧିକଙ୍କ ଲେଖନୀ ନିଃସୃତ 'ଛତ୍ରପତି ବିବେକାନନ୍ଦ' ପୁସ୍ତକରୁ ସଂଗୃହୀତ 'ନରେନ୍‌ରୁ ବିବେକାନନ୍ଦ' ନାମକ ପ୍ରବନ୍ଧ। ଏଠାରେ ପ୍ରାବନ୍ଧିକ ବିବେକାନନ୍ଦଙ୍କ ଭାରତ ଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ସଂପର୍କରେ ବର୍ଣ୍ଣନା କରିଛନ୍ତି।

ନରେନ୍ ନିର୍ବିକଳ୍ପ ସମାଧିର ଦିବ୍ୟାନୁଭୂତି ଲାଭ ନିମନ୍ତେ ବ୍ୟାକୁଳ ଥିଲେ। କିନ୍ତୁ ଗୁରୁ ଶ୍ରୀରାମକୃଷ୍ଣ ତାଙ୍କୁ କହିଥିଲେ, *"ଭାବିଥିଲି, ତୁ ଗୋଟାଏ ପ୍ରକାଣ୍ଡ ବଟବୃକ୍ଷ ପରି ହେବୁ ଏବଂ ତୋ ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ; କିନ୍ତୁ ତା' ନ ହୋଇ ତୁ କେବଳ ନିଜର ମୁକ୍ତି ଚାହୁଁଛୁ।"* ରାମକୃଷ୍ଣଙ୍କର ଏହି ସଦୁପଦେଶପୂର୍ଣ୍ଣ ଦିଗ୍‌ଦର୍ଶନରେ ନରେନ୍ ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ ତ୍ୟାଗକରି 'ମନୁଷ୍ୟର ସେବା ହିଁ ଈଶ୍ୱର ସେବା' ଭାରତୀୟ ଦର୍ଶନର ଏହି ବାଣୀରେ ଉଦ୍‌ବୁଦ୍ଧ ହୋଇ ମାନବ ସେବାକୁ ସନ୍ନ୍ୟାସୀ ଜୀବନର ବ୍ରତଭାବେ ଗ୍ରହଣ କରିଥିଲେ।

ଅଗଣିତ ମଣିଷଙ୍କ ଦୁଃଖମୋଚନ ପୂର୍ବକ ଗୁରୁଙ୍କ ସଦୁପଦେଶକୁ ଚରିତାର୍ଥ କରିବା ନିମନ୍ତେ ବିଶାଳ ଭାରତବର୍ଷ ତଥା ଦରିଦ୍ର ଜନତାଙ୍କ ସହ ପରିଚିତ ହେବା ଉଦ୍ଦେଶ୍ୟରେ ବିବେକାନନ୍ଦ ୧୮୮୬ରେ ପ୍ରଥମେ ଭାରତ ଭ୍ରମଣରେ ବାହାରିଲେ। ମାର୍ଗରେ ହାଥରାସ ଷ୍ଟେସନର ମାଷ୍ଟର ଶରତଚନ୍ଦ୍ର ଗୁପ୍ତଙ୍କୁ ପ୍ରଥମ ଶିଷ୍ୟ ଭାବେ ଗ୍ରହଣ କରିଥିଲେ। ଦରିଦ୍ର ଜନତାଙ୍କ ଦୁଃଖକୁ ଅଙ୍ଗେ ନିଭାଇବାପାଇଁ ତାଙ୍କ ସହ ଦିନଦିନ ଭୋକଉପାସରେ କଟାଇ ଶେଷରେ ବେମାରରେ ପଡ଼ି ଫେରିଆସିଥିଲେ।

ଦୁଇଥର ଭାରତ ଭ୍ରମଣର ଅଭିଜ୍ଞତାରୁ ବିବେକାନନ୍ଦ ଦେଖିଥିଲେ ସମାଜରେ ଜମିରହିଥିବା କୁଢ଼ କୁଢ଼ ଆବର୍ଜନା। ସେହି ଆବର୍ଜନାକୁ ଦୂରକରିବାପାଇଁ ପ୍ରତିଜ୍ଞାବଦ୍ଧ ହୋଇ ବିବେକାନନ୍ଦ ସନ୍ନ୍ୟାସୀ ରୂପରେ ସେନାପତି ପରି ଭାରତବର୍ଷ ପଦବ୍ରଜରେ ଭ୍ରମଣ କରିଥିଲେ। ତାଙ୍କ ତେଜରେ ବିସ୍ମିତ ହୋଇ ରାଜା ମହରାଜାମାନେ ତାଙ୍କୁ ଅତିଥିରୂପେ ପାଇ ନିଜକୁ ଧନ୍ୟ ମନେକରୁଥିଲେ ମଧ୍ୟ ସେ ଦୀନଦରିଦ୍ରଙ୍କ ଆତିଥ୍ୟ ଗ୍ରହଣ କରି ସେମାନଙ୍କ ଦୁଃଖରେ ସମଭାଗୀ ହେବାକୁ ପସନ୍ଦ କରୁଥିଲେ। ଭୋକିଲା ଲୋକଙ୍କର ଦୁଃଖ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଉଥିଲା।

ସାରାଦେଶ ଭ୍ରମଣକରି ଦି'ଓଳି ଦି'ମୁଠା ଖାଇବାକୁ ପାଉ ନଥିବା ଅଗଣିତ ମଣିଷଙ୍କୁ ଦେଖି ସେ "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ" ବୋଲି ଏକ ନୂତନ ଜ୍ଞାନ ଲାଭ କଲେ। ବୁଭୁକ୍ଷୁ ଜନତାଙ୍କପାଇଁ ସନ୍ନ୍ୟାସୀମାନେ କିଛି କରିନାହାନ୍ତି ବୋଲି ଅନୁଭବ କରି ଦରିଦ୍ରନାରାୟଣଙ୍କ ସେବାକୁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ଭାବେ ଗ୍ରହଣକଲେ। ଅଜେୟ ଦାରିଦ୍ର୍ୟ-ଦାନବ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ଧନୀ, ଦରିଦ୍ର ସମସ୍ତଙ୍କ ହୃଦୟରେ ସେବାର ମହିମା ଜାଗ୍ରତ ନିମନ୍ତେ ସେ ପଦବ୍ରଜରେ ଆକୁମାରୀ ହିମାଚଳ ଭ୍ରମଣ କଲେ। ତାଙ୍କ ସଂସ୍ପର୍ଶରେ ଆସୁଥିବା ଧନୀ, ଦରିଦ୍ର, ମୂର୍ଖ, ପଣ୍ଡିତ ନିର୍ବିଶେଷରେ ସମସ୍ତଙ୍କର ବଞ୍ଚିବାର ଢଙ୍ଗ ବଦଳିଯାଉଥିଲା। କିଛି ପାଇବା ପରିବର୍ତ୍ତେ ଦେବାପାଇଁ ସେମାନେ ଆଗଭର ହେଉଥିଲେ। ଜଗତର କଲ୍ୟାଣ ତଥା ହଜାର ହଜାର ପ୍ରଜାଙ୍କର ମଙ୍ଗଳବିଧାନର କ୍ଷମତା ଥିବା ରାଜା-ମହାରାଜାମାନଙ୍କ ହୃଦୟରେ ସେବାର ମହିମା ଜାଗ୍ରତ କରାଇବାପାଇଁ ସେ ସର୍ବଦା ସଚେଷ୍ଟ ଥିଲେ। ସେଥିପାଇଁ ସେ ମହୀଶୂରର ରାଜାଙ୍କ ନିକଟକୁ ଚିଠିରେ ଲେଖିଥିଲେ, "ଦୀନ ଦୁଃଖୀଙ୍କର ସେବା କରିବାର କାମନାରେ ଆପଣଙ୍କ ହୃଦୟ ପ୍ରଜ୍ୱଳିତ ହେଉଥାଉ – ଏହାହିଁ ଈଶ୍ୱରଙ୍କ ନିକଟରେ ବିବେକାନନ୍ଦଙ୍କର ପ୍ରାର୍ଥନା।"

ବିବେକାନନ୍ଦଙ୍କ ଭାରତ ଭ୍ରମଣର ପରିଣତିସ୍ୱରୂପ ଦେଶର ଧନୀ, ଦରିଦ୍ର ଅନେକଙ୍କ ହୃଦୟରେ ସେବାର ଭାବ ଜାଗ୍ରତ ହେବାସହ ଲୋକଙ୍କ ଦୁଃଖ ଦୂର କରିବାପାଇଁ ସେମାନେ ଆଗେଇ ଆସିଥିଲେ।

**କିମ୍ବା, ଉ–** ଅନେକ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ତଥା ଶିଶୁସାହିତ୍ୟ ରଚନାକରି ଓଡ଼ିଆ ସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ଭିଦବିଜ୍ଞାନୀ ଶ୍ରୀଯୁକ୍ତ ବଂଶୀଧର ସାମନ୍ତରାୟ। ୧୯୪୨ ସାଲ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧରେ ପ୍ରାବନ୍ଧିକ ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ସଂପର୍କରେ ଆଲୋଚନା କରିଛନ୍ତି।

ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶ ହେଉଛି ମାନବର ସର୍ବାଙ୍ଗୀନ ଉନ୍ନତିସାଧନ, ବୈଷୟିକ, ଶାରୀରିକ, ମାନସିକ, ନୈତିକ ତଥା ଜ୍ଞାନୋନ୍ନତି ସହ ବିଶ୍ୱ ମାନବିକତାର ପ୍ରତିଷ୍ଠାନ ତଥା ସୃଷ୍ଟି ରହସ୍ୟର ଉଦ୍‌ଘାଟନ ଏବଂ ତା' ମୂଳରେ ନିହିତ ମହାଶକ୍ତିର ସ୍ୱରୂପ ନିରୂପଣ। ଏହି ସଭ୍ୟତାର ଶୀର୍ଷତମ ସୋପାନରେ ଉପନୀତ ହେବାନିମନ୍ତେ ମାନବ ବିଜ୍ଞାନକୁ ପଥପ୍ରଦର୍ଶକ ରୂପେ ବରଣ କରିଛି। ସେହି ବିଜ୍ଞାନ ବ୍ୟାପକ ଅର୍ଥରେ ଯେକୌଣସି ବିଷୟରେ ସମ୍ୟକ୍ ଜ୍ଞାନ ହେଲେ ମଧ୍ୟ ସାଧାରଣତଃ ଜଡ଼ ଓ ଜୀବନ୍ତ ବିଷୟକ ସସମ୍ବନ୍ଧ, ଶୃଙ୍ଖଳିତ ସମ୍ୟକ୍ ଜ୍ଞାନକୁ ବିଜ୍ଞାନ ରୂପେ ବ୍ୟବହାର କରାଯାଏ। ସୁତରାଂ ବିଜ୍ଞାନ ମଧ୍ୟରେ କଳା, ଦର୍ଶନ ଓ ଇତିହାସ ପ୍ରଭୃତି ମଧ୍ୟ ଅନ୍ତର୍ଭୁକ୍ତ।

ସେହି ଜଡ଼ ବିଜ୍ଞାନ ମୂଳରେ ନିହିତ ଗଣିତଶାସ୍ତ୍ର ବଳରେ ମଣିଷ ତା'ର ସକଳ ଜଟିଳତମ ସମସ୍ୟାକୁ ଅନାୟାସରେ ସମାଧାନ କରିପାରୁଛି। ଜଡ଼ ବିଜ୍ଞାନ ବଳରେ ଜଡ଼ ବିଷୟରେ ସମ୍ୟକ୍ ଜ୍ଞାନଲାଭ କରି ପ୍ରକୃତିରେ ସଂଘଟିତ ଯାବତୀୟ କ୍ରିୟାକୁ ହୃଦୟଙ୍ଗମ କରିପାରୁଛି। ବିଭିନ୍ନ ଗ୍ରହ, ତାରା, ଉପଗ୍ରହଙ୍କ କାର୍ଯ୍ୟ ପ୍ରଣାଳୀକୁ ଜାଣିବାସହ ବିଭିନ୍ନ ଧାତୁ ଓ ଉପାଦାନ ବିଶୁଦ୍ଧଭାବେ ଗ୍ରହଣ କରି ରେଳ, ମଟର ପ୍ରଭୃତି ନିର୍ମାଣପୂର୍ବକ ଯଥେଷ୍ଟ ବୈଷୟିକ ସୁଖସମୃଦ୍ଧି ସମ୍ପାଦନ କରିଅଛି। ତେଣୁ ପ୍ରାବନ୍ଧିକ କହିଛନ୍ତି, *"ଏସବୁର ମୂଳରେ ଜଡ଼ ବିଜ୍ଞାନର ଅନୁଶୀଳନ ଓ ଚର୍ଚ୍ଚାର ଫଳ ବିଦ୍ୟମାନ"*।

ଜୀବବିଜ୍ଞାନ ବଳରେ ମଧ୍ୟ ଆଣବିକ ଜୀବନ୍ତ ପଦାର୍ଥଠାରୁ ଆରମ୍ଭ କରି ବିଶାଳକାୟ ହସ୍ତୀ, ତିମି ପର୍ଯ୍ୟନ୍ତ ବିଶ୍ଳେଷଣ କରି ସେମାନଙ୍କ ବିଭିନ୍ନ ପ୍ରକ୍ରିୟା ଓ ସମସ୍ୟା ସମାଧାନରେ କ୍ଷମ ହୋଇଅଛି। ଜଡ଼ ଓ ଜୀବବିଜ୍ଞାନର ସମ୍ମିଶ୍ରଣ ତଥା ସହଯୋଗିତାରୁ ଶରୀର ତତ୍ତ୍ୱ ପ୍ରଭୃତି ଶାସ୍ତ୍ରବଳରେ ଜ୍ଞାନର ସୀମା ବୃଦ୍ଧି କରିବାସହ ଇଞ୍ଜିନିୟରିଙ୍ଗ୍‌ରେ ପରାକାଷ୍ଠା ଲାଭ କରିପାରିଛି। ଏହି ବିଜ୍ଞାନହିଁ ମାନବକୁ ବିବିଧ ରୋଗ କବଳରୁ ମୁକ୍ତ କରିବାସହ ମାନବର ବୈଷୟିକ, ଶାରୀରିକ ଓ ମାନସିକ ଉନ୍ନତି ବହୁପରିମାଣରେ ସାଧନ କରିଅଛି।

ବିଜ୍ଞାନ ବଳରେ ପୂର୍ବର ପଞ୍ଚଭୂତ ବିଶ୍ଳେଷଣ ମାଧ୍ୟମରେ ଅନେକ ଜଡ଼ ଉପାଦାନର ସମଷ୍ଟି ରୂପେ ନିରୂପିତ ହେବାସହିତ ସେମାନଙ୍କ ସମାବେଶ ସହ ଜୀବନ୍ତ ଶକ୍ତିର ବିକାଶଦ୍ୱାରା ହିଁ ଜୀବନ୍ତର ସମ୍ଭବ ହୋଇଛି। ଜୀବନ୍ତରେ ଥିବା ଏହି ଶକ୍ତି ସର୍ବତ୍ର ଦୃଶ୍ୟମାନ ହେଉଥିବା ଶକ୍ତିର ଏକତମ ଅବସ୍ଥା। ସେହି ଶକ୍ତିର ଜଡ଼ ଓ ଜୀବନ୍ତ ସହ ସଂପର୍କ ବିଷୟରେ ଜାଣିବାପାଇଁ ମାନବ ଆଜି ସତତ ଚେଷ୍ଟିତ।

ସୁତରାଂ, ସଭ୍ୟତାର ବିକାଶରେ ବିଜ୍ଞାନ ଆମକୁ ଆଶାତୀତ ସଫଳତା ପ୍ରଦାନ କରିଛି ଏବଂ ସେହି ପଥପ୍ରଦର୍ଶକ ମାଧ୍ୟମରେ ଆମେ ଯାବତୀୟ ବିଷୟରେ ସର୍ବାଙ୍ଗୀନ ଉନ୍ନତି ସାଧନପୂର୍ବକ ଏକ ଅଲୌକିକ ସଭ୍ୟତାର ଅଧିକାରୀ ହୋଇପାରିବୁ, ଏହା ନିଃସନ୍ଦେହ।

**ଖ)** "ଏହା ମଧ୍ୟ ................ ପରିଣାମ।"

ଉକ୍ତ ପ୍ରବନ୍ଧାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ଜନ୍ମଭୂମି' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୁରାଣପୁରୁଷ ଶ୍ରୀକୃଷ୍ଣଙ୍କୁ କିପରି ତାଙ୍କ କୃତକର୍ମର ପରିଣାମ ଭୋଗିବାକୁ ପଡ଼ିଥିଲା, ତାହା ପ୍ରତିପାଦନ କରିଛନ୍ତି।

ଏ ସଂସାରରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ପ୍ରାଣୀକୁ ତା' କୃତକର୍ମର ପରିଣାମ ଭୋଗିବାକୁ ପଡ଼େ। ମାନବ ଶରୀର ଧାରଣ କରିଥିବା ଲୀଳାପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କୁ ମଧ୍ୟ ତାଙ୍କ ଜନ୍ମଭୂମି ଗୋପପୁର ପ୍ରତି କରିଥିବା ବିଶ୍ୱାସଘାତକତାର କୁପରିଣତି ଭୋଗ କରିବାକୁ ପଡ଼ିଥିଲା। ସେ ଯଦି ଗୋପପୁରରେ ରହି ଗୋଚାରଣ କରିଥାନ୍ତେ, ତା'ହେଲେ ଚର୍ମପାଦୁକା ପରି କଠିନ ହୋଇଥାନ୍ତା, ତାହା ବ୍ୟାଧର ଦୃଷ୍ଟିଆକର୍ଷଣ କରି ନଥାନ୍ତା। ସେ ତାଙ୍କ ଜନ୍ମଭୂମି ଗୋପପୁର ଛାଡ଼ି ଦ୍ୱାରକା ଆସି ଐଶ୍ୱର୍ଯ୍ୟ ଲୀଳା ସଂପନ୍ନ କଲେ; କିନ୍ତୁ ପରିଣତିସ୍ୱରୂପ ସବୁକିଛି ହରାଇ ଅସହାୟ ଭାବରେ ଯେତେବେଳେ ଲତିକାଦୋଳାରେ ଅବଶ ଅଙ୍ଗକୁ ଢାଳିଦେଲେ, ସେତେବେଳେ ତାଙ୍କ ପଦଯୁଗଳ ଦ୍ୱାରକାର ରାଜଭୋଗରେ ନବପଲ୍ଲବ ପରି ରକ୍ତାଭ ହୋଇଯାଇଥିଲା। ତେଣୁ ତାହା ନିର୍ବୋଧ ବ୍ୟାଧ ମନରେ ହରିଣ କର୍ଣ୍ଣର ଭ୍ରମ ସୃଷ୍ଟି କରିଥିଲା। ଯାହାର ଫଳସ୍ୱରୂପ ନିର୍ବୋଧ ବ୍ୟାଧର ଲୌହଶର ତାଙ୍କ ପଦବିଦ୍ଧ କଲା। ଏହାହିଁ ତାଙ୍କ କୃତକର୍ମର ନିର୍ମମ ପରିଣତି। ପରିଣତିକୁ ଚିନ୍ତାକରି କାର୍ଯ୍ୟକରିବା ଉଚିତ। ଶ୍ରୀକୃଷ୍ଣଙ୍କ ଜୀବନୀ ଆମକୁ ଏହି ଶିକ୍ଷା ପ୍ରଦାନ କରେ।

**କିମ୍ବା,** "ବଥ ସିନା ............... ବଥାଏ ନାହିଁ।"

ଉକ୍ତ ପ୍ରବନ୍ଧାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଗୋଲୋକବିହାରୀ ଧଳ ମାତୃଭାଷାର ଉନ୍ନତି ନିମନ୍ତେ ଯତ୍ନଶୀଳ ହେବାପାଇଁ ସଚେତନ କରାଇଛନ୍ତି।

ଆବୁ ଏକ ମାଂସଳପିଣ୍ଡ। ତାହା ଯନ୍ତ୍ରଣାଦାୟକ ନୁହେଁ। କିନ୍ତୁ ବଥର ଶରୀର ସହିତ ରକ୍ତ ସଂପର୍କ ଥାଏ। ତାହା ଯନ୍ତ୍ରଣା ଦିଏ। ସେହିପରି ଆମ ଭାଷାସାହିତ୍ୟ ବିଶେଷ ପ୍ରଗତିଶୀଳ ନ ହେବା, ବିଶ୍ୱଦରବାରରେ ପରିଚୟ ଲାଭ ନ କରିବା ଆମପାଇଁ ବେଦନାଦାୟକ। ଅନ୍ୟ ଭାଷାଭାଷୀଙ୍କ ପାଇଁ ତାହା ଆବୁ ସଦୃଶ। ତେଣୁ ସେ ଯନ୍ତ୍ରଣାକୁ ଦୂରକରିବା ଦାୟିତ୍ୱ ଆମର। ବିଦେଶୀ ଶାସନ ତଳେ ଆମ ଭାଷା ଗତିରୋଧ ହୋଇଥିଲା; କିନ୍ତୁ ଆଜି ଆମକୁ ନିରଳସ, ନିରବଚ୍ଛିନ୍ନ ସାଧନା ମାଧ୍ୟମରେ ଭାଷା ସାହିତ୍ୟକୁ ପ୍ରଗତିଶୀଳ କରିବାକୁ ହେବ। ମାତୃଭାଷା ପାଇଁ ହୃଦୟରେ ଯଥେଷ୍ଟ ସଚେତନତା ତଥା ସମ୍ମାନବୋଧ ପୋଷଣ କରିବାକୁ ହେବ। ତା'ହେଲେ ଆମେ ଆମ ରାଜ୍ୟ ତଥା ଭାଷା ସାହିତ୍ୟ ଅନ୍ୟାନ୍ୟ ଭାଷା ପରି ବିଶ୍ୱଦରବାରରେ ପରିଚିତ ତଥା ସମ୍ମାନିତ ହୋଇପାରିବା, ସେତେବେଳେ ଆମେ ବଥର ଯନ୍ତ୍ରଣାରୁ ମୁକ୍ତି ପାଇପାରିବା। ତେଣୁ ମାତୃଭାଷା ପାଇଁ ସ୍ୱାଭିମାନ ଓ ତା'ର ଉନ୍ନତିସାଧନ ଆମର ଏକାନ୍ତ କାମ୍ୟ ହେବା ଉଚିତ।

**୧୨. କ)** ଓଡ଼ିଶାର ଜନମାନସରେ ବିଦ୍ୟୁତ୍‌ପ୍ରଭା ଦେବୀ ଜଣେ ଅସାମାନ୍ୟ ପ୍ରତିଭାର ଅଧିକାରିଣୀ ନାରୀକବି ରୂପେ ସୁପରିଚିତା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ସସମୃଦ୍ଧ କରିଥିବା ସେହି ନାରୀକବିଙ୍କ ଅନେକ କାବ୍ୟକୃତି ମଧ୍ୟରୁ 'ମାଟି, ପାଣି, ପବନ' ଅନ୍ୟତମ। ଉକ୍ତ କବିତା ପୁସ୍ତକରୁ ସଂଗୃହୀତ 'ସର୍ବଂସହା ମାଟି' କବିତାରେ ନାରୀକବି ମାଟି କିପରି ସର୍ବଂସହା, ତାହାର ଯଥାର୍ଥତା ପ୍ରଦାନ କରିଛନ୍ତି।

*"ସର୍ବଂସହା ସୁମର୍ଯ୍ୟାଦା ଭୂଦେବୀ ପୂଜିତା ସଦା"*– ଏହି ମୁନିବାଣୀ ପ୍ରମାଣକରେ ଯେ ସର୍ବଂସହା ମର୍ଯ୍ୟାଦାବତୀ ଭୂଦେବୀ ପୃଥିବୀ ଆମ୍ଭମାନଙ୍କର ସତତ ନମସ୍ୟା। କାରଣ ସବୁକିଛି ସହିବାରେ ନିପୁଣା ଧରଣୀ ତା'ବକ୍ଷରେ ବାସକରୁଥିବା ନର, ପଶୁ, ପକ୍ଷୀ, କୀଟ, ତରୁ ସମସ୍ତଙ୍କୁ ସନ୍ତାନପରି ପାଳନ କରୁଛି। ବାତ୍ସଲ୍ୟମୟୀ ଜନନୀ ପରି ତା'ର ସ୍ନେହମମତାକୁ ସମସ୍ତଙ୍କ ଉପରେ ସମାନ ଭାବରେ ବାଣ୍ଟି ଦେଉଛି ଏବଂ ସେମାନଙ୍କ ପାଇଁ ସକଳ ଆବଶ୍ୟକତାକୁ ନିଜ ବକ୍ଷରେ ସଜେଇ ରଖିଛି। ମାଟି ମାଆ ସହନଶୀଳତାର ଏକ ମୂର୍ତ୍ତିମନ୍ତ ବିଗ୍ରହ। ତା'ର ପ୍ରାଣ ପତ୍ର ପରି କୋମଳ ହେଲେ ମଧ୍ୟ ଶରୀର ତା'ର ପାହାଡ଼ ପରି କଠିନ। ତେଣୁ ତା'ର ସନ୍ତାନମାନେ ଜନ୍ମକାଳରୁ ତା' ଦେହରେ ଯେତେ ଆଘାତ ଦେଲେ ମଧ୍ୟ ସେ ଆନନ୍ଦରେ ସେସବୁକୁ ସହିଯାଇଛି। ନିଜ ସନ୍ତାନ ମନେକରି ସମସ୍ତଙ୍କର ସବୁ ଦୋଷକୁ କ୍ଷମା କରି ଦେଇଛି। ତେଣୁ କବି ଗାଇଛନ୍ତି –

*"ଜନମ କାଳୁ ଯେ ଦେହେ ତୋ ଆଘାତ*
*କେତେ ନ ଦେଇଛି ମୁହିଁ*
*ନିଜ ଛୁଆ ବୋଲି ସବୁ ଦୋଷ ସିନା*
*କ୍ଷମିଅଛୁ ଏକା ତୁହି।"*

ମାତୃତ୍ୱ ଭାବନା ନିକଟରେ ସବୁ କଷ୍ଟ ଯନ୍ତ୍ରଣା ତୁଚ୍ଛ ହୋଇଯାଏ। ତେଣୁ ଜନନୀପରି ମାଟି ତା'ର ସନ୍ତାନଙ୍କର ସବୁ ଅଳିଅର୍ଦ୍ଦଳିକୁ ଆନନ୍ଦରେ ସହିଯାଏ। ଭୁଲିଯାଏ ତା' ସନ୍ତାନମାନଙ୍କର ରାଗ, ରୋଷ ଓ ସକଳ ଅଭିମାନକୁ। ତେଣୁ ମାଟିର ମମତାକୁ ସ୍ମରଣ କରି କବି ଗାଇଛନ୍ତି –

*"ଯେତେ ରାଗ ରୋଷ କରେ ତୋହ ପାଖେ*
*ମାଆ ବୋଲି ଯାଉ ଭୁଲି।''*

ଜୀବଜଗତର ସବୁ ଅଳିଅର୍ଦ୍ଦଳି ସହୁଥିବା ମାଟି ମାଆର ସର୍ବଂସହା ରୂପ ଦେଖି ନାରୀକବି ତାଙ୍କୁ ପ୍ରଶଂସା କରିବା ସହ ଅଭିଭୂତ ଓ ପ୍ରଭାବିତ ହୋଇଛନ୍ତି। ମାଟିମାଆ ପରି ନିଜେ ସବୁ ସହି ଜଗତର କଲ୍ୟାଣ ନିମନ୍ତେ ତାଙ୍କଠାରୁ ସହନଶୀଳତା ପ୍ରାର୍ଥନା କରି କବି ଗାଇଛନ୍ତି–

*"ଅମାପ ଧରିଯୁଁ ଦେଏ ଟିକେ ମତେ*
*ନିଦା ହେଉ ମୋର ଛାତି।"*

ବାସ୍ତବିକ୍ ନାରୀକବିଙ୍କ ଅମର ଲେଖନୀରେ ମାଟିମାଆର ସର୍ବଂସହା ରୂପ ସୁନ୍ଦରଭାବେ ଫୁଟିଉଠିଛି।

**କିମ୍ବା, ଉ–** ରାଧାନାଥ ଯୁଗର ଅନ୍ୟତମ ଅନନ୍ୟ ସାରସ୍ୱତ ପ୍ରତିଭାଦୀପ୍ତ ବରେଣ୍ୟ କବି ଥିଲେ ସ୍ୱଭାବକବି ଗଙ୍ଗାଧର ମେହେର। ସେହି ଯୋଗଜନ୍ମା କବିଙ୍କ ରଚିତ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ସଂଗୃହୀତ 'ମଙ୍ଗଳେ ଅଇଲା ଉଷା' ନାମକ କବିତା। ଏଠାରେ କବି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଅବସ୍ଥାନ କରୁଥିବା ନିର୍ବାସିତା ସତୀ ସୀତାଙ୍କୁ ଉଷାଦେବୀ କିପରି ସ୍ୱାଗତ କରିଛନ୍ତି, ତାହା ବର୍ଣ୍ଣନା କରିଛନ୍ତି।

ଆଳଙ୍କାରିକ ଆନନ୍ଦବର୍ଦ୍ଧନଙ୍କ ମତରେ, "ଅପାର କାବ୍ୟ ସଂସାରେ କବିରେବ ପ୍ରଜାପତିଃ; ଅର୍ଥାତ୍ ପ୍ରଜାପତିଙ୍କ ସଦୃଶ କବି ପ୍ରକୃତିକୁ ନିଜ ଇଚ୍ଛା ଅନୁଯାୟୀ ଚିତ୍ରଣ କରନ୍ତି। ସ୍ୱଭାବକବିଙ୍କ ଦୃଷ୍ଟିରେ ପ୍ରକୃତି ବୁକୁରେ ଭରିରହିଛି ଜୀବନ୍ତ ପ୍ରାଣସତ୍ତା ଓ ସମ୍ବେଦନଶୀଳତାର ଆବେଗ। ତେଣୁ ସେ ସାମାଜିକ ଚଳଣିରେ ଥିବା ଅଭିନନ୍ଦନର ପରମ୍ପରାକୁ ପରିପୂରଣ କରିବା ନିମନ୍ତେ କବି ପ୍ରକୃତିକୁ ନିର୍ବାଚନ କରିଛନ୍ତି। ତାଙ୍କ କାବ୍ୟନାୟିକା ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ନିର୍ବାସିତର ଜୀବନଯାପନ କରୁଥିବା ଅଯୋଧ୍ୟା ରାଜଲକ୍ଷ୍ମୀ ସତୀ ସୀତାଙ୍କୁ ରାଜକୀୟ ମର୍ଯ୍ୟାଦା ପ୍ରଦାନପୂର୍ବକ ସ୍ୱାଗତ କରିବାର ଦାୟିତ୍ୱ ଅର୍ପଣ କରିଛନ୍ତି ଉଷାକାଳକୁ। କବିଙ୍କ ଲେଖନୀ ସ୍ପର୍ଶରେ ଜଡ଼ ଉଷାକାଳ ଜୀବନ୍ତ ହୋଇ ଉଷାଦେବୀ ସାଜି ପୂଜ୍ୟପୂଜା ନିମନ୍ତେ ଆଗେଇ ଆସିଛନ୍ତି। ଏକ ଯୋଗେଶ୍ୱରୀ ରୂପରେ ଲାଲ ରଙ୍ଗର ପାଟବସ୍ତ୍ର ପରିଧାନ କରି ବିକଶିତ ପଦ୍ମନେତ୍ରରେ ସତୀ ସୀତାଙ୍କ ଦର୍ଶନର ବ୍ୟାକୁଳତା ହୃଦୟରେ ବହନ କରି ସେ ବାଲ୍ମୀକିଙ୍କ ଆଶ୍ରମ ପ୍ରାଙ୍ଗଣରେ ଉପସ୍ଥିତ ହୋଇଛନ୍ତି। କରପଲ୍ଲବରେ ଉପହାର ନିମନ୍ତେ ନୀହାର ମୁକ୍ତା ଧରି ସେ କୋକିଳର କୁହୁତାନରେ ରାତ୍ରିପାହିବାର ସୂଚନା ଦେଲାବେଳେ କବି ଗାଇଛନ୍ତି –

*"କଳକଣ୍ଠ କଣ୍ଠେ କହିଲା,*
*ଦରଶନ ଦିଅ ସତି, ରାତି ପାହିଲା।"*

ସତୀ ରାଜ୍ୟରାଣୀଙ୍କୁ ରାଜକୀୟ ମର୍ଯ୍ୟାଦା ପ୍ରଦାନପୂର୍ବକ ସ୍ୱାଗତ କରିବା ନିମନ୍ତେ ଉଷାରାଣୀଙ୍କ ନିର୍ଦ୍ଦେଶରେ ପ୍ରଭାତର ମନ୍ଦମଳୟ ସଂଗୀତ ଗାନ କରିଛି। ଭ୍ରମରକୁଳ ବୀଣାବାଦନ କରିବାସହ ସୁରଭି ନୃତ୍ୟ ପରିବେଷଣରେ ଉନ୍ମତ୍ତ ହୋଇଉଠିଛି। ଭାଟରୂପଧାରୀ କୁମ୍ଭାଟୁଆ ସ୍ତବପାଠ କଲାବେଳେ ପାଟମାଗଧ ବେଶରେ କଜଳପାତି ଆସି ରାତିପାହିବାର ସୂଚନା ଦେଇ ତା'ର ଲଳିତମଧୁର କଣ୍ଠରେ ଗାଇଛି–

*"ଉଠ ସତୀ ରାଜ୍ୟ-ରାଣୀ ରାତି ପାହିଲା।"*

ପ୍ରଭାତକାଳୀନ କୁସୁମର କାନ୍ତିରେ ଉଦ୍ଭାସିତ ହୋଇଉଠୁଥିବା ସେହି ଯୋଗେଶ୍ୱରୀଙ୍କ ପ୍ରଶାନ୍ତ ରୂପ ତଥା ମଧୁର ଆଶ୍ୱାସନାର ବାଣୀ ଶୁଣି କବିଙ୍କ ମନରେ ଭରିଦେଇଛି ଅସୀମ ଆତ୍ମବିଶ୍ୱାସ। ସେହି ଯୋଗେଶ୍ୱରୀ ନିଶ୍ଚିତ ଭାବରେ ସତୀ ସୀତାଙ୍କର ଦୁଃଖ ଦୂର କରି ତାଙ୍କୁ ନବଜୀବନ ପ୍ରଦାନ କରିବା ନିମନ୍ତେ ଧରାବତରଣ କରିଛନ୍ତି ବୋଲି ଅନଭୁବ କରି ଆନନ୍ଦୋଦ୍‌ବେଳିତ ହୃଦୟରେ ଗାଇଛନ୍ତି –

*"କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି*
*ଡାକୁଛନ୍ତି ଦୁଃଖରାଶି-ଉପଶମନେ,*
*ଦେବାପାଇଁ ନବଜୀବନ*
*ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ।"*

ପ୍ରକୃତିକୁ ଜୀବନ୍ତରୂପେ ବର୍ଣ୍ଣନା କରିବା କେବଳ ପ୍ରକୃତିକବିଙ୍କ ଲେଖନୀରେ ସମ୍ଭବ।

**ଖ)** *"ଭାଜି ପଡୁ......................ବିଜୟର ମାଳା ।"*

ଉକ୍ତ ପଦ୍ୟାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ଜାଗ ବନ୍ଧନହରା' କବିତାରୁ ଆନୀତ। ଏଠାରେ କବି ଅନନ୍ତ ପଟ୍ଟନାୟକ ତରୁଣମାନଙ୍କୁ ସକଳ ପ୍ରତିବନ୍ଧକକୁ ଅତିକ୍ରମ କରି ବିଜୟଶ୍ରୀ ବିମଣ୍ଡିତ ହେବାପାଇଁ ଆହ୍ୱାନ ଦେଇଛନ୍ତି।

ତରୁଣମାନେ ହିଁ ସମାଜର ଭବିଷ୍ୟତ। ସମାଜ ବିରୋଧରେ ସ୍ୱର ଉତ୍ତୋଳନ କରି ସମାଜର ପରିବର୍ତ୍ତନ ଆଣିବାକୁ ସେମାନେ ହିଁ ସମର୍ଥ। ତେଣୁ କବି ସେହି ସୁପ୍ତ ସିଂହମାନଙ୍କୁ ଜାଗ୍ରତ କରାଇ ସମାଜର ଦୟନୀୟ ସ୍ଥିତି ସଂପର୍କରେ ଅବଗତ କରାଇଛନ୍ତି। ଏକ ନୂତନ ସମାଜ ଗଠନ ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଦୁଃଖ, ଦୈନ୍ୟ, ନିରାଶାରେ ଦୁର୍ବଳ ହୋଇପଡ଼ିଥିବା ଜୀବନକୁ ସେମାନେ ଦୂରକୁ ଫିଙ୍ଗି ଦିଅନ୍ତୁ। ସୁଖଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଏକ ସୁସ୍ଥ ସମାଜ ଗଠନ ପାଇଁ ସେମାନେ ପୁରାତନ ସମାଜ ବିରୋଧରେ ଅଭିଯାନ ଆରମ୍ଭ କରନ୍ତୁ। ସେମାନଙ୍କ ଜୟଯାତ୍ରାର ବିଜୟ ରଥଚକ୍ର ତଳେ ମଣିଷକୁ ଯନ୍ତ୍ରଣା ଜର୍ଜର କରୁଥିବା ଉତ୍‌ପୀଡ଼ନର ସକଳ ଉତ୍ସ ଚୂର୍ଣ୍ଣୀଭୂତ ହୋଇଯାଉ। ସମାଜକୁ ଆବଦ୍ଧ କରି ରଖିଥିବା ସକଳ ବନ୍ଧନକୁ ଛିନ୍ନ କରି ସେମାନେ ବିଜୟୀରେ ବିମଣ୍ଡିତ ହୁଅନ୍ତୁ। କବିଙ୍କର ଏହି ବୈପ୍ଳବିକ ଆହ୍ୱାନ ଯୁଗ ଯୁଗ ଧରି ତରୁଣମାନଙ୍କୁ ପ୍ରେରଣା ପ୍ରଦାନ କରୁଥିବ।

**କିମ୍ବା, ଉ–** *"ପାପଗର୍ତ୍ତେ ............ ଦେବେ ପ୍ରାଣ।"*

ଉକ୍ତ ପଦ୍ୟାଂଶଟି କବିବର ରାଧାନାଥ ରାୟଙ୍କ ରଚିତ ପ୍ରକୃତିକାବ୍ୟ 'ଚିଲିକା'ର ଅଂଶବିଶେଷ 'ଚିଲିକାରେ ସାୟନ୍ତନ' କବିତାରୁ ଆନୀତ। ଏଠାରେ କବି ଜୀବନଦର୍ଶନ ସହ ମୀନମାନଙ୍କର ପ୍ରାଣତ୍ୟାଗର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି।

ମୀନମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପୋତପାଳମାନେ ନୌକାବକ୍ଷରେ ମଶାଲମାନ ଜାଳିଦେଇଛନ୍ତି। ସେହି ମଶାଲର ଶିଖା ପ୍ରତି ଆକୃଷ୍ଟ ହୋଇ ମୀନମାନେ ନୌକା ବକ୍ଷକୁ ଲମ୍ଫ ଦେଉଥିବାର ଦୃଶ୍ୟ କବି କଳ୍ପନାନେତ୍ରରେ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ଟ୍ରେଣ୍ଡ କରୁଛି ବନାଗ୍ନି ପରବର୍ତ୍ତୀ ଫଟୋ

# ଧ୍ୱଂସସ୍ତୂପ ତଳୁ ଗଜୁରିଲାଣି ଜୀବନ



ସିଡନୀ: ବିଦାୟୀ ବର୍ଷରେ ଅଷ୍ଟ୍ରେଲୀୟବାସୀ ଦେଖିଛନ୍ତି ବନାଗ୍ନିର ବିଭୀଷିକା। ଯୁଆଡ଼େ ଆଖି ପଡ଼ିଲେ ଜଙ୍ଗଲ ନିଆଁର କରାଳ ରୂପ। ଜଳିପୋଡ଼ି ଛାରଖାର ହୋଇଯାଇଛି ଗଛ, ବନସ୍ପତି, ଗୁଳ୍ମ। ପାଖାପାଖି ୬୩,୦୦୦ ବର୍ଗକିମି ଘଞ୍ଚ ଜଙ୍ଗଲ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଜଙ୍ଗଲୀଜନ୍ତୁ ଦେଖିବାକୁ ସାତସପନ। ଏବେ ସେଠାରେ ରାଜୁତି କରୁଛି ନୀରବତା। ହେଲେ ବନାଗ୍ନିର ଭୟଙ୍କର ପଦଚିହ୍ନ ମଧ୍ୟରେ ଏବେ ଥୁଣ୍ଟା ଗଛ ତଳୁ ଗଜୁରିବା ଆରମ୍ଭ କଲାଣି ଜୀବନ। ଏହାକୁ ବିଶେଷଜ୍ଞମାନେ ଜୀବନ ବାହୁଡ଼ିବାର ସଙ୍କେତ ବୋଲି କହିଛନ୍ତି। ପ୍ରକୃତିର ଭଙ୍ଗାଗଢ଼ା ନିୟମର ଏପରି କେତେକ ଫଟୋ ଉଠାଇଛନ୍ତି ସ୍ଥାନୀୟ ଫଟୋଗ୍ରାଫର ମୁରେ ଲୋୱେ, ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି।

ଅଷ୍ଟ୍ରେଲିଆର ଘଞ୍ଚ ଜଙ୍ଗଲରେ ଗତ ସେପ୍ଟେମ୍ବରରେ ବ୍ୟାପିଥିଲା ଭୀଷଣ ବନାଗ୍ନି। ଏହାପରେ ଲକ୍ଷାଧିକ ଲୋକ ସୁରକ୍ଷିତ ସ୍ଥାନକୁ ପଳାଇ ଆସିଥିଲେ, ଯେଉଁମାନଙ୍କ ଭିତରେ ଥିଲେ ଲୋୱେ। ନିଆଁ ଥମିବା ପରେ ସେ ସେଣ୍ଟ୍ରାଲ ନ୍ୟୁ ସାଉଥ୍ ୱେଲ୍ସର କୁଲନୁରା ଅଞ୍ଚଳରେ ଥିବା ନିଜର ଘରର ଅବସ୍ଥା ଦେଖିବାକୁ ଯାଇଥିଲେ। ଉକ୍ତ ସମୟରେ ବିବର୍ଣ୍ଣ ପରିବେଶ ଭିତରେ ତାଙ୍କ ଆଖି ଅଟକି ଯାଇଥିଲା କଅଁଳ ସବୁଜ ଛନଛନ ପତ୍ର ଉପରେ। ନିଆଁ ଧାସରେ କଳା ପଡ଼ିଯାଇଥିବା ଗଛଗୁଡ଼ିକ ଭିତରୁ ଗୋଲାପୀ, ସବୁଜ ରଙ୍ଗର ପତ୍ର ଗଜୁରିବା ଆରମ୍ଭ କରିଥିଲା। ପ୍ରକୃତି ନୀରବରେ ନିଜର ଭରଣା କରିବା ଆରମ୍ଭ କରିଦେଇଥିଲା। ଏପରି ବିଚିତ୍ର ଦୃଶ୍ୟକୁ କ୍ୟାମେରାରେ ତୋଳି ଧରିଥିଲେ ଲୋୱେ। ଏପରି ଫଟୋ ଏବଂ ଭିଡ଼ିଓକୁ ନେଇ ଆଗାମୀ ଭବିଷ୍ୟତରେ ସେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ କରିବାକୁ ଯୋଜନା ରଖିଥିବା କହିଛନ୍ତି ଏହି ୭୧ବର୍ଷୀୟ ଫଟୋଗ୍ରାଫର।

ଅନ୍ୟପଟେ ଏ ନେଇ ୟୁନିଭର୍ସିଟି ଅଫ୍ ସେଫିଲ୍ଡର ଇକୋଲୋଜି ବିଶେଷଜ୍ଞ ଡା. କିମ୍ପଲେ ସିମ୍ପଶନ କୁହନ୍ତି, ଅଷ୍ଟ୍ରେଲିଆର ଘଞ୍ଚ ଜଙ୍ଗଲ ଲକ୍ଷାଧିକ ବର୍ଷ ହେଲା ବନାଗ୍ନି ସହ୍ୟ କରି ଆସୁଛି। ଗଛଗୁଡ଼ିକ ଏପରି ପ୍ରତିକୂଳ ବାତାବରଣ ସହ ଖାପଖୁଆଇ ସାରିଛନ୍ତି। ଗଛର ନୂଆ ଅଙ୍କୁରଣ ସ୍ୱତଃ ପ୍ରକ୍ରିୟା। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଫଟୋରେ ଜଣେ ୟୁଜର ଭାବୁକ ହୋଇ କହିଛନ୍ତି, ପ୍ରକୃତି ନିଜର କାମ କରିବା ଭଲଭାବେ ଜାଣିଛି। ଏହା ନୂଆ ଆଶାର କିରଣ। ସବୁକିଛି ଶୀଘ୍ର ଠିକ୍ ହୋଇଯିବ।

## ନିର୍ବାଚନରେ ଇଭିଏମ୍‌କୁ ଧୀଲୋନଙ୍କ ନା

# ବାଲଟ୍ ପେପର ବ୍ୟବହାର ନେଇ ପଦଯାତ୍ରା

**ଛତ୍ରପୁର, ୧୩।୧(ଡି.ଏନ.ଏ.)**

ଦେଶରେ ସାଧାରଣ ନିର୍ବାଚନ ବେଳେ ଇଭିଏମ୍ ଦ୍ୱାରା ଭୋଟ ଗ୍ରହଣ କରାଯାଉଛି। ତେବେ ଏହାକୁ ବାଦ୍ ଦେଇ ପୂର୍ବରୁ ପ୍ରଚଳିତ ହେଉଥିବା ବାଲଟ୍ ପେପର ଦ୍ୱାରା ଭୋଟ ଗ୍ରହଣ କରିବା ପାଇଁ ବ୍ୟବସ୍ଥା ଆରମ୍ଭ କରିବା ନେଇ ସଚେତନତା ସୃଷ୍ଟି କରିବାକୁ ଉତ୍ତରାଖଣ୍ଡର ଓମ୍‌କାର ସିଂ ଧୀଲୋନ ସାରା ଭାରତ ପଦଯାତ୍ରାରେ ଅଗଷ୍ଟ ୧୮ ରୁ ବାହାରିଛନ୍ତି। ଧୀଲୋନ୍ ସୋମବାର ଛତ୍ରପୁର ଉପକଣ୍ଠ ଜାତୀୟ ରାଜପଥ ନିକଟରେ ପହଞ୍ଚି ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ୪୫୦୦ କି.ମି. ଅତିକ୍ରମ କରିସାରିଲେଣି ବୋଲି କହିଛନ୍ତି। ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, କର୍ନାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଅତିକ୍ରମ କରି ଓଡିଶାରେ ସେ ପହଞ୍ଚିଛନ୍ତି। ଏହାପରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଯିବେ ବୋଲି କହିଛନ୍ତି। ଏହି ଯାତ୍ରା ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଛତ୍ରପୁରରେ ପହଞ୍ଚିବା ପରେ ତାଙ୍କୁ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ଭାଗୀରଥି ବେହେରା, ସୁବୋଧ ସୁମନ ସ୍ୱାଇଁ, ଦୀପକ ରାଉଳ ଓ ରଞ୍ଜିତ ରଥ ପ୍ରମୁଖ ଯୋଗ ଦେଇଥିଲେ।



ଓମ୍‌କାର ସିଂ ଧୀଲୋନଙ୍କ ପଦଯାତ୍ରା।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ଅବଲୋକନ କରିଛନ୍ତି। ଏହି ଦୃଶ୍ୟ କବିଙ୍କ ହୃଦୟରେ ସୃଷ୍ଟିକରିଛି ଦାର୍ଶନିକ ଚିନ୍ତାଧାରା। ସେ ସେହି ମଶାଲକୁ ପାପମୂର୍ତ୍ତି ସହିତ ତୁଳନା କରିଛନ୍ତି। କବିଙ୍କ ମତରେ ପାପମୂର୍ତ୍ତି ଅତୀବ ସୁନ୍ଦର। ସେ ତା'ର ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ପ୍ରଲୁବ୍ଧ କରେ। ଯେଉଁ ଅଜ୍ଞାନ ତାକୁ ବୁଝି ନପାରି ପ୍ରଲୁବ୍ଧ ହୋଇ ତାକୁ ସ୍ପର୍ଶକରେ, ସେ ପାପଗର୍ତ୍ତରେ ପଡ଼ି ଦୁଃଖ ଭୋଗିବାସହ ମୃତ୍ୟୁବରଣ କରେ। କାରଣ ପାପ ଅତୀବ ମାରାତ୍ମକ ଅଟେ। ଠିକ୍ ସେହିପରି ମଶାଲର ଶିଖାକୁ ବୁଝି ନପାରି ତା'ପ୍ରତି ଆକୃଷ୍ଟ ହୋଇ ମୀନମାନେ ତରୀଗର୍ଭକୁ ଲମ୍ଫ ଦେଇ ମୃତ୍ୟୁବରଣ କରୁଛନ୍ତି। କବିଙ୍କର ଏହି ତୁଳନାତ୍ମକ ଚିତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ।

**୧୩. କ) ଉତ୍କଳର ପର୍ବପର୍ବାଣି**

ମାନବ ଜୀବନ କର୍ମମୟ। କର୍ମବଂଚିତ ଜୀବନ ମୂଲ୍ୟହୀନ ତଥା ଅପାଂକ୍ତେୟ। କର୍ମରେ ବିଶ୍ୱାମିତ୍ର ବ୍ରହ୍ମର୍ଷି ଆଉ କର୍ମରେ ମାର୍କଣ୍ଡେୟ କଳ୍ପଜୀବୀ। ଏଣୁ କର୍ମକ୍ଳାନ୍ତ ପ୍ରାଣ କ୍ଳାନ୍ତି ଅପନୋଦନ ନିମନ୍ତେ ଲୋଡ଼େ ବିଶ୍ରାମ, ଶାନ୍ତି ଆଉ ସନ୍ତୋଷ, ଯାହା ନୂତନ କର୍ମସ୍ପୃହାକୁ ବିକାଶ କରେ। ସ୍ଥୂଳତଃ ଉକ୍ତ ଉଦ୍ଦେଶ୍ୟ ଚରିତାର୍ଥ ନିମନ୍ତେ ସମାଜରେ ସୃଷ୍ଟି କରଯାଇଛି ପର୍ବପର୍ବାଣି। ଏଗୁଡ଼ିକ ପ୍ରାଣରେ ଧାର୍ମିକ ଆବେଗ ଭରିଦେଇ ପ୍ରାଣରେ ଆନନ୍ଦର ଫଲ୍‌ଗୁ ବହମାନ କରାଇଥା'ନ୍ତି।

ଉତ୍କଳର ଅଧିବାସୀଗଣ ସ୍ୱଭାବତଃ ଧର୍ମଭୀରୁ। ଏଣୁ ପର୍ବପର୍ବାଣିଗୁଡ଼ିକୁ ଧାର୍ମିକ ଚେତନା ସହ ସଂଯୋଜିତ କରି, ସାମାଜିକ ସହବନ୍ଧନ ପାଇଁ ବାରମାସରେ ତେର ପର୍ବ ପାଳନର ବ୍ୟବସ୍ଥା କରାଯାଇଛି। ଉତ୍କଳୀୟମାନଙ୍କର ଈଶ୍ୱର ବିଶ୍ୱାସ ଅସ୍ଥିମଜ୍ଜାଗତ। ଏଣୁ ମାନବ ପ୍ରାଣରେ ସାଂସାରିକ ଜଞ୍ଜାଳରେ ଭୋଗକରୁଥିବା ବିବିଧ ସଂକଟରୁ ରକ୍ଷାପାଇବାପାଇଁ ହେଉ ଅଥବା ମନସ୍କାମନା ପରିପୂରଣ ପାଇଁ ହେଉ ଈଶ୍ୱର ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ତଥା ସେଗୁଡ଼ିକ ପାଳନରେ ଉତ୍ସୁକତା ପରିଲକ୍ଷିତ ହୋଇଥାଏ।

ପର୍ବପର୍ବାଣି ସମ୍ପର୍କରେ ଆଲୋଚନାରେ ପ୍ରବେଶ କଲାବେଳେ ସ୍ମୃତିକୁ ଆସନ୍ତି ସୂର୍ଯ୍ୟ। ତାଙ୍କର ସଂକ୍ରମଣକୁ ନେଇ ସୌର ମାସର ସୃଷ୍ଟି। ତଦନୁସାରେ ମହାବିଷୁବ ସଂକ୍ରାନ୍ତି, ଯାହା ବୈଶାଖ ମାସରେ ଆସେ, ତାହା ହିଁ ହିନ୍ଦୁ ନବବର୍ଷର ଆରମ୍ଭ ଦିବସ ଭାବେ ଗୃହୀତ ହୋଇଥାଏ।

ପ୍ରଚଣ୍ଡ ରୌଦ୍ରତାପଜନିତ ସନ୍ତାପିତ ପ୍ରାଣରେ ତୃପ୍ତି ଆନୟନ ନିମନ୍ତେ ଏହି ପର୍ବଟିରେ ପଣାପାଣିର ବ୍ୟବସ୍ଥା କରାଯାଇ ବିବିଧ ପ୍ରକାରରେ ଦେବାର୍ଚ୍ଚନା କରାଯାଏ। ଏହି ମାସର ପ୍ରମୁଖ ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟ ତୃତୀୟା, ନୃସିଂହଜନ୍ମ ଓ ଚନ୍ଦନଯାତ୍ରା ଅନ୍ୟତମ। ଉତ୍କଳରେ ଅକ୍ଷୟ ତୃତୀୟାର ଗୁରୁତ୍ୱ ସର୍ବାଧିକ। କାରଣ ଏହିଦିନ ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇ କ୍ଷେତରେ ଧାନ୍ୟବୀଜ ବପନ କରାଯାଏ। ବୈଶାଖ ପରେ ଆସେ ଜ୍ୟେଷ୍ଠ। ଉତ୍କଳର ପୁରପଲ୍ଲୀରେ ଶୀତଳଷଷ୍ଠୀ, ରଜ, ସାବିତ୍ରୀବ୍ରତ ଓ ଦେବସ୍ନାନ ପୂର୍ଣ୍ଣିମା ଆଦି ପର୍ବ ଏହି ମାସରେ ପାଳିତ ହୋଇଥାଏ। ଶୀତଳଷଷ୍ଠୀର ଶିବ ବିବାହୋତ୍ସବ ଏବଂ ରଜପର୍ବର ଦୋଳିଖେଳ ମଧ୍ୟରେ ଉତ୍କଳର ଜନଜୀବନ ଉଲ୍ଲସିତ ହୋଇଉଠେ। ସେହିପରି ସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ସନ୍ଦର୍ଶନ କରି ଧର୍ମପ୍ରାଣ ଉତ୍କଳୀୟଗଣ ଆଧ୍ୟାତ୍ମିକ ଚେତନାର ଅନୁଗୁଂଜନ ମଧ୍ୟରେ ପର୍ବପର୍ବାଣିର ମହତ୍ତ୍ୱ ରକ୍ଷା କରିଥା'ନ୍ତି।

ଏହାପରେ ଆଷାଢ଼ ଆସେ ସାଙ୍ଗରେ ବାରିପାତକୁ ନେଇ। ବର୍ଷାର ଶୀତଳ ପରଶ ଘୂମନ୍ତ ଉତ୍କଳୀୟ ପ୍ରାଣରେ ସଂଚାର କରେ ରଥଯାତ୍ରାର ଅପୂର୍ବ ସମାରୋହ ମାଧ୍ୟମରେ ବୈଷ୍ଣବୀୟ ଚିନ୍ତନର ନିବିଡ଼ ଆଶ୍ଳେଷ। ଅତଃପର ବର୍ଷାର ଅବିଶ୍ରାନ୍ତ ବାରିପାତ ମଧ୍ୟରେ ଧରାଙ୍ଗନରେ ଅବତରଣ କରେ ଶ୍ରାବଣ। ଏହି ମାସରେ ଗହ୍ମାପୂର୍ଣ୍ଣିମା ଓ ଚିତାଲାଗି ଅମାବାସ୍ୟା ପଲ୍ଲୀପ୍ରାଣରେ ପିଠାପଣାର ଆସର ସୃଷ୍ଟି କରନ୍ତି; ଅବଶ୍ୟ ରକ୍ଷାବନ୍ଧନର ବୈଶିଷ୍ଟ୍ୟ ଉକ୍ତ ପୂର୍ଣ୍ଣିମାର ମହତ୍ତ୍ୱକୁ ବହୁଗୁଣିତ କରିଥାଏ। ଏହାପରେ ଆସେ ପର୍ବପର୍ବାଣିର ମାସ ଭାଦ୍ରବ। ଜନ୍ମାଷ୍ଟମୀ, ଷଷ୍ଠୀଓଷା, ସୋମନାଥବ୍ରତ, ରାଧାଷ୍ଟମୀ, ବାମନ-ଜନ୍ମ, ସୁନିଆଁ, ଖୁଦୁରୁକୁଣୀ ଓଷା ଆଦି ପର୍ବଗୁଡ଼ିକ ଏହି ମାସର ଉତ୍ସବମୁଖର ପରିବେଶଗୁଡ଼ିକୁ ଉପଭୋଗ୍ୟ କରିଦିଏ।

ସର୍ବୋପରି ଏହି ମାସର ପର୍ବ 'ଗଣେଶ ପୂଜା' ଉତ୍କଳର ପୁରପଲ୍ଲୀର ଶିଶୁପ୍ରାଣକୁ ଯେଭଳି ସରସ ଓ ଉଲ୍ଲାସମୟ କରେ, ତାହା କେବଳ ଅନୁଭବର ସାମଗ୍ରୀ। ପରେ ପରେ ଆସେ ଶାରଦୀୟ ପୂଜାସମ୍ଭାର ସହ ଆଶ୍ୱିନ। ଏହି ସମୟରେ ଦେବୀ ଦୁର୍ଗାଙ୍କର ଧରାବତରଣ ଉତ୍କଳର ପୁରପଲ୍ଲୀରେ ଧର୍ମର ପ୍ଲାବନ ସୃଷ୍ଟିକରେ। ସର୍ବୋପରି ଆଶ୍ୱିନ ପୂର୍ଣ୍ଣିମାର ଜ୍ୟୋସ୍ନାପ୍ଲୁତ ରଜନୀରେ କୁମାରୀଗଣ 'କୁମାରପୂର୍ଣ୍ଣିମା'କୁ ଯେଭଳି ଉତ୍ସବମୁଖର କରିଦିଅନ୍ତି ତାହା ବର୍ଣ୍ଣନାତୀତ।

ଏହାପରେ ପଲ୍ଲୀପ୍ରାଣରେ ଉପଗତ ହୁଏ ଧର୍ମ, ପୁଣ୍ୟ ଓ ପବିତ୍ରତାର ମାସ କାର୍ତ୍ତିକ। କାଳୀପୂଜା, ଗୋବର୍ଦ୍ଧନ ପୂଜା, ଅଁଳା ନବମୀ, ବଡ଼ଓଷା ଆଦି ଉତ୍ସବଗୁଡ଼ିକ ଏହି ମାସର ଉଲ୍ଲେଖଯୋଗ୍ୟ ପର୍ବ। ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀର ଆନନ୍ଦ ଉତ୍ସବ ମଧ୍ୟରେ ଅବତରଣ କରେ ମାର୍ଗଶିର। ହରିତାୟମାନ କ୍ଷେତଗୁଡ଼ିକର ପକ୍ୱ ଶସ୍ୟସମ୍ଭାର ସହ ସୀମନ୍ତିନୀମାନଙ୍କର ହୁଳହୁଳି ନିନାଦ ମଧ୍ୟରେ ପଲ୍ଲୀଗୃହିଣୀ ଲକ୍ଷ୍ମୀଙ୍କର ପୂଜାରାଧନା ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶକୁ ଉପଭୋଗ୍ୟ କରିଥାଏ। ମକରସଂକ୍ରାନ୍ତି ଓ ବକୁଳ ଅମାବାସ୍ୟାକୁ ଘେନି ଆସେ ପୌଷ। ପଲ୍ଲୀପ୍ରାଣରେ ମକର ସଂକ୍ରାନ୍ତିର ସ୍ୱାତନ୍ତ୍ର୍ୟ ଅନସ୍ୱୀକାର୍ଯ୍ୟ। ଏହିଠାରୁ ଆରମ୍ଭ ହୁଏ ଗ୍ରହରାଜ ରବିଙ୍କର ଉତ୍ତରାୟଣ ଗତି। ତେବେ ଆଦିବାସୀ ସମାଜରେ ଏହି ପର୍ବର ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ଅଛି। ପରେ ପରେ ଆସେ ମାଘ-ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ପୂଜାସମ୍ଭାର ଓ ମାଘପୂର୍ଣ୍ଣିମାର ଅଗ୍ନିଉତ୍ସବ। ଏହି ମାସର ଦୁଇଟି ମୁଖ୍ୟ ପର୍ବ ଇତ୍ୟବସରରେ ଧରାଙ୍ଗନରେ ଅବତରଣ କରେ ବାସନ୍ତୀ ମଧୁମହୋତ୍ସବ ମଧ୍ୟରେ ଋତୁରାଜ ବସନ୍ତଙ୍କର ଆଗମନ ସହ ଫାଲଗୁନ ମାସ। ଏହି ସମୟରେ ଦୋଳପୂର୍ଣ୍ଣିମାରେ ଫଗୁଖେଳର ବର୍ଣ୍ଣାଢ୍ୟ ଆସର ଫାଲଗୁନର ବର୍ଣ୍ଣିଳ ପରିବେଶକୁ ପ୍ରାଣସ୍ପର୍ଶୀ କରିଦିଏ। ମହାଶିବରାତ୍ରିର ଶିବାରାଧନା ମଧ୍ୟ ଏହି ମାସର ମୁଖ୍ୟ ଉତ୍ସବ। ଏହାପରେ ଆସେ ଘୋଡ଼ାନାଚର ମାସ ଚୈତ୍ର। ଏହି ମାସରେ ଅଶୋକାଷ୍ଟମୀ ଓ ଶ୍ରୀରାମନବମୀ ପର୍ବ ହିନ୍ଦୁ ପ୍ରାଣର ଗଭୀର ଧାର୍ମିକ ଉଦ୍‌ବେଳନ ମଧ୍ୟରେ ପାଳିତ ହୋଇଥାଏ।

ସାମାଜିକ ଜୀବନରେ ଏହିସବୁ ପର୍ବ ପାଳନ ବ୍ୟତୀତ କେତେକ ରାଷ୍ଟ୍ରୀୟ ପର୍ବ ମଧ୍ୟ ଓଡ଼ିଶାରେ ପାଳନ କରାଯାଏ। ସ୍ୱାଧୀନତା ଦିବସ, ଗାନ୍ଧିଜୟନ୍ତୀ, ଶିଶୁଦିବସ, ଗୁରୁଦିବସ ଭଳି ମୁଖ୍ୟ ରାଷ୍ଟ୍ରୀୟ ପର୍ବଗୁଡ଼ିକର ଜନଜୀବନରେ ପ୍ରଭାବ ମଧ୍ୟ ସ୍ୱୀକାରଯୋଗ୍ୟ।

ତେବେ ପର୍ବପର୍ବାଣିଗୁଡ଼ିକର ଉତ୍କଳର ଜନଜୀବନରେ ପ୍ରଭାବ ସୁଦୂରପ୍ରସାରୀ। ପ୍ରଥମ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମଣିଷ-ମଣିଷ ମଧ୍ୟରେ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅନସ୍ୱୀକାର୍ଯ୍ୟ। ସର୍ବୋପରି ଖାଦ୍ୟରୁଚିର ପରିବର୍ତ୍ତନ ଓ ନୂତନ କର୍ମସ୍ପୃହାର ବିକାଶ ତଥା କର୍ମକ୍ଳାନ୍ତିର ଅପନୋଦନ ନିମନ୍ତେ ଏଗୁଡ଼ିକର ଭୂମିକା ସ୍ୱୀକାରଯୋଗ୍ୟ। ସାମାଜିକ ଓ ସାଂସ୍କୃତିକ ସମ୍ବନ୍ଧରେ ଅଭିବୃଦ୍ଧି ସାଧନରେ ପର୍ବପର୍ବାଣିଗୁଡ଼ିକ ମଧ୍ୟ ସହାୟତା କରିଥା'ନ୍ତି। ତେବେ ଜାତୀୟ ସଂହତିର ବିକାଶ ତଥା ଆମର ବୈଦିକ ତଥା ଧାର୍ମିକ ଅନୁଚିନ୍ତନର ସୁଦୃଢ଼ ଭିତ୍ତିଭୂମି ମଧ୍ୟରେ ପର୍ବପର୍ବାଣିଗୁଡ଼ିକର ଆମୋଦଦାୟକ ଅନୁଭୂତି ଅନୁଭବଯୋଗ୍ୟ।

ବାସ୍ତବରେ ପର୍ବପର୍ବାଣି ତଥା ଉତ୍ସବାନୁଷ୍ଠାନଗୁଡ଼ିକ ମାନବର ଜୀବନତନ୍ତ୍ରୀରେ ଶ୍ରଦ୍ଧା, ସ୍ନେହ, ପ୍ରେମର ଯେଉଁ ଅମ୍ଳାନ ଆବେଗ ସୃଷ୍ଟି କରିଥା'ନ୍ତି, ତାହା ମାନବିକ ଚିନ୍ତା ଓ ଚେତନାକୁ ଯେ ଋଦ୍ଧିମନ୍ତ କରିଥାଏ, ଏଥିରେ ସନ୍ଦେହର ଅବକାଶ ନାହିଁ। ସ୍ଥୂଳତଃ ଆଧୁନିକତା ନାମରେ ଏଗୁଡ଼ିକୁ ହାର୍ଦ୍ଦିକତାର ସହ ପାଳନରେ ବିମୁଖ ହେବା ଆମ ସମୃଦ୍ଧ ସଂସ୍କୃତିର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ଖ) ବନ ମହୋତ୍ସବ**

ପ୍ରାକୃତିକ ସୁଷମାର ନିଃସର୍ଗ ଗନ୍ତାଘର, ନଦନଦୀ ପରିସେବିତା ବୈଦିକ ସଂସ୍କୃତିର ପାବନପୀଠ ରୂପେ ଅରଣ୍ୟାନୀର ଭୂମିକା ଅନସ୍ୱୀକାର୍ଯ୍ୟ। ଆଦିମ ସଭ୍ୟତାର ବିକାଶସ୍ଥଳୀ, କବି, ଲେଖକ ଓ ଭାବୁକମାନଙ୍କର ସାରସ୍ୱତ କଳ୍ପନାର ମୁଖ୍ୟ ଉତ୍ସ ଅରଣ୍ୟାନୀ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଥିଲା ପ୍ରାଣକେନ୍ଦ୍ର - ଏହା ନିଃସନ୍ଦେହ। ଏହାରି କୋଳରେ ଗଢ଼ିଉଠିଥିବା ଗୁରୁକୁଳ ପରମ୍ପରା ବିଶ୍ୱକୁ ଦେଇଥିଲା ଜ୍ଞାନାଲୋକ। ଆଧ୍ୟାତ୍ମିକତାର ସୁରଭିରେ ବିଶ୍ୱକୁ ସୁବାସିତ କରିଥିଲା। ସେହି ବନଭୂମି ଆଜି ସ୍ୱାର୍ଥାନ୍ଧମାନଙ୍କର ବର୍ବରୋଚିତ ଆଚରଣରେ ଧ୍ୱଂସାଭିମୁଖୀ। ଯାନ୍ତ୍ରିକ ସଭ୍ୟତା ତାକୁ କରିଛି ହତଶ୍ରୀ। ବନ ଧ୍ୱଂସ ହେତୁ ବିଶ୍ୱ ପରିବେଶର ବିଷମୟ ଅବସ୍ଥାକୁ ଲକ୍ଷ୍ୟ କରି ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ବୁଦ୍ଧିଜୀବୀଗଣ ବନଭୂମିର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତିଟି ବ୍ୟକ୍ତି ବନର ସୁରକ୍ଷା ଓ ସୃଷ୍ଟି ନିମନ୍ତେ ସଚେତନଶୀଳ ହୋଇ ପଦକ୍ଷେପ ଗ୍ରହଣ କଲେ ହିଁ ବିଶ୍ୱ ସୁରକ୍ଷା ହେବ, ଅନ୍ୟଥା ବନ ଧ୍ୱଂସ ହିଁ ବିଶ୍ୱ ଧ୍ୱଂସର ହେବ ମୁଖ୍ୟ ଅସ୍ତ୍ର।

ବନୀକରଣ ଅର୍ଥ ସାମୂହିକ ବୃକ୍ଷରୋପଣ। ଧ୍ୱଂସପ୍ରାପ୍ତ ବନର ନବୀକରଣ ଓ ନୂତନ ଜଙ୍ଗଲ ସୃଷ୍ଟି ହିଁ ବନୀକରଣର ମୁଖ୍ୟ ଉଦ୍ଦେଶ୍ୟ। ୧୯୫୦ ମସିହା ଜୁଲାଇ ମାସରେ ପ୍ରଥମେ ଭାରତ ସରକାର ବନ ମହୋତ୍ସବ ପାଳନ କରିଥିଲେ। ତେଣୁ ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନୀକରଣ କାର୍ଯ୍ୟକ୍ରମ କରାଯାଉଅଛି। ଜନସଂଖ୍ୟାର ବୃଦ୍ଧି ହିଁ ବନଧ୍ୱଂସର ମୁଖ୍ୟ କାରଣ। ବାସଗୃହ, ଚାଷଜମି, ଆଦିବାସୀମାନଙ୍କର ପୋଡୁଚାଷ, ଶରଣାର୍ଥୀ ଥଇଥାନପାଇଁ ଭାରତର ବହୁ ଅରଣ୍ୟ ଧ୍ୱଂସପ୍ରାପ୍ତ ହେଉଛି। ଜାଳେଣି ଓ ଗୃହୋପକରଣ ପାଇଁ ବନଧ୍ୱଂସ କ୍ଷିପ୍ରତର ହେଉଅଛି।

ରେଳପଥ, ସଡ଼କ ଓ ସହର ନିର୍ମାଣ, ଭୂମିହୀନ ତଥା ସରକାରୀ କର୍ମଚାରୀଙ୍କୁ ଜମିପଟା ଦାନ ଜଙ୍ଗଲକୁ ସଂକୁଚିତ କରିଦେଉଛି। ନଦୀବନ୍ଧ ଯୋଜନାଦ୍ୱାରା ଅରଣ୍ୟର ବହୁ ଅଞ୍ଚଳ ଜଳଭଣ୍ଡାରରେ ପରିଣତ ହୁଏ ଓ ଧ୍ୱଂସ ପାଇଥାଏ। ବନଧ୍ୱଂସର ପ୍ରଭାବ ସୁଦୂରପ୍ରସାରୀ। ଅରଣ୍ୟ ଧ୍ୱଂସ ହେତୁ ମେସୋପଟାମିଆ ସଭ୍ୟତା ଧ୍ୱଂସପାଇଲା। ମିସିସିପି ନଦୀ ଉପତ୍ୟକା ମରୁଭୂମି ହେଲା। ପୀତ ନଦୀ ଆଜି ଚୀନର ଦୁଃଖ ପାଲଟିଛି। ଅରଣ୍ୟଜାତ ଦ୍ରବ୍ୟର ଅଭାବ, ମୃତ୍ତିକା କ୍ଷୟ, ଜମିର ଉର୍ବରତା ହ୍ରାସ, ବାତ୍ୟାର ତାଣ୍ଡବ ସର୍ବୋପରି ପରିବେଶ ପ୍ରଦୂଷଣ ବିଶ୍ୱଧ୍ୱଂସର ସଂକେତ ଦିଏ।

ଯଥାର୍ଥରେ ବନଭୂମି ମାତୃରୂପିଣୀ। ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣକରି ଅମ୍ଳଜାନ ଦେଇ ଭାରସାମ୍ୟ ରକ୍ଷା କରେ। ମୃତ୍ତିକାକ୍ଷୟ ରୋଧ କରିବାସହ ଉର୍ବରତା ବୃଦ୍ଧିକରି ଉତ୍ପାଦନ ବୃଦ୍ଧି କରାଏ। ଅରଣ୍ୟରୁ ଉଦ୍ଭିଦଜାତ ତଥା ବନ୍ୟପଶୁ ଜାତ ପଦାର୍ଥରୁ ସରକାର ବହୁ ରାଜସ୍ୱ ଲାଭ କରନ୍ତି। ବ୍ୟକ୍ତିବିଶେଷ ମଧ୍ୟ ଜୀବିକା ସଂଗ୍ରହ କରନ୍ତି। ଅରଣ୍ୟ ବର୍ଷା ହେବାରେ ସାହାଯ୍ୟ କରେ ଏବଂ ବାତ୍ୟାର ଗତିକୁ ନିୟନ୍ତ୍ରଣ କରି ମାନବ ଜାତିକୁ ରକ୍ଷା କରେ। ବାସ୍ତବରେ ଅରଣ୍ୟ ମାନବଜାତିର ଏକ ଅଭୟ କବଚ - ଏହା ନିଃସନ୍ଦେହ।

ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ଭାରତବର୍ଷରେ ଶତକଡ଼ା ୩୩.୩ ଭାଗ ଜଙ୍ଗଲ ରହିବା କଥା; ମାତ୍ର ପ୍ରକୃତରେ ଅଛି ଶତକଡ଼ା ୨୨.୭ ଭାଗରୁ କମ୍। ଜନସଂଖ୍ୟା ଯେପରି ଆଶାତୀତଭାବେ ବୃଦ୍ଧିପାଉଛି, ତଦନୁଯାୟୀ ଅରଣ୍ୟର ଆନୁପାତିକ ବୃଦ୍ଧି ହେବା ପରିବର୍ତ୍ତେ ତାହା କ୍ଷୟପ୍ରାପ୍ତ ହେଉଅଛି। ତେଣୁ ବନୀକରଣର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

ପ୍ରତିବର୍ଷ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବନ ବିଭାଗ ବନମହୋତ୍ସବ ବା ବୃକ୍ଷରୋପଣ ସପ୍ତାହ ପାଳନ କରୁଅଛନ୍ତି। ସଭାସମିତି ତଥା ଚଳଚ୍ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଜନସଚେତନତା ସୃଷ୍ଟିକରିବା ସହିତ ବୃକ୍ଷରୋପଣପାଇଁ ମାଗଣାରେ ଚାରାଦାନ କରୁଅଛନ୍ତି। ଗ୍ରାମାଞ୍ଚଳରେ ଖାଦ୍ୟ, କୃଷି, ଜାଳେଣି ପ୍ରଭୃତି ପାଇଁ ଆମ୍ବ, ଜାମୁ, ପଣସ, ନିମ୍ବ, ମହୁଲ, କାଜୁ, ଚକୁଣ୍ଡା ପ୍ରଭୃତି ଗଛ ଓ ଶିଳ୍ପାଞ୍ଚଳ, ସ୍କୁଲ, କଲେଜ ତଥା ଅଫିସର ସମ୍ମୁଖ ତଥା ପାର୍ଶ୍ୱସ୍ଥାନଗୁଡ଼ିକରେ ଚମ୍ପା, ବଉଳ, ଅଶୋକ ପ୍ରଭୃତି ଚାରା ବିତରଣ କରାଯାଉଅଛି। ଶ୍ମଶାନ, ମାର୍ଗର ଉଭୟ ପାର୍ଶ୍ୱ, ଅନାବାଦୀ ପ୍ରଭୃତି ବିଭିନ୍ନ ସ୍ଥାନକୁ ବୃକ୍ଷରେ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି।

ଅରଣ୍ୟରୁ ଯେପରି ଅବାଧରେ ବୃକ୍ଷଛେଦନ ନ ହୁଏ, ମୂଲ୍ୟବାନ୍ ବୃକ୍ଷ ତଥା ଅରଣ୍ୟର ପଶୁପକ୍ଷୀଙ୍କ ସୁରକ୍ଷାପାଇଁ ସରକାର ଆଇନ ପ୍ରଣୟନ କରିବା ସହ କାର୍ଯ୍ୟକାରୀ କରାଉଛନ୍ତି। ବ୍ୟକ୍ତିବିଶେଷ ସଚେତନ ହେଲେ ହିଁ ଜାତୀୟ ସଂପତ୍ତି ରକ୍ଷା ହୋଇପାରିବ।

ଅରଣ୍ୟ ଏକ ଜାତୀୟ ସମ୍ପତ୍ତି ଓ ତା'ର ସୁରକ୍ଷା ଆମର ଏକ ଜାତୀୟ କର୍ତ୍ତବ୍ୟ। ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ବୃକ୍ଷରୋପଣ ଉପରେ ପ୍ରାଧାନ୍ୟ ଦେଇଥିଲେ। ବିଶ୍ୱର ସୁରକ୍ଷା ଅରଣ୍ୟ ଉପରେ ନିର୍ଭରଶୀଳ। ଏହା କେବଳ ସରକାରୀ ଆଇନ ନୁହେଁ, ଜନଜାଗରଣରେ ହିଁ ସମ୍ଭବ। 'ଛୁଆ ଗୋଟିଏକୁ ଗଛ ଗୋଟିଏ', 'ବୃକ୍ଷ ହିଁ ଜୀବନ' ନାରାଦେଇ ପ୍ରତ୍ୟେକ ବ୍ୟକ୍ତି କାୟମନୋବାକ୍ୟରେ ବୃକ୍ଷରୋପଣ ନିମନ୍ତେ ଆଗେଇ ଆସିଲେ ହିଁ ଅରଣ୍ୟର ପୁନଃବିକାଶ ହେବା ସହ ନିଶ୍ଚିତ ଧ୍ୱଂସମୁଖରୁ ଆମ ଏହି ସୁନ୍ଦର ପୃଥିବୀ ରକ୍ଷାପାଇଯିବ, ଏହା ନିଃସନ୍ଦେହ।

**ଗ) ଛାତ୍ରଜୀବନ ଓ ଶୃଙ୍ଖଳା**

ଛାତ୍ରଜୀବନ ଏକ ତପସ୍ୟା। ତପସ୍ୟା କଠିନ କାମ। ସେଥିରେ ଏକ ସ୍ଥିର ଲକ୍ଷ୍ୟ ଆଡ଼କୁ ଆଗେଇ ଯିବାର ଶପଥ ଥାଏ। ଏ ତପସ୍ୟା ଭଲ ମଣିଷ ହେବାପାଇଁ। ପିଲା ଜନ୍ମ ହୋଇଥାଏ ଗୋଟାଏ କାଦୁଅ ମେଞ୍ଚା ପରି। ସେଇ କାଦୁଅ ମେଞ୍ଚାଟି ଏକ ସୁନ୍ଦର ମୂର୍ତ୍ତିରେ ରୂପାନ୍ତର ହୋଇଥାଏ। ତେଣୁ ସେଇ ମୂର୍ତ୍ତିଟି ହେବାଲାଗି ଛାତ୍ରର ଯାତ୍ରା ଓ ସାଧନା ଏକାନ୍ତ ଆବଶ୍ୟକ। ଏଠି ଟିକିଏ ଏପଟ ସେପଟ ହେଲେ ପାଦ ଖସିଯିବାର ଓ ଗୋଡ଼ହାତ ଭାଙ୍ଗିବାର ତଥା ଲକ୍ଷ୍ୟ ହରାଇବାର ଭୟ ଥାଏ। ଏହି କଠିନ କାମଟି କରିବାକୁ ଶୃଙ୍ଖଳା, ସଂଯମ, ଏକାଗ୍ରତା ଲୋଡ଼ା। ତେବେ ଶୃଙ୍ଖଳା ଓ ଶୃଙ୍ଖଳାବୋଧ ଛାତ୍ରଜୀବନର ମୂଳଭିତ୍ତି। ସେଇଟି ହାସଲ ହୋଇଗଲେ ବାକିସବୁ ଆପେ ଆପେ ହୋଇଯାଏ। ଶୃଙ୍ଖଳାହୀନ ଛାତ୍ରଜୀବନ ଆଦୌ କଳ୍ପନା କରାଯାଇ ହେବ ନାହିଁ।

ଘରୁ ପିଲା ପାଠପଢ଼ା ସଂପର୍କରେ କେବଳ କିଛି ପ୍ରାରମ୍ଭିକ ସୂଚନା ପାଇଥାଏ। ଅଧ୍ୟୟନ ଆସେ ସ୍କୁଲରେ। ସେଠି ପ୍ରତିଦିନ ନୂଆ ନୂଆ ପାଠ ଆସେ। ପୁଣି ବିଭିନ୍ନ ବିଷୟ ଓ ପ୍ରସଙ୍ଗ ନେଇ ଏ ପଢ଼ା ବ୍ୟାପ୍ତ। ପିଲା ଯଦି ଶୃଙ୍ଖଳା ନ ରଖେ, ପାଠ ଖଇଚ ହେବ। ମୌଳିକ ଜ୍ଞାନ ବା ମୂଳଦୁଆ ଦୁର୍ବଳ ହେବ। ଶ୍ରେଣୀର ପ୍ରଗତି ଅନୁସାରେ ସେ ଚାଲିପାରିବ ନାହିଁ। ନିଜର ବିଭିନ୍ନ ପାଠକୁ ରୁଟିନ୍ ଅନୁସାରେ ପ୍ରସ୍ତୁତ କରିବା, ଘରକାମ ଠିକ୍ କରିବା, ଲେଖାର ତ୍ରୁଟି ସଂଶୋଧନ କରିବା ଆଦି ଶୃଙ୍ଖଳିତ ଭାବେ ହେବା ଉଚିତ।

ଶ୍ରେଣୀରେ ୫୦/୬୦ ପିଲା। ସ୍କୁଲ୍‌ରେ ଶହ ଶହ ସେମାନଙ୍କ ସଂଖ୍ୟା। ପ୍ରତି ଶ୍ରେଣୀର ନିୟମ ଅଛି। ଶିକ୍ଷକ ଶିକ୍ଷିକା ଆସିବେ। ସେମାନେ ପାଠପଢ଼ାଇବେ। ସେମାନଙ୍କୁ ସମ୍ମାନ ଦେବା, ସେମାନଙ୍କ ପଢ଼ାକୁ ମନଦେଇ ଶୁଣିବା, ଶ୍ରେଣୀ ପଢ଼ାରେ ବାଧା ସୃଷ୍ଟି ନ କରିବା, ଠିକ୍ ସମୟରେ ପ୍ରଶ୍ନ କରି ସନ୍ଦେହ ଦୂର କରିବା, ଶ୍ରେଣୀକି ପରିଷ୍କାର ରଖିବା ଆଦି ଛାତ୍ରର କର୍ତ୍ତବ୍ୟ।

ସେଇପରି ସ୍କୁଲକୁ ଧାଡ଼ିବାନ୍ଧି ଯିବା, ସେଠାରୁ ଧାଡ଼ିରେ ଆସିବା, ପ୍ରାର୍ଥନା ଶ୍ରେଣୀରେ ଠିକ୍ ସମୟରେ ଯୋଗଦେବା, ସ୍କୁଲ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ଆଗ୍ରହର ସହିତ ଯୋଗଦେବା ଇତ୍ୟାଦି ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ।

ଖେଳପଡ଼ିଆରେ ଆମର ବ୍ୟକ୍ତିତ୍ୱଟିକୁ ମପାଯାଏ। ସେଠି ଖେଳ ନେତାଙ୍କୁ ମାନିବା, ଦଳର ସ୍ୱାର୍ଥପାଇଁ ସମ୍ମିଳିତ ଭାବେ କାମ କରିବା, ଖେଳର ଚାଳକ ଯଥା ରେଫରୀ ଓ ଅମ୍ପାୟାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେବା ପ୍ରଭୃତି ବିଭିନ୍ନ ନୀତି ଅଛି। ଏସବୁ ଖେଳର ଶୃଙ୍ଖଳା। ସଭାସମିତିରେ ନିର୍ଦ୍ଦିଷ୍ଟ ଜାଗାରେ ବସିବା, ଅଯଥା ପାଟିତୁଣ୍ଡ ନ କରିବା, ବକ୍ତାଙ୍କ କଥାକୁ ଶୁଣିବା, ନିଜର ବକ୍ତବ୍ୟକୁ ରୁଚିର ସହିତ ଉପସ୍ଥାପନ କରିବା ପ୍ରଭୃତି ଅନୁସରଣୀୟ। ତା' ନ ହେଲେ ସଭାସମିତିଗୁଡ଼ିକ ହାଟରେ ପରିଣତ ହୋଇଯିବ।

ଆମେ ଘରେ ଜନ୍ମ ନେଉ, ବଢ଼ୁ ଓ ରହୁ। ଆମର ସାରାଜୀବନ ଘର ସହିତ ସଂପର୍କିତ। ସେଠି ବାପା, ମା', ଜେଜେ, ଜେଜୀ, ଦାଦୀ ଭଳି ବଡ଼ମାନେ ଥା'ନ୍ତି। ସେମାନଙ୍କ କଥା ମାନିବା, ଘରର ଇଜ୍ଜତକୁ ଉଚ୍ଚ ରଖିବା ପ୍ରତି ଲୋକର କର୍ତ୍ତବ୍ୟ। ଛାତ୍ର ଏସବୁ ଶିକ୍ଷା କରିଥାଏ। ସେ ଘରର ଶୃଙ୍ଖଳାରକ୍ଷା କଲେ, ଘର ତାଙ୍କୁ ରକ୍ଷା କରିବ। ଏଇ ଘରେ ଏବଂ ସ୍କୁଲ୍‌ରେ ଚଳିବାପାଇଁ, ଜୀବନ ଗଢ଼ିବାପାଇଁ ତାଲିମ୍ ପାଆନ୍ତି। ତେଣୁ ଘରେ ଯେମିତି ସେ ଗଢ଼ାହୁଅନ୍ତି, ସେମିତି ସେ ଜୀବନରେ ଅଭିବ୍ୟକ୍ତ ହୁଅନ୍ତି।

ଶୃଙ୍ଖଳାର ଅନ୍ୟନାମ ନିୟମ ମାନିବା। ନିୟମଗୁଡ଼ିକ ବ୍ୟକ୍ତି, ଅନୁଷ୍ଠାନ, ସମାଜ, ଦେଶ ଚଳିବାପାଇଁ ଗଢ଼ାଯାଇଥାଏ। ସେଗୁଡ଼ିକ ଭାଙ୍ଗିବା ଉଚିତ ନୁହେଁ। ସେଗୁଡ଼ିକ ସବୁରି ପାଇଁ। ସଭିଏଁ ସେଗୁଡ଼ିକୁ ପାଳିଲେ ଶୃଙ୍ଖଳା ରହିବ। ନିୟମାନୁବର୍ତ୍ତିତା, ସମୟାନୁବର୍ତ୍ତିତା, ଶୃଙ୍ଖଳାବୋଧର ପ୍ରଥମ ଆବଶ୍ୟକତା। ଛାତ୍ରଜୀବନରୁ ମଣିଷ ଜୀବନ ଗଢ଼ିବାର ମୂଳଦୁଆ ପଡ଼େ। ଛାତ୍ରଜୀବନକୁ ଠିକ୍‌ଭାବେ ବାଟ ଦେଖେଇବାକୁ ଶୃଙ୍ଖଳା ଏକାନ୍ତ ଆବଶ୍ୟକ।

**୧୪. ତୁମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ
ଶ୍ରୀଯୁକ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ, ଭୁବନେଶ୍ୱର,
ମହୋଦୟେଷୁ ।

ମହାଶୟ,

ବିହିତ ସମ୍ମାନ ତଥା ବିନୟପୂର୍ବକ ଆମେ ହରିପୁର ଓ ପିଠାପୁର ଗ୍ରାମପଞ୍ଚାୟତ ନିବାସୀ ଆମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଅଛୁ।

ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଉକ୍ତ ଗ୍ରାମ ପଞ୍ଚାୟତ ଦୁଇଟି ସମୁଦ୍ରଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥିତ। ଦେବୀନଦୀର ଶାଖାନଦୀ 'ଅଳକାର' ବଳୟ ଭିତରେ ଏହି ଅଞ୍ଚଳ ଅବସ୍ଥିତ। ବନ୍ୟା ଏହାର ଚିର ସହଚର। ଝାଉଁ ଓ କାଜୁ ଜଙ୍ଗଲ ଭିତରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଆମ୍ଭେମାନେ କାଳାତିପାତ କରୁଅଛୁ। ଏହି ଅଞ୍ଚଳ ଏଠାରୁ ୮ କି.ମି. ଦୂରରେ ଥିବା ଅନନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରଭୁକ୍ତ ହୋଇଥିଲେ ମଧ୍ୟ ବର୍ଷାକାଳରେ ଅସ୍ଥାୟୀ ଚର ଭାଙ୍ଗିଯିବା ହେତୁ ସ୍ୱାସ୍ଥ୍ୟସେବାରୁ ଆମ୍ଭେମାନେ ବଞ୍ଚିତ ହେଉଅଛୁ। ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ତଥା ପରିବେଶ ପରିମଳ ସମ୍ପର୍କରେ ଅବଗତ କରାଇବାପାଇଁ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଏଠାକୁ ଆସିପାରନ୍ତି ନାହିଁ। ଆଦିବାସୀ, ହରିଜନ, ଅନଗ୍ରସର ଜାତି ତଥା କୃଷି ଉପରେ ନିର୍ଭରଶୀଳ ଲୋକମାନେ ବହୁ ସମୟରେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ଶିଶୁମାନଙ୍କୁ ଆବଶ୍ୟକ ଟୀକାଦାନ ମଧ୍ୟ ଅସମ୍ଭବ ହୋଇପଡ଼ୁଛି। ରୋଗାକ୍ରାନ୍ତ ବୃଦ୍ଧ ଓ ଆସନ୍ନପ୍ରସବାମାନଙ୍କର ଦୁଃଖ ଦୁର୍ଦ୍ଦଶାର ଶେଷ ନାହିଁ। ଗମନାଗମନରେ ଅସୁବିଧା ତଥା ନିରକ୍ଷରହେତୁ ଦୀର୍ଘପଥ ଯାଇନପାରି ଲୋକମାନେ ଗ୍ରାମ ବୈଦ୍ୟ ଉପରେ ନିର୍ଭର କରୁଛନ୍ତି। ପ୍ରତିଟି ସମୟରେ ମ୍ୟାଲେରିଆର ପ୍ରାଦୁର୍ଭାବ, ଋତୁଜନିତ ରୋଗରେ ଆକ୍ରାନ୍ତ ଏହି ପଞ୍ଚାୟତ ଦୁଇଟି ଯମରାଜଙ୍କ ନର୍କକୁଣ୍ଡରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏଣୁ ବିନୀତ ଅନୁରୋଧ, ଅବହେଳିତ ଉକ୍ତ ଦୁଇ ପଞ୍ଚାୟତ ନିବାସୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ମଧ୍ୟସ୍ଥଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଆମ୍ଭେମାନେ ଉପକୃତ ହେବୁ।

ଆପଣଙ୍କର ବିଶ୍ୱସ୍ତ
ସ୍ଥାନ- ପିଠାପୁର, **ନିରାକାର ମଙ୍ଗରାଜ**
ତା୨୨.୦୨.୨୦୨୦ ପିଠାପୁର ଗ୍ରାମ
**- ହରିହର ସାମଲ**
ପିଠାପୁର ଗ୍ରାମ
**- ଗୋବିନ୍ଦ ସାହୁ**
**- ମଞ୍ଜୁଳା ଲେଙ୍କା**
**- ରବୀନ୍ଦ୍ର ଲେଙ୍କା**
ହରିପୁର ଗ୍ରାମପଞ୍ଚାୟତ

| ପ୍ରାପ୍ତେଷୁ |
|---|
| ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ<br>ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |

**କିମ୍ବା, ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବା ସମ୍ବନ୍ଧରେ ପରାମର୍ଶ ଦେଇ ଦୂରରେ ଥିବା ସାନଭଉଣୀ ପାଖକୁ ପତ୍ର ଲେଖ।**

ଭୁବନେଶ୍ୱର,
ତା. ୧୮.୭.୨୦୧୯

ସ୍ନେହର ପ୍ରାଚୀ,

ମୋର ଶୁଭେଚ୍ଛା ନେବୁ। ଆଶା ଭଲରେ ଥିବୁ। ଗତକାଲି ତୋର ଚିଠି ପାଇଲି। ଦୀର୍ଘଦିନ ଧରି ତୁ ଅସୁସ୍ଥ ଥିଲୁ ବୋଲି ଚିଠିରୁ ଜାଣିପାରିଲି। ତୋତେ ସେ ବିଷୟରେ କିଛି ପରାମର୍ଶ ଦେବା ପାଇଁ ଏ ଚିଠି ଲେଖୁଛି।

ମୁଁ ଲକ୍ଷ୍ୟ କରିଛି ତୋର ସ୍ୱାସ୍ଥ୍ୟ ପ୍ରତି ସଚେତନତା ନାହିଁ। ସ୍ୱାସ୍ଥ୍ୟ ଯେ ସବୁର ମୂଳ ତାହା ତୁ ଜାଣିବା ଉଚିତ। ଅସୁସ୍ଥ ମଣିଷ କେବେ କୌଣସି କାମ କରିବାକୁ ସମର୍ଥ ହୋଇନଥାଏ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ସର୍ବପ୍ରଥମ କର୍ତ୍ତବ୍ୟ। ସୁସ୍ଥତାପାଇଁ ପ୍ରତିଦିନ ଖେଳକୁଦ କରିବା ଉଚିତ। ସକାଳୁ ଉଠିବା ମାତ୍ରେ କିଛି ସମୟ ଦୌଡ଼ାଦୌଡ଼ି କରିବା ଉଚିତ। ଏହାଦ୍ୱାରା ଦେହ ଫୁର୍ତ୍ତି ରହିବ। ତା'ପରେ ତୁ ପାଠ ପଢ଼ିପାରୁ। ସେହିପରି ସ୍କୁଲ୍‌ରେ କ୍ରୀଡ଼ା ପିରିୟଡ୍‌ରେ ମଧ୍ୟ କିଛି ସମୟ ଖେଳାଖେଳି କରିବୁ। ଖେଳକୁଦ ଦ୍ୱାରା ଅଙ୍ଗପ୍ରତ୍ୟଙ୍ଗ ହୃଷ୍ଟପୁଷ୍ଟ ହୁଏ। ଶରୀରରେ ରକ୍ତ ସଞ୍ଚାଳନ ସୁଚାରୁରୂପେ ହୁଏ। ମନରେ ସତେଜତା ଆସେ। ପାଠପଢ଼ା ତଥା କାର୍ଯ୍ୟ କରିବାରେ ଆଗ୍ରହ ଆସେ। ଖେଳକୁଦ ଦ୍ୱାରା ଖେଳୁଆଡ଼ ମନୋଭାବ ବୃଦ୍ଧିପାଏ। ପ୍ରତିଯୋଗିତା ମନୋଭାବ ଜାଗ୍ରତ ହୁଏ। ଜୀବନରେ ଆସୁଥିବା କଠିନ ପରୀକ୍ଷାର ସାମ୍ନା କରିବାକୁ ସାହସ ମିଳେ। ତୁ ତ ଗୋଟିଏ ଏକଜିଦିଆ ଝିଅ। ଯାହା ମନ କରିଥିବୁ, ତାହା ଶେଷ ନ ହେବା ଯାଏ ତୁ ସ୍ଥିର ହୋଇ ରହିପାରୁ ନାହିଁ। ତେଣୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଖେଳକୁଦକୁ ଜୀବନକୁ ଏକ ଅଙ୍ଗ ଭାବେ ଏକ ଜିଦ୍ ରୂପେ ଗ୍ରହଣ କଲେ ତୁ ସବୁବେଳେ ନୀରୋଗ ରହିପାରିବୁ। ନଚେତ୍ ତୋର ଶରୀର ଦୁର୍ବଳ ହୋଇପଡ଼ିବ। ବିଭିନ୍ନ ରୋଗକବଳରେ ତୁ ଅସ୍ତବ୍ୟସ୍ତ ହୋଇପଡ଼ିବୁ। ମନ ଅଶାନ୍ତିରେ ଭରିଯିବ। କୌଣସି କାର୍ଯ୍ୟପ୍ରତି ଆଗ୍ରହ ଆସିବ ନାହିଁ। ତୋର ଏତେ ସବୁ ସାଧନା ପାଣିରେ ମିଶିଯିବ।

ମୋ' ଚିଠି ପାଇବା ପରେ ନିୟମିତ ନିଜର ସ୍ୱାସ୍ଥ୍ୟ ପ୍ରତି ନଜର ଦେବୁ। ସେଥିପାଇଁ ନିୟମିତ କିଛି ସମୟ ଖେଳକୁଦରେ ଅଭ୍ୟସ୍ତ ରହିଲେ ତୁ ଏକ ଦୀର୍ଘ ନିରୋଗ ଜୀବନ ଲାଭ କରିପାରିବୁ ବୋଲି ମୋର ଆଶା ଓ ବିଶ୍ୱାସ। ଚିଠି ପାଇ ଚିଠି ଦେବୁ।

ତୋର ବଡ଼ଭଉଣୀ
**ପ୍ରିୟା**

**ଠିକଣା** **ଟିକେଟ**

| ପ୍ରେରକ | ଗ୍ରାହକ |
|---|---|
| କୁମାରୀ ପ୍ରିୟଙ୍କା ବିଶ୍ୱାଳ<br>ସା/ପୋ- ଜୟପୁର<br>ଜିଲ୍ଲା -କୋରାପୁଟ, ପିନ୍-........ | କୁମାରୀ ପ୍ରାଚୀ ବିଶ୍ୱାଳ<br>ସା - ୟୁନିଟ୍ -୯, ଭୁବନେଶ୍ୱର<br>ଜିଲ୍ଲା - ଖୋର୍ଦ୍ଧା, ପିନ୍ - ....... |

**୧୫.** କ) ଯେଉଁମାନଙ୍କର ସଂଗତି ଓ ସୁଯୋଗ ଅଛି, ସେମାନେ ଉଚ୍ଚ ଶ୍ରେଣୀର କାବ୍ୟ, ଦର୍ଶନ, ବିଜ୍ଞାନ, ଜ୍ୟୋତିଷର ଆଲୋଚନାରେ ଜୀବନ ଉତ୍ସର୍ଗ କରି କୃତାର୍ଥ ହୁଅନ୍ତି। ଖ) ଉଦରଜ୍ୱାଳା ଓ ପରିବାର ପ୍ରତିପାଳନ ଚିନ୍ତା ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ବାଧା ସୃଷ୍ଟି କରେ। ଗ) ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ ପ୍ରଭୃତିରେ ସାଧାରଣ ଜ୍ଞାନ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷରେ ପ୍ରୟୋଜନୀୟ। ଘ) ଧର୍ମ ସମ୍ବନ୍ଧୀୟ ଓ ନୀତି ବିଷୟକ ପୁସ୍ତକ ଓ ସୁରୁଚିସଂପନ୍ନ କାବ୍ୟ, ଉପନ୍ୟାସାଦି ପାଠଦ୍ୱାରା ଭାବ ବିକଶିତ ହୁଏ। ଙ) ଆଗ୍ରହ, ଯତ୍ନ ଓ ସମୟର ନିୟମିତ ବିଭାଗଦ୍ୱାରା ଜନସାଧାରଣ ଶିକ୍ଷାଲାଭ କଲେ ସେମାନେ ଉନ୍ନତି ପଥରେ ଅଗ୍ରସର ହେବେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଟ୍ରକ ଚାଳକ ମୃତ

**ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର କହରାପୋଖରୀ ଛକ ନିକଟରେ ରବିବାର ରାତିରେ ଏକ ହାଇୱା ସହ ଧକ୍କା ଦେବାରୁ ଘଟଣାସ୍ଥଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟ୍ରକ ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବାବେଳେ ରାସ୍ତାପାର୍ଶ୍ୱରେ ଠିଆ ହୋଇ ରହିଥିବା ଏକ ହାଇୱାକୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଜେସିବି ସାହାଯ୍ୟରେ ଟ୍ରକ ଚାଳକଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ତେବେ ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

### ୨୯ ଅଭିଯୋଗର ଶୁଣାଣି

**ବନ୍ତ, ୧୩।୧ (ଡି.ଏନ.ଏ.):** ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାଶ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକଙ୍କ ୨୯ଟି ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜେ ପହି, ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ, ତହସିଲଦାର ଇନ୍ଦିରା ସାହୁ, ନେସ୍କୋ କନିଷ୍ଠ ପରିଚାଳକ ମାନସ ରଞ୍ଜନ ପଣ୍ଡାଙ୍କ ସହ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୧୨୦ ବସ୍ତା କୋଇଲା ଜବତ: ୨ ଗିରଫ
#### ୧୦ ଜଣଙ୍କ ନାଁରେ ମାମଲା



**ପଦ୍ମପୁର, ୧୩।୧ (ଡି.ଏନ.ଏ.):** ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ଚୋରା କୋଇଲା କାରବାର କରୁଥିବା ୨ ଯୁବକଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି। ସେମାନେ ହେଲେ ବାଲିବିଲ ଗ୍ରାମର କୁନୁ ମଲିକ ଓ ପଲାସାହି ଗ୍ରାମର ବୁଲୁ ମଲିକ। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳ ଥାନା ଅଧୀନ କେଦାରପୁର ପଞ୍ଚାୟତ ବାଲିବିଲଠାରେ ଚୋରା କୋଇଲା କାରବାର ହେଉଥିବା ଖବର ପାଇ ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଲ ସନ୍ତୋଷ ବିଶ୍ୱାଳ, ଭୀମସେନ ସିଂ ଓ ମନୋଜ ନାଏକ ପ୍ରମୁଖ ୧୧ ତାରିଖ ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରିଥିଲେ। ୧୨୦ବସ୍ତାରୁ ଊର୍ଦ୍ଧ୍ୱ ଚୋରା କୋଇଲା ସେମାନେ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ କୁନୁ ଓ ବୁଲୁଙ୍କୁ ପୋଲିସ ରବିବାର ରାତିରେ ଗିରଫ କରିବା ସହ ମୋଟ ୧୦ ଜଣଙ୍କ ନାମରେ ମାମଲା(ନଂ.୩୦/୨୦) ରୁଜୁ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

### ବୌଦ୍ଧିକ ବିକାଶ ଆଣେ କ୍ରୀଡ଼ା

**ବାସୁଦେବପୁର, ୧୩।୧ (ଡି.ଏନ.ଏ.):** ବାସୁଦେବପୁର ସହରସ୍ଥିତ ରାମକୃଷ୍ଣ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଟଳ ବିହାରୀ କଲେଜ ପଡ଼ିଆରେ ଅନୁଷ୍ଠିତ ଦୁଇ ଦିବସୀୟ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ଲକ୍ଷ୍ମଣ କୁମାର ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଅଭିବୃଦ୍ଧି ସହିତ ବୌଦ୍ଧିକ ବିକାଶ ଘଟାଇଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ଶରତ କୁମାର ଓଝା ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ କ୍ରୀଡ଼ା ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଧୀରେନ୍ଦ୍ର ବାରିକ ସଭାପତିତ୍ୱ ଓ ଶିକ୍ଷକ ସୁବାସ ଚନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କ୍ରୀଡ଼ାରେ ଶିକ୍ଷାନୁଷ୍ଠାନର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମ୍ୟୁଜିକ୍ ଚେୟାର, ବେଲୁନଫଟା, ଜିଲାପି ଦୌଡ଼, ସମତାଦୌଡ଼, ଲମ୍ବଡିଆ, ଜାଭଲିନ୍ ଥ୍ରୋ ଭଳି ବିଭିନ୍ନ ବିଭାଗରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ସ୍କୁଲ ଆଗରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା

**ପଦ୍ମପୁର, ୧୩।୧ (ଡି.ଏନ.ଏ.)**



ସ୍କୁଲ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ।

ବାସୁଦେବପୁର ବ୍ଲକ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ, ଶିକ୍ଷକ ଅଭାବକୁ ନେଇ ସୋମବାର ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ବିଦ୍ୟାଳୟରେ ସଂସ୍କୃତ, ବିଜ୍ଞାନ, ଇଂଲିଶ ଶିକ୍ଷକ ନ ଥିବାବେଳେ ରାତ୍ରଜଗୁଆଳି ମଧ୍ୟ ନାହାନ୍ତି। ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷେ ରାତ୍ରଜଗୁଆଳି ନ ଥିବାରୁ ଅସାମାଜିକ ଲୋକେ ବିଦ୍ୟାଳୟରୁ ବିଭିନ୍ନ ଜିନିଷ ଚୋରି କରୁଥିବା ସହ ଏଠାରେ ନିଶା ସେବନ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ବିଭିନ୍ନ ସମୟରେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ବଣ୍ଟନ ଲାଗି କମ୍ ଦାମ୍‌ରେ ପୋଷାକ କିଣିବା ପାଇଁ ପ୍ରସ୍ତାବ ଦେଇଥିବା ଅଭିଯୋଗ କରି ପରିଚାଳନା କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କମିଟି ସଭାପତି ବିଜୟ କୁମାର ରାଉତ ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଏହିସବୁ ସମସ୍ୟାକୁ ନେଇ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବର ପାଇ ଆଞ୍ଚଳିକ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ପ୍ରଣୟ କୁମାର ମହାପାତ୍ର ଓ ବ୍ଲକ ସହ ଶିକ୍ଷାଧିକାରୀ ଗଙ୍ଗାଧର ପରିଡ଼ା ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ୭ ଦିନ ଭିତରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ କହିଛନ୍ତି ଯେ, ବିଦ୍ୟାଳୟରେ ଶିକ୍ଷକ ଅଭାବ ବିଷୟରେ ସେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛନ୍ତି। ତେବେ ପରିଚାଳନା କମିଟି କରିଥିବା ଅଭିଯୋଗ ବାବଦରେ ସେ କମିଟି ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟା

**ଭଦ୍ରକ ଅଫିସ, ୧୩।୧**

ଓଡ଼ିଆ ଭାଷାର ଇତିହାସ ବହୁ ପ୍ରାଚୀନ। ଅତୀତରେ ଏହି ଭାଷାର ଅସ୍ତିତ୍ୱ ଲୋପ ପାଇଁ ବହୁ ଷଡ଼ଯନ୍ତ୍ର ହୋଇଛି। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଓଡ଼ିଆ ଭାଷା ଅଧିକରୁ ଅଧିକ ସମୃଦ୍ଧ ହେବା ସହ ନିଜର ସ୍ୱାତନ୍ତ୍ର୍ୟତା ବଜାୟ ରଖିଛି। ଏହି ଭାଷାର ଭବିଷ୍ୟତ ଉଜ୍ଜ୍ୱଳ। ଆମେ ନିଜର ଭାଷାକୁ ଅଧିକରୁ ଅଧିକ ଭଲପାଇବା ଉଚିତ ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୫ମ ସନ୍ଧ୍ୟାରେ 'ଆମର ଭାଷା ଓ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମତବ୍ୟକ୍ତ କରିଥିଲେ। ରୋଟାରିଆନ ଅତିଶ କୁମାର ବେହେରାଙ୍କ ସଭାପତିତ୍ୱ ଓ ସଞ୍ଜୁକ୍ତା ମହାନ୍ତିଙ୍କ ସଂଯୋଜନାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଭୟ କୁମାର ସୂତାର ଓ ଅନ୍ୟତମ ବକ୍ତା ଭାବେ ଗୀତିକାର ନିର୍ମଳ ରାଉତ ଯୋଗଦେଇ ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ଭଦ୍ରକ ଜିଲାର ଅନନ୍ୟ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। କମିଟିର ସଭାପତି ରବିନାରାୟଣ ଖିଲାର, ସାଧାରଣ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ସଙ୍ଗଠନ ସମ୍ପାଦକ ସୁବ୍ରତ ଦୀକ୍ଷିତ, ମିଡିଆ ସେଲ୍ ଅଧ୍ୟକ୍ଷ ଅବିନାଶ ପଣ୍ଡା, ସାଂସ୍କୃତିକ ସଂଯୋଜକ ପ୍ରଭାତ ଜେନା ଓ ସାଂସ୍କୃତିକ ସହସମ୍ପାଦିକା ରଶ୍ମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମହାବୀର କପ୍ କ୍ରିକେଟ: ଭଦ୍ରକ ୟୁନିକ୍ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.)**



ଅତିଥିଙ୍କ ସହ ଚାମ୍ପିୟନ୍ ଟିମ୍।

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ୨୩ତମ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ ସ୍ପୋର୍ଟ୍ସ ଏକାଡେମୀକୁ ହରାଇ ଭଦ୍ରକ ୟୁନିକ୍ କ୍ଲବ ଚାମ୍ପିୟନ ହୋଇଛି। ୟୁନିକ୍ କ୍ଲବ ଟସ୍ ଜିତି ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ଦଳର ପ୍ରକାଶ ଜେନା ୩୦ ବଲରେ ୪୬ ଓ ବିଶ୍ୱଜିତ୍ ପାତ୍ର ୩୨ ବଲରେ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରଜନୀକାନ୍ତ ଦାସ ୫ ଓଭର ୨୬ ରନ୍ ଦେଇ ୩ ଉଇକେଟ୍, ପବିତ୍ର ମଲିକ ୫ ଓଭର ୨୬ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ସ୍ପୋର୍ଟ୍ସ ଏକାଡେମୀ ୧୬.୩ ଓଭରରେ ୭୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ଏସ୍‌କେ ସାହାବୁଦ୍ଦିନ୍ ୧୯ ବଲରେ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରକାଶ ଜେନା ୫ ଓଭର ୧୭ ରନ୍ ଦେଇ ୫ ଉଇକେଟ୍ ଓ ଅଭିଜିତ୍ ସାହୁ ୪ ଓଭର ୯ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ୟୁନିକ୍ ଟିମ୍ ୫୯ ରନ୍‌ରେ ବିଜୟୀ ହୋଇଥିଲା। ଅମ୍ପାୟାର ଦୁର୍ଗା ପଟ୍ଟନାୟକ ଓ କାଳନ୍ଦୀ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। କିଶୋର ଦଳେଇ, ପରେଶ ରଥ ଓ ଶଚିନ ରଥ ସ୍କୋରର, କୈଳାସ ଦ୍ୱିବେଦୀ ରେଫରି ଥିଲେ। ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି, ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।

ହରିହର ପଲେଇଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ, ସମିତିସଭ୍ୟା ପ୍ରିୟମ୍ବଦା ପ୍ରଧାନ, ତପସ୍ୱିନୀ ଜେନା, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ପ୍ରମୋଦ ନାୟକ, ବନମାଳୀ ପୃଷ୍ଟି, ଅର୍ଜ୍ଜୁନ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ୍ ଓ ବେଷ୍ଟ ବୋଲର ପ୍ରକାଶ ଜେନା, ବେଷ୍ଟ ବ୍ୟାଟସ୍ ମ୍ୟାନ ସାଗର ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ମହାବୀର କ୍ଲବ ସଦସ୍ୟ ମାନସ ରଞ୍ଜନ ପଣ୍ଡା, ପ୍ରତାପ ପଣ୍ଡା, ସମୀର ରଥ, ଉମେଶ ସ୍ୱାଇଁ, ତପନ ପ୍ରଧାନ, ସୁଧାଂଶୁ ରାଉତ, ପ୍ରଭୁକଲ୍ୟାଣ ସାମଲ, ପ୍ରତାପ ରାଉତ, ପ୍ରଜ୍ଞାନ ପଣ୍ଡା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଧାମନଗର, ୧୩।୧ (ଡି.ଏନ.ଏ.)**

ଧାମନଗର ବ୍ଲକ କମାରବନ୍ଧସ୍ଥିତ ବିବେକାନନ୍ଦ ପାଠଚକ୍ର ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ସଭାପତି ସଞ୍ଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଏବଂ ଜିଲା ଲୋକକଳା ସଂସ୍କୃତି ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ଦେଶର ପ୍ରଗତିରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ସିଦ୍ଧାର୍ଥ ଶଙ୍କର ଧଳ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଇନ୍ଦ୍ର ଗୋବିନ୍ଦ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ପାଗଳଙ୍କୁ ରଘୁନାଥ ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନିଲ ରାଉତ, କବି ପ୍ରସାଦ ମଲ୍ଲିକ, ସୁରେଶ ମଲ୍ଲିକ, ଅଜୟ ସ୍ୱାଇଁ, ନିରଞ୍ଜନ ମଲ୍ଲିକ, ଗତିକୃଷ୍ଣ ବାରିକ, ଦେବାଶିଷ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣାଙ୍କୁ ଧଉଳି ସମ୍ମାନ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି କ୍ରିତିକ୍ରିଷ୍ଣା।

**ଧାମନଗର, ୧୩।୧ (ଡି.ଏନ.ଏ.)**

ଧାମନଗର ବ୍ଲକ କଟସାହି ପଞ୍ଚାୟତ ବଉଳନାଳି ଶାସନ ଗ୍ରାମର ସ୍ନେହାଶିଷ ପଣ୍ଡାଙ୍କ ଜ୍ୟେଷ୍ଠା କନ୍ୟା ତଥା ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ କ୍ରିତିକ୍ରିଷ୍ଣା ଭୁବନେଶ୍ୱର ଧଉଳି ଶାନ୍ତିସ୍ତୁପଠାରେ ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ପ୍ରଦର୍ଶନୀରେ ସମ୍ମାନିତ ହୋଇଛନ୍ତି। ଚିତ୍ରକଳା ପ୍ରତିଭା ପାଇଁ ତାଙ୍କୁ ଧଉଳି ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତ ସମେତ ଅଷ୍ଟ୍ରେଲିଆ, ବାଂଲାଦେଶ, କୋରିଆ, ଜାପାନ, ଆମେରିକା ଆଦି ସ୍ଥାନରୁ ଚିତ୍ରଶିଳ୍ପୀମାନେ ଏହି ପ୍ରଦର୍ଶନୀରେ ଭାଗ ନେଇଥିଲେ। 'ସି' ଗ୍ରୁପରେ ଶ୍ରେଷ୍ଠ ୧୫ ଜଣଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ କ୍ରିତିକ୍ରିଷ୍ଣା ରହିଛନ୍ତି। ମୁଖ୍ୟଅତିଥି ଭାବେ ନେପାଳର ବରିଷ୍ଠ ଚିତ୍ରଶିଳ୍ପୀ ଭିମ ପ୍ରସାଦ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଓଡ଼ିଶା ପର୍ଯ୍ୟଟନ ବିଭାଗ ଅଧିକାରୀ ଅଜୟ କୁମାର ରାଉତ, ଧଉଳି ଆର୍ଟ କଲେଜ ଅଧ୍ୟକ୍ଷ ପଞ୍ଚାନନ ସାମଲ ପ୍ରମୁଖ କ୍ରିତିକ୍ରିଷ୍ଣାଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଶର୍ଟସର୍କିଟରୁ ଅଗ୍ନିକାଣ୍ଡ: ୪ ବଖରା ଜଳିଗଲା

**ବନ୍ତ, ୧୩।୧ (ଡି.ଏନ.ଏ.)**

ବନ୍ତ ହାଟସାହିରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ମିର୍ଜା ଅନ୍‌ୱାରଙ୍କ ୨, ମଫିରନ୍ ବିବି ଓ ମୀର୍ କରିମଙ୍କ ବଖରାଏ ଲେଖାଏ ପୋଡ଼ି ଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ଆସବାବପତ୍ର ସମେତ ପ୍ରାୟ ୫୫ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

## ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଭଦ୍ରକ ଅଫିସ, ୧୩।୧**

ଭଦ୍ରକ ସାମରାଇପୁରସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିବିଏସ୍‌ଇର ଆଞ୍ଚଳିକ ନିର୍ଦ୍ଦେଶକ ଥଙ୍ଗୋଖୋଲେଟ୍ ମାତେ ଓ ମୁଖ୍ୟବକ୍ତା ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ କେପି ମହାପାତ୍ର ଯୋଗ ଦେଇଥିଲେ। ସ୍କୁଲ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା ଓ ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତଙ୍କ ଗହଣରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଚେୟାରମ୍ୟାନ ଦୀକ୍ଷିତ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟକ୍ଷ ଦେବତା ବାର୍ଷିକ ବିବରଣୀ ପାଠ କରିବା ସହ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ କହିବା ସହ ଆଗାମୀ ଦିନରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏତଦ୍‌ବ୍ୟତୀତ ଅନୁଷ୍ଠାନର ପୂର୍ବତନ ଛାତ୍ର ରଶ୍ମିରଞ୍ଜନ ପାଢ଼ୀଙ୍କୁ ୧୦ମ ଶ୍ରେଣୀ ପରୀକ୍ଷାରେ ରାଜ୍ୟରେ ୨ୟ ଓ ସର୍ବଭାରତୀୟ ସ୍ତରରେ ୪ର୍ଥ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା। ବିଜୟକୃଷ୍ଣ ପଣ୍ଡା ଓ ସିତାଂଶୁ ପାଣିଗ୍ରାହୀଙ୍କୁ ଦ୍ୱାଦଶ ପରୀକ୍ଷାରେ ୯୬ ପ୍ରତିଶତ ମାର୍କ ରଖିଥିବା ଯୋଗୁ ପୁରସ୍କୃତ କରାଯାଇଥିଲା। ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଭିନ୍ନ ବିଷୟରେ ୧୦୦ ପ୍ରତିଶତ ରଖିଥିବା ଲାଗି ୧୨ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ଶିକ୍ଷୟିତ୍ରୀ ସୁବର୍ଣ୍ଣା ରାଉତ ଓ ସଞ୍ଜୁକ୍ତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାଗରିକତା ସଂଶୋଧନ ଅଧିନିୟମ କର୍ମଶାଳା

**ତିହିଡି, ୧୩।୧ (ଡି.ଏନ.ଏ.)**

ଚାନ୍ଦବାଲି ନିର୍ବାଚନମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ଭାଜପା ଲଙ୍କେଶ୍ୱରୀ ମଣ୍ଡଳ ପକ୍ଷରୁ ପୀରହାଟଠାରେ ନାଗରିକତା ସଂଶୋଧନ ଅଧିନିୟମ ବୁଥ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଯୋଗଦେଇ ନାଗରିକତା ସଂଶୋଧନ ଆଇନ ଉପରେ ସୂଚନା ଦେବା ସହ ଘର ଘର ବୁଲି ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ପଞ୍ଚାୟତ କମିଟି ଗଠନ କରାଯାଇଥିଲା। କର୍ମଶାଳାରେ ନୂତନ ମଣ୍ଡଳ ସଭାପତି ରାଜାରାମ ମହାକୁଡ଼ଙ୍କ ସମେତ ବୁଥ୍ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଉପସଭାପତି କମଳାକାନ୍ତ ସୂତାର, ଜିଲା କୃଷକମୋର୍ଚ୍ଚା ସଭାପତି ମଙ୍ଗରାଜ ନାୟକ ଓ ମଣ୍ଡଳ ସଭାପତି ମହାକୁଡ଼ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ନାୟକ, ସମରେନ୍ଦ୍ର ବାରିକ, ଜୟବାଙ୍ଗଲା ବେହେରା, ଦେବେନ୍ଦ୍ର ବେହେରା, ମହେନ୍ଦ୍ର ପାଢୀ, ଅନାଦି ବାରିକ, ସୁରେନ୍ଦ୍ର ବଳ, ଦୀନବନ୍ଧୁ ମହାକୁଡ଼, ବିଚିତ୍ର ବାରିକ ଓ ରତିକାନ୍ତ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ମଣ୍ଡଳ ଉପସଭାପତି ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ: କଟକ ମଙ୍ଗଳା କ୍ଲବ ବିଜୟୀ

**ବାସୁଦେବପୁର, ୧୩।୧ (ଡି.ଏନ.ଏ.)**



ଅତିଥିଙ୍କ ସହ ଖେଳାଳି।

ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଟାଉନ କ୍ଲବ ଆନୁକୂଲ୍ୟରେ ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ସୋମବାର ମ୍ୟାଚ୍‌ରେ ୫-୧ ଗୋଲରେ କେନ୍ଦ୍ରାପଡ଼ା ରାଜକନିକା କ୍ଲବକୁ ହରାଇ କଟକ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ମଙ୍ଗଳା କ୍ଲବ ସୁନ୍ଦର ଖେଳ ପ୍ରଦର୍ଶନ କରି ବିପକ୍ଷ ଦଳକୁ ୫ଟି ଗୋଲ ଦେଇଥିଲାବେଳେ ରାଜକନିକା କ୍ଲବ କୌଣସି ଗୋଲ ପରିଶୋଧ କରିପାରି ନ ଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଗୌତମ ଚନ୍ଦ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଟାଉନ କ୍ଲବ ସଭାପତି ଗଗନ ବିହାରୀ ମହାନ୍ତି, ସମ୍ପାଦକ ଖଗେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀ ଅଭ୍ରକାନ୍ତ ଚନ୍ଦଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ପାଇଁ ପଡ଼ିଆରେ ଖେଳାଳି, ଅତିଥି ଓ ଦର୍ଶକମାନେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। କଟକ ଆକ୍କା ଓ ବାଗନାନ ସେଭେନଷ୍ଟାର କ୍ଲବ ମଧ୍ୟରେ ୨ୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

### ପାନ ଦୋକାନରେ ଗଞ୍ଜେଇ ବିକ୍ରି
### ୩ କେଜି ଜବତ: ଜଣେ ଗିରଫ

**ତିହିଡି, ୧୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ନାଉପାଳ ଛକସ୍ଥିତ ଏକ ପାନ ଦୋକାନରୁ ପୋଲିସ ରବିବାର ସନ୍ଧ୍ୟାରେ ୩ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ବେପାରରେ ସମ୍ପୃକ୍ତ ଗଣେଶ୍ୱରପୁର ଗ୍ରାମର ପଦ୍ମନାଭ ପୁହାଣଙ୍କୁ ସୋମବାର ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା(ନଂ.୮/୨୦) ରୁଜୁ କରାଯାଇଛି। ପଦ୍ମନାଭ ଏକ ବ୍ୟାଗ୍‌ରେ ଗଞ୍ଜେଇ ନେଇ ଦୋକାନକୁ ଆସୁଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ତିହିଡ଼ି ଥାନା ଏସ୍‌ଆଇ ବନମାଳି ବାରିକ ତାଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲେ ବୋଲି ସୂଚନା ମିଳିଛି।

## ମଣ୍ଡିରେ ପଡ଼ିରହିଛି ଧାନବସ୍ତା

**ବନ୍ତ, ୧୩।୧ (ଡି.ଏନ.ଏ.)**



ଟିଲୋ ମଣ୍ଡିରେ ଥିବା ଧାନବସ୍ତା।

- ଆସୁନାହାନ୍ତି ମିଲର
- ଦିନରାତି ଜଗୁଛନ୍ତି ଚାଷୀ

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ସେବା ସମବାୟ ସମିତିର ମଣ୍ଡିରେ ଚାଷୀମାନଙ୍କ ଧାନ ପଡ଼ି ରହିଛି। ମିଲର ଆସୁ ନ ଥିବାରୁ ଏଠାରୁ ଧାନ ଉଠିବାରେ ବିଳମ୍ବ ହେଉଛି। ଫଳରେ ଚାଷୀମାନେ ଦିନରାତି ଧାନକୁ ଜଗି ରହୁଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମଣ୍ଡିରେ ଗତ ୧୧ ତାରିଖ ସୁଦ୍ଧା ୧୫ ଜଣ ଚାଷୀ ୭୯୫ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ପକାଇଥିଲେ।

ଉକ୍ତ ସମିତିରୁ ଧାନ କ୍ରୟ କରିବାକୁ ପାଣିକୋଇଲି ଓ ସମ୍ବଲପୁରସ୍ଥିତ ରାଇସ ମିଲ୍ ସହ ଚୁକ୍ତି ହୋଇଥିଲା। କିନ୍ତୁ ସମ୍ପୃକ୍ତ ମିଲରମାନେ ଧାର୍ଯ୍ୟ ସମୟ ମଧ୍ୟରେ ଆସି ଧାନ କିଣୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ବ୍ଲକର ଅଧିକାଂଶ ସମିତିରେ ଏଭଳି ଅନୁରୂପ ସମସ୍ୟା। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ଏହି ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବିବେକାନନ୍ଦଙ୍କ ଜୟନ୍ତୀ

କୁଆଁମରା,୧୩।୧(ଡି.ଏନ୍.ଏ.): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଗୁରୁଜୀ ଜ୍ଞାନରଞ୍ଜନ ପଣ୍ଡା ବିବେକାନନ୍ଦଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବୃନ୍ଦାବନଚନ୍ଦ୍ରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ ସ୍ୱାମିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଗୁରୁମା ମଧୁସ୍ମିତା ସାମଲ, ସମ୍ପାଦକ ଶାନ୍ତି ପ୍ରବୀର ରାଉତ ସ୍ୱାମିଜୀଙ୍କ ମାର୍ଗଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଶିବାନୀ ଶଙ୍କର ଦାଶ ମଞ୍ଚ ପରିଚାଳନା କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ବିଶୋଇ, ୧୩।୧(ଡି.ଏନ୍.ଏ.)- ବିଶୋଇରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ପ୍ରସ୍ତୁତି ବୈଠକ ବସିଥିଲା। ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କୁ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ବିଶୋଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭୟ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ପିଆର୍‌ଆଇ ମେମ୍ବର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସମସ୍ତ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ବିଶୋଇ ହାଇସ୍କୁଲ ପଡ଼ିଆଠାରେ ଏହି ଦିବସ ପାଳନ ହେବା ସହିତ ପରେଡ୍ ଅନୁଷ୍ଠିତ ହେବ। ଜିପିଇଓ ରୂପେଶ କୁମାର ନାଏକ ବୈଠକ ପରିଚାଳନା କରିଥିଲେ।

### ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ

ବଡ଼ସାହି,୧୩।୧(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଆଗୁଆଡ଼-ଅସ୍ତପୁରା ଗ୍ରାମରେ ଅସୁରେଶ୍ୱରାୟ ଶିବ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ପଦ୍ମଲୋଚନ ମହାନ୍ତ ଓ ସମ୍ପାଦକ କାଳୀଚରଣ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଯୋଗଦେଇଥିଲେ। ସୋମବାର ଅଧିବାସ ପରେ ମଙ୍ଗଳବାର ଶୋଭାଯାତ୍ରାରେ କଳସ ଅଣାଯାଇ ଯଜ୍ଞବେଦି ସ୍ଥାପନ କରାଯାଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, କଳସଯାତ୍ରା, ଯଜ୍ଞାରମ୍ଭ ସାଙ୍ଗକୁ ଶିବାଭିଷେକ ଓ ରାମକଥା ପ୍ରବଚନ ଆଦି କାର୍ଯ୍ୟ ହୋଇଥିଲା। ପ୍ରତି ସନ୍ଧ୍ୟାରେ ପ୍ରବଚନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଲମ୍ବୋଦର ସୋରେନ, ସହସମ୍ପାଦକ ମୁରଲୀଧର ମହାନ୍ତ, କୋଷାଧ୍ୟକ୍ଷ ଶ୍ରୀକୃଷ୍ଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଅଗଧ ମିଷ୍ଟର, ଅନନ୍ୟା ମିସ୍ ଇଉଫୋରିଆ

ବାରିପଦା ଅଫିସ,୧୩।୧


ମିଷ୍ଟର ଓ ମିସ୍ ଇଉଫୋରିଆ ଏବଂ ଅନ୍ୟମାନେ।

ବାରିପଦା ସହରସ୍ଥିତ ଛଉ ପଡ଼ିଆରେ ୨୩ ତମ ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ– ୨୦୨୦ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସୀମାନ୍ତ ଇଞ୍ଜିନିୟରିଂ କଲେଜର ସଭାପତି ଇଂ.ଅଶୋକ ବସା, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାପସ ସରଘରିଆ, ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମିଷ୍ଟର ଇଉଫୋରିଆ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଗଧ ହାର ପୁରୋହିତ ଓ ମିସ୍ ଇଉଫୋରିଆ ଭାବରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅନନ୍ୟା ନାୟକ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ଦଳଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୁରସ୍କୃତ ହୋଇଥିବା ବେଳେ ଶୃଙ୍ଖଳିତ ଦଳ ଭାବରେ ବାରିପଦାର ସାଇ ହାଇୟର ସେକେଣ୍ଡାରୀ ସ୍କୁଲ୍ ପୁରସ୍କୃତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସିନେ ତାରକା ସ୍ୱରାଜ ବାରିକ, ଓମ୍ ଶୁଭମ୍ ମହାପାତ୍ର, ଗାୟିକା ପ୍ରଜ୍ଞା ହୋତା ଏବଂ ଶୁଭଲକ୍ଷ୍ମୀ ଦାଶ ଯୋଗ ଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକଙ୍କ ମୟୂରଭଞ୍ଜ ଗସ୍ତ

# ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା

ବାରିପଦା ଅଫିସ,୧୩।୧

ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାର ବାରିପଦା, ସାରସକଣା, ବାଙ୍ଗିରିପୋଷି, ଯଶିପୁର ଓ କରଞ୍ଜିଆ ଆଦି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଥ୍ ଅଞ୍ଚଳ କ୍ଷେତ୍ର ପରିଦର୍ଶନରେ ଯାଇ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ । ପର୍ଯ୍ୟବେକ୍ଷକ ପୃଷ୍ଟି ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ପ୍ରଶାସନ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୯ଟି ନିର୍ବାଚନୀ ମଣ୍ଡଳୀର ସମସ୍ତ ବୁଥ୍‌ସ୍ତରରେ ତ୍ୱରାନ୍ୱିତ କରାଯାଉଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜ ଯୋଗଦେଇ ଜିଲାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ସୂଚାଇଥିଲେ। ବୈଠକରେ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଡେପୁଟି କଲେକ୍ଟର ସନ୍ଧ୍ୟାଳୀ ମାଝୀ ଏବଂ ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ଉପଜିଲାପାଳ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳୀୟ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସଫେଇ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ


ସଫେଇ କର୍ମଚାରୀ ଓ ଅତିଥିବୃନ୍ଦ।

ବାରିପଦା ଅଫିସ,୧୩।୧

ବାରିପଦା ସହରକୁ ମଇଳା, ଆବର୍ଜନା, ପଲିଥିନ୍ ଓ ମଦମୁକ୍ତ ସହର ଭାବେ ଗଢ଼ିତୋଳିବା ସଂକଳ୍ପ ନେଇ ସବୁଜ ସୁନ୍ଦର ବାରିପଦା ସଂଗଠନ କାର୍ଯ୍ୟ କରୁଛି। ଏହି ସଂଗଠନ ସହିତ ମିଶି ପ୍ରତ୍ୟହ ସଫେଇ କର୍ମଚାରୀମାନେ କାମ କରୁଛନ୍ତି। ସଂଗଠନର ଆବାହକ ତଥା ଯୁବ ବିଜେଡି ଜିଲା ସଭାପତି ଜିତେନ୍ଦ୍ର ମହାନ୍ତି (ନଛି)ଙ୍କ ପୌରୋହିତ୍ୟରେ ସ୍ଥାନୀୟ ପୌର ପରିଷଦ ଅତିଥି ଭବନରେ ଉକ୍ତ କର୍ମଚାରୀମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ନଗରପାଳ ରାଜ ଶିବନାରାୟଣ କିସ୍କୁ, ଉତ୍ତର ଓଡ଼ିଶା ଯୁବ ଜନତା ଦଳର ଜୋନାଲ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ମହିଳା ବିଜେଡି ଜିଲା ସଭାନେତ୍ରୀ ବୀଣାପାଣି ସାହୁ, ଡ. ଆଦିତ୍ୟ କୁମାର ପଣ୍ଡା, ପୂର୍ବତନ କାଉନ୍‌ସିଲର ସରୋଜ ମହାପାତ୍ର, ପ୍ରଭାତ ମହାନ୍ତି, ଦେବାଶିଷ ଦାସ, ସ୍ୱରୂପ ପଟ୍ଟନାୟକ, ଦୁର୍ଗାମଣି ଆଚାର୍ଯ୍ୟ, ଶୋଭାକର ପଟ୍ଟାୟତ, ନିରୋଜ ସାହୁ, ଗୀତାରାଣୀ ବେହେରା, ସୁମିତ୍ରା ପାତ୍ର, ଅନୁରାଧା ସୋରେନ୍, ବିଶିକେଶନ ପଟ୍ଟନାୟକଙ୍କ ସମେତ ଶୈଳେନ୍ଦ୍ର ପାତ୍ର, ସରୋଜ ସାହୁ, ବିରଞ୍ଚି ମହାପାତ୍ର, ଅବ୍‌ଦୁଲ ହବିବ୍, ଅନିରୁଦ୍ଧ ଭଞ୍ଜଦେଓ, କପିଳ ଖଣ୍ଡେଲୱାଲ, ନନ୍ଦନ ଭଞ୍ଜ, ଶରତ ମୁର୍ମୁ, ରାଜାଧର ମହାପାତ୍ର, ଅମ୍ବିକା ଘୋଷ, ଦୀପକ ମଡୁଆଳ ପ୍ରମୁଖ ଉପସ୍ଥିତ ରହି ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଏଏସ୍ ପାଇଥିବା ମଧୁସ୍ମିତାଙ୍କୁ ସମ୍ବର୍ଦ୍ଧନା

କୁଆଁମରା,୧୩।୧(ଡ଼ି.ଏନ୍.ଏ.)

ଓଏଏସ୍ ପାଇଥିବା ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଅନ୍ତର୍ଗତ ମାଙ୍କଡକେନ୍ଦା ଗ୍ରାମର ମଧୁସ୍ମିତା ସିଂଙ୍କୁ ସୋମବାର ସ୍ଥାନୀୟ ଶିକ୍ଷା ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଆଦିବାସୀ ମହିଳା ଭାବେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ୧୫୩ ର୍‍ୟାଙ୍କରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଜନ୍ମ ସ୍ଥାନ



ମାଙ୍କଡକେନ୍ଦା ଗ୍ରାମରେ ସୋମବାର ସେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମଧୁସ୍ମିତାଙ୍କ ବାପା ବନମାଳୀ ସିଂ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରୂପେ ବାରିପଦାରେ କାର୍ଯ୍ୟରତ। ମା’ ବାସନ୍ତୀ ସିଂ ଗୃହିଣୀ ଅଟନ୍ତି। ବଡବାପା ବ୍ରହ୍ମାନନ୍ଦ ସିଂ କୁଣ୍ଡାବାଇ ମଧ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ମଧୁସ୍ମିତା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ଜୀବନ ଆରମ୍ଭ କରିଥିଲେ। ପରେ ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଟ୍ରିକ ଶିକ୍ଷା ଲାଭ କରି ଆଗକୁ ଆଗେଇ ଚାଲିଥିଲେ। ସୋମବାର ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ରାଉତଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ଭାଗୀରଥି ପରିଡା, ଶିକ୍ଷକ ରଞ୍ଜନ ଝରିଆଲ, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସେଠୀ, ସଞ୍ଜୁଲତା ଜେନା, ୱାର୍ଡସଭ୍ୟ ଗେହ୍ଲମଣି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜୀବନର ଉଚ୍ଚସ୍ତରକୁ ଯିବାକୁ ହେଲେ ଅକ୍ଳାନ୍ତ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ମଧୁସ୍ମିତା କହିଥିଲେ। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ‘ଚରିତ୍ର ଓ ସଂସ୍କାର ଥିଲେ ସମାଜ ପରିବର୍ତ୍ତନ ସମ୍ଭବ’



ବିଧାୟକ ଭାସ୍କର ମଡ଼େଇଙ୍କ ଗୀତରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ସାହି,୧୩।୧(ସ୍ୱ.ପ୍ର.)

ବ୍ୟକ୍ତିର ବ୍ୟକ୍ତିତ୍ୱ, ଚରିତ୍ର ଓ ସଂସ୍କାର ଠିକ୍ ରହିଲେ ସମାଜ ପରିବର୍ତ୍ତନ ସମ୍ଭବ ହୋଇପାରିବ । ଛାତ୍ରୀଛାତ୍ରମାନଙ୍କୁ ଉଚିତ ସଂସ୍କାର ଦେଇ ଶିକ୍ଷାଦାନ କଲେ ଉତ୍ତମ ମଣିଷଟିଏ କରି ଗଢ଼ି ତୋଳିହେବ ବୋଲି ସ୍ଥାନୀୟ ବିବେକାନନ୍ଦ ବିହାରଠାରେ ଚାଲିଥିବା ‘ବାଣୀପୀଠ ମହୋତ୍ସବ–୨୦୨୦’ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ସହିତ ଅଭିଭାବକ ମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହୋତ୍ସବ ଅଭ୍ୟର୍ଥନା କମିଟିର ସମ୍ପାଦକ ସୁନୀଲ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଓ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବଡ଼ସାହି ବିଇଓ ଦେବବ୍ରତ ବାରିକ ଏବଂ ସମ୍ମାନୀୟ ଅତିଥି ଭାବେ ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ବସନ୍ତ କୁମାର ମହାପାତ୍ର, ପ୍ରମିଳା ପଣ୍ଡା, ପ୍ରଫେସର ଯନ୍ତ୍ରଣା ପରିକ୍ଷିତ, କିରଣବାଳା ଦାସ ଓ ଅଶ୍ୱନୀ କୁମାର ସେଠୀ ଯୋଗଦାନ କରି ପିଲା ତଥା ଅଭିଭାବକମାନଙ୍କୁ ବହୁ ଉପାଦେୟ କଥା ଶୁଣାଇଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତ ଓ ନିଶାମଣି ରାଉତ ଆନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ। ବିଧାୟକ ମଢ଼େଇ ଗୀତ ଗାଇଥିବା ବେଳେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ବଙ୍କିମ୍ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସହସମ୍ପାଦକ ସମ୍ବିତ୍ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା



ବାରିପଦା: ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଛନ୍ତି।

ବାରିପଦା ଅଫିସ,୧୩।୧– ବାରିପଦା ସହର ଉପକଣ୍ଠ ଡିଭାଇନ ଇଞ୍ଜିନିୟରିଂ କଲେଜରେ ଜିଲା ପୋଲିସ ସହଯୋଗରେ ୩୧ତମ ସଡକ ସୁରକ୍ଷା ଦିବସ ପାଳନ ଅବସରରେ ଟ୍ରାଫିକ ସଚେତନତା ଓ ସଚେତନତା ରାଲି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ଗାଡି ଚାଳକମାନଙ୍କୁ ଫୁଲ ଓ ଚକୋଲେଟ ଦେଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଟ୍ରାଫିକ ନିୟମରେ ଆସିଥିବା ପରିବର୍ତ୍ତନ ଓ ଦଣ୍ଡବିଧାନ ସମ୍ପର୍କରେ ସେମାନେ ଲୋକଙ୍କୁ ଅବଗତ କରାଇଥିଲେ। ଡିଭାଇନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁରୁଡେଇଙ୍କ ତତ୍ତ୍ୱାବଧାନରେ ଆରଟିଓ ଗୋପାଳ କୃଷ୍ଣ ଦାସ, ବାରିପଦା ସଦର ଥାନା ଅଧିକାରୀ ପ୍ରିୟମ୍ବଦା ନାୟକ, ଯୁବ ସାମାଜିକ କର୍ମୀ ଚନ୍ଦନ ସେଜପଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲିରେ ଅଞ୍ଚଳ ପରିକ୍ରମା କରିଥିଲେ।

**କୁଆଁମରା,(ଡ଼ି.ଏନ୍.ଏ.)-** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ଖୁଣ୍ଟା ଥାନା ପୋଲିସର ମିଳିତ ଆନୁକୂଲ୍ୟରେ ସୋମବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଉଦଳା–ବୈଶିଙ୍ଗା ମୁଖ୍ୟ ରାସ୍ତାର ପୁରୁଣା ବାରିପଦା ବଜାର ପରିକ୍ରମା କରିଥିଲେ। ପରେ ରାସ୍ତାରେ ବାଇକ ନେଇ ଯାଉଥିବା ଓ ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ସହ ଗୋଲାପ ଫୁଲ ପ୍ରଦାନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ସେକେଣ୍ଡ ଅଫିସର ରମିତା ରାଣୀ ପ୍ରଧାନ ଓ ସୌମ୍ୟ ରଞ୍ଜନ ଭୋଳ, କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ଉମାକାନ୍ତ ବେହେରା, ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ଗୋପାଳ କୃଷ୍ଣ ନାୟକ ଓ ଅଧ୍ୟାପିକା ଇପ୍ସିତା ମୋନାଲିସା ମିଶ୍ର, ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, କଲେଜ ପ୍ରଶାସନିକ ଅଧିକାରୀ କବିତା ପରିଡା, ସୁଜିତ କୁମାର ମାଇତି, ଗଣେଶ ପ୍ରସାଦ ସେଠୀ, ମାମୁନି ବେରା, ଧରାଶ୍ରୀ ହୋତା, ୧୪ ଓଡ଼ିଶା ବାଟାଲିୟନର ନାଏବ ସୁବେଦାର ଗଙ୍ଗା ସିଂ ଏବଂ ହାବିଲଦାର କେ. କେରକେଟା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଉଦଳା,(ଡ଼ି.ଏନ୍.ଏ.)-** ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ପକ୍ଷରୁ ୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଟ୍ରାଫିକ୍ ନିୟମ, ହେଲମେଟ ପରିଧାନ କରିବା ପାଇଁ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଏହି ସଚେତନତା ରାଲିକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ଖିଲାପକାରୀମାନଙ୍କୁ ଚକୋଲେଟ୍ ଦେଇ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଭୀମ ସୋରେନ୍, ମାଗା ସିଂ, କାହ୍ନୁଆର ସୋରେନ୍, ଚୈତନ୍ୟ ପ୍ରସାଦ ମାଝୀ ଏବଂ ରେଡକ୍ରସ୍ ଅଧିକାରୀ ଅଧ୍ୟାପକ ଡ. ଯତୀନ କୁମାର ମହାକୁଡ, ଅଧ୍ୟାପିକା ଭାରତୀ ନାୟକ, ସୌମେନ୍ଦ୍ର ଦାଶ, ଭୋଳାନାଥ ସାହୁ, ଆଲୋକ ରଞ୍ଜନ ପ୍ରଧାନ, ପ୍ରକାଶିତା ବାଛିନୀ, ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ବିଜନ କୁମାର ନାୟକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବିଶୋଇ,(ଡି.ଏନ୍.ଏ.):** ବିଶୋଇ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଥାନା ଅଧିକାରିଣୀ କୁନି ବେଶ୍ରାଙ୍କ ନେତୃତ୍ୱରେ ଏସ୍‌ଆଇ ଶୁଭେନ୍ଦୁ ଭୂଷଣ ମହାନ୍ତି, ଏଏସ୍‌ଆଇ ରବି ନାରାୟଣ ସ୍ୱାଇଁ, ଏଏସ୍‌ଆଇ ବିନାୟକ ବେହେରାଙ୍କ ସହଯୋଗରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲି ଥାନାଠାରୁ ବାହାରି ୪୯ନଂ. ରାଜପଥ ଦେଇ ବିଶୋଇ ବଜାର ପରିକ୍ରମା କରିଥିଲା। ମଦ୍ୟପାନ କରି ଗାଡ଼ି ନ ଚଳାଇବା, ସର୍ବଦା ହେଲ୍‌ମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନ ବାର୍ତ୍ତା ଦେବା ସହିତ ରାସ୍ତାରେ ଯାଉଥିବା ବାଇକ୍, କାର ଓ ବସ୍ ଡ୍ରାଇଭରମାନଙ୍କୁ ଚକୋଲେଟ୍ ବାଣ୍ଟି ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଏଥିରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବିଶୋଇ: ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ସଚେତନତା ରାଲିରେ ଯାଉଛନ୍ତି।

# ୬୧ ଅଭିଯୋଗର ଶୁଣାଣି

ରାଇରଙ୍ଗପୁର,୧୩।୧(ଡି.ଏନ୍.ଏ.):

ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ ଏବଂ ଏସ୍‌ଡିଏମ୍‌ଓ ଡା.ଛତିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

ଯେଉଁ ମହିଳାମାନେ ମୋଟା ହୋଇଯାନ୍ତି ଏବଂ ଗର୍ଭଧାରଣ କରିବାକୁ ଚାହାନ୍ତି ସେମାନେ ଅନ୍ତତଃ ୬ମାସ ପୂର୍ବରୁ ଓଜନ କମାଇବା ଉଚିତ।

**ଗର୍ଭବତୀ ନାରୀର ଚେକ୍‌ଅପ୍:** ମୋଟା ହୋଇଥିବା ଗର୍ଭବତୀ ମହିଳା, ତାଙ୍କ ସ୍ୱାମୀ ଓ ସାରା ପରିବାର ଏଥିପାଇଁ ସଚେତନ ରହି ବେଶି କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଉଚିତ ନୁହେଁ । ସେମାନେ ଗର୍ଭାବସ୍ଥାରେ ଅଧିକ କ୍ୟାଲୋରିଯୁକ୍ତ ସୁଷମ ଖାଦ୍ୟଖାଇ ଅନ୍ତତଃ ୧୦କେ.ଜି. ଭିତରେ ଓଜନ ସୀମିତ ରଖିବା ଜରୁରୀ । ଅତିରିକ୍ତ ଚର୍ବି, ଘିଅ, ତେଲ ଓ ଛଣାଛଣି ଓ ମିଠାଖାଦ୍ୟ ଖାଇବା ଉଚିତ ନୁହେଁ । କିନ୍ତୁ ସେମାନେ ଓଜନ କମାଇବା ପାଇଁ ଉପବାସ ମଧ୍ୟ ରହିବା ଉଚିତ ନୁହେଁ। କାରଣ ଏହାଦ୍ୱାରା 'କିଟୋସିସ୍' ହୋଇ ଗର୍ଭସ୍ଥ ଶିଶୁର ସ୍ନାୟୁଜନିତ ରୋଗ ହୋଇଥାଏ ।

**ଗର୍ଭାବସ୍ଥାରେ ମେଦବୃଦ୍ଧିର ବିପଦ:**

**ମାତୃମୃତ୍ୟୁ:** ଗର୍ଭବତୀ ମା'ର ମେଦବୃଦ୍ଧି ଯୋଗୁଁ କ୍ରନିକ୍ ଉଚ୍ଚ ରକ୍ତଚାପ, ମଧୁମେହରୋଗ ଏବଂ ପ୍ରସବ ବେଳେ ଅସ୍ତ୍ରୋପଚାର ତଥା ପ୍ରସବପରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ମାତୃମୃତ୍ୟୁ ବେଶି ପରିମାଣରେ ହୋଇଥାଏ ।

**ଶିଶୁମୃତ୍ୟୁ:** ପ୍ରସବପରେ ଶିଶୁମୃତ୍ୟୁ ହାର ବିଶେଷ ଭାବରେ ବଢିଯାଇଥାଏ, କାରଣ ଗର୍ଭସମୟ ଗଡ଼ିଯିବାରୁ ଶିଶୁ ପୋଷ୍ଟ ମାଚ୍ୟୁଅର୍ ହୁଏ । ବଡ଼ ଶିଶୁ ହେଲେ ମଧ୍ୟ ଶିଶୁମୃତ୍ୟୁ ହୋଇଥାଏ କାରଣ ଶତକଡ଼ା ୧୦ ଭାଗ ମା'ଙ୍କର ଶିଶୁର ଓଜନ ୪ କେ.ଜି.ରୁ ଅଧିକ ହୋଇଥାଏ । ମୋଟା ଗର୍ଭବତୀ ମହିଳାମାନଙ୍କର ଶିଶୁର ମୁଣ୍ଡ ନ ଥିବା ବିକଳାଙ୍ଗତା (ଓପନ୍ ନିଉରାଲ୍ ଟ୍ୟୁବ୍ ଡ଼ିଫେକ୍ଟ) ଦୁଇଗୁଣ ବଢିଯାଏ ଏବଂ ଜନ୍ମଗତ ହୃଦ୍‌ରୋଗ ମଧ୍ୟ ୬ ଗୁଣ ବଢିଯାଏ । ଆଉ କେତକ ମହିଳାଙ୍କର ଗର୍ଭସ୍ଥଶିଶୁ ଗର୍ଭରେ ବଢିପାରେ ନାହିଁ, ଫଳରେ ଅଳ୍ପ ଓଜନର ଶିଶୁ ଓ ଅପରିଣତ ପ୍ରସବ ହୋଇଥାଏ। ଏହା ଗର୍ଭଫୁଲର ଅପାରଗତା ଯୋଗୁଁ ହୋଇଥାଏ ।

ମେଦବହୁଳତା ଏକ ଅଭିସାପ ବିଶେଷକରି ଗର୍ଭାବସ୍ଥାରେ ମେଦବହୁଳତା କେବଳ ଗର୍ଭବତୀ ନାରୀ ନୁହେଁ, ଗର୍ଭସ୍ଥ ଶିଶୁ ଏବଂ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଥାଏ । ତେଣୁ ଗର୍ଭଧାରଣ ପୂର୍ବରୁ ସୁଚିନ୍ତିତ ଯୋଜନା ଓ ଓଜନହ୍ରାସ କଲେ ସେମାନେ ଯେ ନିରାପଦରେ ଗର୍ଭଧାରଣ ଓ ସୁସ୍ଥ ଶିଶୁ ପ୍ରସବ କରିବେ, ଏଥିରେ ସନ୍ଦେହ ନାହିଁ।

–ଲିଙ୍କ୍‌ରୋଡ୍, କଟକ–୧୨

# ଉଲେନ୍ କପଡ଼ାର ଯତ୍ନ



**ଶୀତଦିନେ ଭଳିକି ଭଳି ଉଲେନ୍ କପଡ଼ାର ବ୍ୟବହାର ନା କେବଳ ଆରାମଦାୟକ ବରଂ ଏହା ବେଶ୍ ଆକର୍ଷଣୀୟ ଏବଂ ଷ୍ଟାଇଲିସ୍ ଲୁକ୍ ବି ଦେଇଥାଏ। ତେବେ ଏହି ଉଲେନ୍ କପଡ଼ାଗୁଡ଼ିକ ଅପେକ୍ଷାକୃତ ନରମ ଓ ଦାମୀ ହୋଇଥିବାରୁ ଏହାର ବିଶେଷ ଯତ୍ନନେବା ଆବଶ୍ୟକ ...**

- ପ୍ରଥମ କଥା ହେଉଛି ଉଲେନ୍ ବସ୍ତ୍ର ପିନ୍ଧିବା ପରେ ତାକୁ ଠିକ୍ ସମୟରେ ସଫା କରିବା। ଏଥିପାଇଁ ସେଥିରେ ଦିଆଯାଇଥିବା ନିର୍ଦ୍ଦେଶକୁ ପଢ଼ନ୍ତୁ। ନଚେତ୍ ଡ୍ରାଏ କ୍ଲିନ୍ ହେଉଥିବା କପଡ଼ା ଭୁଲରେ ଘରେ ଧୋଇବା ଯୋଗୁ ନଷ୍ଟ ହୋଇଯାଇପାରେ।
- ଏହାକୁ ଧୋଇବା ଲାଗି ପାଉଡର ପରିବର୍ତ୍ତେ ଲିକ୍ୱିଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।
- ଯେଉଁ ଉଲେନ୍ କପଡ଼ାକୁ ଘରେ ଧୋଉଛନ୍ତି ତାକୁ ଜୋରରେ ନ ଚିପୁଡ଼ି ସେହିପରି ଶୁଖାଇ ଦିଅନ୍ତୁ ସେଥିରୁ ଧୀରେ ଧୀରେ ପାଣି ବାହାରିଯିବ।
- ମନେରଖନ୍ତୁ ଉଲେନ୍ କପଡ଼ାରେ ପର୍‌ଫ୍ୟୁମ୍ ପକାଇବା ଦ୍ୱାରା ସେଥିରେ ପୋକ ଲାଗିବାର ଆଶଙ୍କା ବେଶି। ତା'ଛଡା ମଝିରେ ମଝିରେ ସବୁ ଶୀତବସ୍ତ୍ର, ଶାଲ୍, ବ୍ଲାଙ୍କେଟ୍ ଆଦିକୁ ଖରାରେ ଶୁଖାନ୍ତୁ। ଏପରି କରିବା ଦ୍ୱାରା ସେଥିରେ ପୋକ ଲାଗି ନ ଥାଏ।
- ଉଲେନ୍ ବସ୍ତ୍ର ଷ୍ଟ୍ରେଚେବଲ୍ ହୋଇଥିବାରୁ ଏହାକୁ ଟାଙ୍ଗି ରଖିବା ଦ୍ୱାରା ଲମ୍ବା ହୋଇଯିବାର ସମ୍ଭାବନା ରହିଛି। ତେଣୁ ଏହାକୁ ଟାଙ୍ଗିବା ପରିବର୍ତ୍ତେ ଭାଙ୍ଗି ରଖନ୍ତୁ।



ଖାଦ୍ୟ ରୁଚି

# ବ୍ରେଡ୍ ରୋଲ୍



**ଆବଶ୍ୟକ ସାମଗ୍ରୀ–** ୧୦ଟି ସ୍ଲାଇସ୍ ବ୍ରେଡ୍, ୫ଟି ମଧ୍ୟମ ଆକାରର ଆଳୁ, ୧ ଚାମଚ ଧନିଆ ପାଉଡର, ୧/୪ ଚାମଚ ଲେଖାଏଁ ଗରମ ମସଲା, ଆମଚୁର ପାଉଡର, ଲାଲ ଲଙ୍କା ପାଉଡର, ଛୋଟ ଛୋଟ କଟା କଞ୍ଚା ଲଙ୍କା, ୨ ବଡ ଚାମଚ ଧନିଆ ପତ୍ର କଟା, ଏକ ଇଞ୍ଚ ଅଦା ଛୋଟ ଛୋଟ କଟା ହୋଇଥିବା, ଛାଣିବା ଲାଗି ତେଲ, ଲୁଣ ସ୍ୱାଦନୁସାରେ।

**ପ୍ରସ୍ତୁତି ପ୍ରଣାଳୀ –** ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଚୋପା ଛଡାଇ ଚକଟି ଦିଅନ୍ତୁ। ଚୁଲାରେ କଡେଇ ବସାଇ ଅଳ୍ପ ତେଲ ନେଇ ଗରମ କରନ୍ତୁ। ସେଥିରେ କଟା ଲଙ୍କା, କଟା ଅଦା, ଧନିଆ ଗୁଣ୍ଡ ପକାଇ ଧୀରେ ଧୀରେ ଗୋଳାନ୍ତୁ। ଭାଜି ହୋଇଗଲେ ସେଥିରେ ଚକଟା ହୋଇଥିବା ଆଳୁକୁ ପକାନ୍ତୁ । ସେଥିରେ ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର ଏବଂ ସ୍ୱଦାନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହାକୁ ଚୁଲାରୁ କାଢି ଥଣ୍ଡା କରିଦିଅନ୍ତୁ। ଏହାକୁ ୧୦ ଭାଗ କରି ଲମ୍ୱାଳିଆ ଗୁଳା(ରୋଲ) କରିଦିଅନ୍ତୁ। ବ୍ରେଡ୍‌ର ଚାରିପାଖ ପୋଡା ଅଂଶ କାଟି ଦିଅନ୍ତୁ ଏବଂ ଏକ ପାତ୍ରରେ ପାଣି ନେଇ ସେଥିରେ ବ୍ରେଡ୍ ବୁଡାଇ ଦିଅନ୍ତୁ। ଦୁଇ ହାତରେ ଚାପି ବ୍ରେଡ୍‌ରୁ ପାଣି ବାହାର କରି ସେଥିରେ ଗୁଳା କରିଥିବା ଆଳୁ ରଖି ଧୀରେ ଧୀରେ ଚାରିପଟୁ ଚାପି ଦିଅନ୍ତୁ। ସେହି ପରି ସବୁ ବ୍ରେଡ୍‌ରେ ଆଳୁ ରଖି ଚାପନ୍ତୁ। ଏକ କଡେଇରେ ତେଲ ଗରମ କରି ଏହାକୁ ୨–୩ଟି ଲେଖାଏଁ ପକାଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ବ୍ରେଡ୍ ରୋଲ୍, ଏହାକୁ ଚଟ୍‌ନି କିମ୍ବା ଟମାଟୋ ସସ୍ ସହ ଖାଇବାର ମଜା ନିଅନ୍ତୁ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.86 (8) | 41,859.69 (▲259.97) | 12,329.55 (▲72.75) | 40,432.00 (▼₹236) | 47,635.00 (▼₹376) |



"ଆମେ ଏମିତି ଏକ କମ୍ପାନୀ ପରିଚାଳନା କରୁଛୁ, ଯାହା ଅଧିକରୁ ଅଧିକ ଲୋକଙ୍କୁ ପରସ୍ପର ସହ ଯୋଡ଼ିପାରିବା।"
– ମାର୍କ ଜୁକରବର୍ଗ, ଫେସବୁକ ସିଇଓ



"ଅଧିକ ଚାହିଦା ଥିବା ପ୍ରଡକ୍ଟର ରପ୍ତାନି ଦିଗରେ ସରକାର ବିଭିନ୍ନ ସହାୟତା ଯୋଗାଇ ଦେବେ।"
– ନୀତିନ ଗଡକରି, କେନ୍ଦ୍ର ମନ୍ତ୍ରୀ

# ଖୁଚୁରା ମୁଦ୍ରାସ୍ଫୀତି ୭.୩୫% ସ୍ତର ଛୁଇଁଲା

**ବଢୁଛି ଦରଦାମ**

- ସାଢ଼େ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତର
- ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ଟପିଯାଇଛି
- ନଭେମ୍ବରରେ ୫.୫୪% ରହିଥିଲା।



**ନୂଆଦିଲ୍ଲୀ,୧୩-୧**

ବଜାରରେ ଏବେ ଦରଦାମ ବଢୁଛି। ଚଳିତ ବର୍ଷ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ସାଢେ ୫ ବର୍ଷର ସର୍ବୋଚ୍ଚ ସ୍ତର ଟପି ୭.୩୫% ସ୍ତରରେ ରହିଛି। ମୁଦ୍ରାସ୍ଫୀତିକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଥିଲା। ହେଲେ ଏହି ସ୍ତର ଟପିଯାଇଥିବା ଜଣାପଡିଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ବିଶେଷକରି ପନିପରିବା ଏବଂ ପିଆଜ ଦର ବଢିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ଜାରି କରାଯାଇଥିବା ଡାଟା ମୁତାବକ ଏହି ସମୟରେ ପନିପରିବା ବର୍ଗରେ ମୁଦ୍ରାସ୍ଫୀତି ବୃଦ୍ଧିଘଟି ୬୦.୫% ସ୍ତର ଛୁଇଁଛି। ୨୦୧୮ ଡିସେମ୍ବରରେ ସାମଗ୍ରିକ ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୨.୧୧% ରହିଥିଲା। ସେହିଭଳି ୨୦୧୯ ନଭେମ୍ବରରେ ଏହା ୫.୫୪% ସ୍ତରରେ ଥିଲା। ଏନ୍‌ଏସ୍‌ଓ ଡାଟା ମୁତାବକ, ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୧୪.୧୨% ବଢିଛି। ଏହା ୨୦୧୮ ଡିସେମ୍ବରରେ (–) ୨.୬୫% ସ୍ତରରେ ରହିଥିଲା। ଚଳିତ ବର୍ଷ ନଭେମ୍ବରରେ ଏହି ବର୍ଗରେ ମୁଦ୍ରାସ୍ଫୀତି ୧୦.୦୧% ରହିଥିଲା। ଏହା ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରଥମ ପାଳିରେ ଖୁଚୁରା ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତର ୭.୩୯% ରହିଥିଲା। ଚଳିତ ବର୍ଷ ଡିସେମ୍ବରରେ ଡାଲିଜାତୀୟ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୧୫.୪୪% ରେକର୍ଡ କରାଯାଇଛି। ଏହାବାଦ ମାଂସ ଏବଂ ମାଛ ବର୍ଗରେ ଏହା ପ୍ରାୟ ୧୦% ବଢିଛି। ମୁଦ୍ରାସ୍ଫୀତିକୁ ୪% ସ୍ତରରେ ରଖିବା ଲାଗି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଥିଲେ। ଫେବୃୟାରୀ ୬ ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ଦ୍ୱିମାସିକ ସୁଧହାର ବା ରେପୋ ହାର ଘୋଷଣା କରିବ। ସିପିଆଇ ଭିତ୍ତିକ ମୁଦ୍ରାସ୍ଫୀତିକୁ ଏହା ନିଶ୍ଚିତ ପକ୍ଷେ ବିଚାରକୁ ନେବ। ଡିସେମ୍ବର ପଲିସିରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତି ବୃଦ୍ଧି ଆଶଙ୍କା କରି ସୁଧହାର ଅପରିବର୍ତ୍ତିତ ରଖିଥିଲା।

# ଚିନ୍ତା ବଢ଼ାଉଛି ବେରୋଜଗାର

**ମାନ୍ଦାବସ୍ଥା ମାଡ଼**




**ମୁମ୍ବାଇ,୧୩-୧**

ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହାର ପ୍ରଭାବ ନିଯୁକ୍ତି ଉପରେ ପଡୁଛି। ଫଳରେ କମ୍ପାନୀଗୁଡିକ ଅଧିକ ନିଯୁକ୍ତି ସପକ୍ଷରେ ନାହାନ୍ତି। ଏଥିଯୋଗୁ ୨୦୧୮–୧୯ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ କମ୍ ନିଯୁକ୍ତି ସୃଷ୍ଟି ହୋଇଛି। ୨୦୧୮–୧୯ ଆର୍ଥିକ ବର୍ଷରେ ୮୯.୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ୧୬ ଲକ୍ଷ ନିଯୁକ୍ତି କମିବା ନେଇ ଏକ ରିପୋର୍ଟରେ ଅନୁମାନ କରାଯାଇଛି। ଏସ୍‌ବିଆଇ ଇକୋରାପ ରିପୋର୍ଟ ମୁତାବକ ଆସାମ, ବିହାର, ରାଜସ୍ଥାନ ଏବଂ ଓଡ଼ିଶା ଭଳି ରାଜ୍ୟଗୁଡିକରୁ କାମ ଉଦ୍ଦେଶ୍ୟରେ ରାଜ୍ୟ ବାହାରକୁ ଯାଇଥିବା ବ୍ୟକ୍ତି ଘରକୁ ପଠାଉଥିବା ଅର୍ଥରେ ହ୍ରାସ ଘଟିଛି। କଣ୍ଟ୍ରାକ୍ଟ ୱାର୍କର୍ସଙ୍କ ସଂଖ୍ୟା କମିଥିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରାଜ୍ୟଗୁଡିକରୁ କାମଧନ୍ଦା କରିବା ଲାଗି ଲୋକମାନେ ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର ଭଳି ରାଜ୍ୟକୁ ଯାଇଥିବା ବେଳେ ସେଠାରେ ରୋଜଗାର କରି ଘରକୁ ଟଙ୍କା ପଠାଇଥାନ୍ତି।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ ଦେଇଥିବା ରିପୋର୍ଟ ମୁତାବକ, ୨୦୧୮–୧୯ରେ ୮୯.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବର୍ଷ ୧୫.୮ ଲକ୍ଷ ନିଯୁକ୍ତି ହ୍ରାସ ହେବାର ଅନୁମାନ କରାଯାଇଛି। ଇପିଏଫ୍‌ଓରେ ସାଧାରଣତଃ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଡାଟାକୁ ବିଚାର କରାଯାଏ। ଏହି କର୍ମଚାରୀଙ୍କ ବେତନର ଅଧିକତମ ସୀମା ମାସିକ ୧୫ ହଜାର ଟଙ୍କା ରହିଥାଏ। ଇପିଏଫ୍‌ଓ ରିପୋର୍ଟ ମୁତାବକ ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଅକ୍ଟୋବର ସମୟରେ ଇପିଏଫ୍‌ଓ ସହ ୪୩.୧ ଲକ୍ଷ ନୂଆ ଅଂଶୀଦାର ଯୋଡ଼ି ହୋଇଛନ୍ତି। ଏହା ବାର୍ଷିକ ୭୩.୯ ଲକ୍ଷ ଛୁଇଁପାରେ। ଉକ୍ତ ରିପୋର୍ଟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଚାକିରି ଏବଂ ଘରୋଇ କ୍ଷେତ୍ର ସହ ଯୋଡି ହୋଇଥିବା କର୍ମଚାରୀଙ୍କୁ ବିଚାରକୁ ନିଆଯାଇନାହିଁ।

# ନାଲ୍‌କୋ ପକ୍ଷରୁ ହିନ୍ଦୀ ଦିବସ




**ଭୁବନେଶ୍ୱର,୧୩–୧**

ନାଲ୍‌କୋ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଗମ କାର୍ଯ୍ୟାଳୟଠାରେ ହିନ୍ଦୀ ସପ୍ତାହ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହିନ୍ଦୀ ଭାଷାର ପ୍ରଚଳନ ଲାଗି ନାଲ୍‌କୋ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପାତ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋ ଗୃହ ପତ୍ରିକା ଅକ୍ଷରର ଜାନୁୟାରି ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍ପାଦନ ନିର୍ଦ୍ଦେଶକ ଭି.ବାଲସୁବ୍ରମଣ୍ୟମ, ପି ଆଣ୍ଡ ଟି ନିର୍ଦ୍ଦେଶକ ଏସ୍.କେ. ରାଏ, ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ଏବଂ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଏମ୍‌ଡିଙ୍କୁ ନିଯୁକ୍ତି ଦେବ ରିଲାଏନ୍ସ

**ନୂଆଦିଲ୍ଲୀ,୧୩–୧**




ବଜାର ନିୟନ୍ତ୍ରକ ସେବିର ଆଦେଶ ପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ନୂଆ ଏମ୍‌ଡିଙ୍କୁ ନିଯୁକ୍ତି ଦେବ ବୋଲି ଜଣାପଡିଛି। ଗୋଟିଏ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏବଂ ଅଧ୍ୟକ୍ଷ ପଦବୀରେ ଜଣେ ବ୍ୟକ୍ତି ରହିପାରିବେ ନାହିଁ ବୋଲି ସେବି ନିର୍ଦ୍ଦେଶରେ କହିଛି। ୨୦୨୦ ଏପ୍ରିଲ ୧ ପରଠାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିବା ବେଳେ ଏହାକୁ ବର୍ତ୍ତମାନ ୨ ବର୍ଷ କୋହଳ କରାଯାଇଛି। ଏହି ନିୟମ ରିଲାଏନ୍ସରେ କାର୍ଯ୍ୟକାରୀ ହେଲେ ପ୍ରଥମଥର ଅମ୍ବାନୀ ପରିବାର ବାଦ ଅନ୍ୟ କେହି ଏମ୍‌ଡି ପଦବୀରେ ଅବସ୍ଥାପିତ ହେବେ। ବର୍ତ୍ତମାନ ରିଲାଏନ୍ସର ଏମ୍‌ଡି ପଦବୀରେ ମୁକେଶ ଅମ୍ବାନି ଅବସ୍ଥାପିତ ଅଛନ୍ତି। ସେବିର ଏହି ନିଷ୍ପତ୍ତି ମୁତାବକ ନୂଆ ଏମ୍‌ଡିଙ୍କ ନାମ ଘୋଷଣା କରିବାକୁ ପଡିବ। ଏହା ପରେ ମୁକେଶ ଅମ୍ବାନୀ ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରେ କାର୍ଯ୍ୟ କରିବେ। କମ୍ପାନୀ ଇତିହାସରେ ଏହା ପ୍ରଥମ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ନିଖିଲ ମେଶୱାନୀ ଏବଂ ମନୋଜ ମୋଦିଙ୍କୁ ଏମ୍‌ଡି ପଦବୀ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ମେଶୱାନୀ ଏବେ ରିଲାଏନ୍ସରେ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରୁଛନ୍ତି। ମନୋଜ ମୋଦିଙ୍କ ମୁକେଶ ଅମ୍ବାନୀଙ୍କ ଅତି ବିଶ୍ୱସ୍ତ ବୋଲି କରାଯାଏ। ପରୋକ୍ଷ ଭାବେ ତାଙ୍କୁ କମ୍ପାନୀର ସିଇଓ ବୋଲି ବିଚାର କରାଯାଏ। ଏହି ତାଲିକାରେ ନିଖିଲ ମେଶୱାନୀଙ୍କ ସାନ ଭାଇ ହେତଲ ମେଶୱାନୀ ଏବଂ ପିଏମ୍‌ଏସ୍ ପ୍ରଶାଦଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ମେଶୱାନୀ ଭ୍ରାତା ୯୦ ଦଶକରୁ ରିଲାଏନ୍ସ ବୋର୍ଡରେ କାମ କରୁଛନ୍ତି। ଏମାନେ ମୁକେଶଙ୍କର ସମ୍ପର୍କୀୟ ଭାଇ। ମେଶୱାନୀ ଭ୍ରାତାଙ୍କ ପିତା ରଶିକଲାଲ ମେଶୱାନୀ ରିଲାଏନ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ। ଧିରୁ ଭାଇ ଅମ୍ବାନୀଙ୍କ ସହ ମିଳିତ ହୋଇ ସେ ରିଲାଏନ୍ସ ସ୍ଥାପନ କରିଥିଲେ।

**ସଂକ୍ଷେପରେ**

## ୫୬ କର୍ମଚାରୀଙ୍କୁ ଛଟେଇ କଲା ୱାଲମାର୍ଟ




**ନୂଆଦିଲ୍ଲୀ,୧୩-୧:** ବିଶ୍ୱର ସର୍ବବୃହତ୍ ରିଟେଲର ୱାଲମାର୍ଟ ଇଙ୍କ୍ ଭାରତରେ କାର୍ଯ୍ୟରତ ଏହାର ୫୬ ଏକଜିକ୍ୟୁଟିଭଙ୍କୁ ଛଟେଇ କରି ଦେଇଛି। ବ୍ୟବସାୟ ପୁନର୍ଗଠନ ଯୋଜନା ମୁତାବକ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ଏହାର ପାଇକାରୀ ବାଣିଜ୍ୟକୁ ଭାରତରେ ସମ୍ପ୍ରସାରଣ କରୁଥିବା ବେଳେ ଛଟେଇ ଭଳି ପଦକ୍ଷେପ ଏହା ଲାଗି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ସମଗ୍ର ଏସିଆରେ ଏହା ମୋଟ ୨୮ ଷ୍ଟୋର ସହ ସେବା ଯୋଗାଉଛି। ଛୋଟଛୋଟ କର୍ମଚାରୀଙ୍କୁ କମ୍ପାନୀ ସାମଗ୍ରୀ ବିକ୍ରି କରୁଥିବା ବେଳେ ଖୁଚୁରା ଗ୍ରାହକଙ୍କୁ ସାମଗ୍ରୀ ଯୋଗାଣ କରି ନ ଥାଏ। ଛଟେଇ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ୮ ଜଣ ବରିଷ୍ଠ ମ୍ୟାନେଜମେଣ୍ଟ ସ୍ତରର ହୋଇଥିବା ବେଳେ ଅନ୍ୟମାନେ ମଧ୍ୟମ ଏବଂ ନିମ୍ନ ମ୍ୟାନେଜମେଣ୍ଟ ସ୍ତରର ବୋଲି ୱାଲମାର୍ଟ ଇଣ୍ଡିଆର ସଭାପତି ତଥା ସିଇଓ କ୍ରିସ ଆୟାର କହିଛନ୍ତି। ପରିଚାଳନା ଧାରାକୁ ଆହୁରି ସଙ୍ଗଠିତ କରିବା ଲାଗି କର୍ପୋରେଟ ପୁନର୍ଗଠନ କରାଯାଇଥିବା ସେ ମତ ରଖିଛନ୍ତି। ଭାରତୀୟ ଇ-କମର୍ସ କ୍ଷେତ୍ରରେ ଏହି କମ୍ପାନୀ ଫ୍ଲିପକାର୍ଟ ଦ୍ୱାରା ପ୍ରବେଶ କରିଛି। ଫ୍ଲିପକାର୍ଟର ସିଂହଭାଗ ଅଂଶଧନକୁ ଏହା ୧୬ ବିଲିୟନ ଡଲାରରେ ଅଧିଗ୍ରହଣ କରିଥିଲା। କମ୍ପାନୀ ଅନ୍‌ଲାଇନ ଉପରେ ଫୋକସ କରିଥିବାରୁ ଛଟେଇ ହୋଇଥିବା କିଛି ଅଧିକାରୀ ମତ ରଖିଛନ୍ତି। ଏହାବାଦ ବିଜନେସଟୁ ବିଜ୍‌ନେସ ଏବଂ ରିଟେଲ ଇ-କମର୍ସ ବର୍ଗରେ ଏହା ସମ୍ପ୍ରସାରଣ ନେଇ ଯୋଜନା ରଖିଥିବା କୁହାଯାଉଛି। ସାରା ଦେଶରେ ୱାଲମାର୍ଟର ୫,୩୦୦ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ମୁଖ୍ୟ କାର୍ଯ୍ୟାଳୟରେ ୬୦୦ କର୍ମଚାରୀ କାମ କରୁଛନ୍ତି।

## ଏନ୍‌ଏସ୍‌ଇରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ନୂଆଦିଲ୍ଲୀ,୧୩-୧:** ନ୍ୟାଶନାଲ ଷ୍ଟାଣ୍ଡାର୍ଡ ଏକଜାମିନେଶନ(ଏନ୍‌ଏସ୍‌ଇ)ରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା ହାର ଉଲ୍ଲେଖନୀୟ ରହିଛି। ଅନୁଷ୍ଠାନର ୭୬୭ ଛାତ୍ରୀଛାତ୍ର ଏଥିରେ ସଫଳତା ହାସଲ କରିଛନ୍ତି। ୨୦୧୮ରେ ୫୭୬ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସଫଳତା ହାସଲ କରିଥିବା ବେଳେ ୨୦୧୯ରେ ୩୩% ବୃଦ୍ଧି ଘଟିଛି। ହୋମିଭାବା ସେଣ୍ଟର ଫର୍ ସାଇନ୍ସ ଏଜୁକେଶନ ପକ୍ଷରୁ ବାର୍ଷିକ ପରୀକ୍ଷା ନ୍ୟାଶନାଲ ସାଇନ୍ସ ଅଲିମ୍ପିଆଡ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷର ସଫଳତାକୁ ନେଇ ଅତ୍ୟନ୍ତ ଖୁସି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସର ସିଇଓ ଆକାଶ ଚୌଧୁରୀ କହିଛନ୍ତି।

## ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲସ୍ ଫିଲ୍ମ ତନହାଜୀ ଚୁକ୍ତି




**ଚଣ୍ଡୀଗଡ଼,୧୩-୧:** ଦିଭିସା ହର୍ବାଲ କେୟାର ଲିମିଟେଡର ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁସ ପ୍ରଡକ୍ଟ ଫିଲ୍ମ ତନହାଜୀ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ଦ୍ୱାରା ଆକ୍ୟୁମାସ ତନହାଜୀ ସିନେମାର ପ୍ରମୋଶନ କାର୍ଯ୍ୟ କରିବ। ତନହାଜୀ ଦ ଅନସଙ୍ଗ ୱାରିୟର ସିନେମା ଓମ୍ ରତ୍ନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଛି। ଏଥିରେ ଅଜୟ ଦେବଗନ ସୁବେଦାର ତନହାଜୀ ମାଲୁସାରେ, କାଜୋଲ ସାବିତ୍ରିବାଇ ମାଲୁସାରେ ଏବଂ ସୈଫ ଅଲୀ ଖାନ ଉଦୟଭାନ ରାଠୋରଙ୍କ ଭୂମିକାରେ ରହିଛନ୍ତି। ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରି ସାରିଛି। ଏଥିରେ ଭାରତୀୟ ସୈନିକଙ୍କ ଦେଶ ଭକ୍ତି, ସାହସ ଏବଂ ଆତ୍ମବିଶ୍ୱାସକୁ ଦର୍ଶାଯାଇଛି।

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L. I. DIVISION, SUNDARGARH**
e-mail I.D - eeolicsngh@gmail.com.

NATIONAL COMPETITIVE BIDDING THROUGH e-Procurement
Identification No. EEOLIC SNGH/08/1920-2020 Dt-10-01-2020

| | | | |
|---|---|---|---|
| 01 | Name of work | : | Installation & Energisatition of 03 nos. of new LIPs in Kutra Block of Sundargarh Dist. |
| 02 | Estimated cost | : | Rs.49.70 lakhs to Rs.76.30 lakhs ( approx) |
| 03 | Period of completion | : | 120days |
| 04 | Date & Time of availability of bid document in the portal | : | From 10.30 Hrs. of 20.01.2020 to 17.00 Hrs. of 29.01.2020 |
| 05 | Last date/time of submission of documents(hard copy) in office | : | 17.00 Hrs. of 31.01.2020 |
| 06 | Date & Time of opening of bids | : | 11.00 Hrs. of 01.02.2020 |
| 07 | Name and Address of the officer inviting bid | : | Executive Engineer, L.I. Division, Sundargarh |

Further details can be seen from the web site www.tendersorissa.gov.in

Sd/-Executive Engineer,
L.I.Division, Sundargarh

32138/11/0003/1920 No. CAD-805

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 02/OMC/Civil/2020**

Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Special repair to Danla Security Barrack at GIOM in the dist of Keonjhar. | 9.64 | 3(Three) | D & C | 9,700/- | 4,000/- + 18% GST |
| 2 | Special repair to Jagar Security Barrack at GIOM in the district of Keonjhar. | 13.66 | 04 (Four) | D& C | 13,700/- | 6,000/- + 18% GST |

1. Available of Bid document in Govt. portal from dt.17/01//2020 to 27/01/2020 up to 5.00 PM.
2. Last date of on-line submission of tender in the portal is dt.27/01/2020 up to 5.00 PM.
3. Date of opening of Technical Bid is dt 28/01/2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0116/1920 No. CAD-807 CGM (Civil)

**MISSING PERSON** No. D-254
Ref: Chadaka PS case no 204 dtd 13/10/2019 U/S 365/34 IPC.

**BALARAM SAHANI**



| Name and address of missing person | Description |
|---|---|
| BALARAM SAHANI Age- 36 S/O-Tapan Sahani, Vill- Chhanda, PS- Marshaghai, Dist- Kendrapara. A/P- Near SOG Campus, PS- Chandaka, Dist- KHurda. | Height- 5'5" Fair complexion Strong Built Long Face Wearing Brown colour full pant and pink colour half T- shirt on the day of missing One cut mark on upper right thigh(Old) |

The brief fact of the case is that on dtd 09/10/19 evening Balaram Sahani left his home with his moped vehicle bearing regd. No OD 33 T 2420 and proceeded to Chhatrapur along with his two friends namely Baidhar Arukh and Sukant Kumar Mallick. On the way all of them halted at CHILKA DHABA at Balugaon for their dinner. After diner Balaram Sahani told Baidhar Arukh and Sukant Kumar Mallick to proceed to Chatrapur by train and he will follow with his moped vehicle. Till then he has been missing and his mobile is in switched off mode. On dtd 13/10/2019 his father Tapan Kumar Sahani intimated the fact at Chandaka PS and the referred case has been registered and investigated into. During investigation sincere steps has been taken to trace out the missing person Balaram Sahani but couldn't be traced till date.

If traced please contact to IIC Chandaka PS
MOB: 9438849959(IIC) 7978679699(I/O)
E mail: chandakaps.odpol@nic.in

12015/11/0022/1920

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

Bid identification no :- VI-29 (21)/SERIFED/2019-20/66/ Dt. 13.01.2020

The MANAGING DIRECTOR, SERIFED invites Item rate Tenders in double cover system in ONLINE MODE only, for the work **"Construction of Tasar Basic Seed Station Building" at PPC Harichandanpur, Keonjhar** as follows. **(1) Nature of the work :** Construction of building (Civil, Electrical, Water Supply and Sanitation) etc (Composite Tender). **(2) Value of Tender : Rs.80,36,729/-** (Excluding GST), **(3) Cost of Bid Document** : Rs.10,000/- + 1800 (GST @ 18%), **(4)** EMD : **Rs.80,367/-, (5) Class of Contractor :** "C" & "B" Class, **(6) Availability of Bid Documents in the website - www.tendersodisha.gov.in :** Dt.21.01.2020 to 06.02.2020 up to 5.00 PM, **(7) Pre bid meeting for clarification of bidders :** Dt.27.01.2020 at 3.00 P.M. in the office of SERIFED, **(8) Last date / time of receipt of Bids in the Portal :** Dt.06.02.2020 up to 5.00 PM, **(9) Date of Opening of Technical Bid (Online)** : 11.30 A.M. on Dt.07.02.2020. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. Any addendum/corrigendum / cancellation of tender can also be seen in the said website.

**Sd/- Managing Director**

**ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା, ସମ୍ବଲପୁର**

ତାରିଖ-୧୭।୦୧।୨୦୨୦ (ସମୟ ଦିବା ୦୯.୦୦ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ)
ସ୍ଥାନ-କୁଚିଣ୍ଡା କଲେଜ ଗ୍ରାଉଣ୍ଡ, କୁଚିଣ୍ଡା

ODISHA SKILL DEVELOPMENT AUTHORITY | National Career Service

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତଥା ଜିଲ୍ଲା ପ୍ରଶାସନ ସମ୍ବଲପୁର ତରଫରୁ କୁଚିଣ୍ଡା କଲେଜ ପଡିଆରେ ତା୧୭।୦୧।୨୦୨୦ରିଖ (ସମୟ ଦିବା ୦୯.୦୦ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ) ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଉକ୍ତ ନିଯୁକ୍ତି ମେଳାରେ ପାଠ୍ୟକ୍ରମ ଛାଡିଥିବା ସ୍କୁଲ ଏବଂ କଲେଜ (ପଞ୍ଚମ ଶ୍ରେଣୀରୁ ସ୍ନାତକ) ଏବଂ ITI/DIPLOMA ପାସ୍ କରିଥିବା ପ୍ରାର୍ଥି/ପ୍ରାର୍ଥିନୀମାନେ ଯୋଗଦେଇ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ନିମନ୍ତେ ଆବେଦନ ପତ୍ର ଦାଖଲ କରିପାରିବେ।

**ସବିଶେଷ ବିବରଣୀ ପାଇଁ :** Visit- ncs.gov.in/sambalpur.nic.in

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES CAD-800

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Tender Call Notice No. HO/CIVIL/T&E-E-4226/04/2019/ 570 Dt. 08.01.2020**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Supply, installation, testing and commissioning of 2 Nos. 10 passengers micro-processor based Elevator for G+3 floors of 300 seated Ladies Hostel at VSSUT, Burla.

| Procurement Officer | Bid Identification No. | Availability of Tender on-Line for Bidding: From | Availability of Tender on-Line for Bidding: To |
|---|---|---|---|
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid Id No. CIVIL/ EST/ 22/2019-20 | 12.00 Hours of dt. 18.01.2020 | 17.00 Hours of dt. 31.01.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil), IDCO, Bhubaneswar**

**14003/11/0040/1920**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES CAD-803

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Tender Call Notice No. HO/CIVIL/T&E-E-4056/04/2019/ 648 Dt. 08.01.2020**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Additional Air Conditioning with Variable Refrigerant Flow System as required for 1st Floor (Room No-FS-27), 2nd Floor (Room No-SS-25) and 3rd Floor (for total 21 Rooms) at Krushibhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding: From | Availability of Tender on-Line for Bidding: To |
|---|---|---|---|
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid Id No. CIVIL/ EST/ 20/2019-20 | 12.00 Hours of dt. 21.01.2020 | 17.00 Hours of dt. 06.02.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil), IDCO, Bhubaneswar**

**14003/11/0043/1920**

**ନିଯୁକ୍ତି ମେଳା ୨୦୧୯-୨୦ ଦେବଗଡ଼**

Odisha Skill Development Authority

**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (Odisha Skill Development Authority) ଏବଂ ଜିଲ୍ଲା ପ୍ରଶାସନ, ଦେବଗଡ଼ଙ୍କ ମିଳିତ ସହଯୋଗରେ ଆସନ୍ତା ତା୧୮।୦୧।୨୦୨୦ ଶନିବାର ଦିନ Govt. Polytechnic, Deogarh (Engineering School) ପ୍ରାଙ୍ଗଣରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳାର ଆୟୋଜନ କରାଯାଉଛି।

ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରମୁଖ ଘରୋଇ/ବେସରକାରୀ ନିଯୁକ୍ତିଦାତା ଓ ଦକ୍ଷତାବୃଦ୍ଧି ତାଲିମଦାତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କେତେକ ସଂସ୍ଥାରେ ପ୍ରତ୍ୟକ୍ଷ ନିଯୁକ୍ତି ବ୍ୟବସ୍ଥା ଥିବାବେଳେ କେତେକ ସଂସ୍ଥା ମନୋନୀତ ପ୍ରାର୍ଥୀଙ୍କୁ ସ୍ୱଳ୍ପକାଳୀନ ତାଲିମ୍‌ପରେ ନିଯୁକ୍ତି ପାଇଁ ଅଙ୍ଗୀକାରବଦ୍ଧ। ପ୍ରତିଷ୍ଠିତ ସଂସ୍ଥାଗୁଡିକରେ ପ୍ରତ୍ୟକ୍ଷ ନିଯୁକ୍ତି ତଥା ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ସୁଯୋଗ ପାଇବା ପାଇଁ ଜିଲ୍ଲାର ସମସ୍ତ ଶିକ୍ଷିତ ବେରୋଜଗାର ଯୁବଗୋଷ୍ଠୀ ଅଂଶଗ୍ରହଣ କରିପାରିବେ।

ଉକ୍ତ ମେଳାରେ ୫ମ ଶ୍ରେଣୀ ପାସ୍‌ଠାରୁ +୩ ପାସ୍ ଶିକ୍ଷାଗତ ଯୋଗ୍ୟତା ପର୍ଯ୍ୟନ୍ତ ୧୮ବର୍ଷରୁ ୩୦ବର୍ଷ ବୟସର ପ୍ରାର୍ଥୀ/ପ୍ରାର୍ଥିନୀମାନେ ମଧ୍ୟ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ପାସ୍‌ପୋର୍ଟ ସାଇଜ ଫଟୋ, ଆଧାରକାର୍ଡ ଏବଂ ଏ ପ୍ରମାଣପତ୍ରଗୁଡିକର ନକଲ ସହ ଉକ୍ତ ମେଳାରେ ସକାଳ ୧୦ଘ.ରୁ ଅପରାହ୍ନ ୩ଘ. ମଧ୍ୟରେ ଅଂଶଗ୍ରହଣ କରି ନିଯୁକ୍ତି ସୁଯୋଗ ନେବା ପାଇଁ ଅନୁରୋଧ।

**ଜିଲ୍ଲା ନିୟୋଜନ ଅଧିକାରୀ, ଦେବଗଡ଼**
**ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ, ଦେବଗଡ଼**

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ଜାନୁୟାରୀ, ୨୦୨୦



“ ମୁଁ ବର୍ତ୍ତମାନ ବିଶ୍ୱର ନମ୍ବରୱାନ ଖେଳାଳି ହୋଇଥିଲେ ହେଁ ଅଷ୍ଟ୍ରେଲିଆନ ଓପନ ଟେନିସ ପାଇଁ ଜୋର୍‌ଦାର ଅଭ୍ୟାସ ଚଳାଇଛି ।
–ଆଶ୍‌ଲେ ବାର୍ଟି, ଅଷ୍ଟ୍ରେଲିଆ ଟେନିସ୍ ଖେଳାଳି



“ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ କେହି ଫେଭରାଇଟ୍ ଥିବାମନେ ହେଉନି ।
–ନୋଭାକ୍ ଜୋକୋଭିଚ୍
ସର୍ବୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ସର୍ବଭାରତୀୟ ଜୁଡୋ କ୍ଲଷ୍ଟରରେ ଓଡ଼ିଶା ପୋଲିସର ସଫଳତା

କଟକ ଅଫିସ,୧୩।୧: ସିଆରପିଏଫ୍ ଆନୁକୂଲ୍ୟରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ ୪ର୍ଥ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସର ପ୍ରତିଯୋଗୀ ୪ଟି ପଦକ ଜିତିଛନ୍ତି। ଜିମ୍ନାଷ୍ଟିକ ବିଭାଗରେ ହାବିଲଦାର ବିଷ୍ଣୁ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ଉଶୁରେ ଓଡ଼ିଶା ପୋଲିସ ପ୍ରତିଯୋଗୀ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ୪୫ କେଜି ବର୍ଗରେ କନଷ୍ଟେବଳ ବର୍ଷା ନାଥ, ମହିଳା ୫୨ କେଜିରେ କନଷ୍ଟେବଳ ତପସ୍ୱିନୀ ପଟେଲ ଓ ପୁରୁଷ ୪୮ କେଜିରେ ଦେବାଶିଷ ମଲିକ ଏହି ସଫଳତା ପାଇଛନ୍ତି। ପଦକ ଜିତିଥିବା ପ୍ରତିଯୋଗୀମାନେ ସୋମବାର ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ କ୍ରୀଡ଼ାବିତମାନଙ୍କ ସାଫଲ୍ୟରେ ସନ୍ତୋଷବ୍ୟକ୍ତ କରିବା ସହ ଭବିଷ୍ୟତରେ କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟ ତୋଷ ମିଶ୍ର ଓ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ବିଭୁତି ଭୂଷଣ ମହାରଣା ଉପସ୍ଥିତ ଥିଲେ।

### ୱେଷ୍ଟଇଣ୍ଡିଜର କ୍ଲିନ୍‌ସୁଇପ୍

ସେଣ୍ଟ ଜର୍ଜ୍ସ,୧୩।୧: ଇଭିନ ଲୁଇସଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ଆୟର୍ଲାଣ୍ଡକୁ ୩ୟ ତଥା ଅନ୍ତିମ ଦିନିକିଆରେ ହରାଇ ଦେଇଛି। ଏଥିସହ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌କୁ ୩-୦ରେ ପୋଛି ନେଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ୬୪ ବଲ ପୂର୍ବରୁ ଘରୋଇ ଦଳ ହାସଲ କରିନେଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୪୯.୧ ଓଭରରେ ୨୦୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ

ନୂଆଦିଲ୍ଲୀ, ୧୩।୧

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଏଫଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ନେଦରଲାଣ୍ଡ୍ସ। ମନପ୍ରୀତ ସିଂ ଅଧିନାୟକ ଭାବେ ଅପରିବର୍ତ୍ତିତ ରହିଥିବାବେଳେ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ ହରମନପ୍ରୀତ ସିଂ। ଆହତ ସମସ୍ୟା ଯୋଗୁ ଦୀର୍ଘ ୧ ବର୍ଷ ଧରି ଦଳରୁ ଦୂରେଇ

**ଏଫଆଇଏଚ୍ ହକି ପ୍ରୋ ଲିଗ୍**
- ମନପ୍ରୀତ ଅଧିନାୟକ, ହରମନପ୍ରୀତ ଉପଅଧିନାୟକ
- ଟିଙ୍ଗଲେନସାନା ଓ ସୁମିତଙ୍କ ପ୍ରତ୍ୟାବର୍ତ୍ତନ

ରହିବାପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ଟିଙ୍ଗଲେନସାନା ସିଂ। ସେହିପରି ସମାନ କାରଣରୁ ଗତବର୍ଷ ଜୁନ୍‌ରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳିପାରି ନ ଥିବା ସୁମିତ ମଧ୍ୟ ସୁସ୍ଥ ହୋଇ ଦଳକୁ ଫେରିଛନ୍ତି। ପୂର୍ବ ପ୍ରତିଯୋଗିତା ଗୁଡ଼ିକ ଭଳି ଏଥର ମଧ୍ୟ ଭାରତୀୟ ଦଳରେ ଓଡ଼ିଶାର ଦୁଇ ତାରକା ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ସମ୍ପ୍ରତି ବିଶ୍ୱର ୫ ନମ୍ବରରେ ଥିବା ଭାରତ ୩ ନମ୍ବର ଦଳ ନେଦରଲାଣ୍ଡ୍ସ ସହିତ ଚଳିତମାସ ୧୮ ଓ ୧୯ ତାରିଖରେ ମ୍ୟାଚ ଖେଳିବ। ଦୁଇ ଦଳ ମଧ୍ୟରେ ୨୦୧୮ ହକି ବିଶ୍ୱକପ



ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ।

କ୍ୱାର୍ଟର ଫାଇନାଲ ମୁକାବିଲା ହୋଇଥିଲା। ଏଥିରେ ନେଦରଲାଣ୍ଡ୍ସ ବିଜୟୀ ହୋଇଥିଲା।

ଅଭିଜ୍ଞ ମିଡ୍‌ଫିଲ୍ଡର ଟିଙ୍ଗଲେନସାନାଙ୍କ ପ୍ରତ୍ୟାବର୍ତ୍ତନ ଗ୍ରାହାମ ରିଡ୍‌ଙ୍କ ଭାରତୀୟ ଦଳକୁ ମଜଭୁତ କରିଛି। ସେ ୨୦୧୯ ଫେବୃୟାରିରେ ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସିନିୟର (ଡିଭିଜନ-ଏ) ପ୍ରତିଯୋଗିତା ସମୟରୁ ଆହତ ହୋଇ ବାହାରେ ରହିଥିଲେ। ତାଙ୍କ ଗୋଇଠି ହାଡ଼ ଭାଙ୍ଗିଥିଲା। ନିଳକାନ୍ତ ଶର୍ମା ମଧ୍ୟ ଦଳକୁ ଡାକରା ପାଇଛନ୍ତି। ଷ୍ଟ୍ରାଇକର ଗୁରଜାନ୍ତ ସିଂ କ୍ୟାମ୍ପରେ କଠିନ ପରିଶ୍ରମର ପୁରସ୍କାର ସ୍ୱରୂପ ଦଳରେ ସାମିଲ ହୋଇଛନ୍ତି। ଗୁରଜାନ୍ତଙ୍କ ସମେତ ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଆକାଶଦୀପ ସିଂ, ଗୁରସାହିବଜିତ ସିଂ ଓ କୋଥାଜିତ ସିଂ ଖାଡାଙ୍ଗବାମ୍ ଦଳର ଫରୱାର୍ଡ ଚ୍ୟାଲେଞ୍ଜ ସମ୍ଭାଳିବେ। ‘‘ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ପାଇଁ ଆମେ ଏକ ଅଭିଜ୍ଞ ଦଳ ଚୟନ କରିଛୁ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଅବସରରେ ଆହତ ହୋଇଥିବା ବରୁଣ କୁମାର ଟ୍ରେନିଂକୁ ଫେରିଥିଲେ ହେଁ ତାଙ୍କ ନାମ ବିଚାରକୁ ନିଆ ଯାଇନାହିଁ। ୧ ବର୍ଷ ପରେ ଟିଙ୍ଗଲେନସାନା ଓ ୬ ମାସ ପରେ ସୁମିତ ଦଳକୁ ଫେରିଛନ୍ତି। ସେମାନେ କ୍ୟାମ୍ପରେ ଭଲ ଟ୍ରେନିଂ କରିଛନ୍ତି ଏବଂ ଉଭୟ ଫିଟ୍ ଅଛନ୍ତି। ଟ୍ରେନିଂ ସମୟରେ ଉତ୍ତମ ଫର୍ମ ଦେଖାଇଥିବା ଗୁରଜାନ୍ତଙ୍କୁ ଆମେ ଦଳରେ ସ୍ଥାନ ଦେଇଛୁ’’ ବୋଲି ରିଡ୍ ପ୍ରକାଶ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ନେଦରଲାଣ୍ଡ୍ସ (ଜାନୁୟାରୀ ୧୮-୧୯), ବେଲଜିୟମ(ଫେବୃୟାରୀ ୮-୯), ଅଷ୍ଟ୍ରେଲିଆ (ଫେବୃୟାରୀ ୨୧-୨୨) ବିପକ୍ଷରେ ଭାରତ ଖେଳିବାକୁ ଯାଉଛି। ଏଥିରେ ଆମେ ନିଜକୁ ସଜାଡ଼ି ନେଇ ଅଲିମ୍ପିକ୍ସ ପ୍ରସ୍ତୁତି ଉପରେ ଫୋକସ କରୁଛୁ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହଦୂର ପାଠକ, ହରମନପ୍ରୀତ ସିଂ(ଉପ ଅଧିନାୟକ), ଗୁରିନ୍ଦର ସିଂ, ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୂପିନ୍ଦରପାଲ ସିଂ, ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ଟିଙ୍ଗଲେନସାନା ସିଂ, ନିଳକାନ୍ତ ଶର୍ମା, ସୁମିତ, ଗୁରଜାନ୍ତ ସିଂ, ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଆକାଶଦୀପ ସିଂ, ଗୁରସାହିବଜିତ ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍।

# ବିଜୟଠାରୁ ୩୨ ରନ ଦୂରରେ ଓଡ଼ିଶା

କଟକ ଅଫିସ, ୧୩।୧: ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ରୋମାଞ୍ଚକ ହୋଇ ଯାଇଛି। ଉଭୟ ଦଳ ପାଇଁ ରହିଛି ବିଜୟ ସୁଯୋଗ। ମଙ୍ଗଳବାର ମ୍ୟାଚ୍‌ର ୪ର୍ଥ ଦିବସରେ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୨ରନର ବିଜୟ ଲକ୍ଷ୍ୟ ରହିଛି। ୭ ଉଇକେଟ ହରାଇ ସାରିଥିବା ଓଡ଼ିଶା ଦଳର ରାଜେଶ ଧୂପର ୨୯ରନରେ ଓ ପେସ୍ ବୋଲର ରାଜେଶ ମହାନ୍ତି ୪ରନରେ ଅପରାଜିତ ଅଛନ୍ତି। ଅନ୍ୟପକ୍ଷରେ ଘରୋଇ ହରିୟାଣା ଦଳ ବିଜୟଠାରୁ ୩ ଉଇକେଟ ଦୂରରେ ରହିଛି। ଏହି ମ୍ୟାଚ୍‌ର ବିଜୟ ହାସଲକାରୀ ଦଳ ଏଲିଟ୍ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିବ।

ପ୍ରଥମ ଇନିଂସରେ ହରିୟାଣା ୯୦ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୬୦ରନରେ ସୀମିତ ରହିଥିଲା। ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ହରିୟାଣା ୫ ଉଇକେଟ ବିନିମୟରେ ୨୧୮ରନ କରି ୧୪୮ରନର ଅଗ୍ରଣୀ ନେଇଥିଲା। ମଙ୍ଗଳବାର ଖେଳ ଆରମ୍ଭ ହେବା ପରେ ହରିୟାଣାର ଦଳୀୟ ସ୍କୋରରେ ୩୦ରନ ଯୋଡ଼ି ହେବା ସହ ବଳକା ୫ ଉଇକେଟ ପତନ ଘଟିଥିଲା। ୨୪ରନରେ ଅପରାଜିତ ଥିବା ପ୍ରମୋଦ ଚଣ୍ଡିଲା ୩୧ରନରେ ଓ ୨୫ରନରେ ଅପରାଜିତ ଥିବା ଅଧିନାୟକ ହର୍ଷଲ ପଟେଲ ୩୫ରନରେ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ୬ଟି ଉଇକେଟ ଦଖଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଇନିଂସରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ରାଜେଶ ମହାନ୍ତିଙ୍କୁ ୨ଟି ଓ ପପୁ ରାୟଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଓଡ଼ିଶା ସମ୍ମୁଖରେ ୧୭୯ର ବିଜୟ ଲକ୍ଷ୍ୟ ରହିଥିଲା। ଉଇକେଟ କିପର ସୁଜିତ ଲେଙ୍କା ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୪୧ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଡାହାଣହାତୀ ମିଡ଼ିୟମ ପେସର ଅଜିତ ଚହଲ ସୁଜିତଙ୍କୁ ୨୮ରନରେ ଏଲବିଡବ୍ଲ୍ୟୁ କରି ହରିୟାଣା ନିମନ୍ତେ ପ୍ରଥମ ସଫଳତା ଦେଇଥିଲେ। ପ୍ରଥମ ଇନିଂସରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିପ୍ଳବ ସାମନ୍ତରାୟଙ୍କୁ ୭ରନରେ ଟିନୁ କୁଣ୍ଡୁ ଆଉଟ କରିଥିଲେ। ୭୮ରନରେ ୫ଟି ଉଇକେଟ ହରାଇ ଓଡ଼ିଶା ବିପଦରେ ପଡ଼ିଥିଲା।

**ରଣଜୀ ଟ୍ରଫି**

**ସୂର୍ଯ୍ୟକାନ୍ତଙ୍କ ଶ୍ରେଷ୍ଠ ବୋଲିଂ**

ଡାହାଣହାତୀ ପେସ୍ ବୋଲର ତଥା ଓଡ଼ିଶା ନିମନ୍ତେ ଅଲରାଉଣ୍ଡର ସାବ୍ୟସ୍ତ ହେଉଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଏହି ମ୍ୟାଚ୍‌ରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଇନିଂସରେ ୩୬ରନରେ ୬ଟି ଓ ଦ୍ୱିତୀୟ ଇନିଂସରେ ୮୬ରନରେ ୫ଟି ଉଇକେଟ ଦଖଲ କରିଛନ୍ତି ରାଜ୍ୟର ଏହି ପ୍ରତିଭାବାନ ପେସ୍ ବୋଲର। ସେ ପ୍ରଥମ ଥର ପାଇଁ ଗୋଟିଏ ମ୍ୟାଚ୍‌ରେ ୧୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୧୨/୧୧ ସୂର୍ଯ୍ୟକାନ୍ତଙ୍କ ଶ୍ରେଷ୍ଠ ବୋଲିଂ ଫିଗର ପାଲଟିଛି। ପୂର୍ବରୁ ଗୋଟିଏ ମ୍ୟାଚ୍‌ରେ ୯୯/୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ଥିଲା।

# ବଡ଼ ସ୍କୋର ଅଭିମୁଖେ ଓଡ଼ିଶା

ବରଗଡ଼ ଅଫିସ,୧୩।୧

ବରଗଡ଼ସ୍ଥିତ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ୨୩ବର୍ଷରୁ କମ୍ ସି. କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ସୋମବାର ଆରମ୍ଭ ହୋଇଛି। ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦଘାଟନ କରିଥିଲେ। ଓଡ଼ିଶା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅରୁଣାଚଳ ପ୍ରଦେଶ ପକ୍ଷରୁ ଓପନିଂ ବ୍ୟାଟ୍ସମ୍ୟାନ ଅଭି ସିଂ ୭୨ବଲ ଖେଳି ଦଳ ପକ୍ଷରୁ ସର୍ବାଧିକ ୪୧ରନ୍ ସଂଗ୍ରହ କରିଥିଲେ। ଦଳର ଅନ୍ୟ ବ୍ୟାଟ୍ସମ୍ୟାନ ବିଫଳ ହେବାରୁ ଅରୁଣାଚଳ ପ୍ରଦେଶ ୧୧୧ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରୀତ କନୱର ସିଂ ମାତ୍ର ୪୫ରନ ବିନିମୟରେ ୫ଟି ଉଇକେଟ୍ ନେଇଥିବାବେଳେ ରାହୁଲ ଚୌଧୁରୀ ୧୫ରନ୍ ଦେଇ ୨ଟି, ତାରିଣୀ ସା ୨୩ରନ୍ ଦେଇ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ ୮ରନ୍ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ।



ପ୍ରୀତ କନୱର ସିଂ

ଓଡ଼ିଶା ଦଳ ବ୍ୟାଟିଂ କରିବାକୁ ଯାଇ ପ୍ରଥମରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ସ୍କୋର ୧ରନ୍ ଥିବାବେଳେ ଦଳର ଅମ୍ରିତ ଖଟୁଆ କୌଣସି ରନ୍ ନ କରି ଆଉଟ ହୋଇଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ସୌରଭ ଗୌଡ଼ ବିନା ରନରେ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ସ୍ୱସ୍ତିକ ସାମଲ ୯ରନ୍ କରି ଆଉଟ୍ ହେବା ଫଳରେ ମାତ୍ର ୧୫ରନ୍ ମଧ୍ୟରେ ଓଡ଼ିଶା ୪ ଉଇକେଟ୍ ହରାଇ ବିପଦରେ ପଡ଼ିଥିଲା। କାର୍ତ୍ତିକ ବିଶ୍ୱାଳ ଓ ସୋମେନ ଚାନ୍ଦ ଯୋଡ଼ି ଦଳ ପାଇଁ ୪୭ରନ୍ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ପରେ ୨୧ରନ୍ କରି କାର୍ତ୍ତିକ ଆଉଟ୍ ହୋଇଥିଲେ। ଶୁଭମ ଶତ୍ରୁଜିତ୍ ଓ ସୋମେନ ଅର୍ଦ୍ଧଶତକ ପୂରଣ କରି ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ସୋମେ ୧୧ଚୌକା, ୨ଛକା ସହିତ ୮୬ ଏବଂ ଶୁଭମ ୧୦ଚୌକା, ୧ଛକା ସହିତ ୭୪ରନ୍ କରି ଅପରାଜିତ ଥିଲେ। ସୋମବାର ଶେଷସୁଦ୍ଧା ଓଡ଼ିଶା ୫ଉଇକେଟ୍ ବିନିମୟରେ ୨୦୧ ରନ୍ କରିଥିଲା। ପି.ଏମ.ଏସ. ରେଡ୍ଡୀ ମ୍ୟାଚ ରେଫେରି ଥିବାବେଳେ ଚନ୍ଦ୍ରକାନ୍ତ ମାସେ ଏବଂ ଆର. ରାଜେଶ କନ୍ନନ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ବିରାଜ ଦାଶ ଅନଲାଇନ୍ ସ୍କୋରର, ବିରବର ନାୟକ ମାନୁଆଲ ସ୍କୋରର, ଗୋବିନ୍ଦ ବେହେରା ଭିଡ଼ିଓ ଆନାଲିଷ୍ଟ, ସାୱନ କୁମାର ପାଢ଼ୀ ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଥିଲେ।

**ସି.କେ. ନାଇଡୁ ଟ୍ରଫି**

## ସମସ୍ତ ପ୍ରକାର କ୍ରିକେଟ୍‌ରୁ ଡୁମିନିଙ୍କ ଅବସର

କେପ୍ ଟାଉନ, ୧୩।୧: ପୂର୍ବତନ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡ ଜେପି ଡୁମିନି ସୋମବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୨୦୧୭ରେ ଟେଷ୍ଟରୁ ଅବସର ନେଇଥିବା ଡୁମିନି ଗତ ବର୍ଷ ଆଇସିସି ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। କିନ୍ତୁ ଏହି ବାମହାତୀ ବ୍ୟାଟ୍ସମ୍ୟାନ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି୨୦ ଲିଗ୍‌ରେ ନିଜକୁ ସାମିଲ ରଖିଥିଲେ। ୩୫ ବର୍ଷୀୟ ଡୁମିନି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ଠାରୁ ଆରମ୍ଭ କରି କାରିବୀୟନ ପ୍ରିମିୟର ଲିଗ୍, ପାକିସ୍ତାନ ସୁପର୍ ଲିଗ୍, ବିଗ୍ ବାସ୍ ଲିଗ୍, ଗ୍ଲୋବାଲ ଟି୨୦ ଲିଗ୍ ପରି ବିଶ୍ୱର ୧୪ଟି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଅବସର ପଛରେ ଇଚ୍ଛାଶକ୍ତି କମ୍ ଥିବା ଡୁମିନି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁମିନି ୪୬ ଟେଷ୍ଟ, ୧୯୯ ଦିନିକିଆ ଓ ୮୧ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୨୧୦୩, ୫୧୧୭ ଓ ୧୯୩୪ ରନ ସଂଗ୍ରହ କରିଛନ୍ତି। ସେହିଭଳି ସେ ବିଶ୍ୱର ବିଭିନ୍ନ ଲିଗ୍‌ରେ ୯୧ ମ୍ୟାଚ୍ ଖେଳିଛନ୍ତି।

# ପ୍ରମୋଦ ‘ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର’

ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାରାସ୍ପୋର୍ଟ୍ସ ତାରକା ପ୍ରମୋଦ ଭଗତ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ସ୍ମୃତି ଲାଭ କରିଛନ୍ତି। ସୋମବାର ସେ ସ୍ପୋର୍ଟ୍ସଷ୍ଟାର ଏସେସ୍ ପାରାସ୍ପୋର୍ଟ୍ସ ‘ସ୍ପୋର୍ଟ୍ସମ୍ୟାନ ଅଫ ଦି ଇୟର’ ପୁରସ୍କାର ଲାଭ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ଥିବା ପାରା ଜାଭେଲିନ ଆଥଲେଟ ସନ୍ଦିପ ଚୌଧାରୀ ଓ ସୁନ୍ଦର ସିଂ ଗୁର୍ଜାରଙ୍କୁ ପଛରେ ପକାଇ ଦେଇଛନ୍ତି ପ୍ରମୋଦ। ପିଲାଦିନରୁ ପୋଲିଓରେ ଆକ୍ରାନ୍ତ ପ୍ରମୋଦ ୨୦୧୯ରେ ଚମତ୍କାର ପ୍ରଦର୍ଶନ କରି ଭାରତର ନମ୍ବରୱାନ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ହେବାର ସୌଭାଗ୍ୟ ପାଇଛନ୍ତି। ପ୍ରମୋଦ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଏସଏଲ-୩ ସିଙ୍ଗଲ୍ସ ଓ ଏସଏଲ-୩/୪ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ବ୍ୟତୀତ ସେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ମଧ୍ୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୯ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଗୁଡ଼ିକରେ ପ୍ରମୋଦ ୧୧ ସ୍ୱର୍ଣ୍ଣ ସମେତ ମୋଟ ୨୧ ପଦକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର, ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ, ଦି ହିନ୍ଦୁ ପବ୍ଲିସିଂ ଗ୍ରୁପ ଚେୟାରମ୍ୟାନ ଏନ. ରାମ, ପୂର୍ବତନ ଭାରତୀୟ ହକି ଅଧିନାୟକ ଏମ.ଏମ. ସେମୟା, ଅଲିମ୍ପିଆନ ଶୁଟର ଅଞ୍ଜଳି ଭଗବତ ଏବଂ ଅଲିମ୍ପିଆନ ବ୍ୟାଡ୍‌ମିଣ୍ଟନ ଖେଳାଳି ଅପର୍ଣ୍ଣା ପୋପଟଙ୍କ ନେଇ ଗଠିତ ଜୁରି କମିଟି ବିଭିନ୍ନ ପୁରସ୍କାର ପାଇଁ ବିଜେତା ଚୟନ କରିଥିଲେ। ଯୁବ ଆଥଲେଟ୍, ଦଳ, କୋଚ୍ ଏବଂ ପାରା ଆଥଲେଟ୍‌ଙ୍କ ପାଇଁ ଭିନ୍ନଭିନ୍ନ କାଟେଗୋରିରେ ପୁରସ୍କାର ରହିଥିଲା।



ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରମୋଦ ଭଗତ।

# ଇଷ୍ଟକୋଷ୍ଟ ରେଲୱେ ସେମିରେ

ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି): ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ୧-୦ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି। ଖେଳ ଆରମ୍ଭର ୫ମ ମିନିଟରେ ରେଲୱେ ପକ୍ଷରୁ ଲିଟନ ଦାସ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳି ଗୋଲ ପରିଶୋଧ ପାଇଁ କିଶୋର କ୍ଲବ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ଦେଇପାରି ନ ଥିଲା। ଟି. ମୋହନ ରାଓ, ପ୍ରିୟବ୍ରତ ବାହିନିପତି, ଚନ୍ଦ୍ରକାନ୍ତ ବାରିକ, ବେଣୁଧର ଦାସ, ମ୍ୟାଚ ପରିଚାଳନା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ଲିଟନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ମଙ୍ଗଳା କ୍ଲବ ଓ ସାଇ ଟ୍ରେନିଂ ସେଣ୍ଟର, କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

**ତମାଣ୍ଡୋ କପ୍ ଫୁଟବଲ**



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଲିଟନ।

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

# ଓଡ଼ିଶାର ସ୍ୱସ୍ତିଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)

ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ଦୀନେଶ କୁମାର ସ୍ୱର୍ଣ୍ଣ ପଦକ ଜିତିବାର ଗୋଟିଏ ଦିନ ପରେ ଆଉ ଜଣେ ଓଡ଼ିଆ ଖେଳାଳି କମାଲ ଦେଖାଇଛନ୍ତି। ସୋମବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ଓଡ଼ିଶାର ସ୍ୱସ୍ତି ସିଂ ରୌପ୍ୟ ପଦକ ହାସଲ କରିଛନ୍ତି। ୨:୧୧:୫୨.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏହି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ଆସାମର ଗଙ୍ଗୋତ୍ରି ବର୍ଦ୍ଦଲୋଇ ୨:୧୧:୫୨.୧୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ହାସଲ କରିଛନ୍ତି। ଆସାମର ଅନ୍ୟ ପ୍ରତିଯୋଗୀ ଚୟନିକା ଗୋଗୋଇ ୨:୧୧:୫୨.୩୧ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୮ ପ୍ରତିଯୋଗୀ ବିଶିଷ୍ଟ ମୁକାବିଲାରେ ସ୍ୱସ୍ତି ଓଡ଼ିଶାର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲେ।







ରେସ୍ ଅବସରରେ ଓଡ଼ିଶାର ସ୍ୱସ୍ତି ସିଂ।

ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆରଏସପି)ରେ ସୁଶୀଲ କୁମାର ଦାସଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜକୁ ପ୍ରସ୍ତୁତ କରିଥିବା ସ୍ୱସ୍ତି ଚଳିତ ୟୁଥ୍ ଗେମ୍ସରେ ଆହୁରି ୩ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିରେ ନିଶ୍ଚିତ ସେ ପୋଡିୟମ ମଣ୍ଡନ କରିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି ସୁଶୀଲ। ବିପରୀତ ଦିଗରୁ ପବନ ବହୁଥିବାରୁ ପ୍ରତିଯୋଗୀମାନେ ଆଭରେଜ ସ୍ପିଡ୍‌ରେ ଥିଲେ। ଶେଷ ପର୍ଯ୍ୟାୟରେ ଯେତେବେଳେ ସ୍ପିଡ୍ ବଢ଼ାଇବା କଥା ସେତେବେଳେ ସାମାନ୍ୟ ବିଳମ୍ବ ହେବାରୁ ସମ୍ଭବତଃ ସ୍ୱସ୍ତି ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହେଲେ ବୋଲି ଅନୁଭବ କରୁଛନ୍ତି ଏହି ବରିଷ୍ଠ କୋଚ୍। ତେବେ ସ୍ୱସ୍ତିଙ୍କ ପ୍ରଦର୍ଶନରେ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟରେ ଅଭ୍ୟାସ ପାଇଁ ବିଶେଷ ସୁବିଧା ନ ଥିଲେ ହେଁ ପିଲାମାନେ ଯେପରି ପ୍ରଦର୍ଶନ କରୁଛନ୍ତି ସେଥିପାଇଁ ପ୍ରଶଂସାର ହକ୍‌ଦାର ବୋଲି ସେ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ କ୍ୟାମ୍ପରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି ବୋଲି ମଧ୍ୟ ସେ ସ୍ୱିକାର କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ସ୍ୱସ୍ତି ୧୭ ବର୍ଷରୁ କମ ବୟସ ବର୍ଗରେ ୨୦୧୮ ମସିହାରେ ଦିଲ୍ଲୀରେ ଆୟୋଜିତ ଟ୍ରାକ ଏସିଆ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିମି ବ୍ୟକ୍ତିଗତ ଓ ୬ କି.ମି ସ୍କ୍ରାଚ ପ୍ରତିଯୋଗିତାରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ୨୦୧୮ ଏସିଆନ ଚାମ୍ପିୟନଶିପ୍‌ର ୩ କିମି ବ୍ୟକ୍ତିଗତ ପର୍ଶୁଟରେ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ।

**ଫଳାଫଳ**

| ପ୍ରତିଯୋଗୀ | ରାଜ୍ୟ | ଟାଇମିଂ |
|---|---|---|
| ଗଙ୍ଗୋତ୍ରି ବର୍ଦ୍ଦଲୋଇ | ଆସାମ | ୨:୧୧:୫୨.୧୬ ସେକେଣ୍ଡ |
| ସ୍ୱସ୍ତି ସିଂ | ଓଡ଼ିଶା | ୨:୧୧:୫୨.୨୧ ସେକେଣ୍ଡ |
| ଚୟନିକା ଗୋଗୋଇ | ଆସାମ | ୨:୧୧:୫୨.୩୧ ସେକେଣ୍ଡ |



“ହ୍ୱାଇଟ୍ ବଲ୍ କ୍ରିକେଟରେ ବିରାଟ କୋହଲି ଷ୍ଟିଭ୍ ସ୍ମିଥ୍‌ଙ୍କ ତୁଳନାରେ ଯଥେଷ୍ଟ ଉନ୍ନତ ବ୍ୟାଟ୍ସମ୍ୟାନ ।

–ଗୌତମ ଗମ୍ଭୀର
ପୂର୍ବତନ ଭାରତୀୟ ଓପନର

“ଖେଳ ପ୍ରତି ଭଲ ପାଇବା ଥିଲେ ଜଣେ ଖେଳାଳି କେବେ ଡୋପିଂ ଅବା ଫିକ୍ସିଂ ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହେବ ନାହିଁ ।

–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର



## ସଂକ୍ଷେପରେ

### ଆଇପିଏଲ୍ ପାଇଁ ଟାମ୍ବେ ଅଯୋଗ୍ୟ




**ମୁମ୍ବାଇ,୧୩।୧:** ଭେଟେରାନ ସ୍ପିନର ପ୍ରବୀଣ ଟାମ୍ବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣରେ ଖେଳିପାରିବେ ନାହିଁ। ସେ ଦେଶର କୌଣସି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଅଯୋଗ୍ୟ। ସେ ବିଦେଶୀ ଲିଗ୍‌ରେ ଖେଳି ବିସିସିଆଇ ନିୟମ ଭଙ୍ଗ କରିଛନ୍ତି। ଅଫିସିଆଲ ଅବସର ଘୋଷଣା ନ କରି ସେ ଦୁବାଇ ଓ ଶାରଜାଠାରେ ଟି୧୦ ଲିଗ୍‌ରେ ଖେଳିଥିଲେ। ଟାମ୍ବେ ଅଯୋଗ୍ୟ ନେଇ ଆଇପିଏଲ ଅଧକ୍ଷ ବ୍ରିଜେଶ ପଟେଲ ସ୍ପଷ୍ଟ କହିଛନ୍ତି। ୪୮ ବର୍ଷୀୟ ଟାମ୍ବେ ଆଇପିଏଲ ନିଲାମ ପ୍ରକ୍ରିୟାରେ ସବୁଠୁ ବୟୋଜ୍ୟେଷ୍ଠ ଖେଳାଳି ଭାବେ ବିକ୍ରି ହୋଇଥିଲେ। ତାଙ୍କୁ ୨୦ ଲକ୍ଷ ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) କିଣିଥିଲା। ସେ ଏପର୍ଯ୍ୟନ୍ତ ୩୩ ଆଇପିଏଲ ମ୍ୟାଚ୍ ଖେଳିସାରିଛନ୍ତି। ସମସ୍ତ ମ୍ୟାଚ୍ ୨୦୧୩ରୁ ୨୦୧୬ ମଧରେ ରାଜସ୍ଥାନ ରୟାଲ୍ସ, ଗୁଜରାଟ ଲାୟନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଥିଲେ। ମୋଟ ୨୮ ଉଇକେଟ ନେଇଛନ୍ତି। ତନ୍ମଧ୍ୟରୁ ୧୪ ଉଇକେଟ ସେ କେବଳ ୨୦୧୪ ସିଜନରେ ନେଇଥିଲେ। ଏଭଳି ପରିସ୍ଥିତି ଯୋଗୁ କେକେଆର ଦଳକୁ ବର୍ତ୍ତମାନ ଟାମ୍ବେଙ୍କ ବଦଳ ଖେଳାଳି ବାଛିବାକୁ ପଡ଼ିବ। ନିକଟରେ ହରଭଜନ ସିଂ ଏକମାତ୍ର ଭାରତୀୟ ଭାବେ ଇଂଲଣ୍ଡର ନୂଆ ଫର୍ମାଟର ଲିଗ୍ ‘ଦି ହଣ୍ଡ୍ରେଡ’ରେ ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଥିଲେ। ୨୦୧୬ଠାରୁ ଭାରତୀୟ ଦଳ ପାଇଁ ଖେଳି ନ ଥିଲେ ମଧ ଡ୍ରାଫ୍ଟ ପୂର୍ବରୁ ନାମ ପ୍ରତ୍ୟାହାର କରିନେଇଥିଲେ। ସେ ଏବେ ଆଇପିଏଲରେ ସିଏସ୍‌କେ ପାଇଁ ଖେଳୁଛନ୍ତି। ଅନ୍ୟପକ୍ଷରେ ଅବସର ଘୋଷଣା କରିବା ପରେ ଯୁବରାଜ ସିଂ ବିଭିନ୍ନ ଦେଶର ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି।

### ପାକିସ୍ତାନରେ ଟେଷ୍ଟ ସିରିଜ ଖେଳିବନି ବାଂଲାଦେଶ

**ଢାକା,୧୩।୧(ଏଏଫ୍‌ପି):** ବାଂଲାଦେଶ ନିଜ ନିଷ୍ପତ୍ତିରେ ଅଟଳ ରହିଛି। ପାକିସ୍ତାନରେ ଚଳିତ ମାସର ପରବର୍ତ୍ତୀ ଭାଗରେ ବାଂଲାଦେଶ କେବଳ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ଖେଳିବ। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ପ୍ରସ୍ତାବିତ ଟେଷ୍ଟ ସିରିଜ ଖେଳିବ ନାହିଁ। ବାଂଲାଦେଶ କ୍ରିକେଟ ବୋର୍ଡ ମୁଖ୍ୟ ନାଜମୁଲ ହାସନ କହିଛନ୍ତି, ମଧପ୍ରାଚ୍ୟରେ ଆମେରିକା ଓ ଇରାନ ଦ୍ୱାରା ସୃଷ୍ଟ ଉତ୍ତେଜନାମୂଳକ ସ୍ଥିତିକୁ ନଜରରେ ରଖି ଆମେ ନିଷ୍ପତ୍ତି ନେଇଛୁ। ସରକାର ଜାତୀୟ ଦଳକୁ କେବଳ ଛୋଟିଆ ଗସ୍ତ ପାଇଁ ଅନୁମତି ଦେଇଛନ୍ତି। ସ୍ଥିତିରେ ପରିବର୍ତ୍ତନ ଆସିବା ପରେ ହିଁ ଟେଷ୍ଟ ସିରିଜ୍ ଖେଳିପାରିବୁ। ଆଇସିସି ଫ୍ୟୁଚର ଟୁର ପ୍ରୋଗ୍ରାମ ଅନୁଯାୟୀ, ଜାନୁୟାରୀ-ଫେବୃୟାରୀ ମଧରେ ବାଂଲାଦେଶ ପାକିସ୍ତାନରେ ୩ ଟି୨୦ ଓ ଦୁଇ ଟିକିଆ ଟେଷ୍ଟ ସିରିଜ ଖେଳାଯିବାର ଥିଲା।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ ଆଜି

ମୁମ୍ବାଇ, ୧୩।୧ (ପି.ଟି.)

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ଜିତିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ସାମ୍ନା କରିବାକୁ ଯାଉଛି। ତିନିମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆ ଦଳ ମଙ୍ଗଳବାରଠାରୁ ଏହାର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ବିଶ୍ୱର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଓ ଦକ୍ଷ ଖେଳାଳିଙ୍କୁ ନେଇ ଅଷ୍ଟ୍ରେଲିଆ ଦଳ ବେଶ୍ ଦୃଢ଼ ରହିଥିବାରୁ ଭାରତ ପାଇଁ ଏହି ସିରିଜ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉଭୟ ଦଳ ମଙ୍ଗଳବାର ମ୍ୟାଚ୍ ଜିତି ସିରିଜ ଅଗ୍ରଣୀ ହେବା ଲକ୍ଷ୍ୟରେ ରହିଛନ୍ତି। ଦିନିକିଆ ଫର୍ମାଟ୍‌କୁ ଶିଖର ଧାୱନ ଫେରିଥିବାରୁ ଭାରତୀୟ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ତେବେ ଅଧିନାୟକ କୋହଲି ଯେକୌଣସି ସ୍ଥାନରେ ବ୍ୟାଟିଂ କରିବା ପାଇଁ ପ୍ରସ୍ତୁତ କହିବା ପରେ ଉଭୟ ଧାୱନ ଓ ଲୋକେଶ ରାହୁଲ ଚୂଡ଼ାନ୍ତ ଏକାଦଶରେ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ରୋହିତ୍ ଶର୍ମାଙ୍କ ସହ ଧାୱନ ଇନିଂସ ଓପନ କରିବେ ଏବଂ ରାହୁଲ ୩ କିମ୍ବା ୪ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ଆସିପାରନ୍ତି ବୋଲି କୋହଲିଙ୍କ କଥାରୁ ସ୍ପଷ୍ଟ ହୋଇଛି।

ଆଇସିସି ଦିନିକିଆ ମାନ୍ୟତାରେ ଭାରତ (୧୨୧ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଆରୋନ୍ ଫିଞ୍ଚ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ (୧୧୧) ୪ର୍ଥ ସ୍ଥାନରେ ରହିଛି। ଉଭୟ ଦଳରେ ବିଶ୍ୱର କିଛି ଶୀର୍ଷସ୍ତରୀୟ ଖେଳାଳି ରହିଥିବାରୁ ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ରୋହିତ୍ ଓ ଡେଭିଡ୍ ୱାର୍ନର ଏବଂ କୋହଲି ଓ ଷ୍ଟିଭେନ ସ୍ମିଥ୍‌ଙ୍କ ମଧ୍ୟରେ ବ୍ୟାଟିଂରେ ଲଢ଼େଇ ଦେଖିବାକୁ ମିଳିବ। ସେହିଭଳି ବୋଲିଂ ବିଭାଗକୁ ନଜର ପକାଇଥିଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ଯୁବ ଦ୍ରୁତ ବୋଲର ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକୁରଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ରହିଛି। ଅପରପକ୍ଷରେ ଗତ ଆଇପିଏଲ୍ ନିଲାମୀରେ ସବୁଠାରୁ ଦାମୀ ବିଦେଶୀ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଥିବା ପ୍ୟାଟ୍ କୁମିନ୍ସ ଅଷ୍ଟ୍ରେଲିଆ ପେସ୍ ବାହିନୀର ନେତୃତ୍ୱ ନେବେ। କେନ୍ ରିଚାର୍ଡସନ, ମିଚେଲ ଷ୍ଟାର୍କ ବିରାଟ ବାହିନୀକୁ ଅଡୁଆରେ ପକାଇବାର ସାମର୍ଥ୍ୟ ମଧ ରଖିଛନ୍ତି। ଉଇକେଟ୍ ପଛରେ ଆଲେକ୍ସ କେରୀ ଓ ରିଷଭ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ୱାଙ୍ଖଡେ ପିଚ୍‌ରୁ ସ୍ପିନରଙ୍କୁ କମ୍ ସହାୟତା ମିଳୁଥିବାରୁ ଭାରତ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିବା କୁଲଦୀପ ପ୍ରଥମ ପସନ୍ଦ ସ୍ପିନର ରହିବେ। ନିକଟରେ ଟେଷ୍ଟ କ୍ୟାରିୟର ଆରମ୍ଭ କରି ନିଜର ବ୍ୟାଟିଂ ଦକ୍ଷତା ବଳରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ଯୁବ ଅଷ୍ଟ୍ରେଲୀୟ ଓପନର୍ ମାର୍କସ ଲାବୁସେନ ଧଳା ବଲରେ କିଭଳି ଖେଳୁଛନ୍ତି ତାହା ଉପରେ ମଧ ସମସ୍ତଙ୍କ ନଜର ରହିବ।






ଅଭ୍ୟାସ ଅବସରରେ ରିଭର୍ସ ଶର୍ଟ ମାରୁଛନ୍ତି ବିରାଟ କୋହଲି। ନେଟ୍ସରେ ବ୍ୟାଟିଂ କରୁଛନ୍ତି ଷ୍ଟିଭେନ ସ୍ମିଥ୍।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କେଦାର ଯାଦବ, ରିଷଭ ପନ୍ତ (ଉଇକେଟ୍‌କିପର), ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ନବଦୀପ ସଇନି, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ଶାମି।

■ **ଅଷ୍ଟ୍ରେଲିଆ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କେରୀ (ଉଇକେଟ୍‌କିପର), ଡେଭିଡ୍ ୱାର୍ନର, ଷ୍ଟିଭେନ ସ୍ମିଥ୍, ମାର୍ନସ ଲାବୁସେନ, ପିଟର ହ୍ୟାଣ୍ଡ୍ସକମ୍ବ, ଆଷ୍ଟନ ଅଗର, ଆଷ୍ଟନ ଟର୍ନର, ଜୋଶ୍ ହାଜେଲଉଡ୍, କେନ୍ ରିଚାର୍ଡସନ, ମିଚେଲ ଷ୍ଟାର୍କ ଓ ଆଡାମ ଜାମ୍ପା।

| ମ୍ୟାଚ୍ ଆରମ୍ଭ | ପ୍ରସାରଣ |
| --- | --- |
| ଅପରାହ୍ଣ ୧.୩୦ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

### ଭାରତରେ ଅଷ୍ଟ୍ରେଲିଆ...

■ ଭାରତରେ ଅଷ୍ଟ୍ରେଲିଆ ମୋଟ୍ ୯୧ ଦିନିକିଆ ମ୍ୟାଚ୍ ଖେଳିଛି। ଯେଉଁଥିରେ ୫୨ଟି ଜିତିଥିବାବେଳେ ୩୪ରେ ପରାଜୟର ସାମ୍ନା କରିଛି।

■ ସେହିଭଳି ଭାରତରେ ଭାରତ ବିପକ୍ଷରେ ମୋଟ୍ ୬୧ ଦିନିକିଆରୁ ୨୯ଟି ଜିତିଛି ଏବଂ ୨୭ରେ ହାରିଛି।

■ ଭାରତରେ ମୋଟ୍ ୯ ଦିନିକିଆ ସିରିଜରୁ ୫ରେ ଜିତିଛି ଅଷ୍ଟ୍ରେଲିଆ।

■ ୧୯୮୭ ବିଶ୍ୱକପ୍ ଓ ୨୦୦୬ ଚାମ୍ପିୟନ୍ସ ଟ୍ରଫି ବିଜୟ ଭାରତ ମାଟିରେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ସଫଳତା।

### ବ୍ୟାଟିଂକ୍ରମ ପରିବର୍ତ୍ତନ କରିପାରନ୍ତି କୋହଲି

ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଉଭୟ ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଚୂଡ଼ାନ୍ତ ଏକାଦଶରେ ଖେଳାଇବା ପାଇଁ ନିଜ ବ୍ୟାଟିଂକ୍ରମରେ ପରିବର୍ତ୍ତନ କରିପାରନ୍ତି ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି ସଙ୍କେତ ଦେଇଛନ୍ତି। ଉପ-ଅଧିନାୟକ ରୋହିତ୍ ଶର୍ମା ଓପନିଂ ପାଇଁ ପ୍ରଥମ ପସନ୍ଦ ରହିଛନ୍ତି। କିନ୍ତୁ ଆଘାତଜନିତ ସମସ୍ୟାରୁ ଧାୱନ ଫେରିବା ପରେ ଏବେ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ପଡ଼ିଯାଇଛି। ଉଭୟ ଧାୱନ ଓ ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖିବାକୁ ମ୍ୟାନେଜମେଣ୍ଟ ଚିନ୍ତା କରୁଛି। କିନ୍ତୁ କାହିଁକି ଉଭୟ ଖେଳିବେ ନାହିଁ ବୋଲି କୋହଲି ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ‘ଜଣେ ଖେଳାଳି ଫର୍ମରେ ରହିବା ଟିମ୍ ପାଇଁ ଭଲ। ଟିମ୍‌ରେ ସର୍ବଦା ଶ୍ରେଷ୍ଠ ଖେଳାଳି ରୁହନ୍ତୁ ବୋଲି ସମସ୍ତେ ଚାହାନ୍ତି। ପରେ କମ୍ବିନେଶନ କ’ଣ ରହିବ ତାହା ବଛାଯିବ। ସମ୍ଭବତଃ ସମସ୍ତ ୩ ଜଣ (ରୋହିତ୍, ଧାୱନ ଓ ରାହୁଲ) ଚୂଡ଼ାନ୍ତ ଏକାଦଶରେ ଖେଳିପାରନ୍ତି’ ବୋଲି କୋହଲି ଏହି ଅବସରରେ କହିଛନ୍ତି। ସେହିଭଳି ବ୍ୟାଟିଂରେ ନିମ୍ନକ୍ରମରେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ସଚିନଙ୍କ ସମକକ୍ଷ ହେବା ସୁଯୋଗ

ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ସଚିନ ତେନ୍ଦୁଲକରଙ୍କ ବରାବର ହେବାର ସୁଯୋଗ ରହିଛି। ଆଉ ଗୋଟିଏ ଶତକ ହାସଲ କଲେ କୋହଲି ନିଜ ଦେଶରେ ସର୍ବାଧିକ ସଂଖ୍ୟକ ଶତକ କରିଥିବା ବ୍ୟାଟ୍ସମ୍ୟାନ ସଚିନଙ୍କ ସହ ସମକକ୍ଷ ହେବେ। ଏହି ରେକର୍ଡ ଏବେ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ଦେଶରେ ସର୍ବାଧିକ ୨୦ ଦିନିକିଆ ଶତକ ହାସଲ କରିଥିଲେ। ତାଙ୍କ ପଛକୁ ୧୯ଶତକ ସହ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ଦୁର୍ଘଟଣାରେ ମୋମୋତା ଆହତ

କୁଆଲାଲମ୍ପୁର, ୧୩।୧ (ଏଏଫ୍‌ପି)

ବିଶ୍ୱର ନମ୍ବର ୱାନ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନରେ ଖେଳାଳି କେଣ୍ଟୋ ମୋମୋତା ମାଲେସିଆ ମାଷ୍ଟର୍ସ ଟାଇଟଲ ଜିତିବାର କିଛି ଘଣ୍ଟା ପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ତାଙ୍କ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସଙ୍କ କହିବା ଅନୁଯାୟୀ, ୨୫ ବର୍ଷୀୟ ମୋମୋତାଙ୍କ ନାକ ଫାଟିଯାଇଛି। ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଛି। ବିମାନ ବନ୍ଦରକୁ ଯାଉଥିବା ସମୟରେ ମୋମୋତାଙ୍କ ଭ୍ୟାନ ରାସ୍ତାରେ ଏକ ଲରି ସହ ପିଟି ହୋଇଥିଲା। ଦୁର୍ଘଟଣା ସକାଳ ୪:୪୦ରେ ଘଟିଥିଲା। ୧୦ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ଦୁର୍ଘଟଣା ସ୍ଥଳରେ ହିଁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା।



ମେଡିକାଲ୍‌ରେ କେଣ୍ଟୋ ମୋମୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ପରିବାରବର୍ଗ ।

ମୋମୋତାଙ୍କ ସହ ଭ୍ୟାନରେ ଥିବା ସହାୟକ କୋଚ୍, ଫିଜିଓ ଥେରାପିଷ୍ଟ ଓ ବ୍ୟାଡମିଣ୍ଟନ ଅଫିସିଆଲ ମଧ ଆହତ ହୋଇଛନ୍ତି। ଏହା ଜାପାନିଜ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଶକ୍ତ ଧକ୍କା ଦେଇଛି। ମାଲେସିଆର କ୍ରୀଡ଼ାମନ୍ତ୍ରୀ ସୟଦ ସାଦ୍ଦିକ ଡାକ୍ତରଖାନାକୁ ଯାଇ ମୋମୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କ ଅବସ୍ଥା ସ୍ଥିର ରହିଥିବା ସେ କହିଛନ୍ତି।

### ଭାରତୀୟ ଦଳ ସହ ଅଭ୍ୟାସ କଲେ ପାଣ୍ଡ୍ୟା

**ମୁମ୍ବାଇ,୧୩।୧(ପି.ଟି.):** ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଭାରତୀୟ ଦଳର ପ୍ରାକ୍ଟିସ ସେସନରେ ଯୋଗଦେଇ ଅଭ୍ୟାସ କରିଛନ୍ତି। ନ୍ୟୁଜିଲାଣ୍ଡ ଗସ୍ତ କରିବାକୁ ଥିବା ଭାରତ ‘ଏ’ ଦଳରୁ ପାଣ୍ଡ୍ୟାଙ୍କୁ ଅନ୍ତିମ ମିନିଟ୍‌ରେ ବାଦ୍ ଦିଆଯାଇଥିଲା। କାରଣ ସେ ଅଣ୍ଟା ସମସ୍ୟାରୁ ସମ୍ପୂର୍ଣ୍ଣ ରୂପେ ମୁକୁଳି ନାହାନ୍ତି। ହାର୍ଦ୍ଦିକ ପ୍ରଥମେ ଅଧିନାୟକ ବିରାଟ କୋହଲିଙ୍କ ସହ ବଲ ଥ୍ରୋ ଅଭ୍ୟାସ କରିଥିଲେ। ପରେ ନେଟ୍ସରେ ବୋଲିଂ କୋଚ୍ ଭରତ ଅରୁଣଙ୍କ ନେତୃତ୍ୱରେ ପାଣ୍ଡ୍ୟା ବୋଲିଂ ଅଭ୍ୟାସ କରିଥିଲେ। ହାର୍ଦ୍ଦିକ ଲଣ୍ଡନଠାରେ ଅଣ୍ଟାରେ ଅସ୍ତ୍ରୋପଚାର କରାଇବା ପରଠୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି।

# ରୋହିତ୍ ଫେରିଲେ

**ମୁମ୍ବାଇ ୧୩।୧ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଉପ-ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଦ୍ରୁତ ବୋଲର ମହମ୍ମଦ ସାମି ଘୋଷିତ ୧୬ ଜଣିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ କେରଳ ଉଇକେଟ୍‌କିପର ସଞ୍ଜୁ ସାମସନଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ଲାଗି ଉଭୟ ରୋହିତ୍ ଓ ସାମିଙ୍କୁ ବିଶ୍ରାମ ଦିଆଯାଇଥିଲା। ଚଳିତ ମାସ ଶେଷଭାଗରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ନ୍ୟୁଜିଲାଣ୍ଡ ସିରିଜ ଲାଗି କିନ୍ତୁ ୫ ଜଣିଆ ଚୟନ କମିଟି ଉଭୟଙ୍କୁ ଦଳରେ ସାମିଲ କରିଛନ୍ତି। ତେବେ ଶ୍ରୀଲଙ୍କା ସିରିଜରେ ସ୍ଥାନ ପାଇଥିବା ସାମସନଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ମାତ୍ର ୬ ରନ କରିଥିବା ସାମସନ ନ୍ୟୁଜିଲାଣ୍ଡ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଏହାବାଦ୍ ଦଳରେ ସେହିଭଳି କୌଣସି ବଡ଼ ପରିବର୍ତ୍ତନ କରାଯାଇନାହିଁ। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଜାନୁୟାରୀ ୨୪ରେ ଅକ୍‌ଲାଣ୍ଡରେ ପ୍ରଥମ ମ୍ୟାଚ୍ ଖେଳାଯିବ।

**ନ୍ୟୁଜିଲାଣ୍ଡ ଟୁର୍‌ଃ ସାମସନ ବାଦ୍**

**ଭାରତୀୟ ଟି୨୦ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମନୀଷ ପାଣ୍ଡେ, ଶିବମ୍ ଦୁବେ, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସାମି।

# ସୁପର କପ୍ ଜିତିଲା ରିୟଲ ମାଡ୍ରିଡ୍

ଜେଦ୍ଦା,୧୩।୧ (ଏଏଫ୍‌ପି)

ଏଠାରେ ଅନୁଷ୍ଠିତ ସୁପର କପ୍ ଫାଇନାଲରେ ରିୟଲ ମାଡ୍ରିଡ୍ ପେନାଲ୍ଟି ଶୁଟ୍‌ଆଉଟ ଜରିଆରେ ଆଟଲେଟିକୋ ମାଡ୍ରିଡ୍‌କୁ ହରାଇ ଦେଇଛି। ସୌଦି ଆରବୀୟ ପ୍ରଶଂସକଙ୍କ ସାମ୍ନାରେ ରିୟଲ ମାଡ୍ରିଡ୍ ତା’ର ୧୧ତମ ସ୍ପାନିଶ ସୁପର କପ୍ ଟାଇଟଲ ହାତେଇଛି। ମ୍ୟାଚ ଧାର୍ଯ୍ୟ ୯୦ ମିନିଟ୍ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ହୋଇ ରହିବାରୁ ଏକ୍ସଟ୍ରା ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ଆଟଲେଟିକୋ ଦଳ ମ୍ୟାଚ୍ ଜିତିବାକୁ ସୁଯୋଗ ପାଇଥିଲା। ଦଳର ଷ୍ଟ୍ରାଇକର ଆଲଭାରୋ ମୋରାଟୋ ରିୟଲର ଫେଡ୍ରିକୋ ଭାଲଭେର୍ଡେଙ୍କ ସହ ୱାନ-ଅନ-ୱାନ ଖେଳ ଦେଖାଇ ଗୋଲପୋଷ୍ଟ ଆଡ଼େ ବଢ଼ିଥିଲେ। ମାତ୍ର ଆଭାରୋଙ୍କୁ ପଛପଟୁ ଟ୍ୟାକେଲ ମାରି ରୋକିଦେଇଥିଲେ ଫେଡ୍ରିକ। ଏଥିଯୋଗୁ ଫେଡ୍ରିକଙ୍କୁ ମିଳିଥିଲା ରେଡ୍ କାର୍ଡ। ଫଳରେ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ଉଭୟ ଦଳର ଗୋଲକିପର ଚମତ୍କାର ପ୍ରଦର୍ଶନ କରିଥିଲେ। କିନ୍ତୁ ରିୟଲ ମାଡ୍ରିଡ୍ କିପର ଥିବାଉଟ କୋର୍ଟଇସ ଆଟଲେଟିକୋ ଦଳର ଥୋମାସ ପାର୍ଟିଙ୍କ ଶଟ୍‌କୁ ପ୍ରତିହିତ କରିଥିଲେ। ତାଙ୍କ ପୂର୍ବରୁ ଆଟଲେଟିକୋ ଦଳର ସଲ ନିଗୁଏଜଙ୍କ ଶଟ ଗୋଲପୋଷ୍ଟ ବାର ବାଜିଥିଲା। ଏହାପରେ ସେର୍ଗିଓ ରାମୋସଙ୍କ ସ୍ପଟ କିକ୍ ରିୟଲ ମାଡ୍ରିଡ୍‌କୁ ଆଣିଦେଇଥିଲା ଚଳିତ ସିଜନର ପ୍ରଥମ ଟ୍ରଫି। ଏହି ବିଜୟ ଯୋଗୁ କୋଚ୍ ଜିନେଡିନେ ଜିଡାନେଙ୍କ ଫାଇନାଲ ରେକର୍ଡ ବଳବତ୍ତର ରହିଛି। ତାଙ୍କ ନେତୃତ୍ୱାଧୀନ ଦଳ କୌଣସି ଫାଇନାଲରେ ଏପର୍ଯ୍ୟନ୍ତ ହାରି ନାହିଁ।




ଟ୍ରଫି ସହ ସୁପର୍ କପ୍ ବିଜୟୀ ରିୟଲ୍ ମାଡ୍ରିଡ୍ ଦଳ।

# ଫିଞ୍ଚ୍, ପେନ୍ ନୁହେଁ ଲାଙ୍ଗରଙ୍କ ଦଳ

ଗୌତମ ଗମ୍ଭୀର

ମୁଁ ଯେତେବେଳେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କଲି ବୋର୍ଡର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଲି। ସେତେବେଳେ ନିଜର ଦକ୍ଷତା ବୃଦ୍ଧି ଲାଗି କେତେଜଣ ପୂର୍ବତନ କ୍ରିକେଟର ଏବଂ ଅଷ୍ଟ୍ରେଲିଆର ବର୍ତ୍ତମାନ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଚାହିଁଥିଲି। ଲାଙ୍ଗର ମୋ ଭଳି ଜଣେ ବାମହାତୀ ଏବଂ ଓପ୍‌ନିଂ ବ୍ୟାଟ୍ସମ୍ୟାନ ଥିଲେ। ତେଣୁ ଆମ ମଧ୍ୟରେ କ୍ରିକେଟ ଖେଳ, ବ୍ୟାଟିଂ ଏବଂ ମାନସିକ ଚାପ ବ୍ୟତୀତ ବ୍ୟକ୍ତିଗତ ଜୀବନ ଉପରେ ଉତ୍ତମ ଭାବର ଆଦାନପ୍ରଦାନ ହୋଇଥିଲା। ମୋତେ ଲାଙ୍ଗରଙ୍କ ଗବେଷଣା ସବୁଠାରୁ ଆଶ୍ଚର୍ଯ୍ୟଚକିତ କରିଥିଲା। ପର୍ଥସ୍ଥିତ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ (ୱାକା)ଷ୍ଟାଡିୟମର ଅଫିସ କ୍ୟାବିନ୍‌ରେ ତାଙ୍କ ସହିତ ମୋର ପ୍ରଥମ ଦେଖାହୋଇଥିଲା। ସେତେବେଳେ ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ପ୍ରାଦେଶିକ ଦଳର କୋଚ୍ ଥିଲେ। ଉଭୟଙ୍କ ମଧ୍ୟରେ ଖୁବ୍ କମ୍ ସମୟ ଧରି କଥାବାର୍ତ୍ତା ହୋଇଥିଲା। ସେ ତାଙ୍କ ଛୋଟିଆ ଅଫିସ ଟେବୁଲରେ ଥିବା ଏକ କମ୍ପ୍ୟୁଟର ସ୍କ୍ରିନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ତରଫରୁ ମୁଁ ଖେଳୁଥିବାର ଏକ ବ୍ୟାଟିଂ କ୍ଲିପ୍ ମୋତେ ଦେଖାଇଥିଲେ। ମାତ୍ର ୫ ମିନିଟ୍ ମଧ୍ୟରେ ମୋ ବ୍ୟାଟିଂରେ ରହିଥିବା ସମସ୍ୟା ସମ୍ପର୍କରେ ସେ କହି ପକାଇଥିଲେ। ସେ ମଧ ମୋ ପୁରୁଣା ଟେକ୍‌ନିକ୍ ବିଷୟରେ ଜାଣିଥିଲେ। ପରବର୍ତ୍ତୀ ସମୟରେ ମୋ ଟେକ୍‌ନିକ୍‌ରେ କିପରି ପରିବର୍ତ୍ତନ ଘଟିଛି ତାହା ମଧ ସେ ଜାଣିଥିଲେ। ପରବର୍ତ୍ତୀ ୨୦ ଦିନ ଲାଙ୍ଗରଙ୍କୁ ମୁଁ ବିଭିନ୍ନ ଦୃଷ୍ଟିକୋଣରୁ ପରଖିଥିଲି। କେକେଆର୍‌ର କୋଚ୍ ହେବା ଲାଗି ସେ ଯୋଗ୍ୟ ବୋଲି ମୁଁ ବିଚାରିଥିଲି। ମୁଁ ତାଙ୍କୁ କୋଚ୍ ହେବାଲାଗି ପ୍ରସ୍ତାବ ମଧ ଦେଇଥିଲି।

#WhatDrivesYou
EXIDE

ସେତେବେଳେ ତାଙ୍କ ସ୍ୱର୍ଗତ ମା’ କର୍କଟ ରୋଗରେ ପୀଡ଼ିତ ଥିଲେ। ତେଣୁ ସେ ପାରିବାରିକ କାରଣ ଦର୍ଶାଇ ଲୋଭନୀୟ ଆଇପିଏଲ୍ କୋଚ୍ ଅଫରକୁ ଟାଳି ଦେଇଥିଲେ। ୱାକାଠାରେ ଲାଙ୍ଗରଙ୍କ କୋଚିଂ ୱାର୍କଶପ୍‌ରେ ଅଂଶଗ୍ରହଣ ଲାଗି ମୋତେ ଏକ ସୁଯୋଗ ମିଳିଥିଲା। ତାଙ୍କ ପ୍ରତିଟି ଦିନର କାର୍ଯ୍ୟଶୈଳୀ ଉପରେ ମୋର ନଜର ରହିଥିଲା। ଅଷ୍ଟ୍ରେଲିଆ କ୍ରିକେଟ୍‌କୁ ଆଗେଇ ନେବାର ସାମର୍ଥ୍ୟ ଏହି ବ୍ୟକ୍ତିଙ୍କ ନିକଟରେ ରହିଛି ବୋଲି ମୋର ଧାରଣା ସୃଷ୍ଟି ହୋଇଥିଲା। ତେଣୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ବର୍ତ୍ତମାନର ପ୍ରଦର୍ଶନରେ ମୁଁ ବିସ୍ମିତ ନୁହେଁ। ସେ ଅଷ୍ଟ୍ରେଲିଆ ଦଳକୁ କ୍ରମେ ଠିକଣା ପଥକୁ ଆଣିବାରେ ସଫଳ ହୋଇଛନ୍ତି। ଅଷ୍ଟ୍ରେଲିଆର ଏହି ଟୁର୍‌ରେ ଲାଙ୍ଗର ସାମିଲ ହୋଇନାହାନ୍ତି, ହେଲେ ବର୍ତ୍ତମାନର ଅଷ୍ଟ୍ରେଲିଆ ଫିଞ୍ଚ୍ ଅବା ପେନ୍‌ଙ୍କର ନୁହେଁ, ଲାଙ୍ଗରଙ୍କ ଟିମ୍ ବୋଲି ମୁଁ କହିବି। ମୋ ହିସାବରେ ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିବା ଉଚିତ, କିନ୍ତୁ ସହଜ ନୁହେଁ। ମୁମ୍ବାଇ, ରାଜକୋଟ ଏବଂ ବେଙ୍ଗାଲୁରୁର ଟ୍ରାକ୍ ଫ୍ଲାଟ୍ ଥିଲେ ମଧ ଉଭୟ ଦଳରେ ବିଶ୍ୱଶ୍ରେଣୀୟ ବୋଲର ଥିବାରୁ ସେମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିବ ନାହିଁ। ମୋ ମତରେ ଭାରତ ତରଫରୁ କେ.ଏଲ୍. ରାହୁଲ ଏବଂ ରୋହିତ ଶର୍ମା ଇନିଂସ୍ ଓପନ୍ କରିବା ଉଚିତ। ଶିଖର ଧାୱନ ସମୟକୁ ଅପେକ୍ଷା କରନ୍ତୁ। ଅନେକେ ବିରାଟ କୋହଲି ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ମଧ୍ୟରେ ତୁଳନା କରିବେ। କିନ୍ତୁ ମୁଁ କହିବି, କୋହଲି ତାଙ୍କଠାରୁ ଯଥେଷ୍ଟ ଉନ୍ନତ ବ୍ୟାଟ୍ସମ୍ୟାନ।

*–(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)*

### ମା' ତାରିଣୀଙ୍କ ହୁଣ୍ଡି ଗଣତି

# ମିଳିଲା ୧୦ ଲକ୍ଷ ଟଙ୍କା, ୨୫ ଗ୍ରାମ ସୁନା

ଘଟଗାଁ, ୧୩।୧

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ଠାକୁରାଣୀଙ୍କୁ ମିଳୁଥିବା ଭକ୍ତଙ୍କ ଦାନଅର୍ଥ(ହୁଣ୍ଡି)ଗୁଡ଼ିକ ଟ୍ରଷ୍ଟବୋର୍ଡ ପକ୍ଷରୁ ସୋମବାର ଗଣତି କରାଯାଇଥିଲା । ଏଥିରୁ ନଗଦ ଅର୍ଥ ୧୦ ଲକ୍ଷ ୧୮ ହଜାର ୪୨୮ ଟଙ୍କା, ସୁନା ଅଳଙ୍କାର ୨୫ ଗ୍ରାମ ୪୦୦ ମିଲିଗ୍ରାମ ଓ ରୁପା ଅଳଙ୍କାର ୨୯୮ ଗ୍ରାମ ୨୮୦ ମିଲିଗ୍ରାମ ମିଳିଥିବା ଜଣାଯାଇଛି । ଟ୍ରଷ୍ଟବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ରୁଦ୍ର ନାରାୟଣ ମହାନ୍ତ ଓ ଦୟାନିଧି ମହାନ୍ତ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ସମେତ ମନ୍ଦିର ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ୧୨ ଗୋଟି ହୁଣ୍ଡି ଖୋଲାଯାଇ ଦିନ ୧୧ଟାବେଳେ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଗଣତି କାଳରେ ମନ୍ଦିର କର୍ମଚାରୀ ଅକ୍ଷୟ କୁମାର ବେହେରା, ହରେକୃଷ୍ଣ ପଲେଇ, ଶରତ ବେହେରା, ଅବନୀ କୁମାର ଜେନା, ମହେଶ୍ୱର ଦେହୁରୀ, ସୁରେଶ ବାରିକ, ମହେଶ୍ୱର ସାହୁ, ଅରୁଣ ନାଏକ, ବିଷ୍ଣୁ ନାଏକ, ଯାଦବ ହାତୀ, ଦଶରଥ ମହାକୁଡ଼ ସହିତ ପୋଲିସ କର୍ମଚାରୀ ପ୍ରତାପ ଜେନା, ସିଦ୍ଧେଶ୍ୱର ମୁଦୀ, ତାପସ ବୋଷ, ଅଶୋକ ରାଉତ ଉପସ୍ଥିତ ଥିଲେ । ତେବେ ଏହି ଦାନ ଅର୍ଥ ୧୫ ଦିନ ଅନ୍ତରରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଖୋଲାଯାଇଥିବା ଜଣାଯାଇଛି ।

# ମଦ ଦୋକାନ ଭାଙ୍ଗି ୩.୬୦ ଲକ୍ଷ ଲୁଟ୍

ତିହିଡି, ୧୩।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବଜାରସ୍ଥିତ ଏକ ସରକାରୀ ବିଦେଶୀ ମଦ ଦୋକାନକୁ ରବିବାର ରାତିରେ ଭାଙ୍ଗି ଲୁଟ୍ କରାଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଦୋକାନ ମାଲିକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଏରେଇଁ ଗ୍ରାମର ସ୍ନେହଲତା ସାମଲ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି । ମଦ ଦୋକାନ ପଛପଟ ପକ୍କା କାନ୍ଥ ଭାଙ୍ଗି କେତେକ ଦୁର୍ବୃତ୍ତ ଭିତରେ ପଶି ଏଭଳି ଲୁଟ୍ କରିଛନ୍ତି । ସେମାନେ ଦୋକାନରେ ଥିବା ସିସିକ୍ୟାମେରାକୁ ଭାଙ୍ଗି ଦେଇଥିବା ସହ କମ୍ପ୍ୟୁଟର ଓ ହାର୍ଡ଼ଡିସ୍କ ନେଇଯାଇଛନ୍ତି । ଏଥିସହିତ କ୍ୟାସ ଡ୍ର ଭାଙ୍ଗି ୩ ଲକ୍ଷ ୬୦ ହଜାର ଟଙ୍କା ଏବଂ ବିଦେଶୀ ମଦ ନେଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ।



ମଦ ଦୋକାନ ନିକଟରେ ତଦନ୍ତ କରୁଛି ପୋଲିସ ।

ସୋମବାର ସକାଳେ ଦୋକାନ ଦାୟିତ୍ୱରେ ଥିବା କାନପୁର ଗ୍ରାମର ଦୁର୍ଯ୍ୟୋଧନ ବେହେରା ଲୁଟ୍ ସମ୍ପର୍କରେ ଜାଣିବା ପରେ ଥାନାରେ ଜଣାଇଥିଲେ । ଏସ୍ଆଇ ସସ୍ମିତା ସେଠୀ ଓ ଏଏସ୍ଆଇ କୈଳାସ ଚନ୍ଦ୍ର ଖୁଣ୍ଟିଆ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗରେ ଜେଲ ଗଲେ ସ୍ୱାମୀ

ରୂପ୍ସା, ୧୩।୧(ଡି.ଏନ୍.ଏ.)

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ବଡ଼ଧନାଡ଼ି ଗ୍ରାମର ସଞ୍ଜୁ ତରେଇ ନାମ୍ନୀ ମହିଳାଙ୍କୁ ହତ୍ୟା ଅଭିଯୋଗରେ ବସ୍ତା ପୋଲିସ ସ୍ୱାମୀ ଶଙ୍କର ତରେଇଙ୍କୁ ରବିବାର ଗିରଫ କରିଛି । ସଞ୍ଜୁଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୦/୨୦) ରୁଜୁକରି ତଦନ୍ତ ଜାରି ରଖିଥିଲା । ମହିଳା ଜଣକ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହୁଥିବା ବେଳେ ମୃତାଙ୍କ ଭାଇ ସଦର ଥାନା ବେଳଦା ଗ୍ରାମର ରାଜେନ୍ଦ୍ର ମାଝି ତାଙ୍କ ଭଉଣୀଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି । ଅଭିଯୁକ୍ତ ଶଙ୍କରଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ମାଛ ଦୋକାନୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ରୂପ୍ସା, ୧୩।୧(ଡି.ଏନ୍.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍ସା ଥାନା ମିରିଗିମୁଣ୍ଡି ଗ୍ରାମର ମାଛ ଦୋକାନୀ ମକରା ଗିରିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସେହି ଗ୍ରାମର ଅଭିଯୁକ୍ତ ମହେନ୍ଦ୍ର ବେହେରାଙ୍କୁ ପୋଲିସ ସୋମବାର ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୨/୨୦) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ରବିବାର ଦୋକାନୀ ମକରା ତାଙ୍କ ଘର ସମ୍ମୁଖରେ ମାଛ ବିକ୍ରି କରୁଥିଲେ । ମହେନ୍ଦ୍ର ବାକିରେ ମାଛ ନେବାକୁ କହିବାରୁ ସେ ମନା କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ମହେନ୍ଦ୍ର ଦୋକାନୀ ଜଣଙ୍କୁ ମାରପିଟ୍ କରିବା ସହ ଠେଲିଦେବା ଯୋଗୁ ମକରାଙ୍କ ମୁଣ୍ଡ ରାସ୍ତାପାଖ ବିଦ୍ୟୁତ୍ ଖୁଣ୍ଟିରେ ବାଜି ଫାଟିଯାଇଥିଲା । ଏ ନେଇ ମକରାଙ୍କ ଭାଇ ଚକ୍ରଧର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଆହତ ମକରାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି ।

# ବିଷ ପିଇ ଜୀବନ ହାରିଲେ ଯୁବକ

ତିହିଡ଼ି, ୧୩।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମରେ ରହୁଥିବା ଜଣେ ଯୁବକ ରବିବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକଙ୍କ ନାଁ ଉତ୍ତମ ରାଉଳ(୨୫) । ତାଙ୍କ ଘର ଚାନ୍ଦବାଲି ବ୍ଲକ ବାଂଶଡ଼ା ଗ୍ରାମରେ । ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ତିହିଡ଼ି ବଜାରସ୍ଥିତ ତାଙ୍କ ମାମୁଙ୍କ ଚାଟ୍ ଦୋକାନରେ କାମ କରିବା ସହ ଖବରକାଗଜ ବିକ୍ରି କରୁଥିଲେ । ରବିବାର ରାତିରେ ସେ ବିଷପିଇ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାରିବାରିକ କଳହକୁ ନେଇ ଉତ୍ତମ ଆତ୍ମହତ୍ୟା କରିଥିବା କୁହାଯାଇଛି । ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।




# ଛାତ୍ରୀଙ୍କୁ କମେଣ୍ଟ ମାରି ଅଣଛାତ୍ର ଅଟକ

ଔପଦା, ୧୩।୧(ଡ଼ି.ଏନ୍.ଏ.)– ବାଲେଶ୍ୱର ଜିଲା ଔପଦା ଡିଗ୍ରୀ କଲେଜ ପରିସରରେ ୩ ଜଣ ଛାତ୍ରୀଙ୍କୁ କମେଣ୍ଟ ମାରି ଜଣେ ଅଣଛାତ୍ର ଥାନାରେ ଅଟକ ଅଛନ୍ତି । ସୋମବାର ଅପରାହ୍ନରେ ଏକ ବାଇକ୍ ଯୋଗେ ୩ ଜଣ ଅଣଛାତ୍ର କଲେଜରେ ପ୍ରବେଶକରି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହିତ ଏସିଡ୍ ପକାଇବା ଲାଗି ଧମକ ଦେଇ ଖସିଯିବାକୁ ଉଦ୍ୟମ କରୁଥିଲେ । କଲେଜ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ତାଙ୍କୁ ଅଟକ ରଖି ଔପଦା ଥାନାକୁ ଖବର ଦେଇଥିଲେ । ସମ୍ପୃକ୍ତ ଅଣଛାତ୍ରଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କୂଅରୁ ନାବାଳକ ମୃତଦେହ ଉଦ୍ଧାର

**ପାଟଣା,୧୩।୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ନିହୁଆଁ ଗ୍ରାମର ଏକ କୂଅ ଭିତରୁ ଜଣେ ୫ ବର୍ଷ ନାବାଳକର ମୃତଦେହକୁ ତୁରୁମୁଙ୍ଗା ପୋଲିସ ସୋମବାର ଅପରାହ୍ନରେ ଉଦ୍ଧାର କରିଛି। ମୃତ ନାବଳକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ସୁଶାନ୍ତ ନାଏକଙ୍କ ପୁଅ ବିଶ୍ୱରଞ୍ଜନ ନାଏକ। ମା'ବାପା ବାହାରକୁ କାମ କରିବାକୁ ଯାଉଥିବାବେଳେ ସେ ଜେଜେମା'ଙ୍କ ନିକଟରେ ରହୁଥିଲେ। ରବିବାର ସନ୍ଧ୍ୟାରେ ସେ ବାଡ଼ିରେ ଖେଳୁଥିବା ବେଳେ ଅସାବଧାନତାବଶତଃ କୂଅରେ ଖସି ପଡ଼ିଥିଲେ। ପରିବାର ଲୋକେ ସୋମବର ତାଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ଥାନାଧିକାରୀ ବରେନ୍ଦ୍ର ଶିଆଲ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି। ପିଲାଟିର ମା'ବାପା ପହଞ୍ଚି ନ ଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ।

### ୧୪ଶ ସ୍ଥାନରେ ସାର୍ଥକ ସୌରଭ

**କେନ୍ଦୁଝର, ୧୩।୧(ସ୍ୱ.ପ୍ର.)-** ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ କେନ୍ଦୁଝରର ସାର୍ଥକ ସୌରଭ ମହାପାତ୍ର ପ୍ରଥମଥର ପରୀକ୍ଷା ଦେଇ କୃତିତ୍ୱ ଅର୍ଜନ କରି ୧୪ତମ ସ୍ଥାନ ପାଇଛନ୍ତି। ବାପା ଅକ୍ଷୟ ମହାପାତ୍ର ଓ ମା' କବିତା ରଥ ଉଭୟ ଇତିହାସ ଅଧାପିକାଅଧାପକ ଭାବେ ବିଭିନ୍ନ ମହାବିଦ୍ୟାଳୟରେ ଅଧାପନା କରିଆସୁଛନ୍ତି। ସ୍କୁଲ ଶିକ୍ଷା ପରେ ପିଲାନୀସ୍ଥିତ ବିରଲା ଇଞ୍ଜିନିୟରିଂ ଓ ସାଇନ୍ସ ଅନୁଷ୍ଠାନରୁ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଛନ୍ତି। କ୍ରିକେଟ ଖେଳରେ ମଧ ତାଙ୍କର ରୁଚି ରହିଛି। ସେ ୧୬ ବର୍ଷରୁ କମ୍ ବିଭାଗରେ ଜିଲା ପାଇଁ କ୍ରିକେଟ ଦଳର ପ୍ରତିନିଧିତ୍ୱ କରିଥିଲେ।

### ରାସ୍ତାକଡ଼ରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

**ଯୋଡ଼ା, ୧୩।୧(ଡି.ଏନ.ଏ.)-**କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କାଳିମାଟି ନୂଆ ହଟିଂ ରାସ୍ତା କଡରୁ ଜଣେ ଡ୍ରାଇଭରଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ବାମେବାରୀ ସୋମବାର ସ୍ଥାନୀୟ ନୂଆ ହଟିଂବାସୀଙ୍କଠାରୁ ଖବର ପାଇ ବାମେବାରୀ ପୋଲିସ ଘଟଣା ସ୍ଥଳକୁ ଯାଇ ମୃତଦେହ ଜବତ କରି ଏହାର ତଦନ୍ତ ଆରମ୍ଭ କରିଛି। ମୃତ ଡ୍ରାଇଭରଙ୍କ ନାମ ଅଶୋକ କୁମାର ମହାକୁଡ(୩୪)। ତାଙ୍କ ଘର ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁରରେ। ସେ କାଳିମାଟି ଅଞ୍ଚଳରେ ରହି ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ପଥରରେ ଛେଚି ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରିଛି। ଏନେଇ ବାମେବାରୀ ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୬/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ, ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ, ବାମେବାରୀ ଥାନା ଓଆଇସି ଅମିତାଭ୍ ଦାସ ଏଥିରେ ସାମିଲ ଅଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ପରେ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

### ଭିନ୍ନକ୍ଷମ ମାଳତୀଙ୍କୁ ଅଣଦେଖା

**ଆନନ୍ଦପୁର,୧୩।୧(ସ୍ୱ.ପ୍ର.)-** ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କ ଲାଗି ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରତ୍ୟେକ ହତାଧିକାରୀଙ୍କ ନିକଟରେ ଏହାର ସୁଫଳ ପହଞ୍ଚି ପାରୁନାହିଁ। ଆନନ୍ଦପୁର ବ୍ଲକର ଆଦିବାସୀ ଅଧୁଷିତ ଗୟଲମୁଣ୍ଡା ପଞ୍ଚାୟତର ମାଳତୀ ମହାନ୍ତ(୪୦) ନାମ୍ନୀ ମହିଳା ୯୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ବି ତାଙ୍କୁ ସରକାରୀ ସହାୟତା କି ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ତାଙ୍କ ଭାଇ ଓ ଭାଉଜଙ୍କ ଉପରେ ନିର୍ଭର କରି ଚଳୁଛନ୍ତି। ସେମାନେ ଗରିବ ହୋଇଥିବାରୁ ପେଟ ପୋଷିବା ଲାଗି ଅହରହ ସଂଘର୍ଷ ଚଳାଇଛନ୍ତି। ସରକାରୀ ଭତ୍ତା ପାଇବା ଲାଗି ମାଳତୀ ଭିନ୍ନକ୍ଷମ ପ୍ରମାଣପତ୍ର ଧରି ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ଯାଏ ବାରମ୍ବାର ଆବେଦନ କରିଥିଲେ ବି କୌଣସି ସୁଫଳ ପାଇ ନ ଥିବା ସେ କହିଛନ୍ତି। ଆନନ୍ଦପୁର ପ୍ରଶାସନିକ ଅଧିକାରୀ ଏହାର ତଦନ୍ତ କରି ଭିନ୍ନକ୍ଷମ ମାଳତୀଙ୍କୁ ସହାୟତା ଦେବା ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କେନ୍ଦୁଆ-ବୋଦାପଳସା ରୋଡରେ ଓଭରବ୍ରିଜ ନିର୍ମାଣ ଦାବି
# ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**କେନ୍ଦୁଝର, ୧୩।୧(ଡି.ଏନ୍.ଏ./ସ୍ୱ.ପ୍ର.)**


ଗ୍ରାମବାସୀ ପଥର ପକାଇ ରାସ୍ତା ଅବରୋଧ କରିଛନ୍ତି।

ଜାତୀୟ ରାଜପଥ ୪୯ର ଚାରିଲେନ୍ ରାସ୍ତା କାମ ଚାଲୁ ରହିଛି। ଏହିକ୍ରମରେ ଧୁପଦାଠାରୁ ଝାଡବେଲଦା ପର୍ଯ୍ୟନ୍ତ ବାଇପାସ୍ ରାସ୍ତା କାମ ମଧ ଚାଲୁ ରହିଛି। ଏହି ବାଇପାସର କେନ୍ଦୁଆ-ବୋଦାପଳସା ରୋଡଠାରେ ଏକ ଓଭରବ୍ରିଜ ନିର୍ମାଣ କରି ଲୋକଙ୍କ ସମସ୍ୟା ଦୂର କରିବାକୁ ପୂର୍ବରୁ ସ୍ଥାନୀୟ ଜନସାଧାରଣ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏହାର କୌଣସି ସୁଫଳ ନ ମିଳିବାରୁ ସୋମବାର ସ୍ଥାନୀୟ ଲୋକେ ପ୍ରସ୍ତାବିତ ଓଭରବ୍ରିଜ ସ୍ଥାନରେ ଗାଡିମଟର ବନ୍ଦ କରିବା ସହ ରାସ୍ତା ନିର୍ମାଣକାରୀ ସଂସ୍ଥାର କାମ ବନ୍ଦ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ବୋଦାପଳସା-କେନ୍ଦୁଆ ରାସ୍ତାରେ ମହାଦେବପୁର, କୁଶପଦା, ଶଙ୍କିରୀ, କେନ୍ଦୁଆ,କେମ୍ପସଡା,ପୋଟଳ ପ୍ରଭୃତି ଅଞ୍ଚଳର ପାଖାପାଖି ୫ହଜାର ଲୋକ ପ୍ରତ୍ୟହ କେନ୍ଦୁଝର ମୁଖ୍ୟାଳୟକୁ ଯିବା ଆସିବା କରିବା ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ ଅଟନ୍ତି। ଏହି ରାସ୍ତାର ବୋଦାପଳସା ନିକଟରେ ଜାତୀୟ ରାଜପଥ ୪୯ର ବାଇପାସ ଅତିକ୍ରମ କରିଛି। ଏହି ରାସ୍ତା ସଂପୂର୍ଣ୍ଣ ହେଲେ ଜାତୀୟ ରାଜପଥରେ ପ୍ରତ୍ୟେହ ହଜାର ହଜାର ଗାଡିମୋଟର ଯାତାୟାତ କରିବେ। ଫଳରେ ଉପରୋକ୍ତ ଗ୍ରାମର ଜନସାଧାରଣ ଏବଂ ଗାଈଗୋରୁ, ସ୍କୁଲ କଲେଜ, ଛାତ୍ରୀଛାତ୍ର, ରୋଗୀ, ବୟସ୍କ ବ୍ୟକ୍ତି, ମହିଳା ରାସ୍ତା ଅତିକ୍ରମ କରିବାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଏଥିସହ ଏହି ସ୍ଥାନରେ ରାସ୍ତା ଅତିକ୍ରମବେଳେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବାର ସମ୍ଭାବନା ରହିଛି। ତେଣୁ କେନ୍ଦୁଆ-ବୋଦାପଳସା ରାସ୍ତାର ବାଇପାସଠାରେ ଏକ ଓଭରବ୍ରିଜ ନିର୍ମାଣ କରି ସବୁଦିନ ପାଇଁ ଲୋକଙ୍କ ଯାତାୟାତ ସମସ୍ୟା ଏଡାଇବାକୁ ଲୋକେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଲୋକଙ୍କ ସମସ୍ୟାକୁ ଏଡାଇ ଏଠାରେ ଓଭରବ୍ରିଜ ନିର୍ମାଣ ନ କରି ରାସ୍ତା କାମ ଜାରି ରଖିଛନ୍ତି। ତେଣୁ ସଂପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଏହାର ପ୍ରତିବାଦରେ ସୋମବାର ଦିନ ସ୍ଥାନୀୟ ଅଞ୍ଚଳର ମହିଳା, ଯୁବକମାନେ ପ୍ରତିବାଦ କରି ରାସ୍ତା କାମ ବନ୍ଦ କରି ଦେଇଥିବା ସୂଚନା ମିଳିଛି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ସ୍ଥାନୀୟ ଜନସାଧାରଣ ଜାତୀୟ ରାଜପଥ ଅବରୋଧ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟି !**
**ଘଡ଼ିକ ଧାନକୁ ଓଳିଏ କୁଟିଲା**
**ପାହାରେ ପାହାରେ କୁଟି ।**

ସାଧାରଣତଃ ଶାରୀରିକ ସ୍ତରରେ ଅକ୍ଷମ ବ୍ୟକ୍ତି କୌଣସି ଏକ କାର୍ଯ୍ୟ କଲାବେଳେ ନିଜକୁ ଅସହାୟ ମନେକରିଥାନ୍ତି। ଅକ୍ଷମତା ହେତୁ ତାଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟରେ ବହୁ ବିଳମ୍ବ ଘଟିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଅକ୍ଷମ ବ୍ୟକ୍ତିର ଶକ୍ତି ସାମର୍ଥ୍ୟ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛଣଘର କଲି କଣା;**
**ଛାତି କୁରାଢ଼ି ହଣା,**
**ବୁଦ୍ଧି କରିଦେଲା ବଣା ।**

କିଏ କେତେବେଳେ ଆସୁଛି ଦେଖିବାକୁ ଚାଳରେ ଗୋଟିଏ କଣା କରି ଦେଖୁଛି। ସବୁବେଳେ ଡର ଡର,କାଳେ କିଏ ଘରକୁ ପଶି ଆସିବ କି, ଛାତି ଦକ ଦକ ; ପଡୁଛି ଉଠୁଛି। ସଭିଙ୍କ ତା'ରି ଉପରେ ନଜର, ସେମାନଙ୍କ ଦାଉରୁ କିମିତି ରକ୍ଷାପାଇବ ସେ ନେଇ ବିଚରା ନବ ଯୌବନୀଟି ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପଞ୍ଚାୟତସ୍ତରୀୟ ବିଜେଡି ସଭାପତି ଘୋଷଣା


ଚୟନ ହୋଇଥିବା ବିଜେଡି ସଭାପତିମାନେ।

**ଚମ୍ପୁଆ,୧୩।୧(ଡି.ଏନ.ଏ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ବିଜୁ ଜନତା ଦଳରୁ ପଞ୍ଚାୟତ ସଭାପତିଙ୍କ ନାମ ସୋମବାର ଘୋଷଣା କରାଯାଇଛି। ଅବଜର୍ଭର ରହିତ ରଞ୍ଜନ ମହାନ୍ତଙ୍କ ଉପସ୍ଥିତିରେ ଏହି ପଞ୍ଚାୟତ ସଭାପତିଙ୍କ ନାମ ଚୟନ କରାଯାଇ ଘୋଷଣା କରାଯାଇଥିଲା। ଚମ୍ପୁଆ ବ୍ଲକର ୨୨ଗୋଟି ପଞ୍ଚାୟତ ଯଥା କୋଦଗାଡିଆର ସଭାପତି ରାମଚନ୍ଦ୍ର ନାଏକ, ସୁନାପଶିର ଗୋବର୍ଦ୍ଧନ ଖିଲାର, ଜାମୁଦଳକର ରାଜେନ୍ଦ୍ର କୁମାର ପ୍ରଧାନ, କୁଟାରପଶିର ସଞ୍ଜୟ କୁମାର ନାଏକ, ରଜିଆର ବାଜିରାଉତ ବାରିକ, କାଳିକାପ୍ରସାଦର ରଞ୍ଜନ କୁମାର ମହାନ୍ତ, ରିମୁଳିର ପ୍ରମୋଦ କୁମାର ସେଠୀ, ବଡନଇର ଶମ୍ଭୁନାଥ ମହାନ୍ତ, ସରେଇର ପ୍ରଦୀପ କୁମାର ସେଠୀ, କରଞ୍ଜିଆର ଗୋଲକ ବିହାରୀ ମହାନ୍ତ, ଚନ୍ଦ୍ରଶେଖରପୁରର ମୋହନ ଚରଣ ନାଏକ, ରଙ୍ଗାମାଟିଆର ଚିନ୍ତାମଣି ମହାକୁଡ, କାଶୀପାଳର ତନୁରାମ ମହାନ୍ତ, ପଡୁଆର ତ୍ରିଲୋଚନ ମହାନ୍ତ, ଭଣ୍ଡାର ପ୍ରଦୀପ କୁମାର ବେହେରା ସଭାପତି ଭାବେ ଚୟନ ହୋଇଛନ୍ତି। ଆଗାମୀ ଦିନରେ ଉପରୋକ୍ତ ସଭାପତି ଓ କମିଟିକୁ ନେଇ ବ୍ଲକ ସଭାପତି ଚୟନ କରାଯିବ ବୋଲି ଜଣାଯାଇଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଦେବୋତ୍ତର କମିଶନର
### ସିସି କ୍ୟାମେରା ଯାଞ୍ଚ, ଷ୍ଟ୍ରଙ୍ଗରୁମ୍ ଦେଖିଲେ

**ଘଟଗାଁ, ୧୩।୧(ଡି.ଏନ୍.ଏ.)**


ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ରଙ୍କ ସହିତ ଟ୍ରଷ୍ଟ ବୋର୍ଡର ଅନ୍ୟ କର୍ମକର୍ତ୍ତା।

ଓଡ଼ିଶା ଦେବୋତ୍ତର ବିଭାଗ କମିଶନର ଚିତ୍ତରଞ୍ଜନ ମହାପାତ୍ର ଓ ଉପ ଦେବୋତ୍ତର କମିଶନର ପ୍ରବୀର କୁମାର ଚୌଧୁରୀ ୧୧, ୧୨ ଦୁଇଦିନିଆ ଘଟଗାଁ ଗସ୍ତ କରି ମା' ତାରିଣୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିସର ଟିକିନିକି ବୁଲି ଦେଖିଥିଲେ। ପରିଚାଳନା ବୋର୍ଡ ସହ ବ୍ୟାପକ ଆଲୋଚନା କରିଥିବା ଜଣାଯାଇଛି। ପ୍ରାପ୍ତ ଖବର ଅନୁଯାୟୀ ଶନିବାର ଅପରାହ୍ନ ୧ଟାରେ ପହଞ୍ଚିବା ପରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଖାଲି ସେତିକି ନୁହେଁ ଦୀର୍ଘ ୬ ଘଣ୍ଟା କାଳ ବିଭିନ୍ନ ବିଷୟକୁ ଅନୁଧ୍ୟାନ କରି କ୍ଷେତ୍ର ପରିଦର୍ଶନରେ ସନ୍ଧ୍ୟାରେ ମା'ଙ୍କ ଆଳତି ପୂଜା କରିଥିବା ଜଣାଯାଇଛି।

ପ୍ରାପ୍ତ ଖବର ଅନୁଯାୟୀ ପ୍ରଥମେ ବିଜେସ୍ଥଳୀ ଓ ହୁଣ୍ଡିଗୁଡ଼ିକୁ ତନଖି କରିଥିଲେ। ଏପରିକି ଅଣ୍ଡରଗ୍ରାଉଣ୍ଡକୁ ଯାଇ ମୁଖ୍ୟ ହୁଣ୍ଡିକୁ ଦେଖିଥିଲେ। ମନ୍ଦିର ଭିତର ଓ ବାହାରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକ କିପରି କାର୍ଯ୍ୟକ୍ଷମ ଅଛି ତାହାକୁ ଗୋଟି ଗୋଟି ଦେଖିବା ସହ ନିଜେ ପରିଚାଳନା କରିଥିଲେ। ଭକ୍ତମାନଙ୍କ ଦାନରେ ମିଳୁଥିବା ସୁନା, ରୂପା ଗଚ୍ଛିତ ଷ୍ଟ୍ରଙ୍ଗରୁମ ଖୋଲି ଏହାକୁ ଯାଞ୍ଚ କରିଥିଲେ। ବିଭିନ୍ନ ଦୋକାନକୁ ଯାଇ ଏହା କମ୍ପୁଟର ବିଲ୍ଙ୍ଗ ବ୍ୟବସ୍ଥା, ଦୋକାନରେ ମିଳୁଥିବା ପୂଜାସାମଗ୍ରୀର ଦରଦାମର ଡିସ୍ପ୍ଲେ ବୋର୍ଡକୁ ତନଖି କରିଥିଲେ। ଭକ୍ତ ଦେଇଥିବା ସୁନା ରୂପାକୁ କିପରି ରଖାଯାଇଛି ତାହା ଟିକେଟ କାଉଣ୍ଟରରେ ପଚାରି ବୁଝିଥିଲେ। ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡ଼ ତରଫରୁ ମିଠା ଦୋକାନକୁ ଯାଇ ମିଠାର ଗୁଣାତ୍ମକମାନ ନିଜେ ଯାଞ୍ଚ କରିଥିଲେ। ଏହାର ଗୁଣାତ୍ମକ ମାନ ଆହୁରି ବଢ଼ାଇବା ପାଇଁ କହିଥିଲେ। ସୁଲଭ ଶୌଚାଳୟ, ଗାଡ଼ି ପାର୍କିଂସ୍ଥଳ ପରିଦର୍ଶନ କରିବା ସହ ଏହାକୁ ବ୍ୟାପକ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସବୁଠାରୁ ଉଲ୍ଲେଖନୀୟ ଘଟଣା ଯେ ଷ୍ଟ୍ରଙ୍ଗ ରୁମ୍‌କୁ କଂକ୍ରିଟ୍ କାନ୍ଥ କରାଯାଇ ଏହାର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁନାରୂପାକୁ ତରଳାଇ ଏହାର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ପରିଚାଳନା ବୋର୍ଡ ତରଫରୁ ନିଆଯାଉଥିବା ଉନ୍ନୟନ କାର୍ଯ୍ୟକୁ ଗୋଟି ଗୋଟି କରି ଦେଖିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀନିବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାଲାଗି କହିବା ସହ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଣ କଣ କରାଯିବ ଏହାକୁ ଘଟଗାଁ ଗ୍ରାମ୍ୟ କମିଟି ଓ ଟ୍ରଷ୍ଟବୋର୍ଡ ମିଳିତ ଭାବେ ମୁକ୍ତିମଣ୍ଡପ ସହ ବିଚାର ବିମର୍ଷକୁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ରବିବାର ପୁନର୍ବାର ଟ୍ରଷ୍ଟବୋର୍ଡ ସହିତ ବ୍ୟାପକ ଆଲୋଚନା କରିବା ପରେ ଫେରିଥିଲେ। ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡ଼ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ଟ୍ରଷ୍ଟବୋର୍ଡ ସଦସ୍ୟ ରୁଦ୍ରନାରାୟଣ ମହାନ୍ତ, ଦୟାନିଧି ମହାନ୍ତ, ନିର୍ମଳ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ସିଂ, ବଳଭଦ୍ର ନନ୍ଦ, ବରିଷ୍ଠ ଆକାଉଣ୍ଟାଣ୍ଟ ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ତାଙ୍କର ଗସ୍ତକାର୍ଯ୍ୟକୁ ସହଯୋଗିତା କରିଥିଲେ।

## ୧୯୮୪ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**କେନ୍ଦୁଝର, ୧୩।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ଅନ୍ୟତମ ପୁରାତନ ହାଇସ୍କୁଲ ଭାବେ ସୁପରିଚିତ ଧନୁର୍ଜୟନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରମାନଙ୍କର ଏକ ବନ୍ଧୁମିଳନ କାନ୍ଝାରୀ ନିକଟସ୍ଥ ବଡପଶିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇ ନିଜ ମଧରେ ଅନୁଭୂତି ଓ ଭାବର ଆଦାନ ପ୍ରଦାନ କରିଥିଲେ। ବିଜୟ ଦାସ, ସୁରେଶ ଜେନା, ଶରତ ଚନ୍ଦ୍ର ପତି, ଆଶିଷ ଚକ୍ରବର୍ତ୍ତୀ, ଗୌରହରୀ ମହାନ୍ତ, ଅନୀଲ ଅଗ୍ରୱାଲ, ଶିବରଞ୍ଜନ ଦେ, ଅଶୋକ କୁମାର ନାଏକ, ଖଗେଶ୍ୱର ମହାନ୍ତ, ନାରାୟଣ ସେଠୀ, ଦୀପକ ଦାଶ, ଦେବ ମହାନ୍ତି, ସ୍ମିତିରଞ୍ଜନ ସାହୁ, ସୁନୀଲ କୁମାର ଜେନା, କୃଷ୍ଣଚନ୍ଦ୍ର ପତି, ତ୍ରିଲୋଚନ ସାହୁ, ସଞ୍ଜୀବ ମହାପାତ୍ର,ମଳୟ ବେହେରା ପ୍ରମୁଖଙ୍କ ସଂଯୋଜନାରେ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଦୀର୍ଘଦିନ ପରେ ଏହି ବନ୍ଧୁମିଳନ ଆୟୋଜିତ ହୋଇଥିବାରୁ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା। ଆଗାମୀ ଦିନରେ ଏହି ବ୍ୟାଚ୍‌ରେ ମାଟ୍ରିକ ପାସ କରିଥିବା ଛାତ୍ରମାନଙ୍କର ଏକ ପୂର୍ଣ୍ଣାଙ୍ଗ ବନ୍ଧୁମିଳନ ଅନୁଷ୍ଠିତ ହେବା ସହ ସମାଜର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗିତା ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ୫ମ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ପାଟଣା,୧୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକର ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାନ୍ତ ଚୂଡାନ୍ତ ମେଧା ତାଲିକା ପ୍ରକାଶ କରିଛନ୍ତି। ପ୍ରଥମ ୭ ଜଣଙ୍କ ତାଲିକାର ପ୍ରଥମ ସ୍ଥାନରେ ସିଦ୍ଧିବିନାୟକ ଶିଶୁବିଦ୍ୟାମନ୍ଦିର କେତାଙ୍ଗର ଛାତ୍ର ହିତେଶ କୁମାର ମହାନ୍ତ, ଦ୍ୱିତୀୟ ସ୍ଥାନରେ ସରସ୍ୱତୀଶିଶୁ ବିଦ୍ୟାମନ୍ଦିର ତୁରୁମୁଙ୍ଗାର ଅର୍ପିତା ସାହୁ, ତୃତୀୟ ସ୍ଥାନରେ ସିଦ୍ଧିବିନାୟକ ଶିଶୁବିଦ୍ୟାମନ୍ଦିର କେତାଙ୍ଗର ଶୁଭସ୍ମିତା ପ୍ରଧାନ, ଚତୁର୍ଥ ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାମ ପାଟଣାର ପଙ୍କଜିନୀ ମହାନ୍ତ, ୫ମ ସ୍ଥାନରେ ଅଙ୍କିତା ପ୍ରିୟଦର୍ଶିନୀ ସେଠୀ, ଷଷ୍ଠ ସ୍ଥାନ ତୁରୁମୁଙ୍ଗାର ଓମ ପ୍ରକାଶ ସାହୁ ଓ ସପ୍ତମ ସ୍ଥାନରେ ବାଉଁଶୁଳି କରଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମନୀଷା ନାଏକ ରହିଛନ୍ତି।

## ଧାରଣାରୁ ଓହରିଲେ ଜିଲା ପରିଷଦ ସଦସ୍ୟା

**ହାଟଡିହୀ,୧୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ୩୪ ନଂ ଜୋନ ଜିଲା ପରିଷଦ ସଦସ୍ୟା ଟିଙ୍କି କିସ୍କୁ ସୋମବାର ବ୍ଲକ ପରିସରରେ ଧାରଣାରେ ବସିବାକୁ ଉଦ୍ୟମ କରୁଥିବା ବେଳେ ବିଡିଓ ଜୟଦେବ ଦାସଙ୍କ ପ୍ରତିଶ୍ରୁତି ପରେ ପରିଷଦ ସଦସ୍ୟା ଧାରଣାରୁ ଓହରିଛନ୍ତି। ଜିଲା ପରିଷଦ ପାଣ୍ଠିରୁ ଧନୁର୍ଜୟପୁର ପଞ୍ଚାୟତ କୁଶଟିକିରି ଗ୍ରାମରେ ସ୍ୱିସ ରୋଡ ନିର୍ମାଣ ହୋଇଥିଲା। ଏଥିପାଇଁ ପର୍ଯ୍ୟାୟ କ୍ରମେ ବ୍ୟୟ ଅଟକଳ ହୋଇଥିଲା। ସେହିପରି ବାଙ୍ଗୋର ପଞ୍ଚାୟତରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇ ସ୍ୱିସ ରୋଡ ନିର୍ମାଣ ହୋଇଥିଲା। ପ୍ରାୟ ୧ ମାସ ହେବ ନିର୍ମାଣ କାର୍ଯ୍ୟ ସରିଥିଲେ ବି ଅନୁଦାନ ମିଳିପାରିନି। ଫଳରେ ଜିଲା ପରିଷଦ ସଦସ୍ୟା ଧାରଣାରେ ବସିବାକୁ ଜଣାଇ ଥିଲେ। ବିଡିଓ ଦାସ ସ୍ୱିସ ରୋଡ ନିର୍ମାଣ କାର୍ଯ୍ୟ ବିବାଦରେ ଖୁବ ଶୀଘ୍ର ଅନୁଦାନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଜିଲା ପରିଷଦ ସଦସ୍ୟା କିସ୍କୁ ଧାରଣାରୁ ଓହରିଥିଲେ ।

## ଯଜ୍ଞ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟକ

**ହାଟଡିହୀ,୧୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଜଳସରପୁର ଠାରେ ଥିବା ମା' ଭାଟିଆଶୁଣି ପୀଠରେ ଯଜ୍ଞ ମଣ୍ଡପକୁ ବିଧାୟକ ଭାଗିରଥୀ ସେଠୀ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ବିଧାୟକ ସଂକଳ୍ପ କାର୍ଯ୍ୟ ତୁଲାଇ ଥିଲେ। ନିକଟସ୍ଥ ନାଳରୁ କଳସ ବୁଡାଯାଇ ଅଣାଯାଇଥିଲା। ଗୋପୀ ରଞ୍ଜନ ପାଣିଗ୍ରାହୀ ଓ ହରିହର ଦେହୁରି ପୂଜା କାର୍ଯ୍ୟ ତୁଲାଇ ଥିଲେ। ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। 'ଆମ ଗାଁ ଆମ ବିକାଶ' ଯୋଜନାରେ ଏହି ମଣ୍ଡପ ନିର୍ମାଣ ହୋଇଛି। ଏହି ସମୟରେ ରଙ୍ଗାଧର ମଲିକ, ଯୋଗେନ୍ଦ୍ର ବେହେରା, ବୀରେନ୍ଦ୍ର ବିଶ୍ୱାଳ, କାମପାଳ ନାୟକ, ରଞ୍ଜନ ପହି, ବ୍ରଜ କିଶୋର ଜେନା ପ୍ରମୁଖଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।


ଯଜ୍ଞ ମଣ୍ଡପକୁ ବିଧାୟକ ଭାଗୀରଥି ସେଠୀ ଉଦ୍‌ଘାଟନ କରୁଛନ୍ତି।

# ଦାନା ଯୋଗାଉଛି ଖଲିପତ୍ର

**ମାନସ ରଞ୍ଜନ ମହାନ୍ତି**
**ଯୋଡ଼ା, ୧୩।୧**


ଖଲି ଚଉପଦୀ ବୃତ୍ତି କରୁଥିବା ମହିଳା।

- ମିଳୁନି ଠିକ୍ ପ୍ରୋତ୍ସାହନ
- ହ୍ରାସ ପାଉଛି ଖଲିପତ୍ରର ଚାହିଦା

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ସାଧାରଣତଃ ଖଣିଖାଦାନ ତଥା ଜଙ୍ଗଲଭରା ଅଞ୍ଚଳ। ଏଠାକାର ଅଧିବାସୀ ପୂର୍ବେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି, ବିକି ନିଜର ଜୀବିକା ନିର୍ବାହ କରୁଥିଲେ। ଖଣି ଅଞ୍ଚଳ ହୋଇଥିବାରୁ ଲୋକଙ୍କ ପାଖରେ କୃଷିକାର୍ଯ୍ୟ ପାଇଁ ସେପରି ଜମି ଉପଲବ୍ଧ ନାହିଁ। ଯୋଡ଼ା ପୌରପାଳିକାର ୨ନଂ. ୱାର୍ଡ ତଥା ବନେଇକଳା ଭୂୟାଁ ବସ୍ତିରେ ରହୁଥିବା ୧୦୦ରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟଙ୍କ ଖାଲିପେଟକୁ ଦାନା ଦେଉଛି ଏହି ଖଲିପତ୍ର। ଖଲିପତ୍ର ତିଆରି କରିବା ଏବଂ ଦାନ୍ତକାଠି ସଂଗ୍ରହ କରିବା ଏମାନଙ୍କର ମୁଖ୍ୟ ବୃତ୍ତି। ଏହି କାର୍ଯ୍ୟକୁ ଦୀର୍ଘ ୬ ପୁରୁଷ ଧରି କରିଆସୁଥିବା ବସ୍ତିର ମହିଳା ଉପାସୀ ନାଏକ, ନିରାଶ ନାଏକ, ମାଣିକ ନାଏକ, ପଞ୍ଚମୀ ନାଏକ, ଲିଚୁ ନାଏକ, ସୁଲୋଚନା ନାଏକ, ଦମୟନ୍ତୀ ନାଏକ ଓ ସଞ୍ଜୁ ନାଏକ ପ୍ରମୁଖ କହିଛନ୍ତି।

ସେମାନେ ଆହୁରି କହିଛନ୍ତି ଯେ, ପ୍ରତ୍ୟେକ ଦିନ ବଡ଼ିଭୋର୍‌ରୁ ଉଠି ସେମାନେ ଶାଳପତ୍ର ଓ ଦାନ୍ତକାଠି ସଂଗ୍ରହ ପାଇଁ ବସ୍ତିଠାରୁ ୬ କି.ମି. ଦୂର ଘଞ୍ଚ ଜଙ୍ଗଲକୁ ଚାଲି ଚାଲି ଯାଇଥାନ୍ତି। ପରେ ଘରକୁ ଫେରି ଶାଳପତ୍ରକୁ ବାଉଁଶ କାଠି ମାଧ୍ୟମରେ ସିଲେଇ କରି ଖଲି ଓ ଚଉପଦି ପ୍ରସ୍ତୁତ କରିଥାନ୍ତି। ଶାଳପତ୍ର ସିଲେଇ ପାଇଁ ଆବଶ୍ୟକ ବାଉଁଶ କାଠି ସେମାନେ ଅନ୍ୟ ସ୍ଥାନରୁ କିଣି ଆଣିଥାନ୍ତି ବୋଲି ଭୂୟାଁ ବସ୍ତିର ମହିଳା ଉପାସୀ ନାଏକ କହିଛନ୍ତି। ସେହିପରି ନିରାଶ ନାଏକ କହିଛନ୍ତି ଯେ, ବସ୍ତିର ମହିଳାମାନେ ପ୍ରତିଦିନ ଜଣକା ୪୦ରୁ ୫୦ଟି ଖଲି ଚଉପଦି ପ୍ରସ୍ତୁତ କରି ଗ୍ରାହକଙ୍କୁ ୧ ଶହ ଖଲିକୁ ୬୦ରୁ ୭୦ ଟଙ୍କା ଓ ଦାନ୍ତକାଠି ବିଡ଼ା ୧୦ ଟଙ୍କାରେ ବିକ୍ରି କରିଥାନ୍ତି। ଏହାସତ୍ତ୍ୱେ ଗ୍ରାହକମାନେ ସେମାନଙ୍କ ସହିତ ମୂଲଚାଲ କରୁଥିବାରୁ ଏହା ସେମାନଙ୍କୁ ବ୍ୟଥିତ କରିଥାଏ। ଖଲିର ଚାହିଦା ଥିବା ସତ୍ତ୍ୱେ ପ୍ରୋତ୍ସାହନ ଅଭାବ ହେତୁ ଏହାକୁ ଠିକ୍ ଭାବେ ବଜାର ପରିଚାଳନା କରାଯାଇପାରୁନାହିଁ। ଖଲି ଓ ଚଉପଦିର ଚାହିଦା ସ୍ଥାନୀୟ ବଜାରରେ କମ୍ ଥିବାରୁ ଗୁଜରାଣ ମେଣ୍ଟାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଖଣିଖାଦାନ ଲାଗି ବ୍ୟାପକ ଗଛ କଟାଯାଉଥିବାରୁ ଶାଳପତ୍ରର ଅଭାବ ଯୋଗୁ ସେମାନଙ୍କୁ ଏଥିପାଇଁ ଅଧିକ ଦୂର ଯିବାକୁ ପଡୁଛି । ଏହା ଦ୍ୱାରା ସେମାନଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ପଡୁଛି। ବର୍ତ୍ତମାନ ମେଶିନ ସିଲେଇ ଓ ପ୍ଲାଷ୍ଟିକ୍ ନିର୍ମିତ ଖଲି ଚଉପଦିର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲୋକେ ଶାଳପତ୍ର ଖଲି ଚଉପଦିକୁ କ୍ରୟ କରୁନାହାନ୍ତି। ଫଳରେ ହାତତିଆରି ଖଲି ଚଉପଦିର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ତଥାପି ଭାଗ୍ୟକୁ ଆଦରି ନିଜ କୌଳିକ ବୃତ୍ତିକୁ ଛାଡ଼ିପାରି ନ ଥିବା ସେମାନେ କୋହଭରା କଣ୍ଠରେ କହିଛନ୍ତି।

ବିପିଏଲ୍ କାର୍ଡ ଥିବାରୁ ଚାଉଳ ଗଣ୍ଡେ ମିଳିଯାଉଛି। ହେଲେ ତେଲଲୁଣ ଓ ପରିବା ପାଇଁ ପଇସା ଅଣ୍ଟୁ ନାହିଁ ବୋଲି ସେମାନେ କହିଛନ୍ତି। ଦେଶୀ ଜିନିଷ ବ୍ୟବହାର ପାଇଁ ସରକାର ପ୍ରଚାର ପ୍ରସାର କରୁଥିବା ବେଳେ ଏବେ ବି ପରିବେଶକୁ ପ୍ରଦୂଷିତ କରୁଥିବା ତଥା ନଷ୍ଟ ହୋଇପାରୁ ନ ଥିବା ପ୍ଲାଷ୍ଟିକ ଓ ଥର୍ମୋକୁଲ ଖଲି, କାଗଜ ପଟି ଖଲିର ବହୁଳ ବ୍ୟବହାର ହେଉଛି। ଯୋଡ଼ାର ପୂର୍ବତନ ଶିକ୍ଷକ ତଥା ବୁଦ୍ଧିଜୀବୀ ସୋମନାଥ ମହାନ୍ତ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ପ୍ରାୟ ୪୦ ବର୍ଷ ଧରି ସେ ଏହି ଖଲିପତ୍ର ସିଲେଇ କରି ବ୍ୟବସାୟ କରୁଥିବା ଭୂୟାଁ ବସ୍ତିକୁ ଯାଆନ୍ତି ଏବଂ ବିଭିନ୍ନ ସମୟରେ ସେଠାରୁ ଖଲିପତ୍ର କ୍ରୟ କରନ୍ତି। ଖଲିପତ୍ରର ଚାହିଦା ଯୋଡ଼ା ଏବଂ ଆଖପାଖ ଅଞ୍ଚଳରେ ଥିବା ସତ୍ତ୍ୱେ ଏମାନଙ୍କ ବ୍ୟବସାୟକୁ ପ୍ଲାଷ୍ଟିକ ନଷ୍ଟ କରିଦେଇଛି। ଏଣୁ ଯଦି ପ୍ରଶାସନିକସ୍ତରରେ ଏମାନଙ୍କୁ ପ୍ରୋତ୍ସାହନ ଦିଆଯାଆନ୍ତା ତେବେ ଗରିବ ମହିଳାମାନେ ଏହି ବ୍ୟବସାୟରୁ କିଛି ଅଧିକ ଆୟ କରିପାରନ୍ତେ ବୋଲି ସେ କହିଥିଲେ। ଯୁବ ସଂଗଠକ ତଥା ବିଜେଡି ଦଳ ଯୁବମୋର୍ଚ୍ଚାର ସଭାପତି ମାନସ ଦାସ କହନ୍ତି, ପିଲାବେଳୁ ଏହି ଖଲି ଚଉପଦିରେ ଆମେ ଖାଇଆସୁଥିଲୁ। କାଳକ୍ରମେ ଏହାର ସ୍ଥାନ ପ୍ଲାଷ୍ଟିକ୍, ଥର୍ମୋକୁଲ ନେବା ଫଳରେ ବ୍ୟବସାୟ କମିଲା। ପ୍ରଶାସନିକ ପ୍ରୋତ୍ସାହନ ମିଳିଲେ ଏମାନେ ଏହି କୌଳିକ ବୃତ୍ତିକୁ ବ୍ୟାପକ କରିପାରନ୍ତେ। ତେଣେ ଖଣିଖାଦନ ପାଇଁ ଶାଳଗଛ କମୁଛି। ଶାଳପତ୍ର ମିଳୁ ନ ଥିବାରୁ ଏମାନଙ୍କୁ ବହୁ ଦୂର ଅତିକ୍ରମ କରିବାକୁ ପଡୁଛି । ଏ ସଂକ୍ରାନ୍ତରେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ କହିଛନ୍ତି ଯେ, ଏଣିକି ପୌରପାଳିକାରେ ହେଉଥିବା ସଭାସମିତିରେ ଏହି ହାତତିଆରି ଖଲିପତ୍ରର ବ୍ୟବହାର କରାଯିବ ଏବଂ ଏମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ପ୍ରୋତ୍ସାହନ ଦିଆଯିବ।

## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକରେ ହଇଗୋଳ

**ତେଲକୋଇ, ୧୩।୧(ଡି.ଏନ୍.ଏ.)-** ତେଲକୋଇ ବ୍ଲକ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତ ସମିତି ବୈଠକ କରାଯାଇଛି। ଉକ୍ତ ବୈଠକରେ ପାନୀୟଜଳ, ବିଦ୍ୟୁତ ଯୋଗାଣ, ଜଙ୍ଗଲ ଜମି ପଟ୍ଟା, ଉନ୍ନୟନ ମୂଳକ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ଆଲୋଚନା କରାଯାଇ ଚିଠା ପ୍ରସ୍ତୁତି କରାଯାଇଥିଲା। ତେବେ ଅଧିକାଂଶ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିବା ଯୋଗୁ ସମିତି ସଭ୍ୟ ଓ ସରପଞ୍ଚ ମାନେ ହଇଗୋଳ କରିଥିଲେ। ଶିକ୍ଷା ,ସ୍ୱାସ୍ଥ୍ୟ ,ପାନୀୟଜଳ ସମସ୍ୟା ଗୁରୁତର ରହିଥିବା ନେଇ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ ଆଲୋଚନା ପାଇଁ ଦାବି କରିଥିଲେ ହେଁ ବିଭାଗୀୟ ଅଧିକାରୀ ଅନୁପସ୍ଥିତି ଥିବା ଯୋଗୁ ଆଲୋଚନା ହୋଇପାରି ନ ଥିଲା। ବ୍ଲକ ଅଧକ୍ଷ ମମତା ଦେହୁରୀଙ୍କ ଅଧକ୍ଷତାରେ ସଭା ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରା, ଜିଲାପରିଷଦ ବିନୟ କୁମାର ସାହୁ, ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧିକାରୀ ବିଶ୍ୱନାଥ ମଲ୍ଲିକ ସଭା ପରିଚାଳନା କରିଥିଲେ ।

### 'ଝରାଫୁଲ' କବିତା ସଙ୍କଳନ ଉନ୍ମୋଚିତ

**ଚମ୍ପୁଆ,୧୩।୧(ଡି.ଏନ୍.ଏ)-** ଯୁବକବି ସୌମ୍ୟ ସାରସତ୍ୱ ଦାସଙ୍କ ପ୍ରଥମ କବିତା ସଙ୍କଳନ ଝରାଫୁଲ ଉନ୍ମୋଚିତ ହୋଇଯାଇଛି। ଚମ୍ପୁଆଠାରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ସାହିତ୍ୟିକ କବି କଳାକାର ମହାନ୍ତ, ପ୍ରକୃତିବନ୍ଧୁ ରମାକାନ୍ତ ପ୍ରଧାନ, ନୀଳାମ୍ବର ମହାନ୍ତ, ଗିରିଶ୍ ଚନ୍ଦ୍ର ପ୍ରଧାନ, ହରିହର କବି ପ୍ରମୁଖ ଉପସ୍ଥିତ ରହି ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ସମୟରୁ ଲେଖା ପ୍ରତି ରୁଚି ରଖୁଥିବା ଯୁବକବି ଦାସ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିସ୍ ଆଣ୍ଡ ଟେକ୍ନୋଲୋଜିର ସହକାରୀ ଇଞ୍ଜିନିୟର ଭାବେ କାର୍ଯ୍ୟରତ ରହିଛନ୍ତି। ପିତା ସୌରୀପ୍ରସାଦ ଦାସ ଓ ମା'ଙ୍କ ପ୍ରେରଣା ତାଙ୍କ କର୍ମବ୍ୟସ୍ତ ଜୀବନରେ ସାହିତ୍ୟ ପ୍ରତି ରୁଚି ରଖିବାର ଏକ ପ୍ରମୁଖ ଉପାଦାନ ବୋଲି ସେ କହୁଥିବା ବେଳେ ସାମାଜିକ ତଥା ସଚେତନତାମୂଳକ ଲେଖାକୁ ଅଗ୍ରାଧିକାର ଭିତ୍ତିରେ ଏକ ଭିନ୍ନଶୈଳୀରେ ୪୪ଟି ଉପାଦେୟ କବିତା ସମ୍ମିଳିତ ଏହି ଝରାଫୁଲ ସଂକଳନ ଆଜି ପୂର୍ଣ୍ଣତା ପାଇପାରିଛି ବୋଲି ମତ ଦିଅନ୍ତି। ଏହି ପ୍ରଥମ ସଙ୍କଳନ ଝରାଫୁଲକୁ ସେ ମାତାପିତା ଏବଂ ତାଙ୍କ ଶବ୍ଦସବୁକୁ ଭଲ ପାଉଥିବା ଶୁଭେଚ୍ଛୁମାନଙ୍କୁ ଉତ୍ସର୍ଗ କରିଛନ୍ତି। ଏହି ଉନ୍ମୋଚନ ଉତ୍ସବରେ ମାତାପିତା ଉଭୟ ଉପସ୍ଥିତ ଥିଲେ।

### ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଡ଼ସାହି,୧୩।୧(ସ୍ୱ.ପ୍ର.)-** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଆଗୁଆଡ଼-ଅସ୍ତପୁରା ଗ୍ରାମରେ ଅସୁରେଶ୍ୱରାୟ ଶିବ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ପଦ୍ମଲୋଚନ ମହାନ୍ତ ଓ ସମ୍ପାଦକ କାଳୀଚରଣ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଯୋଗଦେଇଥିଲେ। ସୋମବାର ଅଧିବାସ ପରେ ମଙ୍ଗଳବାର ଶୋଭାଯାତ୍ରାରେ କଳସ ଅଣାଯାଇ ଯଜ୍ଞବେଦି ସ୍ଥାପନ କରାଯାଇଥିଲା।

# ଅଗଧ ମିଷ୍ଟର, ଅନନ୍ୟା ମିସ୍ ଇଉଫୋରିଆ

ବାରିପଦା ଅଫିସ,୧୩।୧


ମିଷ୍ଟର ଓ ମିସ୍ ଇଉଫୋରିଆ ଏବଂ ଅନ୍ୟମାନେ।

ବାରିପଦା ସହରସ୍ଥିତ ଛଉ ପଡ଼ିଆରେ ୨୩ ତମ ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ- ୨୦୨୦ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସୀମାନ୍ତ ଇଞ୍ଜିନିୟରିଂ କଲେଜର ସଭାପତି ଇଂ.ଅଶୋକ ବସା, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାପସ ସରଘରିଆ, ଚଳଚ୍ଚିତ୍ର ପ୍ରଯୋଜକ ଶୁଭେନ୍ଦୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମିଷ୍ଟର ଇଉଫୋରିଆ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଗଧ ହାର ପୁରୋହିତ ଓ ମିସ୍ ଇଉଫୋରିଆ ଭାବରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅନନ୍ୟା ନାୟକ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ଦଳଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପୁରସ୍କୃତ ହୋଇଥିବା ବେଳେ ଶୃଙ୍ଖଳିତ ଦଳ ଭାବରେ ବାରିପଦାର ସାଇ ହାଇୟର ସେକେଣ୍ଡାରୀ ସ୍କୁଲ୍ ପୁରସ୍କୃତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସିନେ ତାରକା ସ୍ୱରାଜ ବାରିକ, ଓମ୍ ଶୁଭମ୍ ମହାପାତ୍ର, ଗାୟିକା ପ୍ରଜ୍ଞା ହୋତା ଏବଂ ଶୁଭଲକ୍ଷ୍ମୀ ଦାଶ ଯୋଗ ଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ୩୦ ଅଭିଯୋଗର ହେଲା ଶୁଣାଣି

**ଯୋଡ଼ା ୧୩।୧(ଡି.ଏନ.ଏ.)**


ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

କେନ୍ଦୁଝର ଜିଲା ଯୋଡା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲାପାଳ ମିଳିତ ଭାବେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅଭିଯୋଗକାରୀଙ୍କ ୩୦ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତୀମୟ, ଜିଲା ସିଡିଏମଓ ଅଶୋକ କୁମାର ଦାସ, ଯୋଡା ବିଡିଓ ଯୋଗେନ୍ଦ୍ର ନାୟକ, ଯୋଡା ବ୍ଲକ ଅଧ୍ୟକ୍ଷା ଶୁକୁମାରୀ ଦେହୁରୀ, ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ। ସୋମବାର ମୁଖ୍ୟତଃ ବଲାଣୀ ପଞ୍ଚାୟତର ଡୁର୍ମୁଦା, ଲର୍ସଦା, ବୁରୁସାହି, ଲୋଟପାଣି, ଗମଲେଇ, କଦମ୍ବଡିହି, ହରମଠ ବୁଟୁ ସାହି, ଗାଢା ସାହି, କାରା ଖେଣ୍ଡରା ଓ ଅଁସେଇକଳା ପଞ୍ଚାୟତର କୋହ୍ଲ ହୁଣ୍ଡୁଳା ଗ୍ରାମକୁ ଆଜିପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବା ସ୍ଥାନୀୟ ସରପଞ୍ଚମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ବାସୁଦେବପୁରଠାରେ ନିର୍ମାଣାଧୀନ ବୃହତ ନଦୀବନ୍ଧ ଯୋଜନାରେ ସମ୍ପୂର୍ଣ୍ଣ ବୁଡି ଭାବେ ଘୋଷଣ ଦଡୁଆଁ ଗ୍ରାମର ଅଧିକାଂଶ ଲୋକଙ୍କୁ ବିସ୍ଥାପିତ ତାଲିକାରୁ ବାଦ କରିଦିଆଯାଇଛି। ଏନେଇ ସେମାନେ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ପ୍ରକଳ୍ପରେ ସେମାନଙ୍କର ଜମି ଓ ଘରଦ୍ୱାର ସମ୍ପୂର୍ଣ୍ଣଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଘର ଗୁଡିକର ପଟ୍ଟା ନ ଥିବା ଦର୍ଶାଇ ପ୍ରକଳ୍ପ କର୍ତ୍ତୃପକ୍ଷ ବିସ୍ଥାପିତ ତାଲିକାରୁ ସେମାନଙ୍କୁ ବାଦ କରିଦେଇଛନ୍ତି। ପୁରୁଷ ପୁରୁଷ ଧରି ସେମାନେ ସେଠାରେ ରହି ଆସୁଥିଲେ ହେଁ ସେମାନଙ୍କୁ ବିସ୍ଥାପିତ ତାଲିକାରୁ ବାଦ କରିଦିଆଯାଇଥିବାରୁ ବିସ୍ଥାପିତ ସହାୟତା ରାଶି ଓ ଥଇଥାନରୁ ବଞ୍ଚିତ ହାଇଥିବା ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ଶୁଣାଣି ପୂର୍ବାହ୍ନ ୧୧ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଚାଲିଥିଲା ।

## ଓଏଏସ୍ ପାଇଥିବା ମଧୁସ୍ମିତାଙ୍କୁ ସମ୍ବର୍ଦ୍ଧନା

କୁଆମରା,୧୩।୧(ଡ଼ି.ଏନ୍.ଏ.)

ଓଏଏସ୍ ପାଇଥିବା ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଅନ୍ତର୍ଗତ ମାଙ୍କଡକେନ୍ଦା ଗ୍ରାମର ମଧୁସ୍ମିତା ସିଂଙ୍କୁ ସୋମବାର ସ୍ଥାନୀୟ ଶିକ୍ଷା ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଆଦିବାସୀ ମହିଳା ଭାବେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ୧୫୩ ର୍‍ୟାଙ୍କରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଜନ୍ମ ସ୍ଥାନ



ମାଙ୍କଡକେନ୍ଦା ଗ୍ରାମରେ ସୋମବାର ସେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମଧୁସ୍ମିତାଙ୍କ ବାପା ବନମାଳୀ ସିଂ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରୂପେ ବାରିପଦାରେ କାର୍ଯ୍ୟରତ। ମା' ବାସନ୍ତୀ ସିଂ ଗୃହିଣୀ ଅଟନ୍ତି। ବଡବାପା ବ୍ରହ୍ମାନନ୍ଦ ସିଂ କୁଣ୍ଡାବାଇ ମଧ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ମଧୁସ୍ମିତା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ଜୀବନ ଆରମ୍ଭ କରିଥିଲେ। ପରେ ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଟ୍ରିକ ଶିକ୍ଷା ଲାଭ କରି ଆଗକୁ ଆଗେଇ ଚାଲିଥିଲେ। ସୋମବାର ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ରାଉତଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସିଆରସିସି ଭାଗୀରଥି ପରିଡା, ଶିକ୍ଷକ ରଞ୍ଜନ ଝରିଆଲ, ଶିକ୍ଷୟତ୍ରୀ ପୂର୍ଣ୍ଣମା ସେଠୀ, ସଞ୍ଜୁଲତା ଜେନା, ୱାର୍ଡସଭ୍ୟ ଗେହ୍ଲମଣି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜୀବନର ଉଚ୍ଚସ୍ତରକୁ ଯିବାକୁ ହେଲେ ଅକ୍ଳାନ୍ତ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ମଧୁସ୍ମିତା କହିଥିଲେ। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## 'ଚରିତ୍ର ଓ ସଂସ୍କାର ଥିଲେ ସମାଜ ପରିବର୍ତ୍ତନ ସମ୍ଭବ'



ବିଧାୟକ ଭାସ୍କର ମଢ଼େଇଙ୍କ ଗୀତରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ସାହି,୧୩।୧(ସ୍ୱ.ପ୍ର.)

ବ୍ୟକ୍ତିର ବ୍ୟକ୍ତିତ୍ୱ, ଚରିତ୍ର ଓ ସଂସ୍କାର ଠିକ୍ ରହିଲେ ସମାଜ ପରିବର୍ତ୍ତନ ସମ୍ଭବ ହୋଇପାରିବ । ଛାତ୍ରୀଛାତ୍ରମାନଙ୍କୁ ଉଚିତ ସଂସ୍କାର ଦେଇ ଶିକ୍ଷାଦାନ କଲେ ଉତ୍ତମ ମଣିଷଟିଏ କରି ଗଢ଼ି ତୋଳିହେବ ବୋଲି ସ୍ଥାନୀୟ ବିବେକାନନ୍ଦ ବିହାରଠାରେ ଚାଲିଥିବା 'ବାଣୀପୀଠ ମହୋତ୍ସବ-୨୦୨୦' ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ସହିତ ଅଭିଭାବକ ମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହୋତ୍ସବ ଅଭ୍ୟର୍ଥନା କମିଟିର ସମ୍ପାଦକ ସୁନୀଲ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଓ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବଡ଼ସାହି ବିଇଓ ଦେବବ୍ରତ ବାରିକ ଏବଂ ସମ୍ମାନୀୟ ଅତିଥି ଭାବେ ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ବସନ୍ତ କୁମାର ମହାପାତ୍ର, ପ୍ରମିଳା ପଣ୍ଡା, ପ୍ରଫେସର ଯନ୍ତ୍ରଣା ପରିକ୍ଷିତ, କିରଣବାଳା ଦାସ ଓ ଅଶ୍ୱନୀ କୁମାର ସେଠୀ ଯୋଗଦାନ କରି ପିଲା ତଥା ଅଭିଭାବକମାନଙ୍କୁ ବହୁ ଉପାଦେୟ କଥା ଶୁଣାଇଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତ ଓ ନିଶାମଣି ରାଉତ ଆନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ। ବିଧାୟକ ମଢ଼େଇ ଗୀତ ଗାଇଥିବା ବେଳେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା। ବଙ୍କିମ୍ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସହସମ୍ପାଦକ ସମ୍ବିତ୍ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକଙ୍କ ମୟୂରଭଞ୍ଜ ଗସ୍ତ

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା

ବାରିପଦା ଅଫିସ,୧୩।୧

ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଇଲେକ୍ଟୋରାଲ ରୋଲ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାର ବାରିପଦା, ସାରସକଣା, ବାଙ୍ଗିରିପୋଷି, ଯଶିପୁର ଓ କରଞ୍ଜିଆ ଆଦି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଥ୍ ଅଞ୍ଚଳ କ୍ଷେତ୍ର ପରିଦର୍ଶନରେ ଯାଇ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ । ପର୍ଯ୍ୟବେକ୍ଷକ ପୃଷ୍ଟି ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା ପ୍ରଶାସନ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୯ଟି ନିର୍ବାଚନୀ ମଣ୍ଡଳୀର ସମସ୍ତ ବୁଥ୍‌ସ୍ତରରେ ତ୍ୱରାନ୍ୱିତ କରାଯାଉଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ ଭରଦ୍ୱାଜ ଯୋଗଦେଇ ଜିଲାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ସୂଚାଇଥିଲେ। ବୈଠକରେ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଡେପୁଟି କଲେକ୍ଟର ସନ୍ଧ୍ୟାଳୀ ମାଝୀ ଏବଂ ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ଉପଜିଲାପାଳ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳୀୟ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା



ବାରିପଦା: ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଛନ୍ତି।

**ବାରିପଦା ଅଫିସ,୧୩।୧-** ବାରିପଦା ସହର ଉପକଣ୍ଠ ଡିଭାଇନ ଇଞ୍ଜିନିୟରିଂ କଲେଜରେ ଜିଲା ପୋଲିସ ସହଯୋଗରେ ୩୧ତମ ସଡକ ସୁରକ୍ଷା ଦିବସ ପାଳନ ଅବସରରେ ଟ୍ରାଫିକ ସଚେତନତା ଓ ସଚେତନତା ରାଲି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ରାସ୍ତାରେ ଯାଉଥିବା ଗାଡି ଚାଳକମାନଙ୍କୁ ଫୁଲ ଓ ଚକୋଲେଟ ଦେଇ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଟ୍ରାଫିକ ନିୟମରେ ଆସିଥିବା ପରିବର୍ତ୍ତନ ଓ ଦଣ୍ଡବିଧାନ ସମ୍ପର୍କରେ ସେମାନେ ଲୋକଙ୍କୁ ଅବଗତ କରାଇଥିଲେ। ଡିଭାଇନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଆରଟିଓ ଗୋପାଳ କୃଷ୍ଣ ଦାସ, ବାରିପଦା ସଦର ଥାନା ଅଧିକାରୀ ପ୍ରିୟମ୍ୱଦା ନାୟକ, ଯୁବ ସାମାଜିକ କର୍ମୀ ଚନ୍ଦନ ସେଜପଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲିରେ ଅଞ୍ଚଳ ପରିକ୍ରମା କରିଥିଲେ।

**କୁଆମରା,(ଡ଼ି.ଏନ୍.ଏ.)-** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ଖୁଣ୍ଟା ଥାନା ପୋଲିସର ମିଳିତ ଆନୁକୂଲ୍ୟରେ ସୋମବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଉଦଳା-ବୈଶିଙ୍ଗା ମୁଖ୍ୟ ରାସ୍ତାର ପୁରୁଣା ବାରିପଦା ବଜାର ପରିକ୍ରମା କରିଥିଲେ। ପରେ ରାସ୍ତାରେ ବାଇକ ନେଇ ଯାଉଥିବା ଓ ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ସହ ଗୋଲାପ ଫୁଲ ପ୍ରଦାନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ସେକେଣ୍ଡ ଅଫିସର ରମିତା ରାଣୀ ପ୍ରଧାନ ଓ ସୌମ୍ୟ ରଞ୍ଜନ ଭୋଳ, କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ୟୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ଉମାକାନ୍ତ ବେହେରା, ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ଗୋପାଳ କୃଷ୍ଣ ନାୟକ ଓ ଅଧ୍ୟାପିକା ଇପ୍ସସିତା ମୋନାଲିସା ମିଶ୍ର, ଅଧକ୍ଷ ଅନନ୍ତ ପ୍ରସାଦ ବେହେରା, କଲେଜ ପ୍ରଶାସନିକ ଅଧିକାରୀ କବିତା ପରିଡା, ସୁଜିତ କୁମାର ମାଇତି, ଗଣେଶ ପ୍ରସାଦ ସେଠୀ, ମାମୁନି ବେରା, ଧରାଶ୍ରୀ ହୋତା, ୧୪ ଓଡ଼ିଶା ବାଟାଲିୟନର ନାଏବ ସୁବେଦାର ଗଙ୍ଗା ସିଂ ଏବଂ ହାବିଲଦାର କେ. କେରକେଟା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଉଦଳା,(ଡ଼ି.ଏନ୍.ଏ.)-** ଉଦଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ପକ୍ଷରୁ ୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଟ୍ରାଫିକ୍ ନିୟମ, ହେଲମେଟ ପରିଧାନ କରିବା ପାଇଁ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଏହି ସଚେତନତା ରାଲିକୁ ମହାବିଦ୍ୟାଳୟର ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ଖିଲାପକାରୀମାନଙ୍କୁ ଚକୋଲେଟ୍ ଦେଇ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଭୀମ ସୋରେନ୍, ମାଗା ସିଂ, କାହ୍ନୁଆର ସୋରେନ୍, ଚୈତନ୍ୟ ପ୍ରସାଦ ମାଝୀ ଏବଂ ରେଡକ୍ରସ୍ ଅଧିକାରୀ ଅଧ୍ୟାପକ ଡ. ଯତୀନ କୁମାର ମହାକୁଡ, ଅଧ୍ୟାପିକା ଭାରତୀ ନାୟକ, ସୌମେନ୍ଦ୍ର ଦାଶ, ଭୋଳାନାଥ ସାହୁ, ଆଲୋକ ରଞ୍ଜନ ପ୍ରଧାନ, ପ୍ରକାଶିତା ବାଛିନୀ, ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ବିଜନ କୁମାର ନାୟକ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ବିଶୋଇ,(ଡି.ଏନ୍.ଏ.):** ବିଶୋଇ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି।ଥାନା ଅଧିକାରିଣୀ କୁନି ବେଶ୍ରାଙ୍କ ନେତୃତ୍ୱରେ ଏସ୍‌ଆଇ ଶୁଭେନ୍ଦୁ ଭୂଷଣ ମହାନ୍ତି, ଏଏସ୍‌ଆଇ ରବି ନାରାୟଣ ସ୍ୱାଇଁ, ଏଏସ୍‌ଆଇ ବିନାୟକ ବେହେରାଙ୍କ ସହଯୋଗରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲି ଥାନାଠାରୁ ବାହାରି ୪୯ନଂ. ରାଜପଥ ଦେଇ ବିଶୋଇ ବଜାର ପରିକ୍ରମା କରିଥିଲା। ମଦ୍ୟପାନ କରି ଗାଡ଼ି ନ ଚଳାଇବା, ସର୍ବଦା ହେଲ୍‌ମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନ ବାର୍ତ୍ତା ଦେବା ସହିତ ରାସ୍ତାରେ ଯାଉଥିବା ବାଇକ୍, କାର ଓ ବସ୍ ଡ୍ରାଇଭରମାନଙ୍କୁ ଚକୋଲେଟ୍ ବାଣ୍ଟି ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଏଥିରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବିଶୋଇ: ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ସଚେତନତା ରାଲିରେ ଯାଉଛନ୍ତି।

# ୬୧ ଅଭିଯୋଗର ଶୁଣାଣି

ରାଇରଙ୍ଗପୁର,୧୩।୧(ଡି.ଏନ୍.ଏ.):

ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ ଏବଂ ଏସ୍‌ଡିଏମ୍‌ଓ ଡା.ଛତିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

ଜିଲାପାଳ ଭରଦ୍ୱାଜ ମୋଟ ୬୧ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଉପରେ ୪୮ଟି ଏବଂ ଗ୍ରାମାଞ୍ଚଳ ସମସ୍ୟା ଉପରେ ୧୩ଟି ଅଭିଯୋଗ ଥିବା ଜଣାପଡ଼ିଛି। ଏହି ଅବସରରେ ଯାମଦା ଥାନା ଅନ୍ତର୍ଗତ କାଣ୍ଡସର ଗ୍ରାମର ଅଶୋକ କୁମାର ନନ୍ଦଙ୍କ ପତ୍ନୀଙ୍କ ଚିକିତ୍ସା ସକାଶେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ହଜାର ଟଙ୍କା ଏବଂ ହେଁସଡ଼ା ଗ୍ରାମର ନନ୍ଦ କିଶୋର ମହାକୁଡ଼ଙ୍କ ପୁତ୍ରଙ୍କ ଚିକିତ୍ସା ସକାଶେ ରେଡକ୍ରସ ପାଣ୍ଠିରୁ ୨ ହଜାର ଟଙ୍କା ଅର୍ଥ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସବ୍‌ଡିଭିଜନ ଅଧୀନ ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାରଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ନିର୍ବାହୀ ଯନ୍ତ୍ରୀ ରତ୍ନାକର ଶିଅଳ, ଗ୍ରାମ୍ୟ ଉନ୍ନୟନ, ଖାଦ୍ୟ, ପୂର୍ତ୍ତ, ଶିକ୍ଷା, ନେସ୍କୋ ବିଭାଗର ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କୃଷି, ଜଳସେଚନ, ଉଠାଜଳସେଚନ, ପୌରପରିଷଦ ଅଧିକାରୀଙ୍କ ସମେତ ଆର୍‌ଡିଏସ୍ କାର୍ଯ୍ୟାଳୟ ଅଧିକାରୀ ଓ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକ ଏବଂ ଏସ୍‌ଡିପିଓ ସ୍ନେହାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ବିନୀତ ଭରଦ୍ୱାଜ ଅଭିଯୋଗ ଶୁଣାଣି କରୁଛନ୍ତି।

## ବିଦ୍ୟୁତ୍ କାଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ

**ରାଇରଙ୍ଗପୁର,୧୩।୧(ଡି.ଏନ୍.ଏ.):** ରାଇରଙ୍ଗପୁର ସହରାଞ୍ଚଳଠାରୁ ଆରମ୍ଭ କରି ଆଖପାଖ ପୁରପଲ୍ଲୀରେ ଗତ କିଛି ମାସ ହେଲା ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ଏକ ଘଣ୍ଟା ଧରି ଏବଂ ଦିନରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଲେଣି। ବିଦ୍ୟୁତ୍ କାଟକୁ ନେଇ କୌଣସି ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବିଙ୍କ ପକ୍ଷରୁ ଜିଲା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉ ନ ଥିବା ଯୋଗୁ ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଅସନ୍ତୋଷ ଦେଖାଯାଇଛି। ସୋମବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ 'ଧରିତ୍ରୀ' ଖବରଦାତା ମାନସରଞ୍ଜନ ମହାନ୍ତି ତାଙ୍କୁ ଭେଟି ଫେବୃୟାରୀଠାରୁ ମାର୍ଚ୍ଚ ମାସ ମଧ୍ୟରେ ମାଟ୍ରିକ୍, ଯୁକ୍ତ ୨ ଓ ଯୁକ୍ତ ୩ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ଜିଲାପାଳ ଭରଦ୍ୱାଜ ରାଇରଙ୍ଗପୁର ନେସ୍କୋ ସହକାରୀ ଯନ୍ତ୍ରୀଙ୍କୁ ବିଦ୍ୟୁତ୍ କାଟ ବନ୍ଦ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ସହରାଞ୍ଚଳରେ ସୋମବାର ସନ୍ଧ୍ୟାରେ ନେସ୍କୋ କର୍ତ୍ତୃପକ୍ଷ ବିଦ୍ୟୁତ୍ କାଟ ବନ୍ଦ କରି ଦେଇଥିବା ଦେଖାଯାଇଛି। ଏହି ପଦକ୍ଷେପକୁ ରାଇରଙ୍ଗପୁର ଅଞ୍ଚଳର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।